


ଶ୍ରୀ ମୋହନ ଚରଣ ଦାସ

ମନମୋହନ ପୁସ୍ତକାଳୟ
କଟକ-୨ ଓ କଲିକତା-୧୨

ଅଷ୍ଟମ ସଂସ୍କରଣ

ପ୍ରକାଶିକା :

ମା କନକ ଦୁର୍ଗା

ସେ: ମା: **ଶ୍ରୀ ମୋହନ ଚରଣ ଦାସ**

ମୋହନ ପୁସ୍ତକାଳୟ

ଦନାଚୌକ, କଟକ—୨ ଓ

୧ଏ, ବହୁବଜାର ଷ୍ଟ୍ରୀଟ୍, କଲିକତା—୧୨

ସ୍ତ ଓ ପ୍ରଚ୍ଛଦପଟ ମୁଦ୍ରାକର

ମୋହନ ଚରଣ ଦାସ

ମୋହନ ପ୍ରେସ,

କଟକ—୨

ସ୍ୱତ୍ୱ ସଂରକ୍ଷିତ

ମୂଲ୍ୟ : ଏକଟଙ୍କା ଆଠଅଣା



"କିଏ ତୁ ପିଲଟି; ଏ ଝଡ଼ ତୋଫାନ ଅନ୍ଧାର ରାତିରେ"

ଦେବାଲି ଅମାବାସ୍ୟା ଦିନେ କି ଦୁଇଦିନ ଅଛି । କାର୍ତ୍ତିକମାସ
କୃଷ୍ଣ ପକ୍ଷ ଶେଷ ହୋଇ ଆସୁଛି । କାଲି ପ୍ରଧାନ ପ୍ରଧାନ ଧନୀ
ଦୋକାନଦାରମାନଙ୍କର ପର୍ବଦିନ । ପୁଣି କାଳୀପୂଜା ଉଦ୍ଦେଶ୍ୟରେ
ଲୋକମାନେ ବ୍ୟସ୍ତ । ରାତି ପାହିଲେ ସବୁଠିକି ଗ୍ରାମ ଓ ସହରମାନ
ଝାଞ୍ଜ, ମୃଦଙ୍ଗ ଧ୍ୱନି, ନାମକୀର୍ତ୍ତନସହ କମ୍ପି ଉଠିବ । ସମସ୍ତେ ଶ୍ୟାମା
ପୂଜା ଉପକରଣ ସଂଗ୍ରହରେ ଲାଗି ପଡ଼ିଛନ୍ତି । କିନ୍ତୁ ଦୈବ ତ କାହା
ଅଧୀନ ନୁହେ । ପୂଜାଦିନ ପ୍ରହରେ ଅଛି ଭୟଙ୍କର ଝଡ଼ତୋଫାନ-
ବୃଷ୍ଟି । ସୃଷ୍ଟି ପ୍ରଳୟ କରିବ କି ରଖିବ । ସମସ୍ତେ ଯେଉଁଠି ସେ
ବସିଛନ୍ତି ।

ସେଦିନ ଶ୍ରୀଯୁକ୍ତ ରାୟ ବାହାଦୁର ଉପାଧିଧାରୀ ମାଜିଷ୍ଟ୍ରେଟ୍
ସଦାନନ୍ଦ ମିଶ୍ରଙ୍କର ଗୋଟିଏ ଭୟଙ୍କର ଦୁର୍ଦ୍ଦିନ ଉପସ୍ଥିତ । ବର୍ଷା
ହୋଇବା ଦେଖି ଗୋପାଳମାନେ ଗାଈସବୁ ଘରକୁ ନେଇ ଗୋଠ
ଗୁହାଳେ ପୂରେଇ ଖାଇପିଇ ବସିଲେଣି । ଗୃହୀମାନେ ବିଲରୁ
ଫେରି କେହି ଗୋଡ଼ ଧୋଇବାକୁ ପୋଖରୀକୁ ଯାଉଛି, କେହି
କେହି ଖାଇବାକୁ ଯାଉଛି, କେହି ଲୁଗାପଟା ପିନ୍ଧୁଛି, କେହି ବର୍ଷାଟା
ମିଳିବ ମନେ କରି ପାନ ଭାଙ୍ଗି ବଟାରେ ପୂରେଇ ଲୁଗାପଟା ପିନ୍ଧି
ଅର ହେଉଛି, ମାତ୍ର ଏଣେ ଚକଚକିଆ ବିଜୁଳି ଝଲକ, ଘଡ଼ଘଡ଼ି
ଓ ଚଡ଼ ଚଡ଼ରେ ବସୁଧା ଥରି ଉଠୁଛି । ସଡ଼କ ଦାଣ୍ଡମାନଙ୍କରେ
କାଉଠି ଭଣ୍ଡାଏ, କୋଉଠି ବଳାଗଣ୍ଡିଏ ପାଣି, କୋଉଠି ଗୁଣ୍ଡି
ଚାଲ ଜାଗା ବସିବାକୁ ବି ଶୁଖିଲା ନାହିଁ ।

ଜଗଦାନନ୍ଦ ମିଶ୍ର ସାହେବଙ୍କ ଘର ଖଣ୍ଡାପଡ଼ା । ସେ ଜାତିରେ ସ୍ମାର୍ତ୍ତ ବ୍ରାହ୍ମଣ, ଏମ୍. ଏ. ପାଶ୍ କରି ମାଜିଷ୍ଟ୍ରେଟ ପୋଷ୍ଟ ପାଇଛନ୍ତି । ସମୟ ସମୟରେ ଗୁପ୍ତରେ ବାହାରିପଡ଼ନ୍ତି । ବାବୁ ବୃହତ୍ତ ସମ୍ପତ୍ତିଦାର, ସବୁ କାମରେ ତାଙ୍କର ତତ୍ପରତା ଅଛି । ସେ ଜଣେ ସରକାରଙ୍କର ବିଶ୍ୱାସୀ ଚାକର, କିନ୍ତୁ ଏତିକି ତାଙ୍କର ଦୋଷ ଯେ, ସେ ଈଶ୍ୱର ବିଶ୍ୱାସ କରନ୍ତି ନାହିଁ । ମିଶ୍ରେ ପ୍ରାୟ ଅଧିକାଂଶ ସମୟରେ ଓପନ୍ ଡ୍ରେସ୍‌ରେ ବୁଲନ୍ତି ।

ସେଦିନ ଦୈବାତ୍ କାହିଁକି ଏକାକୀ ସାଇକେଲ୍‌ଟି ଧରି କୋଟ୍ ପେଣ୍ଟ୍, ହ୍ୟାଟ, ଷ୍ଟକିଂ ଗାର୍ଟର ଯୋଡ଼ା ଚଢ଼ାଇ ମୁଣ୍ଡରେ ସାହେବ ଟୋପି ଥୋଇ କାହାକୁ କିଛି ନକହି ବୁଲିବାକୁ ବାହାରି ପଡ଼ିଲେ । ବାବୁଙ୍କୁ ପ୍ରାୟ ବର୍ଷ ଅନ୍ଦାଜ ଚାଳିଶ କି ବୟାଳିଶ ହେବ । ସେ ଯେତେବେଳେ ବୁଲିବାକୁ ବାହାରନ୍ତି, ସେତେବେଳେ ବର୍ଷା ଉଠାଇବାର ନାମ ଗନ୍ଧ ନଥିଲା । ତା ସେ ଜାଣିଥିଲେ ତାଙ୍କ ବର୍ଷାତିଟାକୁ ଗାଡିରେ ଝୁଲେଇ ନେଇ ଯାଇଥାଆନ୍ତେ । ସେ ଖଣ୍ଡିକ ବାବୁ ଘରେ ଛାଡି ଯାଇଛନ୍ତି । ସେ ଯେତେବେଳେ ଗସ୍ତ କରି ଫେରିବେ, ସେତିକିବେଳେ ହଠାତ୍ ମେଘପାଣି ପବନ କୁଆପଥର ବୃଷ୍ଟି ସବୁ ଏକାବେଳକେ କାହିଁ ମାଡିଆସିଲା । ଏ ସମସ୍ତ ଦାଉରୁ ରକ୍ଷା କରିବାକୁ ସେ ରାଜକୀୟ ନିଦର୍ଶନ ଟୋପି ଖଣ୍ଡିକ । ମୁଣ୍ଡ ଠାରୁ ଗୋଡ଼ଯାଏ ବାବୁଙ୍କର ପୋଷାକ ପତ୍ର ସବୁ ଓଦା । ପକେଟ ସଙ୍ଗୀ ମୁହଁପୋଛା ରୁମାଲ ଖଣ୍ଡିକ ବି ଶୁଖିଲା ନାହିଁ । ଦେଖୁ ଦେଖୁ ମେଘ ଭିତରେ କେତେବେଳେ ସୂର୍ଯ୍ୟଦେବ ବାରୁଣୀ ଶୈଳଶିଖର ଦେଶରେ ଲୁଚିଗଲେଣି । ଦେଖୁ ଦେଖୁ ଘୋର ଅନ୍ଧାର ମାଡ଼ି ଆସିଲା । ମୁହଁକୁ ମୁହଁ ଦିଶିବା ତ ଦୂରର କଥା, ନିଜ ଦେହ ସୁଦ୍ଧା ନିଜକୁ ଦିଶିଲା ନାହିଁ । ପ୍ରବଳ ପବନର ବେଗରେ ରାସ୍ତାର ଦୁଇପାଖରେ ଥିବା ପଥିକ ଆଶ୍ରୟଦାତା ତରୁଗୁଡ଼ିକ ସତେ ଯେମିତି

ବାବୁଙ୍କ ମୁଣ୍ଡ ଉପରେ ଲାଗି ଯାଉଥାନ୍ତି । ସେତେବେଳେ ବୃକ୍ଷ ଶାଖା ନିବାସୀ ବିହଙ୍ଗମାନଙ୍କର ଦୁର୍ଦ୍ଦଶା କହି ହେବ ନାହିଁ । କିଏ କେଉଁଠି ପଡୁଛି, କିଏ କେଉଁଠି ଉଠୁଛି, କିଏ କେଉଁଠି ରଡ଼ିଛି, ତାହା ସିଏ ଜାଣେ । ସାପ କହେ ମୁଁ ବଡ଼, ବେଙ୍ଗ କହେ ମୁଁ ବଡ଼, ଏହିପରି ପ୍ରାକୃତିକ ବିକଟ ଦୃଶ୍ୟମାନ ଭୂପୃଷ୍ଠରେ ଦେଖା ଦେଉଛନ୍ତି ।

କେତେବେଳେ ମିଶ୍ରେ ସଡ଼କରୁ ପଥଭ୍ରଷ୍ଟ ହୋଇ ବିଲବାଟରେ ପଡ଼ିଲେଣି, ଜଳ ଗହଳରେ ତାଙ୍କୁ ଜଣା ନାହିଁ । କେବଳ ନିଜର ବିପଦ-ବନ୍ଧୁ ସଦୃଶ ଝକମକ ଠୁଙ୍କିଲା ପରି ଚକମକିଆ ବିଜୁଳିଟି ବେଳେ ବେଳେ ଆଖି ଆଗରେ ଜଳି ଉଠି ବାଟ ଦେଖାଇ ଦେଉଥାଏ । ସେ ଯୋଗେ ସାଇକେଲ ଖଣ୍ଡି ଗଡ଼ାଇ ବାବୁ କାଦୁଅ ପାଣିରେ ଚାଲିଥାନ୍ତି । ସହଜେତ କଥାରେ ଅଛି—"ଅଦିନ ବରଷା, ନୀଚଜନ ଭରଷା" ଇଏ ସହି ହୁଏ ନାହିଁ । ଏ ପୁଣି ବର୍ଷାଋତୁ ନୁହେ ଅଦିନ ବର୍ଷା । ଏ ମାସରେ ଫିରିଫିରିଆ ପାଣି ବିନା ପବନରେ ବରଷିଲେ ଭଲ ବୋଲି ଡାକଋଷି ତାଙ୍କ କୃଷି ପାଠରେ ଲେଖି ଯାଇଛନ୍ତି—

"କର୍କଟେ ସର୍କଟେ ସିଂହ
ସୁଖାହେ କର୍ଣ୍ଣେ କାନେ କାନ୍,
ତୁଲା ମେଁନାମେ ତୁଲା ବରଷେ,
ଗୃଷା କାହାଁ ରଖେଗା ଧାନ୍ ।

କେତେବେଳେ ସେ ବିଲବାଟଟି ଭୁଲି ମିଶ୍ରେ ଗୋଟାଏ ଅନ୍ଧ ତୋଟା ପାଖରେ ପହଞ୍ଚିଲେଣି, ତାହା ତାଙ୍କୁ ମୋଟେ ଜଣା ନାହିଁ । ବିଧିର ବିଧାନ ବଡ଼ ବିଚିତ୍ର । ସେ ଯେ କେତେବେଳେ କାହାକୁ କେଉଁ ଦିଗକୁ ଟାଣେ, ସେ ଯେ ମାନବର ଭାଗ୍ୟଚକ୍ରକୁ କେଉଁ କଅଡ଼କୁ ଘୂରାଏ ତାହା ବୁଝିବା କାହାର ସାଧ୍ୟ ନାହିଁ । ବାବୁ ଯେଉଁ ତୋଟା ପାଖରେ ସେତେବେଳେ ପହଞ୍ଚିଲେ, ସେଠି ଗୋଟାଏ ଥଣ୍ଟା

ବରଗଛ, ଖପରପଦା ନାଥୁସାମନ୍ତରାଏଙ୍କ ମକଦ୍ଦମାରେ ଅଛି । ତାକୁ ସବୁ ତାଙ୍କ ପ୍ରଜା ଶବ ପୋଡ଼ିବାକୁ ହାଣିନେଇ କେବଳ ଝୁଣ୍ଟାଟି ରଖିଛନ୍ତି ! ବାବୁ ଏପାଖ ସେପାଖ ହୋଇ ବାଟ ନପାଇ ସେଇ ଗଛ ମୂଳରେ ହାବୁଡିଗଲେ ଓ ସାଇକେଲଟି ଡେରି ଦେଇ ଗୋଟାଏ ଦୀର୍ଘନିଶ୍ୱାସ ମାରି କହିଲେ, 'ଓଃ ! ମଣିଷ କାଛିଯଣ ପାଇଁ ବଞ୍ଚିଗଲି ।"

ଏହି ସମୟରେ ପବନ-ବେଗରେ ସେ ଗଛମୂଳରେ କେତେକ ଅବ୍ୟକ୍ତ ଶବ୍ଦ ତାଙ୍କ କାନରେ ବାଜିଗଲା । ସେ କଠ କଣ୍ଠ, ମଠ ମଠ, ଟଣ ଟଣ, ଢୋ ଢୋ, ସେଁ ସେଁ, ସାଇଁ ସାଇଁ, ଏହି ନାଦଗୁଡ଼ିକୁ ଭୟ କରି ଧୀରେ ଧୀରେ ପଛକୁ କିଛି ଦୂର ହଟିଆସିଲେ । ବରଗଛ ତ ଆମ୍ବ ପଣସ ଗଛ ପରି ନାହାକା ଚେରଆ ନୁହେଁ, ତାହାର ଗୁଣ୍ଡା ଚେର ମାଟି ଉପରେ ମାଡିଥାଏ । ସେ ଯୋଗେ ପବନ ଦାଉ ବେଶୀ ନସହି ଟିକେ ତୋଫାନରେ ବେଶୀ ଉପୁଡ଼ି ପଡିବାର ଦେଖାଯାଏ । ସେ ଗଛଟି ଉପୁଡି ହଠାତ୍ ତଳେ ପଡ଼ିଗଲା । ବାବୁ ସେ ଅନ୍ଧାରରେ ବିଜୁଳି ମାରିବାବେଳେ ତାଙ୍କ ଗାଡିଟିକୁ ଖୋଜିବାକୁ ଯାଇ ଦେଖନ୍ତି ଯେ ଗାଡିଟି ତା ତଳେ ଅଧେ ପଶିଯାଇ ଚୂନା ହୋଇ ଯାଇଛି । କିନ୍ତୁ ପଛକୁ ହଟି ଦେଖିଲେ ଯେ ଗୋଟିଏ ଯୀଶାଲୋକ ସେ ଗଛ ସନ୍ଧରେ ଅନ୍ଧାରରେ ମୁମୂର୍ଷୁ ଦୀପଶିଖା ପରି ଜଳୁଛି । ଆଲୁଅଟାର କାରଣ ବୁଝି ନ ପାରି ବାବୁଙ୍କର ମନ ବଡ଼ ଉଦ୍‌ବିଗ୍ନ ହେଲା । ଅନେକ ଅନେକ କଥା ମନରେ ଆସି ଜମିବାକୁ ଲାଗିଲା । ପ୍ରଥମେ ମନେ କଲେ, ଏଇଟା ଜୁକୁଜୁଲା ପୋକ, ପୁଣି ଭାବିଲେ ସେ ତ ବର୍ଷାରେ ଗଛ ଉପରେ ଉଡ଼ନ୍ତି, ତା ନୁହେ । ଦ୍ୱିତୀୟରେ ଭାବିଲେ ଏଇଟା ଡାଆଣୀ ଆଲୁଅ, ନା, ତା ବି ନୁହେ । ସେ ତ ଥରେ ଥରେ ମଶାଲ ପରି ଜଳି ଜଳି ଲିଭି ଲିଭି ଯାଉଥାନ୍ତି । ବୋଧହୁଏ ଉଲ୍‌କାମୁଖୀ ବିଲୁଆଟା ହୋଇଥିବ । ପୁଣି କହିଲେ, ସେଠା କାହିଁକି ଉପୁଡ଼ା

ଗଛ ଭିତରେ ପଶନ୍ତି ? ଜଣାଯାଏ ଶୁଖିଲା ଡୁମା ଛତୁ, ନା ସେ ତ ବର୍ଷାପାଣି ଖାଇ ତା'ର ସେ ଅବସ୍ଥା ନ ଥିବ । କାଠରେ ସେ ତ ଫୁଟେ, ସେ ନୁହେଁ । ଏହିପରି ନାନାଦି ଭାବସାଗର ବଢ଼ି ତାଙ୍କର ବୁଦ୍ଧି ବିବେକକୁ ତେଜଘାତରେ ଇତସ୍ତତ କରି ପକାଇଲା । ସେ କଅଣ ପରୀକ୍ଷା କରିବା ଆଶାରେ ସେ ପାଣିକାଦୁଅ ଭିତରୁ ଟାଣିଟାଣି ଗୋଡ଼ଅ। ଗୋଡ଼ଅ। ମାଟି ବାହାର କରି ସେ ଅଲୁଅ ଉପରକୁ ଫିଙ୍ଗି-ବାକୁ ଲାଗିଲେ । ସେତେବେଳକୁ ଆଲୁଅଟା କମେ ନିଭିଲା ପରି ହୋଇଥାଏ ।

ବାବୁ ତ ନାସ୍ତିକ ପ୍ରକୃତିର ଲୋକ, ତାଙ୍କର ଯେତେବେଳେ 'ଈଶ୍ୱର ଅଛନ୍ତି' ଏ ବିଶ୍ୱାସ ନାହିଁ, ସେ ବା ଡାଆଣୀ ଆଉ ଚିରୁଗୁଣୀ ଅଛି ଏହା ବିଶ୍ୱାସ କରିବେ କାହିଁକି । କେବଳ ପିଲାବେଳେ ବୁଢ଼ୀମା କୋଡ଼ରେ ସନ୍ଧ୍ୟାରେ ବସି କେତେ କେତେ କାହାଣୀ ଛଳରେ ଶୁଣିଥିଲେ । ପିଲାବେଳର ମନର ଦାଗ, ସେତ କେଭେ ଲିଭେ ନା ସେ ଉ କଅଁ। ବାଉଁଶ ସେକ ଦେଲାପରି ନୁଆଡ଼େ ବାଙ୍କିଛି ସିଆଡ଼େ । ବାବୁଙ୍କର ସେ କଥା ସବୁ ଆଜି ମନେ ପଡ଼ିଲା । ଏତେ ଗାଢ଼ ଗାଢ଼ ପାଠ ତା'ଉପରେ ଲଦାହୋଇ ସୁଦ୍ଧା ତାକୁ ପୋତିପାରି ନାହିଁ । ଆଜି ବାବୁଙ୍କର ବୁଢ଼ୀ ମା' କାହାଣୀର ପରୀକ୍ଷା ବେଳ ।

ମାନବର ହୃଦୟକ୍ଷେତ୍ର ଗୋଟିଏ କଳ୍ପନା ନାଟକର ରଙ୍ଗମଞ୍ଚ । ସେଥିରେ ଯେ କେତେବେଳେ କି ନାଟକ ଅଭିନୟ ଚାଲିଥାଏ, କେଉଁ ଅଙ୍କ ବା କେଉଁ ଗର୍ଭାଙ୍କ ପହଞ୍ଚିଯାଏ, ତାହା ଅନୁଭବୀ ବିନା ଅନ୍ୟ କାହାକୁ ଅଗୋଚର । ସେ ଅନେଇଦେଲେ ଯେ ଢେଲା ଫିଙ୍ଗିବା ସାଥେ ସାଥେ ଆଲୁଅଟା ଫସ୍‌କରି ଉପରକୁ ଉଠି ଛଲକୁ ଖସିପଡ଼ି ବାବୁଙ୍କ ସିଧା ତାଙ୍କରି ଆଡ଼କୁ ଧାଇଁଲା । ଏଣେ ପବନ ସୁ ସୁ ସଙ୍ଗେ

ସର୍ପର ଫୁଁ ଫୁଁ ଗର୍ଜ୍ଜନ ମିଶି ସେ ଧ୍ୱନି ବାବୁଙ୍କ ପ୍ରାଣକୁ ଅସ୍ଥିର କରି ପକାଇଲା ।

ସେଠୁ ବାବୁ ଆଉ ବାଟ ଖୋଜିବେ କ'ଣ ? ପାଣି, କାଦୁଅ, କଣ୍ଟା, ବୁଦା, ହିଡ଼ କିଛି ନ ମାନି ଦଉଡ଼ିବାରେ ବ୍ୟସ୍ତ । ମନରେ ଭାବିଲେ ଏ ନିଶ୍ଚେ ମଣିଚୂଲ ନାଗ, ସେ ବରଗଛ କୋରଡ଼ରେ ବସା କରିଥିଲା । ପବନରେ ଗଛ ଉପୁଡ଼ି ପଡ଼ିବାରୁ ସେ କୋରଡ଼ରୁ ଧଦାକୁ ବାହାରି ପଡ଼ିଲା । ତା' ମୁଣ୍ଡର ମଣିଟି ମୋତେ ଅଳୁଅ ପରି ଦିଶିଲା । ମୁଁ କ'ଣ କଲି, କାହିଁକି ଅବ୍ୟାପାରେ ସୁବ୍ୟାପାର କରିବାକୁ ଗଲି । କାହିଁକି ଠେକା ଫିଙ୍ଗିଲି, ମୁଁ ସର୍ପ ବନ୍ଧନରେ ପଡିଛି; ଭଲ ଭଲ ସାପଙ୍କ ଉପରେ କିଛି ଅଘାତ ନ କଲେ ସେ କଦାପି ଖିଗନ୍ତି ନାହିଁ । ମୁଁ ଯେ ଠେକା ଫିଙ୍ଗିଲି, ଜଣାଯାଏ ସେ ସାପ ଉପରେ ବାଜିଛି । ସେ ଯୋଗେ ସେ ଠେକାର ଦାଗ ଲକ୍ଷ କରି ମୋତେ ଦଂଶିବାକୁ ଧାଇଁଛି । ମୁଁ ଜାଣେ ଏଇଟା ନିଶ୍ଚେ ବଡ଼ସାପ । ବଡ଼ ବଡ଼ ସାପମାନେ ହଠାତ୍ ବାମ ଡାହାଣକୁ ଫେରି ଫେରି ଗତି କରି ପାରନ୍ତି ନାହିଁ । ଯାଉଛି, ଏ ପାଖ ସେ ପାଖ ହୋଇ ଦଉଡ଼ିବି । ଏହା ସ୍ଥିର କରି ଏପାଖେ ଭେଲ୍ଲିଏ ସେପାଖେ ଭେଲ୍ଲିଏ ଦଉଡ଼ିବାକୁ ଲାଗିଲେ । ସେ ବେଳେ ବାବୁଙ୍କ ଚରଣ ତଳେ ଅନେକ ଭଗ୍ନ କଣ୍ଟକ ଶରଣାଗତ, ତା'ର ସଂଖ୍ୟା କରିବା କାହାର ଶକ୍ତି । ଯୋତା କେଉଁଠି ପଡ଼ିଲା ତା'ଜଣା ନାହିଁ । ଦଶ ନଖ ମଧ୍ୟରୁ ଗୋଟିଏ ନଖ ମଧ୍ୟ ସ୍ଥାନାନ୍ତରିତ ହେବାକୁ ପ୍ରସ୍ତୁତ । ତାହା ଭୟ ଆବରଣ ଥିବାରୁ ଜଗଦାନନ୍ଦବାବୁଙ୍କ ହୃଦୟରେ ପଶି ପାରୁ ନାହିଁ । ସେ କଷ୍ଟ ସେହି ନଖ କେବଳ ଅନୁଭବ କରୁଛି ।

ରେ ବିପଦ, କିଏ କହେ ତୁ ମନ୍ଦ ବୋଲି, ଜଗତରେ ତୁ ଏକା ଶ୍ରେଷ୍ଠ ଅଟୁ । ତୁ ଜଡ଼ ମାନବର ଜ୍ଞାନନେତ୍ର ଫିଟାଉ । ତୋ'ରିଯୋଗେ

ମନୁଷ୍ୟ ତା'ର ପ୍ରକୃତ କ୍ଷେତ୍ରରେ ଅବସ୍ଥାନ କରେ । ତୁ ପ୍ରାଣୀର ଅଭୀଷ୍ଟ ଫଳ ଦେବାକୁ ଟିକିଏ ପଥଭ୍ରଷ୍ଟ ହେଉନାହିଁ । ତୋ'ର ଯୋଗେ ପ୍ରାଣୀର ଈଶ୍ୱର ବିଶ୍ୱାସ ହୁଏ । ଧନ୍ୟ ବିପଦ ! ତୁ ଅଚେତନର ଚେତନ ତୋର ବିନାଧିପତ୍ୟରେ ପ୍ରାଣୀ ଭଲମନ୍ଦ ଜାଣିପାରେ ନାହିଁ ! ମିତ୍ରେ ଦେଖିଲେ ପ୍ରତାପି ଭୁଜଙ୍ଗ ଧାଇଁବାରେ କେବେ ନିରସ୍ତ ହେଉନାହିଁ । ପଛେ ପଛେ ପଶୁପତିଙ୍କ ପାଶୁପତ ବାଣ ପରି ଛୁଟିଛି । ଏହା ଦେଖି ମିତ୍ରେ କେତେ ଦେବଦେବୀଙ୍କୁ ଘନ ଘନ ହୁରି ଛାଡ଼ିଲେ । ଆଉ ତାଙ୍କ ହିସାବରେ ସେତେବେଳେ ସ୍ୱର୍ଗ, ମର୍ତ୍ତ୍ୟ ପାତାଳ ତିନିପୁରେ ଗୋଟିଏ ହେଇ ଠାକୁର ଠାକୁରାଣୀ ବାକୀ ରହିଲେ ନାହିଁ । ହଠାତ୍ କାହିଁକି ଭଗବାନଙ୍କ ନାମ ମନେ ପଡ଼ିଗଲା । ବାବୁ କହିଲେ, ସେ ନନ୍ଦନନ୍ଦନ ବଂଶୀବଦନ ତ କାଳିନ୍ଦୀରେ ପଶି କାଳୀୟୁ ଦର୍ପ ଦଳନ କରିଥିଲେ, ଏ କଥା ସେ ଚାଟଶାଳୀରେ ପଢ଼ିଥିବେଲେ ଶ୍ରୀପଞ୍ଚମୀ ନଡ଼ିଆ ନେଇ ଯେତେବେଳେ ବାବୁ ପିଲାହୋଇ ମାମୁଁ ଓ ପିଉସୀ ଘରକୁ ଗୁଡ଼ଭିକ୍ଷା ପାଇଁ ଅବଧାନଙ୍କ ସଙ୍ଗରେ ଯାଇଥିଲେ, ସେ ସବୁ ଗୋଟିଏ କାଳୀୟୁ ଦଳନ ଛନ୍ଦ କଣ୍ଠସ୍ଥ କରିଥିଲେ । ସେହି ଗୀତଟିର ଆଜି ବହୁକାଳ ପରେ ପୁନରାବୃତ୍ତି ବେଳ ପଡ଼ିଅଛି । ଏଣେ ଦଉଡ଼ି ଗୀତଟିକୁ ଗାଇବାକୁ ଲାଗିଲେ—

ଗୀତ

ପଦ୍ମନାଭ ପଦ୍ମ ଚରଣ ପଦ୍ମ ନୟନ ରକ୍ଷ,<br>
ହେ ପଦ୍ମଲୋଚନ ହୃଦପଦ୍ମେ ଡାକେ ଦୀନ ଅରକ୍ଷ । ୧ ।<br>
କାଳିନ୍ଦୀରେ ପଶି କାଳୀୟୁ କାଳି ଗରବ ଦଳି,<br>
ଶତେ ଫଣା ପରେ ନାଚିଲ ରଙ୍ଗ ଚରଣ ଗୁଳି । ୨ ।<br>
ହେ ନଟନାଗର ନାଗର ଦଂଶନର ଦୋଷକୁ,<br>
ସାଗରଜାଧବ କ୍ଷଣକେ କ୍ଷମିଅଛ ଶେଷକୁ । ୩ ।

ଦରଧର ଗରଜୀରକୁ ବଳେ ପୀୟୂଷ କର,
କାଳୀଶିରରେ ଦେଲ କଠାଉ-ଚିହ୍ନ କାଳକୁ ହର । ୪ ।
ବଳିଷ୍ଠ ବଳୀ ବଳ ନାଶି କଲ ବିଭବ ଭାର,
ନାଗ ଆଳେ ବଳେ ଥୋଇଛ ଦେଇ ଅମରବର । ୫ ।
ନଗତୋଳା ଏହି ଭୁଜଙ୍ଗ ବାସୁ ତାର ଦାସରେ;
ରଙ୍ଗ କି ଦେଖ ରଙ୍ଗାଧର ଏ ବିଜନ ଦେଶରେ । ୬ ।

ଦେଖ, ଭଗବାନ ଏହି ଭାବରେ ମୂଢ଼କୁ ଶାସ୍ତି ଓ ଜନକୁ ଜ୍ଞାନ ଦିଅନ୍ତି । ଆଜି ଜଗଦାନନ୍ଦ ମିଶ୍ରଙ୍କ ନାସ୍ତିକତା କେଉଁଣେ ଦୂରହେଲା । ଆତଙ୍କୀର ଆତଙ୍କ ଜାଣିପାରି ଚକ୍ଷୁ ଉହାଡ଼ ଦେଲେ । ଯେଉଁ ମିଶ୍ରେ ସାହେବ ଆଗେ ଲୋକମାନଙ୍କୁ ବୁଝାଉଥିଲେ,—ଈଶ୍ୱର ଗୋଟାଏ କ'ଣ ? ରସାୟନିକ ପଦାର୍ଥ ସଂଯୋଗେ ଜୀବର ସୃଷ୍ଟି । ତା'ର ନିଦର୍ଶନ ପରୀଗରେଣୁ ସଙ୍ଗମ ମନେ କର ; ସମସ୍ତେ କର୍ତ୍ତବ୍ୟ ପରାୟଣ ହୁଅ । ବିପଦ କିମ୍ବା ସମ୍ପଦ କେହି କାହାକୁ ଦେଇ ନ ପାରେ । କର୍ତ୍ତବ୍ୟ କର୍ମ ସାହାଯ୍ୟରେ ଅସାଧ୍ୟ ସାଧନ କର । ଯେ ଏପରିଭାବରେ ସଭା ସମିତିରେ ଲୋକଙ୍କୁ କହୁଥିଲେ, ସେ ଆଜି ନିଜ ଭ୍ରମ ନିଜେ ବୁଝି ବାଟକୁ ଆସିଛନ୍ତି । ଏ ପଥ ପ୍ରଦର୍ଶକ କିଏ ? ସେହି 'ବି ପାଦ' ବିବର୍ତ୍ତ ନୁହେଁ କି ?

ସେ ଯେତେବେଳେ ସାପର ନିକଟବର୍ତ୍ତୀ ହୋଇଯାଇଁ ଅମଡ଼ାରେ ଦଉଡ଼ୁଥିଲେ, ସେତେବେଳେ ସେ ଜାଣନ୍ତି ନାହିଁ, ସେ ମରିଛନ୍ତି କି ଜୀଇଁଛନ୍ତି । ଅନନ୍ତଶୟନ ବେଳ କଥା, ନାଗପାଶ ବନ୍ଧନ ବେଳ କଥା ପ୍ରହ୍ଲାଦକୁ ସାପ ଦଂଶାଇବା ବେଳ କଥା, ମହାଭାରତରେ ଭୀମକୁ ପାତାଳରେ ନାଗୁଣୀ ଦଂଶିଜାଇଁ ଇବା କଥା, ଏ ସବୁ କଥାକୁ ମନେ କରି ଦଉଡ଼ୁଥାନ୍ତି । ସେ ହରି ତ ହଟିଅ ନାଗର ନଗରବୁଲା, କେବଳ ଲୋକର ହଟହୋଉଥାନ୍ତି । ସେ କାହାରି ଧାରନ୍ତି ନାହିଁ କି ଖାଆନ୍ତି ନାହିଁ,

ନ ଦେଲେ କାନ ମୋଡି ବିପଦରେ ପକାଇ ଅସ୍ଥିର କରନ୍ତି ନାହିଁ । ସେ କହନ୍ତି—ମୁଁ ଜଣେ ଅଛି, ମୁଁ ସବୁ କରୁଛି, ଏ କଥା ସମସ୍ତେ ମାନ, ସମସ୍ତେ କର୍ମ କର, କର୍ମଫଳ ମୋତେ ଅର୍ପଣ କର, ତାଙ୍କର ଆମ ଉପରେ ଏତିକି ତାଗିଦା । ବାବୁ ଯହୁଁ ତାଙ୍କୁ ଭୁଲିଥିଲା ଜାଗାକୁ ଚାଲି ଆସିଲେ ସେଠୁ ପ୍ରଭୁଙ୍କର ତାଙ୍କ ପ୍ରତି ଦୟା ହେଲା । ସେ ଯେବେ ଏ ବେଳେ ନ ରଖନ୍ତି, ତା'ହେଲେ ତାଙ୍କର ଆରତନାଶ ନାଆଁଟି ଯେ ଖାତାରୁ କଟି ଯାଉଛି ।

ପାଠକେ, ଦେଖିଲେ ପ୍ରମାଣ ଆଗରେ, ଲୋକ ଦେଖା ଭକ୍ତିକୁ ଓ ଲୋକଦେଖା କାନ୍ଦକୁ ଭଗବାନ୍ କାନ ଡେରନ୍ତି ନାହିଁ । ସେ ଏହିପରି ବେଳରେ ଦୃଢ଼ତା ଦେଖି ଲୋକକୁ ରକ୍ଷା କରନ୍ତି । ସାପ ଆଖିରେ ଜଗତବେଢ଼ା ଜାଲିଆଙ୍କର ଜଗତବେଢ଼ା ଜାଲଟି ଢୋଡ଼ିହୋଇ ପଡ଼ିଲା । ସେ ଆଉ ବାବୁଙ୍କୁ ନ ଦେଖି ତେଣେ ଫେରିଗଲା । ତା'ରକାରଣ ବାବୁ ଗୋଟାଏ ଡୋଟାଭିତରେ ଯେତେ-ବେଳେ ଦଉଡ଼ି ଦଉଡ଼ି ପଶିଗଲେ ସେଠି ଗୋଟାଏ ଗଛ ଜହାଡ଼ ହୋଇଗଲା । ସାପକୁ ଆଉ ସେ ଦଶିଲେ ନାହିଁ । ସେତେବେଳକୁ ବାବୁ ଗୋଟାଏ ଗମ୍ଭୀରା ଭିତରକୁ ପଶିଗଲେଣି । ସେତେବେଳେ ସାପ ତାଙ୍କୁ ନ ଦେଖି ଗୋଟାଏ କଣ୍ଟାବୁଦାପାଖେ ଅନେଇ ଅନେଇ ନିସ୍ୱଣ ହୋଇ ଫେରିଲା । ମିଶ୍ରେ ଦଉଡ଼ି ଦଉଡ଼ି ତାଙ୍କ ଦେହ ଅବଶ । ଆଉ ଚାଲି ନ ପାରି ସେଠି ବସି ପଡ଼ିଲେ । ଦେଖିଲେ ଯେ, ଗୋଟାଏ ଗୋଡ଼ରୁ ଯୋତା କୋଉଠି ପଡ଼ି ଯାଇଛି, କେବଳ ବାଆଁ ଗୋଡ ପଟକ ଥାଏ, ଥାଇ ବା କ'ଣ ହେବ ? ସେ ଚିରି ଖଣ୍ଡି ଖଣ୍ଡି, ପଟେ ଯୋତା ବା ମାଡ଼ିବେ କିପରି ? ତାକୁ କାଢି ଫିଙ୍ଗି ଦେଲେ । ସାପକୁ ନ ଦେଖିବାରୁ ଜଗତ ପିତାଙ୍କୁ ଡାକିଲେ, କହିଲେ—

"ତ୍ୱମେବ ମାତା ଚ ପିତା ତ୍ୱମେବ ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ,
ତ୍ୱମେବବିଦ୍ୟା ଦ୍ରବିଣଂ ତ୍ୱମେବ ତ୍ୱମେବ ସର୍ବଂମମ ଦେବଦେବ ।"

ଅଭୟ ପଦାଶ୍ରିତ ଲୋକର ଆଉ କି ଭୟ କାହାଠାରେ ? ବାବୁ ଏକ୍ଷଣି ଭଗବାନଙ୍କର ଭୁଜଭଙ୍ଗୀ ବାନାଉଥିଲେ । ସେତେବେଳେ ସାପଠାରେ ଯେଉଁ ଭୟ, ସେ ବାବୁଙ୍କ ମନରେ ଆଉ ସ୍ଥାନ ପାଉ ନାହିଁ ।

ପାଠକେ ! ଥରେ ମନେ କର ତ ; କି ଭୟଙ୍କର ମଣିଚୂଳ ନାଗ ; ଲମ୍ବରେ ଦଶ ଫୁଟ ଓ ମୋଟରେ ଦୁଇଫୁଟରୁ ଊଣା ନୁହେଁ । ମନୁଷ୍ୟଟା ତା'ଦୃଷ୍ଟିରେ ମଶା ମାଛିଠାରୁ ହୀନ । ଅନନ୍ତ ଅଙ୍କ ବିହାରୀଙ୍କ ଦୟାରୁ ଅନନ୍ତ ଦୁଃଖରୁ ଆଜି ଜଗଦାନନ୍ଦ ମିଶ୍ରେ ରକ୍ଷା ପାଇଲେ । ସେତେବେଳେ କିଛି କାହିଁ ନ ଥିଲା । ଗୋଟାଏ ପ୍ରବଳ ପବନ ରେଖା ସୁଉ କରି ବାବୁଙ୍କ ପଛପଟରୁ ଆସି ହୁ ହା ଗଛ ଗୁଡ଼ାକ ଭାଙ୍ଗି ଓପାଡ଼ି ପକାଇଲା । ସେଇଠି ମଧ୍ୟ ଗୋଟାଏ ଗଛମୂଳେ ସାପଟି ଗଛ ତଳେ ଚୁପି ହୋଇ ତାର ଇହଲୀଳା ସମାପନ କଲା । ଅଦ୍ୟବାବୁଙ୍କ ଦଶା କାନନସ୍ଥିତ ମୃଗୁଣୀର ବିପତ୍ତି ନାଶନ ପରି ହେଲା ନାହିଁ କି ? ତୁଳସୀଦାଶ ଲେଖିଛନ୍ତି—

"ଜଲ୍ ବର୍ଷେଁ ଯୋ ଅଗ୍ନି ଲଭାବେ ପବନ୍ ସେ ଜାଲ୍ ଛୁଡ଼ାଇ,
କାଲ୍ ଭୁଜଙ୍ଗ ଯୋ ବ୍ୟାଧକୋ ଡସିହେଁ ଶ୍ୱାନଶିବଧରେ ଖାଇ ।
ହରଣୀ କହେ ଶୁନ ହରନାଯ୍ବକ ବାଲେକ ଠାକୁର ସାର୍ଥେଁ ହୋଇ,
ତୁଲସୀ ଦାସ ଭଗବାନ୍ ଭରସା କ୍ୟା କରେ ବ୍ୟାଧର ସାଇଁ ।"

ଯେପରି ଶରଦାଉରୁ, ଶ୍ୱାନଦାଉରୁ, ଅଗ୍ନି ଦାଉରୁ, ଓ ଜାଲରୁ ଭଗବାନ୍ ଗର୍ଭବତୀ ଏଣୀକି ରକ୍ଷା କରିଥିଲେ, ସେହିପରି ଆଜି ବୃଷ୍ଟିଦାଉରୁ ଭୁଜଙ୍ଗଦାଉରୁ ବାବୁଙ୍କୁ ଭଗବାନ୍ ରକ୍ଷା କରିଛନ୍ତି । ବାବୁ ଚୁହିଁଦେଲେ ଯେ, କେତେଦୂରେ ସେ ସାପ ଅଲୁଅପରି ଗୋଟାଏ ଅଲୁଅ କୁଆଡ଼େ

ନ ଯାଇ ଏକ ଜାଗାରେ ଏପାଖ ସେପାଖ ଲଡ଼ବଡ ହେଉଛୁ । ବାବୁ ମନେ କଲେ, ଗଛ ପଡ଼ ଜଣାଯାଏ ସାପଟା ଅଧଯାଏ ଗଛତଳେ ଚୁପି ହୋଇ ରହି ଯାଇଛି, ଏହା ଭାବି ଭଗବାନଙ୍କୁ ଶତଶତ ପ୍ରଣାମ କରି ଧନ୍ୟବାଦ ଦେବାକୁ ଲାଗିଲେ । ହାତଯୋଡ଼ି ଜଣାଇଲେ, 'ପ୍ରଭୁ ମୁଁ ଟିକର ଅପରାଧି ମୋର ଯୌବନ ମଦ ଘଟିତ ଭ୍ରମ ଏତେଦିନେ ଦୂର ହୋଇଅଛି । ଏ ଦାସର ଦାସ, ଏହାର ଅପରାଧ ଧରିବ ନାହିଁ, ଏତିକି କହି ସେଠାରେ ଟଗୋଟିଏ ଅନ୍ୟ ଗଛମୂଳେ ଯାଇ ଯାହା ଦେଖିଲେ, ତାହା ଦେଖି ବାବୁ ଏକାବେଳକେ ଅବାକ୍ ।

ତାଙ୍କ ଆଗରେ କ୍ଷଣପ୍ରଭା କ୍ଷଣକ ପାଇଁ ଦେଖାଇ ଦେଲା ଯେ, ଗୋଟିଏ ନିତାନ୍ତ ପିଲା କିଏ ଗୋଟିଏ ସେ ଗଛକୁ ପଛ କରି ପିଠି ଦେଇ ଠିଆ ହୋଇଛି । ବାବୁ ମନରେ ଭାବିଲେ—ଆହା, ଏ ଯେ ଗୋଟିଏ ମନୁଷ୍ୟ ପିଲା ଏ ସଂକଟସୋଏକୁ ଆଇଲା କିପରି ? ପୁଣିମନରେ ଭାବିଲେ,ମୁଁଯେତେବେଳେ ବିଜୁଳିତେଜରେ ଯାକୁ ଦେଖିଛି,କାଳେ ମୋତେ ଏ ଦେଖିଥିବ । ତୁଣ୍ଡ ନ ଶୁଣାଇଲେ କାଳେ ପିଲାଟି ମୋତେ ଅନ୍ୟ କିଛି ମନେ କରି ଭୟରେ ଅସ୍ଥିର ହୋଇ ପଡିବ । ଏତିକି ଭାବି ପାଖକୁ ଯାଇ ତୁଣ୍ଡ ଶୁଣାଇ ଡାକିଲେ—"କିଏ ତୁ ପିଲାଟି; ଏ ଝଡ଼ ତୋଫାନ ଅନ୍ଧାର ରାତରେ ତୁ ଏକୁଟିଆ ଏଠି ଛିଡ଼ା ହୋଇଛୁ ? ମୋତେ ଦେଖି କେଭେ ଡରିବୁ ନାହିଁ । ମୁଁ ତୋ'ର ଜାତିଆ ମଣିଷ ଏହା ଶୁଣି ପିଲାଟି ଅସ୍ଫୁଟ ଭାବରେ ଉତ୍ତର ଦେଲା—"ହଉ ବାବା ମାଜିଷ୍ଟ୍ରେଟ ତାହାର ସେହି ହଉବାବା ବର୍ଣ୍ଣଗୁଡ଼ିକ କାନରେ ଶୁଣି ପାରିଥିଲେ । ସେଠୁ ସେ ଗଛମୂଳକୁ ଯାଇ ପିଲାଟିକି ବାହାର କରିଆଣି ତାର ସର୍ବାଙ୍ଗ ଅଣ୍ଡାଳି ଦେଖିଲେ ଯେ, ଦେହରେ ଖଣ୍ଡେ ଚୋଲି ଗ୍ଲେଟ ଲୁଗା. ସେଥିରେ କାନ୍ଧରେ କ'ଣ ବନ୍ଧା ହୋଇଛି । ମୁଣ୍ଡରେ ବଡ଼ାଏ ବାଳ । ବାବୁ ଅନୁମାନରେ ଜାଣିଲେ ଏ ଗୋଟାଏ ବାଳିକା

ହେବ । କାରଣ ଆଜିକାଲି ଯୁଗରେତ ପୁରୁଷ ପିଲାଙ୍କର ମୁଣ୍ଡରେ ପୁରା କେଶ ନାହିଁ । ଉଇତାରୁ ଜାଣିଲେ ପିଲାଟିକୁ ଆଠ ଦଶବରଷ ହେବ । ତହିଁରୁ ବେଶୀ ହେବ ନାହିଁ । କେଶଗୁଡିକ ରୁକ୍ଷଥିବାରୁ ଜାଣିପାରିଲେ ଏଇଟି ନିତାନ୍ତ କୁଟୀରବାସିନୀ କନ୍ୟା । ସେଠୁ ତାକୁ କୋଳରେ ଧରି ଠିଆ ହେଲାମାତ୍ରେ ପିଲାଟି ମଧ୍ୟ ମନୁଷ୍ୟ ଆଶ୍ରୟ ପାଇ ବାବୁଙ୍କ ଦେହକୁ ଆଉଜିଗଲା । ବାବୁ ଦେଖିଲେ ଯେଉଁ ଗୁଡିକ ବନ୍ଧା ହୋଇଥିଲା ପିଲା କାନିରେ ସେ ପୁଡିକ ଖୋଲିଲ, ତା ପାଖରେ ଗୋଟିଏ ପତ୍ର ପୁଡୁଳିରେ କ'ଣ ବନ୍ଧା ହୋଇଅଛି । ଭାବିଲେ ଲୁଣ ହେବ ପଛ । ପିଲାଟିର ଅବସ୍ଥା ବୁଝି ତା' ପିଠିରେ ହାତ ବୁଲାଇ ସେଇକ୍ଷଣି ବାବୁ ତା'ର ସମସ୍ତ ହାଲ ଜାଣିନେଲେ ।

ତାର ନାଆଁଟି କୋମଳ କଣ୍ଠରେ ବାବୁ ପଚାରିବାରୁ ସେ କହିଲା, 'ବାବୁ ! ମୋ ନାଆଁ ପଚାରୁଛନ୍ତି ନା ? ମୋ ନାଆଁ, ଜେମାମଣି, କେବେ କେବେ ମୋ ବାପ ସୁନାମଣି ବି ଡାକୁଥିଲେ । ଡାକୁଥିଲେ ଏକଥାରୁ ବୁଝାଗଲା ପିତୃ ମାତୃଶୂନ୍ୟା । ନାମ ଶୁଣିଲା ମାତ୍ରେ ବାବୁ ଅନୁମାନ କଲେ ବାଳିକା ମୋତେ ପାଇ ଏକାବେଳକେ ଭୟଶୂନ୍ୟ ହୋଇଯାଇଛି ।"ତୁମ୍ଭ ନାମ କଣ ସୁନାମଣି, ବାଃ; ଭଲ ନାଆଁଟିଏ ତ ପାଇଛ, ହଉ ନାଆଁଟି ତ କହିଲ ଶୁଣିଲି । ଘରଟି ତମର କେଉଁ ଗାଆଁରେ କହି ପାରିବକି ?" ବାଳିକା ଏକଥା ଶୁଣି କହିଲା ବାବା ଆମ ଘର ପଶ୍ଚ ଏଇ ତୋଟା ଆରପଟେ, ଅଳପ ବାଟ ହେବ ଯେ । ଗ୍ରାମ ନାଆଁ ଗୋବିନ୍ଦପୁର । ସେତେବେଳେ ବାବୁ ଜାଣି ପାରିଲେ ଯେ ଅନେକଗୁଡ଼ାଏ ବାଟ ଭୁଲି ଚାଲି ଆସିଛନ୍ତି । ସହରଟା ଏଠିକୁ ଅନେକ ବାଟ ରହିଲାଣି । ଆଚ୍ଛା ମଣି ତମ ଘରେ ଆଉ କିଏ ସବୁ ଅଛନ୍ତି ? ବାଳିକାଟି ଏହା ଶୁଣିଲାକ୍ଷଣି କହିଲା "ବାବା, ଆଉ ମୋର କିଏ ଥିବ ? ଅଛି ବୁଢ଼ୀମା ଆଉ ମୁଁ, ଏମିତ ଜମା ଦୁ'ଜଣ ।

ସେଠୁ ତୁହେଁ ଗଛ ତଳୁ ପଦାକୁ ବାହାର ଆସିଲେ । ବାବୁ କହିଲେ "ମାଆ, ଆଜି ତମ ଘରେ ମତେ ଟିକିଏ ରାତକ ଯେବେ ଜାଗା ଦିଅନ୍ତ ମୁଁ ଶୋଇପଡ଼ି ସକାଳୁ ମୋ ଘରକୁ ଚାଲିଯାଆନ୍ତି । ସେଠୁ ବାଳକାଟି କହିଲା, ବାବୁ, ଆମ ଘରେ ଆଜି କିଛି ଖାଇବାକୁ ନ ଥିଲା । ବୁଢ଼ୀମା ଅରଟ କଟାସୁତା ବିକି ପଇସା ଗୁଡ଼ାଏଟି ମତେ ଦେଲା । ମୋ ଘଷି ବିକି ପଇସା ଦିଓଟି ମୁଁ ରଖିଥିଲି; ତାକୁ ଘେନି ରାମକୃଷ୍ଣପୁର ବଜାରକୁ ଯାଇଥିଲି । ଆମ ଗ୍ରାମରେ ଦୋକାନପଣ କିଛି ନାହିଁ । ସେଠୁ ଚାଉଳ ପାଞ୍ଚ ପଇସା ଓ ଲୁଣ ପଇସାକର ଏ ଛଅ ପଇସାର ସଉଦା ଆଣି ଆସିଲା ବେଳକୁ ମେଘଖଣ୍ଡ ଏଇଆଡୁ ଧରିଲା ।" ବାବୁ ପଚାରିଲେ, ରାମକୃଷ୍ଣପୁର ବଜାର କେତେ ବାଟ ଏଠିକି ହେବ ?" ପିଲାଟି କହିଲା "ବାବୁ ବାଟ କୋଶକରୁ କମ୍ ହେବ । ରାତି ଅନ୍ଧାର ନାଇଲେ ଏଠିକି ସେ ବଜାର ଅନେଇଲେ ଦିଶେ । ଦୁଇ ତିନି ଘଡ଼ି ଦିନ ଥିଲା ମୁଁ ଚାଉଳ ପାଇଁ ଯାଇଥିଲି । ଆସି ଏଇଠି ପହଞ୍ଚିଲା ବେଳକୁ ତ ପାଣି ପବନ ମୁହିଁ ଆମୁଆଁ ଧାଇଁ ଆଇଲା । ସରଗ ପଥର ତା ସଙ୍ଗେ ସଙ୍ଗେ ପକେଇଲା, ଜମା ଯାଇ ପାରିଲି ନାହିଁ । ଏଇ ବାହାଡ଼ାଗଛ ଖୋଲକୁ ଆଉଟି ଛିଡ଼ା ହୋଇଗଲି । ମୋ ଦିହ ତ ଥରିଗଲା । ମୁଁ କାଠ ହୋଇ ଯାଇଥିଲି । ଆପଣଙ୍କ ପାଟି ଶୁଣି ମୋ ପିଣ୍ଡରେ ପ୍ରାଣ ପଶିଲା । ବାବୁ, ମୋ ବୁଢ଼ୀମା ମୋତେ ଦେଖିଣ ନ ଦେଖି କେତେ କାନ୍ଦୁଥିବ । ମତେ କ'ଣ କରୁଥିବ ? ଦିନଟାଯାକ ଉପାସେ ଥିଲା । ଦାଦାଘର ମୁଠିଏ ଭାତ ମୁନ୍ଦିଏ ତୋରାଣୀ ଦେଇଥିଲେ ସେତିକରେ ଏକାକା ମୋ ପେଟ ବି ପୂର ନଥାନ୍ତା । ସେଥିରୁ ମୁଁ ଓ ବୁଢ଼ୀମା ଗୁଣ୍ଡିଏ ଗୁଣ୍ଡିଏ ଭାତ ଢୋକେ ଢୋକେ ତୋରାଣୀ ପିଇଛୁ । ମୁଁ ଚାଉଳ ନେଇଗଲେ ଆମର ଭାତ ରନ୍ଧାଯିବ । ଚାଉଳ ଗଣ୍ଠିକ ତନ୍ତି ଦରବତୁରା, ଲୁଣ ଗଣ୍ଠିକ ବି ପାଣି ବାଜି ବୋହି ଉଣା ହୋଇ ଯାଉଛି । ଆଉ ବରଷ ଛିଣ ନଥିଲା, ଘର ଯାଇ ନଥିଲା ।

ସେଥିରେ ଛଣ ଖାଇ ପାଣି ଜାଗା ଜାଗା ବରଷି ପିଣ୍ଡା ଘର ସବୁ ଓଦା ହୋଇ ଯାଇଥିବ । ବାବୁ ଆମେ ଗ୍ରୀବ ଗରବ । ଆପଣଙ୍କ କଥାରୁ ଜଣା ଯାଉଛି, ଆପଣ ବଡ଼ ଲୋକ ହେବେ । ଆପଣଙ୍କୁ କ'ଣ ଆମ ଘର ମାନିବ ? ଏତିକ କହି ସେ ପିଲାଟି କହିଁ କହିଁ ହୋଇ କାନ୍ଦ ଉଠିଲା ।

ବାବୁ ପିଲାଟିର ବିକଳ ନସହି ପାରି ଆପଣା ପକେଟରୁ ନିଜ ମୁହଁ ପୋଛା ରୁମାଲଟି ବାହାର କରି ତାର ଆଖି ଦର୍ପଣଟିରୁ ଅଶ୍ରୁ ବିନ୍ଦୁ ପୋଛି ଦେଇ ଅନେକ ସାନ୍ତ୍ୱନା ଦେଲେ—"ମା ତୁ କାନ୍ଦନା, ତୋ ବୁଢ଼ୀମା ନିଶ୍ଚେ ଭଲରେ ଥିବ । ଦେଖ, ମେଘ ଛାଡ଼ିଲାଣି ଆକାଶ ସଫା ଦିଶିଲଣି, ତରା ସବୁ ଫୁଟି ଉଠିଲଣି, ଚାଲ ମା, ଆଉ ଡର ମାଡ଼ିବ ନାହିଁ । ମୁଁ ତୋତେ ତମ ଘରେ ନେଇ ତୋ ବୁଢ଼ୀମା ପାଖେ ଜମା କରିଦେବି । ଏ କଥା ଶୁଣି ବାଳକାଟି କ୍ଷୀଣ ସ୍ୱରରେ କହିଲା ହଉ ବାବୁ ତମ ଇଚ୍ଛା ।

କାର୍ତ୍ତିକ ମାସ ବର୍ଷା ଋତୁ ନୁହେଁ ହଠାତ୍ ଅଦିନ ମେଘ ଗୁଡ଼ାଏ ବରଷି ଛାଡ଼ି ଗଲା । କେବଳ ବାବୁଙ୍କ ଲୁଗା ପୋଷାକ ଓଦା ଯୋଗେ ଅଳ୍ପ ଅଳ୍ପ ଶୀତ ହେଉଥାଏ । ବାବୁ ବାଳିକାଟିର ବାମ ହାତକୁ ତାଙ୍କ ଦକ୍ଷିଣ ହାତରେ ଧରି ଗୋବିନ୍ଦପୁର ଗ୍ରାମକୁ ବାହାରିଲେ । ଯାଉ ଯାଉ ବାବୁ ପଚାରିଲେ "ମଣି ! ତମର କ'ଣ ଘରେ ମତେ ଖଟଟା ରହିବାକ ଜାଗା ନଥିବ । ହଁ ବାବୁ, ଜାଗା ନଥିବ କାହିଁକି ? ବଡ଼ଲୋକ ରହିବାର ଜାଗା ଆମଘର ନୁହେ । ଆମ ଗ୍ରାମରେ ମକଦ୍ଦମଙ୍କ କଚେରୀଘର ଅଛି । ଯେ ବାବୁଭୟା ଆସନ୍ତି ସମସ୍ତେ ସେଇଠି ରହନ୍ତି । ଆପଣ କ'ଣ ସେଠି ରହିବେ ନାହିଁ ? ସେ ତ ବଡ଼ଲୋକଆ ଜାଗା, ସେଠି କେତେ ସବୁ ବସିବାର ବେଞ୍ଚ ତକ୍ତା ପଡ଼ିଥିବ ।

ବାଳକାଟିର କୋମଳ ସରଳଭାବ ବୁଝି ବାବୁ ଅଳ୍ପ ସମୟ ରହିଯାଇ ପଚାରିଲେ—ସୁନାମଣି, ମୁଁ ବଡ଼ଲୋକ ବୋଲି ତୁମେ କପର ଜାଣିଲ । ମୋ ଦେହଟି ତ ତମକୁ ଅନ୍ଧାରରେ ପରିଷ୍କାର ଦେଖାଯାଉ ନଥିବ । ସଙ୍ଗରେ ଚାକର କି ଘୋଡ଼ା ଗାଡ଼ି ସବାରି କିଛି ନାହିଁ । ବାଇଆଣୀ ପରି କହୁଛ ଯେ ।

"ବାବୁ । ଆମେ ଗରିବ ବୋଲି କ'ଣ ଆମର ପସନ୍ଦ ନାହିଁ ? ଅନେକ ଅନେକ ବଡ଼ ବଡ଼ ଘରକୁ ମୁଁ ବୁଢ଼ୀମା ସାଥିରେ ଯାଇଛି । ତାଙ୍କ ଚାଲିଚଳନ ସବୁ ସାନଘରଠାରୁ ଏନେକ ଫରକ ଦେଖିଛି । ଖାଲି ଘୋଡ଼ା ଦେଖିଲେ କି ଟଙ୍କା ତୋଡ଼ା ରଖିଲେ, ଯୋତା ମାଡ଼ିଲେ ପୋଷାକ ପିନ୍ଧିଲେ କ'ଣ ବଡ଼ଲୋକ ହବ ? ସେ ତ ଅନେକ ବଜାରି ହଟାରି ଧାନକୁଟୀ ଟୁଆଙ୍କଠାରେ ଏବକୁ ଦେଖା-ଯାଉଛି । ଯିଏ ସାନ ସାନଙ୍କ କଥା କାନକୁ ନିଏ, ଭଲ ଭଲ ଜିନିଷ ନିଜେ ଖାଏ ଓ ଗରିବ ଦୁଃଖୀଙ୍କୁ ନିଜପରି ଖୁଆଏ, ଏ ଜଗତରେ ସେଇ ସିନା ବଡ଼, ଅଉ ଆମ ଗାଆଁ ରଘୁପଣ୍ଡା ପରି ପରକୁ ଗଣ୍ଡାଏ ଦବନାହିଁ କି ନିଜେ ପେଟକୁ ମୁଠାଏ ଖାଇବ ନାହିଁ, ଖାଲି ଟଙ୍କା ମୁଠେଇ ଜମିବାଡ଼ି କିଣିବ । ଯୋଗୀ ଭିକାରିକି ଦେଖିଲେ ମାର ମାର କରିବ । ଛି ଛି ସେ ଗୁଡ଼ା ମଣିଷରେ ଗଣିତ ହେବେ ? ସେ ଗୁଡ଼ାକ ଆତ୍ମକଷ୍ଟି ପରି ଜୀବନମରା ଜଡ଼ ।

ବାବୁ ବାଳିକାଟିର ବିବେକ ଦେଖି ମନେ ମନେ ଭାବିଲେ ଓଃ ସାମାନ୍ୟ କୁଟୀରବାସିନୀ ବାଳକାଟି ତୁଣ୍ଡରେ ଭଗବାନ ମୋତେ ଆଜିକି ଉପଦେଶପୂର୍ଣ୍ଣ ବଚନ ଶୁଣାଇଲେ । ଏ କନ୍ୟା କିପରି ଦରିଦ୍ର ଘରେ ଜନ୍ମ ହେଲା ? ଏହାର ନିଶ୍ଚୟ କୌଣସି ଖଣ୍ଡିତପ ଥିବାରୁ ଦରିଦ୍ର ହୋଇ ଏ ଦଣ୍ଡ ଭୋଗୁଛି । ଜାଣୁଛି, ଏହାର ଭାଗ୍ୟ ପରିବର୍ତ୍ତନ

ଧନେ ହେଲେ ହେବ । ନଳିନୀ ପଙ୍କରୁ ଜନ୍ମିଲେମଧ୍ୟ ସେ ସୂର୍ଯ୍ୟଙ୍କର ବାନ୍ଧବୀ, ଭଗବାନଙ୍କର ଆଦରର ନିଧି ବ୍ରହ୍ମାଙ୍କର ଜନ୍ମସ୍ଥାନ ଲକ୍ଷ୍ମୀଙ୍କର ଆଳୟ । ଏହିପରି ଅନେକ ଭାବି ଶେଷରେ ପଚାରିଲେ, "ଜେମା, ତୁମର କ'ଣ ଏହିପରି ଦଶା ଆଗରୁ ଥିଲା ?" ବାଳିକା କହିଲା "ନା ବାବା ! ଲୋକ କ'ଣ ମାଆ ପେଟରୁ ଗରିବ ହୋଇ ଜନ୍ମିଥାଏ ଏ କରମ ଭୂଇଁକୁ ଆସି ଅକର୍ମୀ ଟହାଇ କର୍ମ ନକରି ବସିଲେ କରମ ପଡ଼େ । ବାପା ମୋର ପୁଲିସରେ ବଡ଼ପାହିଆ କାମ କରୁଥିଲେ । ଗ୍ରାମରେ କେତେ କୁହା କୁହି ହୁଅନ୍ତି, ଏ କ'ଣ ଭଲ କାମରେ ଧନ ଆଣିଛି, ଲୋକଙ୍କୁ ଅକଲରେ ପକେଇ ରକ୍ତପଚ ଆଣି ଏଯଣି ଉଠି ବସୁଛି । ଅଧର୍ମ ଧନ ବଢୁଛି, ଗଲାବେଳେ ମୂଳଡ଼ାଳ ନେଇଯିବ । ବାପା ଟଙ୍କା ଶହ ଶହ ଆଣି ଭଲ ଘର ବାଡ଼ି କରିଥିଲେ । ସେ ଚାକିରି ଛାଡ଼ିଦେଲେ, ଘରେ ବସିଲେ । ସେ ଧନ ଦେଖୁ ଦେଖୁ ଗଲା । ବାକୀ ଯାହାଥିଲା, ତାଙ୍କ ମଲାପରେ ଚୋର ଖଣ୍ଡେ ଘରେ ପଶି ସବୁନେଇ କଳା କନା ବୁଲେଇ ଗଲେ । ବାପାଙ୍କ ଦୁଃଖରେ ବୋଉବି ମରିଗଲେ ମୁଁ ସାତଗେହ୍ଲା ହୋଇଥିଲି, କାଖରୁ ତଳକୁ ଖସୁ ନଥିଲି, ଆମର ଦୁଃଖ ହୋଇଗଲା, ଖାଇବାକୁ ଗଣ୍ଡେ ପେଟପୁରା ପାଇଲୁ ନାହିଁ । ବୁଢ଼ୀମା ସୂତାକାଟି ତାର ମୂଲ କରୁ ପାଆନ୍ତି । ମୁଁ ଗୋବର ସାଉଁଟି ଘଷି ପାରି ବିକି ଦିନକୁ ତିନି ପଇସା ଆଣେ । ବିଲବାରି ସବୁ ଖଜଣା ନିଲାମ କରି ମକଦ୍ଦମ ନେଇଗଲେ । କେତେ ମହାଜନ ଦେଣାରେ ଗଲା । ବୁଢ଼ୀମାଆଙ୍କ ବାପଘର ଆଗେ ଭାରି ଚଅଳ ଥିଲା, ବର୍ତ୍ତିମାନ ତାଙ୍କର ଆମରି ଅବସ୍ଥା । ବୁଢ଼ୀମା ଲାଜରେ କାହାକୁ କିଛି କହନ୍ତି ନାହିଁ, କି ମାଗନ୍ତିନାହିଁ । ଆଖିପାଣି ଆଖିରେ ମାରି ମତେ ଝିଅ ଜ୍ଞାନ କରି ମୋ ମୁହଁକୁ ଚାହିଁ ଦିନ କାଟନ୍ତି । ତାଙ୍କୁ ପ୍ରାୟ ସତୁରି କି ପଚସ୍ତରି ବରଷ ହବ । ସେ ଖାଇଲେ ନଖାଇଲେ କିଛି କହନ୍ତି ନାହିଁ । ଝମାଟରେ ଦିନେ ଦିନେ ଓଦାକନା ଦେଇ ଯାହା ଗଣ୍ଡାଏ ଥାଏ ମତେ

ଅନ୍ତି । ମୋ ଶୁଖିଲା ମୁହଁ ସେ ଦେଖନ୍ତି ନାହିଁ । ବାବୁ, ଆଉ ତାଙ୍କର ଯାହା କଷ୍ଟ, ତା ମୁଁ କହି ବସିଲେ ଦିନ ରାତି ଅଣ୍ଟିବ ନାହିଁ । ପିଲା-ଟିର କଥା ଶୁଣିବାରୁ ଜାଣିଲେ ପିଲାଟି ଭଦ୍ରବଂଶଜ, ତା ବ୍ୟବହାର ଖୁବ୍ ସରଳ, ତାହା ଜାଣି ମିଶ୍ରେ ମନେ ମନେ ବଡ ଦୁଃଖିତ ହେଲେ । ଭାବିଲେ, ବାଳକାଟି ବୁଢ଼ୀର ଅତି ଆଦରର ନିଧି, ସେଥିପାଇଁ ଅସୁ ଅସୁ ବୁଢ଼ୀମା'ର ଦୁଃଖ କାହାଣୀ କହୁକହୁ ଦୁଇଥର କାନ୍ଦି ପକାଇ-ଛନ୍ତି । ପୁଣି ଦୁଃଖର କାରଣ ଗୁଡ଼ିକ ପଦେ ପଦେ ଅନୁଭବ କରୁଛି । ଏତେ ଅଳ୍ପବୟସ୍କ ବାଳକାର କୋମଳ ଶରୀରରେ ଦାରିଦ୍ର୍ୟ ବଜ୍ର ଆଘାତ ଦେବାରେତ ଭଗବାନ ଟିକିଏ ମାତ୍ର କୁଣ୍ଠିତ ହେଉ-ନାହାନ୍ତି ? ହରି ! ଏ ତୁମ୍ଭର କି ବିଚାର ? ତୁମେ ଇଚ୍ଛାମୟ, ତୁମ ଇଚ୍ଛାରେ ଏତେବଡ ବିଶ୍ୱବ୍ରହ୍ମାଣ୍ଡ ଚଳୁଚି; ପ୍ରଭୋ ! ତୁମ୍ଭ କଥା ତୁମ୍ଭେ ଜାଣ । ଯାହାକୁ ଅମାବାସ୍ୟାର ନିବିଡ଼ ଅନ୍ଧକାର ସିନା ଦେଖାଇଛ; ତାକୁ କି ପୂର୍ଣ୍ଣଚନ୍ଦ୍ର ଦେଖାଇବ ନାହିଁ ? ଏତିକି ସେ ଦୁଃଖନାଶନ ଦରିଦ୍ର ସୁଦାମାର ବନ୍ଧୁଙ୍କୁ ଜଣାଇ ବାଳକାକୁ କହିଲେ, ଜେମା-ମଣି ! ଏହି ସିନା ତୁମ ଗ୍ରାମ । ସୁନାମଣି କହିଲା; ହଁ ବାବୁ, ଏହି ଆମ ଗ୍ରାମ । ଏହି ଗ୍ରାମ ମୁଣ୍ଡରେ ଆମ ଘର ।

ତେବେ ତୁମ ଘରକୁ ଚାଲ, ମୋତେ ବଡଲୋକ ବୋଲି ଭାବିବ ନାହିଁ । ମୁଁ ତୁମରି ପରି ଜଣେ । ବୁଢ଼ୀମା ପଚାରିଲେ ତୁମେ ତାଙ୍କୁ କହିବ ଏ ଆମ ଘରେ ଆଜି ଅତିଥି । ସେ ଯେମନ୍ତେ ମୋତେ ଜମିଦାରଙ୍କ ଘରକୁ ନ ପଠାନ୍ତି । ଚାଲ, ଘରକୁ ଚାଲ, ମାଆ ପରା ଆମକୁ ଦେଖିବାକୁ ଘର ବାହାର ହେଉଥିବେ ।'

କନ୍ୟାଟି ଆଗେ ଆଗେ ବାବୁଙ୍କୁ ବାଟ ଦେଖାଇ ଚାଲିଥାଏ । ମିଶ୍ରେ ବା ପଛେ ପଛେ ଚାଲିଥାନ୍ତି । ଏହିପରି ଯାଉଁ ଯାଉଁ ଗ୍ରାମ ପାଖରେ ପହଞ୍ଚି ପଚାରିଲେ; ଜେମା, ତୁମେ କି ଜାତି ?

ତେମା କହିଲା, ବାବୁ, ଆମ ଜାତି ଖଣ୍ଡାଏତ । ଆମର ନାଉଲ
ଅଛୁ । ଆମ ଜାତିରେ ସବୁ ପଇତା ପକାନ୍ତି । ଆମର ସବୁ ଦଶହରାକୁ
କଳଶ ବସେ । ଖଣ୍ଡା ଘରବାଗ ବାହାରି ଦଶହରା ଦିନ ଦଶହରା
ମଣ୍ଡଆରେ ଠୋକା ଠୋକା ସବୁ ଖଣ୍ଡା ଢୁସା ଖେଳନ୍ତି । ମୋ ବାପ
ଭାଇ ସର୍କାରୀ ଚାକିରୀରୁ ଆସି ଖଣ୍ଡା ଖେଳି ଯାଆନ୍ତି । ମୋର ମନେ
ପଡୁଛି ବାପା ମୋର ଭଲ ବନ୍ଧୁକ ମାରି ଜାଣିଥିଲେ ବୋଲି । ବାବୁ
କହିଲେ ଭଲ କଥା, ହଉ ଚାଲ ତୁମ ଘରକୁ ।

ତେବେଣେ ବୁଢ଼ୀ ବଚ୍ଛରର ନାତୁଣୀକି ନଦେଖି ବର୍ଷ ଆରମ୍ଭ ଠୁ
ବର୍ଷା ଶେଷଯାକେ ଏକାକୀ କାନ୍ଦି କାନ୍ଦି ଆଖି ଦିଓଟି ଗେଣ୍ଡା ପ
ଫୁଲି ଗଲାଣି । ନାତୁଣୀ ସୁନାମଣି ଯେ ତା'ର ଏକମାତ୍ର ସମ୍ବଳ
ଅନ୍ଧୁଣୀର ଯଷ୍ଟି ଖଣ୍ଡ, ପଥିକର ଛାୟା । ସେ ତାକୁ ଦେଖିବାକୁ
ନପାଇ ଭାଗ୍ୟକୁ ଶତ ଶତ ଧିକ୍କାର କରୁଛି । ପୁଣି ଭାବୁଛି, ମ
ମୋର ବରଷା ଘଡ଼ ଘଡ଼ି ଚଡ଼ଚଡ଼ିରେ କେଉଁଠି କୁଆଡ଼ି ପର ଏକୁଟି
ପଡ଼ିଥିବ । ଏ ନିଆଁ ଲଗା ସର୍ବଗ୍ରାସୀ ପେଟ ଏତେ ଖାଉଛି, ପୋ
ଜଳି ଯାଉନାହିଁ କି ଯାକୁ କରୁଛି ଅଶ୍ରୁ ନାହିଁ । ଯାହାକୁ ଅଶ୍ରୁ
ବହିଲା ଶେଯରେ ନିଦ ଲାଗୁ ନଥିଲା, ଯାର ପାଦ ଦୁଇଟି ଭୂଇଁରେ
ଲାଗୁ ନଥିଲା, ଏ କାଖରୁ ସେ କାଖ ହୋଇ ଦିନ ଯାଉଥିଲା
ଯାହାକୁ ଗାଧୋଇବା, ଖୋଇବା, ଶୋଇବାରେ ଚାକରାଣୀମାନେ
ଫାଟିଫୁଟି ଯାଉଥିଲେ, ଦିନ ଭିତରେ ବାପ ମାଆଙ୍କ ବାର ବା
ତାଙ୍କୁ ତାକିଦ, ସେ ମଣି ପୁଣି ଆଜି ଚାଉଳ ଗଣ୍ଡିଏ ଲୁଣ ପଇସାଟିକ
ପାଇଁ ଯାଇ ରାମକୃଷ୍ଣପୁର ବଜାରରେ କି ବାଟରେ ପଡ଼ି ପାଣି ପ
ଘଡ଼ଘଡ଼ି ଚଡ଼ଚଡ଼ି ଦାଉ ସହୁଛି । ଦୁଇଘଡ଼ି କି ତିନିଘଡ଼ି ଦି
ଥିଲା, ଆସି ରାତି ପହରେ ହବାଣି ହେଲାଣି, ମା ମୋ ଏ ଅନ୍ଧାରରେ
ମୁହଁକୁ ମୁହଁ ଦିଶୁ ନାହିଁ, କାହା ସାଙ୍ଗରେ ଆସିବଟି ? ଯୋ

ଆଠ ଦଶ ବର୍ଷର ପିଲାଙ୍କ ଡର କଥା କବିମାନେ ଗୀତ ଛଳରେ ଲେଖିଛନ୍ତି—

"ବାଉଁଶ ବଣର ଭୂତ କଥା ଶୁଣି
କାନ୍ଥେ ଦେଖି ନିଜ ଛାଇ;
ବିଲ ଆଡୁ ଶୁଣି ବିଲୁଆଙ୍କ ରଡି
ପିଣ୍ଡେ ପ୍ରାଣ ଥାଏ ନାହିଁ ।"

ସେପରି ପିଲା, ପୁଣି ଅନ୍ଧାର ରାତି—ପାଣି କାଦୁଅ ବିଲ ବାଟରେ ଏକାକୀ ଆସିବ, ଧନ୍ୟ ବିଧି ! ଧନ୍ୟ ତୋର କାରବାର । ତୁ ଧନେଶ୍ୱରକୁ କାଙ୍ଗାଳ କରୁ, ପୂର୍ଣ୍ଣିମା ରାତ୍ରୀକି ଅନ୍ଧାରମୟୀ ଅମାବାସ୍ୟା ରାତ୍ରୀ କରୁ, ସାନକୁ ବଡ଼, ବଡ଼କୁ ସାନ, ଜ୍ଞାନୀ କି ଜଡ଼, ଜଡ଼କୁ ଜ୍ଞାନୀ କରିବା କ୍ଷମତା ଥିବା ଏକା ତୋହଠାରେ । ତୁ ଯାହାକୁ ଦୁଃଖ ଦେଉ, ତାକୁ ଏକାବେଳେ ନେଇ ଦୁଃଖର ଅଥଳ ପାଣିରେ ମାରୁ, ପୁଣି ଯାହାକୁ ସୁଖ ଦେଉ, ତାକୁ ପୁଣି ନେଇ ସୁଖର ଶେଷ ସୀମାରେ ଥୋଉ । ଏ ତୋର କେଉଁ ସୁବିବେକତା କେଉଁ ସୁବିଚାର ? ଭଗବାନ ! ମୋ କଣ୍ଠ ହାରକୁ ମୋତେ ଦିଅ, ମୁଁ ଆଉ କିଛି ଧନଦରବ ମାଗୁ ନାହିଁ । ମୋର ଆଉ କିଛି ଲୋଡ଼ା ନାହିଁ, ଖାଲି ଘରେ ତାକୁ କୋଳକୁ ଆଉଜାଇ ଆସି ଦଣ୍ଡେ ବସିଗଲେ ମୋର ସବୁ ଦୁଃଖ ଶୋକ ପାସୋରିଯିବ । ଏହିପରି ବୁଢ଼ୀଟି କେତେ କଥା ମନରେ ଭାବି କେତେବେଳେ ଦାଣ୍ଡକୁ ଯାଇ ଡାକେ, କେତେବେଳେ ଘରକୁ ଆସି ଟିକିଏ ବସିପଡ଼େ, ଏହିପରି ଉଠବସ ହେଉଥାଏ । ପୁଣି ମନେ କଲା, ଖଣ୍ଡେ ବାଉଁଶ ବାଡ଼ି ଧରି ନଇଁ ନଇଁ ଡାକ ଅନ୍ଧାରରେ ବାଟ ଅଧିକ ଯିବାକୁ । କ'ଣ କରିବ, ଦିନବେଳେ ତ ଯିବା ଆସିବାରେ କଷ୍ଟ ହୁଏ, ଏତେ ଶୀତ କାଳେ କୋଉ ବଣବୁଦାରେ ବାଟ ହୁଡ଼ି ପଶିଯିବ । ପୁଣି ଡାକିଲା—

ହରି ହେ ସତେ ତୁମ ଗୀତ କେତେ ଠାଣି ପଥର କେଜାଣି ଶ୍ରୀବତ୍ସ ବ୍ରାହ୍ମଣ ଗୋଇଠାରେ ସେ ହୃଦ ଫାଟି ନାହିଁ; ସେଠି କି ଦୁଃଖିନୀ ବୁଢ଼ୀର କରୁଣ ଡାକ ବାଜ୍ଜ କ'ଣ କଷ୍ଟ ହେବ ? ଯେ ଆପଣାର ପୁଅ ନାତକି ମରାଇ ଗୀତ ଦମ୍ଭ କଲା, ସେ କି ପର ପିଲାପିଲିଙ୍କ ମରଣରେ କାନ୍ଦିବ ?

ସେତକି ବେଳେ ଦାଣ୍ଡ ଦରଜାରେ ଡାକ ଶୁଭିଲା—ବୁଢ଼ୀମା ବୁଢ଼ୀମା ! ବୁଢ଼ୀ ଥିଲା ଘର ଭିତରେ, କିନ୍ତୁ ବୁଢ଼ୀର କାନ, ମନଜ୍ଞାନ ଧ୍ୟାନ ଯେ ସବୁ ପଦାରେ । ସେ ଡାକ ଯେମନ୍ତେ ସତେ ଦେବବାଣୀ ପରି ବୁଢ଼ୀ କାନକୁ ଶୁଭିଲା । ସେକ୍ଷଣି ସେ ମନେ କଲା, ମୋ ମାଅ ଡାକତ ! ସତେ ଯେମନ୍ତେ ଗରିବ ଦାଣ୍ଡରେ କୁବେର ସୁନା ପାହାଡ଼ ଖଣ୍ଡ ଆଣି ଥୋଇ ଦେଲେ । ହଠାତ୍ ବୁଢ଼ୀ ଭିତରୁ କହି ପକାଇଲା 'ମା ମାଅଟା କିଲୋ ! ନଇଁ ନଇଁ ସେତକ ବାଟକୁ ଗୁର ଖୋଜ କରି ଦେଇ ଯାଇ ଦରଜାଟିକି ଫିଟେଇ ଦେଲା । ମଣିର ହାତ ଧରି ଟାଣି ନେଇ, 'ମୋ ମାଅ ଆଇଲାଣି କି ଲୋ ! ଏହା କହି କାନରେ ମଣି ଦେହକୁ ପୋଛୁ ତା'ର ଗଣ୍ଡସ୍ଥଳରେ ଗୋଟିଏ ଚୁମ୍ବନ ଦେଇ କୋଡ଼କୁ ଅଜାଡ଼ି କହିଲା, "ଆହା ଏ ପୋଡ଼ା ପେଟ ଖଣ୍ଡକ ପାଇଁ ମୋ ସୁନା କେତେ କଷ୍ଟ ପାଇଲଣି ?" ଜାଲଜଲିଆ ଆଖିରେ ବୁଢ଼ୀର ଦୃଷ୍ଟି ପଡ଼ିଲା ମଣି ପଛ ପଟରେ ଦରଜାରେ ଜଣେ କିଏ ଛିଡ଼ା ହୋଇଛନ୍ତି । ସେଠୁ ବୁଢ଼ୀ ଦୋଦୋମନା ହୋଇ ପଚାରିଲେ—ମାଅ, ତୋ ପଛରେ ଜଣେ କିଏ କିଲୋ ? ମଣି ଉତ୍ତର ଦେଲା—ବୁଢ଼ୀମା, ସେ ପରା ଆମର ଜଣେ ଅତିଥି, ପୁଣି ମୋ ପ୍ରାଣର ରକ୍ଷାକର୍ତ୍ତା, ପରା ତାଙ୍କର ଯୋଗେ ତୋ ନାତୁଣୀକି ଏକ୍ଷଣି କୋଳରେ ଧରିଛୁ ନଇଲେ ମତେ କ'ଣ ଆଉ ଦେଖିବାକୁ ପାଇଥାନ୍ତୁ ? ବୁଢ଼ୀ ମାଅ ସେ ଜଣେ ବଡ଼ଲୋକ; ଆମର ଅତିଥି, ମୋର ରକ୍ଷାକର୍ତ୍ତା ।

ତନୋଟି କଥାରୁ କେଉଁ କଥାଟି ଓଣା ସେ ସେଠି ମଣି ଆଉ ତାକୁ କ'ଣ କହିବ ?

ମଣି କଥା ଶୁଣି ବୁଢ଼ୀ ଚମକି ପଡିଲେ । ଭାବିଲେ ଜଣେ ବଡ଼ଲୋକ ଏ ଅନାଥା ପିଲାଟିକ ଗ୍ଣ୍ଡିବାକୁ ଏ ଅନ୍ଧାରରେ କଷ୍ଟସହି ତା'ଘରକୁ ଅସିଛନ୍ତି । ସେ'ତ ତେବେ ଏପରି ଦୁଃଖୀ ଦୁଃଖରେ କାତରହେବା ବଡ଼ଲୋକ ତା'ଜୀବନ ଭିତରେ ଦେଖି ନାହିଁ । ବୁଢ଼ୀ ପଗ୍ଚରିଲା— ମାଆ, ତୁ ତାଙ୍କୁ କେମନ୍ତେ ଭେଟିଲୁ ; କହିଲୁ ? ସେ' ବା ତୋର କପରି ସାଥୀ ହେଲେ ?

ମଣି କହିଲା, "ମାଆ, ମୁଁ ସରଗ ପଥର ବରଷା ଓ ମେଘ ବରଷା ପବନବେଳେ ବାଟରେ ଆସୁ ଆସୁ ଆସି ନ ପାରି ବାଟ ତୋଟା ମୁଣ୍ଡ ଗଛମୂଳ ଖୋଲ ଭିତରେ ଛିଡ଼ା ହୋଇଗଲି । ସେଠି ଥାଇଁ କେତେ କେତେ କଥା ମନେ ପକେଇ କାନ୍ଦୁଥାଏ । ପୁଣି ଅନ୍ଧାରକୁ ଦେଖି ଡରରେ ମୋ ପ୍ରାଣ ବେଶି ବିକଳ ହେଉଥାଏ । ମୋ ଲୁଗା ଖଣ୍ଡିକ ଓଦା, ଦାହ ଶୀତରେ ଥରି ଯାଉଥାଏ, ସେତକିବେଳେ ସତେ ଯେମନ୍ତେ କିଏ ପଠେଇ ଦେଲା ପରି ମୋ ଭାଗ୍ୟଦେବତା ରୂପେ ପହଞ୍ଚି କପରି ବିଜୁଳି ଝଲକରେ ଦେଖି ମୋତେ ତୁଣ୍ଡ ଶୁଣାଇଲେ । ଡାକିଲେ—କିଏ ସେ ଏଠି ଛିଡ଼ା ହୋଇଛୁ ପିଲାଟି ? ଡରନୁ ନାହିଁ, ମୁଁ ତୋହର ଜାତଆ ମଣିଷ । ଭାଗ୍ୟକୁ ବିଜୁଳି ପୁଣି ଥରେ ଝଲକି ଉଠି ମନୁଷ୍ୟ ବୋଲି ମୋତେ ଚିହ୍ନାଇ ଦେଲା । ମୋର 'ହଁଉ' କଥା ପଦକ ଶୁଣି ମୋ ହାତ ଧରି ଆଣି ତାଙ୍କ କୋଳରେ ଯାକି ଛିଡ଼ା ହେଲେ ଓ କେତେ ଆଶ୍ୱାସନା ଦେଲେ । ମାଆ ! ସେ ଆମ ଘରେ ରହିବେ କହୁଛନ୍ତି, କେଉଁଠିକି ଆଜ ରାତିରେ ଯିବେ ନାହିଁ ।

ଏ କଥା ଶୁଣି ବୁଢ଼ୀ ନାତୁଣୀକି କହିଲା, ବାବୁ ଘର ଭିତରକୁ ଆସନ୍ତୁ ଡାକ, ଏହା କହି ନିଜେ ଡାକିଲା । ବସ ଡାକଟି ବଡ଼ ସଂକୋଚ

ଭସ୍ମ ଡାକ । ବୁଢ଼ୀଟି ପୁରୁଣାକାଳିଆ ଲୋକ, ଆଜିକାଲିକା ଅଣ୍ଡିସ୍ଥ-ଚଣ୍ଡୀ ଉଗ୍ରଭାବା କଟୁଭାଷିଣୀ ମୁଖରା ନାରୀଙ୍କ ପରି ନୁହେଁ ଯେ ହଠାତ୍ ଜଣେ ଅପରିଚିତ ଭଦ୍ରବ୍ୟକ୍ତିଙ୍କୁ କଥା କହି ପକେଇବେ । ବୁଢ଼ୀ ନାତୁଣୀଠାରୁ ଏ ସମସ୍ତ ଶୁଣିଲାବେଳକୁ ଲାଜକୁଳୀ ଲଟା ପରି ଝାଉଁଳି ଗଲେଣି । ଏଣେ ମନଭିତରେ ବାବୁଙ୍କ ପ୍ରତି ଯେତେ ଆନନ୍ଦିତ ହେଲେ ତାହା ଲେଖକ ଲେଖନୀରେ ସ୍ଥାନ ପାଇବା କଠିନ । ଜଗଦାନନ୍ଦ ମିଶ୍ରେ ଏବୁଣ୍ଡିଟି ଅତିକ୍ରମ କରି ଆରପାଖରେ ପ୍ରବେଶ କରି ବୁଢ଼ୀଙ୍କ ସଂକୋଚଭାବ ବୁଝିପାରି କହିଲେ, "ମାଆ, ମୁଁ ତୁମ୍ଭର ସମସ୍ତ ଘଟଣା ଏ ପିଲାଠାରୁ ଆଗରୁ ବୁଝି ନେଇଛି । ତୁମେ ମା, ମୋ ଦୃଷ୍ଟି ପାଖରେ ମାନବୀ ନୁହଁ ଦେବୀ । ତୁମେ ମୋର ମାତୃସ୍ଥାନୀୟା, ଏଣୁ ମୋର ସର୍ବାଗ୍ରେ ନମସ୍କରଣୀୟା । ମନରେ ଅନ୍ୟ କିଛି ନ ଭାବି ମୋର ପ୍ରଣାମ ଗ୍ରହଣ କରନ୍ତୁ । ତୁମ ସୁନାମଣି ଯୋଗେ ମୁଁ ଆଜି ପ୍ରାଣ ପାଇଛି, ତା'ନହେଲେ ମୁଁ ବଞ୍ଚି ନ ଥାନ୍ତି ।"

ଏତିକି ଶୁଣି ବୁଢ଼ୀ ଧୀର ସ୍ୱରରେ ପଚାରିଲା—"ବାବୁ, ମନରେ କିଛି କଷ୍ଟ ନ ରଖି ଆପଣଙ୍କ ପରିଚୟଟି ମୋତେ ଦେବେ କି ?" ତହୁଁ ବାବୁ କହିଲେ "ନା' ନା, ନା ପରିଚୟ ଦେବାରେ କଷ୍ଟ କ'ଣ ମା, ଆପଣତ ଅନେକ ଦିନର ମଣିଷ । ଶୁଣିଥିବେ ଏହି ନିକଟରେ କିଛି ଦୂରରେ ଖଣ୍ଡାପଡ଼ା ବୋଲି ଖଣ୍ଡିଏ ଗ୍ରାମ ଅଛି । ସେଠା ବ୍ରାହ୍ମଣ ଶାସନରେ ମୋ ଘର । ମୋ ନାଁ ଜଗଦାନନ୍ଦ ମିଶ୍ର, ବାପାଙ୍କ ନାଁ ଜନାର୍ଦ୍ଦନ ମିଶ୍ର, ଏଯଣି ସବ ହେତୁ ବୋଧହୁଏ ମୋତେ ଚିହ୍ନିପାରୁ ନାହାନ୍ତି । ମୁଁ ଅନେକଥର ବଡ଼ ବଡ଼ ମକଦ୍ଦମାରେ ଏ ଗ୍ରାମକୁ ତଦନ୍ତ ପାଇଁ ଆସିଛି । ଥରେ ଏ ଗ୍ରାମର ମୁଖିଆ ଲୋକ ବାସୁ ମହାପାତ୍ରଙ୍କ ହତ୍ୟା ମୋକଦ୍ଦମାରେ ଆସିଥିଲି । ଗ୍ରାମର ଅନେକ ଲୋକ ସାକ୍ଷ୍ୟ ଦେବାକୁ ସେଠାରେ ଜମା ହୋଇଥିଲେ । ଆଉ ମଧ୍ୟ ଏହି ଗ୍ରାମର

ମକଦ୍ଦମା ସରବରାହକାରଙ୍କ ବୋହୂ ପାପଗର୍ଭ ଦୋଷରେ ବିଷ ଖାଇ ମରିଥିଲେ, ପୋଲିସ୍ ରିପୋର୍ଟରେ କ'ଣ ଗୋଲମାଲ ଥିବାରୁ ମୋତେ ସର୍‌ଜମିନ୍‌କୁ ଦରଖାସ୍ତ ଦେଇ ସରବରାହକାର ମଗାଇ-ଥିଲେ । ଦୁଇବାର ଏ ଗ୍ରାମକୁ ମୋର ଆସିବା ହୋଇଚି ।"

ବୁଢ଼ୀ ଶୁଣି ଚମକିପଡ଼ି ଭାବିଲେ, ଏ ତ ଜଣେ ବଡ଼ ହାକିମ । ଏ ଗରିବ ଘରକୁ ଚାଲି ଆସିଛନ୍ତି । ଏହା ମୋର କେଡ଼େ ଭାଗ୍ୟ । ବାବୁଙ୍କ ଚରଣଧୂଳି ଗରିବ ଦୁଆରେ ପଡ଼ିଲା କହି ଗୋଟାଏ ଦଣ୍ଡବତ କଲେ । ସେତେବେଳେ ହଠାତ୍ ବାବୁ ବୁଢ଼ୀଙ୍କ ହାତ ଧରି ଉଠାଇ କହିଲେ, "ମା, ସେ କି କଥା । ମା କି କେବେ ପୁଅର ପାଦରେ ପ୍ରଣାମ କରିବାଟା କେହି ଦେଖିଛି ? ଆପଣଙ୍କର ମୁଁ ପୁଅ ଆପଣ ମୋ ପାଦରେ ପଡ଼ି ମୋର ଅଧୋଗତିର ପଥ ପରିଷ୍କାର କରିବାକୁ ଯାଉ-ଛନ୍ତି ।" ବୁଢ଼ୀ ବାବୁଙ୍କ ମୁହଁରୁ ଏ କଥା ପଦକ ଶୁଣି ବଡ଼ ଲଜ୍ଜିତା ହୋଇ କହିଲେ, "ବାବୁ, ସେଟା ମୋର ଭୁଲ ହୋଇଛି । ତେବେ ଆମର ଏଠିକି ବଡ ବଡ ଜମିଦାର ବାବୁମାନେ ଆସିଲେ ତାଙ୍କ-ଠାରୁ ବୟୋଧିକ ଲୋକେ ସେମାନଙ୍କୁ ଦଣ୍ଡବତ କରନ୍ତି ଜାଣି, ମୁଁ ତାହା କରିବାକୁ ଗଲି । ସେମାନେ ଯେବେ ଆଗରୁ ତାଙ୍କୁ ବାରୁ-ଥାନ୍ତେ, ମୁଁ କାହିଁକି ଆଜି ଏପରି କରିଥାଆନ୍ତି ।"

ବାବୁ ବୁଢ଼ୀଙ୍କର କଥାଟି ଶୁଣି ଭାବିଲେ—ରେ ଅନ୍ୟାୟର ପୃଷ୍ଠ-ପୋଷକ ବୈଭବ, ରେ ରାଜକୀୟ ଉପାଧିର ଆଧିପତ୍ୟ, ରେ ଆତ୍ମଗର୍ବୀ ଶାସକଦଳ, ତୁମ୍ଭେମାନେ ଏ ଦରିଦ୍ର ନିରୀହ ପଲ୍ଲୀବାସୀଙ୍କୁ ନିଜର ଆୟତ୍ତାଧୀନ କରିବାକୁ ଯାଇ କେତେ ତଳେ ଏମାନଙ୍କୁ ହାତ ଯୋଡ଼ାଇ ଠିଆ କରାଇ କି ମହାପାପ ଅର୍ଜନ କରୁଛ ? ମନୁଷ୍ୟ କ'ଣ ଧନ ବଳରେ ବଡ଼ ହୋଇପାରେ ? ଧିକ୍ କପଟତା, ଆତ୍ମସମ୍ଭ୍ରମବୋଧ ତୋହର ଯୋଗେ ଆଜି ପୁତ୍ରର ପାଦତଳେ ମାତାର ମସ୍ତକ ଅବନତ

ହେଉଛୁ, ତୋହର ଯୋଗେ ଅଜ ଜଣେ ସତୁରି ପଚସ୍ତରି ବର୍ଷର ବୁଢ଼ା ଗୋଟିଏ ଗୃଳଣ, ପଇଁଗୃଳଣ ବର୍ଷର ପ୍ରୌଢ଼ ପାଦତଳେ ପଡ଼ିବାକୁ ଗଲା । ଧିକ୍‌ରେ ସ୍ୱାର୍ଥଲିପ୍ସୁ ଶାସକଦଳ । ଏହି କଥା ଭାବି କହିଲେ "ମା, ମୋ ମନରେ ଆଉ କିଛି କଷ୍ଟ ନାହିଁ, ମୁଁ ତୁମ୍ଭ-ମାନଙ୍କ ସରଳ ବ୍ୟବହାରରେ ବଡ଼ ଖୁସି ହୋଇଛୁ । ଯେବେ ମୁଁ ଆଗରୁ ତୁମ୍ଭର ଏ ଦରିଦ୍ରାବସ୍ଥା ଜାଣି ଥାଆନ୍ତି, ଅବଶ୍ୟ କିଛି ତା'ର ପ୍ରତିକାର କରି ଥାଆନ୍ତି, ମା, ମୁଁ ତୁମ୍ଭର ପିଲା ପୁଅ ବୋଲି ମନେ କରିବ । ମୁଁ ଅନ୍ୟତ୍ର ଯାଇ ବୃତାନ୍ନ ଭୋଜନ, ସୌଧ ନିବାସ ଓ ତୁଳିତଳ୍ପରେ ଯେ ଶାନ୍ତି ଉପଭୋଗ କରିଥାଆନ୍ତି, ତା' ତୁମ୍ଭର ଶାକାନ୍ନ, ଏ ଭଗ୍ନକୁଟୀର ଓ ଭୂତଳଶଯ୍ୟା ମୋତେ ତତୋଽଧିକ ଶାନ୍ତି ଦାନ କରିବ । ଭାବି ଦେଖିଲେ ତୁମେ ଦରିଦ୍ର ହୋଇ ସ୍ୱାଧୀନ, ମୁଁ ବଡ଼ ଧନୀ ହୋଇ ପରାଧୀନ । ପୁଣି ସାଧାରଣ ଦୃଷ୍ଟିରେ ତୁମେ ମୋର ମା' ମୁଁ ତୁମ୍ଭର ପୁଅ, କୌଣସିମତେ ମୁଁ ତୁମ୍ଭଠାରୁ ବଡ଼ ହୋଇ ନ ପାରେ ।"

ବାବୁଙ୍କର ଏ କଥା ଗୁଡ଼ିକ ବୁଢ଼ୀ ମନରେ ଏପରି ଭାବରେ ଲାଗିଗଲା ଯେ—ସେ ଦେଖିଲା, ବାବୁ କଥା ଛଳରେ କେତେବେଳୁ ଅନ୍ଧାରରେ ଛିଡ଼ା ହେଲେଣି । ମଣିକି ଡାକିଲା—'ମଣି ! ଅମ ରାନ୍ଧଣା ଘର ଠଣା ଚୁଲି ମୁଣ୍ଡରେ ଡିବି ଦିଆସିଲି ଅଛି ଶୀଘ୍ର ଲଗେଇ ଏଠିକି ଦେନିଆ । ତାହା ଶୁଣିଲାକ୍ଷଣି ଜେମା ମଣି ଡିବି ଲଗାଇ ଆଣି ବାବୁଙ୍କ ପାଖରୁ କିଛି ଦୂରରେ ଛିଡ଼ା ହେଲା । ବୁଢ଼ୀ ଦେଖେ ଯେ ବାବୁଙ୍କ ପୋଷାକ ସବୁ ଓଦା ଜରଜର, ପାଣି ବହି ଯାଉଛି । ତହୁଁ ତରତର ହୋଇ ଧାଇଁ ଯାଇଁ ଖଣ୍ଡେ ତନାସିଆଁ ବାଉଶ ବୁଣାଖଦ ଧୋବାଘରେ ପକେଇ ଟେକିଉଦନ ଅଲଗ୍ନିରେ ଛନ୍ଦି ଦେଇଥିଲା, ତାହା ଆଣି ମଣିକି କହିଲା, "ଦେ; ବାବୁଙ୍କୁ ଦେ, ସେ ବଦଳି ପକେଇ ତାଙ୍କ ପୋଷାକ ଯାକ ଦିଅନ୍ତୁ, ମୁଁ ଚୁପୁଡ଼ି ଶୁଖେଇ ଦେବି ।" ସେଠଠ ଜେମା

ଖଦ୍ଦ ଖଣ୍ଡେ ନେଇ କହିଲା "ବାବୁ ,ଏଥିକୁ ବଦଳାଇ ପକାନ୍ତୁ ।" ବାବୁ ତାକୁ ଅତିଆଦରରେ ପିନ୍ଧା ପୋଷାକପାକ ଉତାରି ଦେଲେ । ପୁଅର ଲୁଗା ନେଇ ମା ଶୁଖାଇଲା ପରି ବୁଢ଼ୀ ତାକୁ ଚଉଡ଼ି କାନ୍ଥ ବାଡ଼ ଅଳୁଗୁଣିରେ ଖଣ୍ଡେ ଖଣ୍ଡେ କରି ଯତ୍ନରେ ଶୁଖାଇ ଦେଲା । ପୁଣି ମଣିକି ପାଖକୁ ଡାକି ଚୁମା କରି କହିଲା, "ମୋ ମାଆଟା ପରି, ତୁ ତାଙ୍କୁ ଅଜ୍ଞା ଆପଣ ଛଡ଼ା ଆଉ କିଛି କହିବୁ ନାହିଁ, ସେ ସାମାନ୍ୟ ଲୋକ ନୁହନ୍ତି । ଆମ କର୍ମବଳକୁ ଆସି ବିଦୁର ଘରେ ଶ୍ରୀକୃଷ୍ଣ କୁଣିଆ ।" ବିଶ୍ୱପତି ପତିତପାବନ ବନମାଳୀଙ୍କର ଆଜ ଏ କି କୌତୁକ ଲାଗିଛି, ସେ କଥା ତାହାଙ୍କୁହିଁ ଜଣା । ବାବୁ, ନାତୁଣୀକି ବୁଢ଼ୀ ବୁଝେଇବା ଦାବା କଥାଟା କେଉଁଠି ଆଭାସରୁ ବୁଝିନେଇ କହିଲେ—"ତୁମେ ମଣିକି କ'ଣ ବୁଝଉଛ ମା, ସେ ଅବଶ୍ୟ କିଛି ପଢିଛି ବୋଲି ମୁଁ ତା,ର କଥାଭାଷାରୁ ବୁଝି ନେଇଛି । 'ବିଦ୍ୟା ପ୍ରମାଣଂ ମୂର୍ଖଭାଷଣଂ,' ମା, ତୁମେ ମୋତେ ଏତେ ଉଇଁକୁ ଠେକିଲା ବେଳକୁ ମୋତେ ବଡ଼ କଷ୍ଟ ହେଉଛି । ମୋତେ ବାବୁ ବା ହାକିମ, କି ଜଗଦାନନ୍ଦ ମିଶ୍ରେ ବୋଲି କହିବ ନାହିଁ । ମୋତେ ଯଦି ଡାକିଲେ ମୋ ହଜିଲା ଡାକ ମିଳିଲା ପରି ମୋତେ ଲାଗିବ । ଆଉ ପୁଅ ବୋଲି କହିଲେ ତ ମୋର ମାତୃହରା ଜୀବନଟିରେ ଆଜ ପୁଣି ମାଆକୁ ଫେରି ପାଆନ୍ତି । ମୁଁ ତୁମ କୁଡ଼ିଆ ଘରକୁ ହାକିମ ହୋଇ ଆସି ନାହିଁ, କିମ୍ବା ମୁଁ ଅମଲା ପେସ୍କାରଙ୍କୁ ଘେନି ମାଜିଷ୍ଟ୍ରେଟ କୋର୍ଟ ଚେୟାର ଉପରେ ବସି ନାହିଁ, କିମ୍ବା କଲମ କାଗଜ ଘେନି ବଡ଼ ବଡ଼ ଓକିଲଙ୍କ ମିଛ ଶିକ୍ଷା ସାକ୍ଷୀ ଜମାନବନ୍ଦୀକି ଚହୁ ନାହିଁ, ମୋତେ ବାବୁ ନ କହିଲେ ମୋର ମାନହାନି ଘଟିବ ନାହିଁ, ସେ ସବୁ ମିଛ ଆମ ଦେଶରେ ଅଳ୍ପ ଶିକ୍ଷିତ ଛୋଟ ଛୋଟ ଜମିଦାର ଅଳ୍ପବେତନ-ଭୋଗୀ ଚାକରଙ୍କୁ ବେଶୀ ଧରେ । ବାବୁ ପଦଟା ତାଙ୍କ କାନରେ ଅମୃତ ଢାଳି ଦେଲା ପରି ଲାଗେ । କିନ୍ତୁ ମା ମୋ ପକ୍ଷରେ ତା ଠିକ୍ ନୁହେଁ ।

ବାବୁଙ୍କ ମୁହଁରୁ ଏ ସବୁ କଥା ଶୁଣି ବୁଢ଼ୀ ବହୁତ ଅବାକ । ହିନ୍ଦୁ ଘରେ ହିନ୍ଦୁ ବା ମୁସଲମାନ ଯେ କେହି ଅତିଥି ପହଞ୍ଚିଲେ ସେ ଯେତେବେ ତାଙ୍କୁ କିଛି ନ ଦେଇ ବସିବାକୁ ଭୂମି, ଗୋଡ଼ ଧୋଇବାକୁ ପାଣି, ଶୁଣିବାକୁ ମିଷ୍ଟକଥା, ଶୋଇବାକୁ ତୃଣଟିକିଏ ଦେଲା ତା ହେଲେ ତା'ର ଯଥେଷ୍ଟ ଅତିଥି ସତ୍କାର ହୋଇଗଲା । ଏ ସବୁ ସୁନାମଣି ଯୋଗାଇ ବାରେ ହେଳା କରି ନାହିଁ । ବୁଢ଼ୀ କହିଲା ମା, ଆଜ ବାବୁଙ୍କୁ ଆଜ୍ଞାଆପଣ କି ବାବୁ ଏହା ନ କହି ବାବା ବୋଲି ଡାକିବୁ । ଯା ସେ ଯେଉଁ ଜୁଣ ମସିଣା ଖଣ୍ଡେ ଅଛି ତାଙ୍କୁ ଆଣି ବଛେଇ ଦେ ଆଉ ତୁ ଯେଉଁ କାଉଁଚ ମସିଣାଟି ନିଜେ ବୁଣୁଥିଲୁ ତା ଉପରେ ପକା ପୁଅ ବସୁ ।" ମଣି ସେଇଯଣି ବିଛଣା ଆଣି ବଛେଇ ଦେଇ କହିଲା, ବାବା ମୁଁ ବିଲରୁ କାଉଁଚ ଆଣି ତାଙ୍କୁ ଚିରି ଶୁଖେଇ ନଣ୍ଡୁଠ କରି ଚୋଟସବୁ ସାଉଁଟି ଆଣି କାମ ନଥିଲା ବେଳେ ବସି ହାତେ ହାତେ ବୁଣେ । ବାବା, ଆମଘରେ ଏଇ ବଢ଼ିଆ ବିଛଣା ଅଛି ।" ବାବୁ ତା'ର ଏ କଥା ଶୁଣି କହିଲେ "ମା', ତୁମ୍ଭର ଏ ସବୁ କଥା ଶୁଣି ମୋର ଭୋକ ଶୋଷ କେଉଁଣେ ଉଭେଇ ଗଲାଣି । ଦେଖୁଛି ଜଗତରେ ଧନ ଯୌବନ ଦମ୍ଭ ଗର୍ବ ଏ ସବୁ ପାଣି ଫୋଟକା ପରି କ୍ଷଣସ୍ଥାୟୀ, କିନ୍ତୁ ତୁମେ ଯାହା ଭଗବାନଙ୍କ ଠାରୁ ପାଇଛ ତା'ର କ୍ଷୟ ବ୍ୟୟ ନାହିଁ ।-ଦୁଃଖ ବୋଲି ଯେ ପଦାର୍ଥ ତାଙ୍କୁ ଯାଚିଲେ କିଏ ନିଏ ନାହିଁ କି କେହି ମାରପିଟି ଛଡ଼ାଇ ନିଏନାହିଁ । ଦୁଃଖୀ ହୃଦୟରେ ରାଗ, ହିଂସା, କ୍ରୋଧ, ଛନ୍ଦ, କପଟ କିଛି ନାହିଁ । ଦୁଃଖୀ ଯେ ଈଶ୍ୱର ଦତ୍ତ ଅକ୍ଷୟ ଧନରେ ଧନୀ । ମଣି, ଆଜି ତୁମ୍ଭର ଏ ସବୁ ବ୍ୟବହାର ଦେଖିମୋ ମନରେସ୍ୱତଃ କଷ୍ଟଜାତ ହେଉଅଛି । ଏଇଥି ପାଇଁ ଭଗବାନଙ୍କ ନାମ ଦୀନବନ୍ଧୁ । ତୁମ ପରି ହୋଇଥିଲେ ଜଗତ୍ପତିଙ୍କୁ ମୁଁ ବନ୍ଧୁ ଭାବରେ ଆଜ ପାଇ ଥାଆନ୍ତି ।

ରେ ଅନ୍ଧ ଜଗତ ! ରେ ସ୍ୱାର୍ଥଲିପ୍ସୁ ପରପୀଡ଼କ ମାନବ ସମାଜ ! ଥରେ ଆଖିମେଲି ଅନାଇଦେଖ, ଜଣେ ଉଚ୍ଚ କର୍ମଚାରୀ ଯେ କି ସରକାରଙ୍କର ଉଚ୍ଚ ବେତନଭୋଗୀ ପ୍ରତିନିଧି, ସେ ଜଣେ ଦରିଦ୍ରାଣୀ କୁଟୀରରେ ତିନିସିଆଁ ଖଦ ପିନ୍ଧି ଚିରା କୁଶାମସିଣାରେ କି ଆନନ୍ଦରେ ଶୟନ କରି ଅଛନ୍ତି । ସତେ ସେ ଯେପରି ଅମରାଦ୍ରି ଶିଖର ଦେଶରେ ଦେବାଙ୍ଗବସନ ପରିଧାନ କରି ଅମର ଐଶ୍ୱର୍ଯ୍ୟ ଉପଭୋଗ କରୁଅଛନ୍ତି । ପାତାଳ ବୈକୁଣ୍ଠରେ ଦାନଦକ୍ଷ ବଳିରାଜାଙ୍କ ଏ ସୌଭାଗ୍ୟ ଭୋଗୁ ନ ଥିବ । ଆଜି ଜଗଦାନନ୍ଦ ଜଗତ୍‌ବନ୍ଧୁଙ୍କ କରୁଣାବଳରୁ ଜଗତକୁ ଆନନ୍ଦରେ ରଙ୍ଗମଞ୍ଚ ବୋଲି ମନେ କରୁଛନ୍ତି । ସତେ ଯେମିତି ସରଯୂତଟ ନବ ତଳ ସୌଧନିବାସୀ ରଘୁନାଥ ଶବରୀ କୁଟୀରରେ ଶାଳପତ୍ର ସଦୃଶ ସଜପ ମସିଣାରେ ବିରାଜମାନ । ଯେତେବେଳେ ମିତ୍ରେ ସାଗର ଗର୍ଭରେ ବୁଡ଼ି ବାଳିକାଟିକୁ ବାହୁ ପ୍ରସାରଣ କରି କୋଳକୁ ଡାକିଲେ ଆ ମା ! ସେତିକି ବାଳିକାଟି ତାଙ୍କ ପାଖରେ ଛିଡ଼ା ହେଲା । ସେ ତାକୁ କୋଳକୁ ନେଇ ବସାଇ କ୍ଷୁଦ୍ରାଲୋକରେ ତା'ର ଆପାଦ ମସ୍ତକ ନିରୀକ୍ଷଣ କରି ମନେ ମନେ ବହୁ କଷ୍ଟ ଅନୁଭବ କଲେ. ଏବଂ ଦେଖିଲେ ଯେ, କ୍ଷୁଧାରୂପିଣୀ ରାକ୍ଷସୀ ତା'ର ରକ୍ତକଣିକାମାନ ଶୋଷି ନେଇ ଶୋଭାକୁ ତିରସ୍କାର କରିଦେଇଛି । ନୟନ ପଦ୍ମ ଦୁଇଟି ଦୁଃଖ ଶିଶିର ଦାଉରେ ମଳିନତା ଭଜି କୋଟରାଭିମୁଖୀନ, ଗଣ୍ଡଯୁଗଳ ବିକୃତ ହୋଇ ଦନ୍ତସଂଲଗ୍ନ କିନ୍ତୁ ଶୁକ ଶାବକ ଚଞ୍ଚୁ ପରି ନାସିକାଟିର ସୌନ୍ଦର୍ଯ୍ୟ ବି ନଷ୍ଟ ହୋଇ ନାହିଁ । ହସିବାବେଳେ କିମ୍ବା କଥା! କହିବାବେଳେ ଦଶନ ଗୁଡ଼ିକ ଦଶନବସନରୁ ଈଷତ୍ ବାହାରି ଅର୍ଦ୍ଧନିଷ୍କାସିତ ଦାଡ଼ିମ୍ବବୀଜ ସଦୃଶ ଦୃଷ୍ଟ ହେଉଅଛି । ହସ୍ତ ପଦାଦିର ମାଂସ ଶୁଷ୍କ ହୋଇ କେବଳ ଅସ୍ଥିମାନ ଧାରଣ କରିଅଛି ।

ହେ ବିଭବଶାଳୀ ପରାର୍ଥଶୋଷକ ସ୍ୱାର୍ଥାନ୍ଧଦଳ ! ତୁମ୍ଭମାନଙ୍କର ତୁଅଳ ଐଶ୍ୱର୍ଯ୍ୟ କାହାପାଇଁ ? କେବଳ ତୁମ୍ଭର ପୁତ୍ର କନ୍ୟା ଓ

ତୁମ୍ଭର ପ୍ରୀତ ରଞ୍ଜିଣୀ ଭାର୍ଯ୍ୟାର ଭୋଗବିଳାସ ପାଇଁ । ବିଭୂଷିତ ମଳିନ ବସ୍ତ୍ରଧାରୀ ଜୀର୍ଣ୍ଣଶୀର୍ଣ୍ଣ କଳେବର ଦରିଦ୍ରଙ୍କ ପାଇଁ ନୁହେଁ କି ? କେବେକି ଏ ନାଟକର ଅଭିନୟ ସୃଷ୍ଟି ଆରମ୍ଭରୁ ତୁମ୍ଭମାନଙ୍କ ଦୃଷ୍ଟି ଗୋଚର ହୋଇନାହିଁ ? କେତେଦିନ ପାଇଁ ସେ ପୈଶାଚିକ ଧନର ସ୍ଥାୟିତ୍ୱ ? କେତେଦିନ ପାଇଁ ତୁମ୍ଭର ଏ ପ୍ରଭୁତା ସ୍ଥାପନ ? କେତେ ଦିନକୁ ଏ ଭୋଗ ବିଳାସ ଲୀଳାଖେଳା ? ଦିନେ ଏହି ମାଟିର ଦେହ ମାଟିରେ ମିଶିଯିବ । ବାବୁ ଦେଖିଲେ ଯେ, ତାଙ୍କର ଗତା-ସୁକନ୍ୟା ସୁରମାଟି ଏହାର ସମସାମୟିକ । ସେ ତାଙ୍କୁ ଅନନ୍ତ ଚିନ୍ତାମ୍ବୁଧିରେ ଭସାଇ ଦେଇ ପରଲୋକକୁ ଚାଲି ଯାଇଛି । ବାବୁ ମଧ୍ୟ ଜାୟାଶୂନ୍ୟ, କେବଳ ଅଭୟ ବୋଲି ଏକମାତ୍ର ପୁତ୍ର, ସେ ତାଙ୍କଙ୍କ ସକଳ ସ୍ନେହର ଆଧାର । ଅସୀମ ସୁଗୁଣ ସମ୍ପନ୍ନ, ପିତୃ-ବତ୍ସଳ, ବିଦ୍ୟୋତ୍ସାହୀ, ଦୟାର୍ଦ୍ର ହୃଦୟ ଓ ଦାନଶୀଳ । ତାହାର ମୁହଁକୁ ଚାହିଁ କେବଳ ଜଗଦାନନ୍ଦ ଜଗଦାନନ୍ଦ ଉପରେ ଗତି କରୁଛନ୍ତି । ପିଲାଟିକି ବର୍ଷ ଅଠର କି ସତର ହେବ ସେ ବର୍ତ୍ତମାନ କଟକ କଲେଜରେ ଅଧ୍ୟୟନ କରୁଅଛି । ବାବୁ ମଣିକୁ କୋଳରେ ଧରି ଭାବିଲେ, ସତେ କି ଉତ୍ତରାକୁ ଅଭିମନ୍ୟୁ ପରି ଅଭୟକୁ ଏହାକୁ ପ୍ରଜାପତି ଘଟାଇବ । ଏତିକି ମନେ ମନେ ଭାବିଲାମାତ୍ରେ ମିଶ୍ରଙ୍କ ଆଖି ଦିଓଟି ସଜଳ ହୋଇଗଲା । ତହୁଁ ବାବୁ କହିଲେ, "ମା ! ଏ ଯୋଉଠି ବସିଛେ ଏ ଜାଗାଟି ତମ ନାମରେ ଅଛି ନା ?" ମଣି କହିଲା, "ହଁ, ବାବା ! ବର୍ତ୍ତମାନ ଆମ ନାମରେ ଅଛି । ଖଜଣା ବାକି ତିନି ବର୍ଷର ମକଦ୍ଦମଙ୍କର ହୋଇଗଲେଣି, ତେଣିକି ଆଉ ରଖିବେ ନାହିଁ । କହୁ-ଥିଲେ ନୀଲାମ କରି ସେ ନୀଲାମରେ ନେଇଯିବେ, ସେ କେତେ ସମ୍ଭାଳିବେ ।" ବାବୁ କହିଲେ, "ବର୍ଷରେ କେତେ ପଡ଼େକି ? ବାବା ବର୍ଷରେ ଗୋଟିଏ ଲେଖାଏଁ ଟଙ୍କା । ବିଲ କିଛି ଅଳ୍ପ ଥିଲା, ସେତିକି ନୀଲାମ ହେଲେ, ଏଠାରେ ଗୋଟିଏ ସର୍ବସ୍ୱଦାଲ ସର୍ବସ୍ୱରୁ କିଛି ଟଙ୍କା।

ଦୟା କରି ଦେଇ ଆମ ଅବସ୍ଥା ବୁଝି ମୁକୁଲେଇ ଦେଲେ । ସେ ବି ଆମ ହାତରେ ନାହିଁ, ମହାଜନ ଘରେ ଦଖଲ ବନ୍ଧକ ଅଛି । ସୁଧ ଭରଣାକୁ ଫସଲ ସେ ନିଏ । ବାବୁ ! ସେ ଦୁଃଖ କାହାଣୀ ଶୁଣିଲେ ଆକାଶ ଛିଣ୍ଡି ତଳେ ପଡ଼ିବ, ବସୁଧା ଫାଟି ଦଫାଲ ହୋଇଯିବ । ଦିନେ ମୁଁ ବୈଶାଖ ମାସ ଖରାରେ ଟୋକେଇ ନେଇ ଗୋବର ଗୋଟେଈ ବାବୁ ବିଲକୁ ଯାଇଛି । ଗୋବର ସାଉଁଟିବାବେଳେ ଏ ଗାଁର ଗାଈଆଳ ପିଲାମାନେ ମୋତେ 'ଗୋବର ଗୋଟେଈ, ଗୋବର ଗୋଟେଈ' ବୋଲି ଚିଡ଼ାନ୍ତି । ମୁଁ ଡରରେ ସେମାନଙ୍କୁ କିଛି କହେ ନାହିଁ । ଗରିବ ଲୋକ କାଳେ କିଛି କହିଲେ ଗାଈରଖା ବାଡ଼ିରେ ଦକାଠେ ପିଟି ଦେବେ । ସେ ଦିନ ମଧ୍ୟ ସେମିତି ମତେ 'ଗୋବର ଗୋଟେଈ, ଗୋବର ଗୋଟେଈ' କହି ପଛରେ ଗୋଡ଼େଇ ଚିଡ଼ଉଥାନ୍ତି । ସେଦିନ ମୋ କପାଳକୁ କେତେଗୁଡ଼ିଏ ବଡ଼ଘର ପିଲାଏ ଆସି ସେମାନଙ୍କୁ ଗାଳିଦେଲେ ଏବଂ ମାରିବାକୁ ବସିଲେ, କହିଲେ – କିଏ ଗୋବର ଗୋଟେଈ, କାହାକୁ ଏମିତି ଚିଡ଼ଉଛ ? ସେଠୁ ସେ ପିଲାମାନେ ଡ଼ରି ପଳାଇଗଲେ । ସେମାନେ ସମସ୍ତେ ଗଲାପରେ ମୋତେ ଡାକି ବାବୁ ପିଲାଏ ପଚାରିଲେ ତୋତେ ଏ ପିଲାଏ କାହିଁକି ଚିଡ଼ାଉ-ଥିଲେ ? ତୋର କ'ଣ କେହି ନାହାନ୍ତି ? ତୋ' ନାଁ କ'ଣ ଗୋବର ଗୋଟେଈ ? ମୁଁ ମନ ଦୁଃଖରେ କହିଲି ନାହିଁ ବାବୁ ! ମୋ ନାଁ ଗୋବର ଗୋଟେଈ କାହିଁକି ହବ, ମୁଁ ଗୋବର ସାଉଁଟି ଘଷି କରି ବିକେ ବୋଲି, ଗାଆଁରେ ମହାଜନ ପିଲାଠାରୁ ଲଗେଇ ଗାଈରଖା ଟୁଆଏ ସୁଦ୍ଧା ମୋତେ ଗୋବର ଗୋଟେଈ, ଗୋବର ଗୋଟେଈ ବୋଲି ପଛରେ ଡାକି ଦଉଡ଼ି ପଳାନ୍ତି, । ବାବୁ କହିଲେ,— "ସେମାନେ ଏପରି କରନ୍ତି, ତୁମେ ସେମାନଙ୍କୁ ଗାଳି ଦିଅ ନାହିଁ ? ତୁମକୁ କ'ଣ ଏଥିରେ ଅପମାନ ବୋଧହୁଏ ନାହିଁ ? ମୁଁ କହିଲି— ବାବୁ ଗୋବର ଗୋଟେଈଠାରି ମାନ କ'ଣ ବା ଅପମାନ କ'ଣ ?

ଗାଳି ଦେଲେ କି ମାଡ଼ ମାଇଲେ ମନା କରିବାକୁ କେହି ନାହିଁ, କାନ୍ଦିଲେ କେହି ପ୍ରବୋଧିବାକୁ ନାହିଁ, ଝରରେ ଥିଲେ କେହି ଗ୍ଲାଇକି ଡାକିବାକୁ ନାହିଁ, ବାବୁ ! ମୁଁ ପିଲାବେଳୁ ଗୋହଲାରେ ବଢ଼ିଲି । କର୍ମଦୋଷରୁ ବାପ ମା' ମୋର ମରିଗଲେ, ଧନ ଦରବ ଚୋରନେଇ ଗଲେ । ଏଇଯେଣି ଏ ଗୋବର ମୋର ପ୍ରଧାନ ଧନ । ମତେ ଗାଳି ମଧ ଦେଇ ଆସେ ନାହିଁ । ବାବୁ ଜହୁଁ ମୋତେ ପଚାରିଲେ 'ତୁମର କ'ଣ ଜମିବାଡ଼ି ଥିଲା ? ମୁଁ କହିଲି, ହଁ ଥିଲା, ଖଜଣା ନ ଦବାରୁ ଜମିଦାରମାନେ ନିଲାମ କରି ନେଇଗଲେ । ବୁଢ଼ୀମା ମୋର ସୂତା କାଟନ୍ତି, ମୁଁ ଘଷି ପାରେ । ଆମ ଘରୁ ବେପାରୀମାନେ ସୂତା କିଣି ନିଅନ୍ତି, ଘଷି କିଣି ନିଅନ୍ତି । ଆମେ ତା'ର ଲାଭରେ ଗଣ୍ଡିଏ ଖାଇପିଇ ଦୁଃଖେ କଷ୍ଟେ ଚଳୁ । ଏତିକି କହିଲି ; ମତେ ଭାରି କାନ୍ଦ ମାଡ଼ିଲା ! ତା'ଭିତରେ ଜଣେ ଅଭୟ ବାବୁ ବୋଲି ଥିଲେ । ସେ ମୋ କାନ୍ଦିବା ଦେଖି କାନ୍ଦି ପକାଇଲେ । ବୁଢ଼ୀମା'ର ହାଲ ଆମ ଅବସ୍ଥା ସବୁ ଭଲ କରି ପଚାରି ନେଲେ । ଆମକୁ କୋଡ଼ିଏ ପଚିଶ ଟଙ୍କା ସାହାଯ୍ୟ ଦେବେ ବୋଲି କହି ଯାଇ ଦିନେ ଟଙ୍କା ନେଇ ଆମ ଘରେ ପହଞ୍ଚି ଦେଇଗଲେ । ବୁଢ଼ୀମାକୁ ଓ ମତେ ତାଙ୍କ ଘରକୁ ନେବାକୁ କହୁଥିଲେ ସାଇ ଲୋକେ ଶୁଣିଲେ କାଲେ କ'ଣ କହିବେ, ସେ ଯୋଗେ ଆମେ ଗଲୁ ନାହିଁ । ମା' କହିଲେ ବାବୁ ! ଏ ଟଙ୍କା ପୁଣି କେବେ ନେବେ ? ସେ କହିଲେ ମୁଁ ଆଉ ତ ନେବି ନାହିଁ, ବାପାଙ୍କଠାରୁ ଦରିଦ୍ରଙ୍କୁ ସାହାଯ୍ୟ କରିବା ନିମନ୍ତେ ମାଗି ଆଣିଥିଲି । ସେ କୁଆଡ଼େ କଲେଜରେ ପଢ଼ନ୍ତି । ଆଉ ତ ଅନେକ ଦିନ ହେବ ଆମେ ତାଙ୍କୁ ଦେଖିବାକୁ ପାଉ ନାହୁଁ ।

ଏ ସମସ୍ତ କଥା ଶୁଣି ବାବୁ ଜାଣିଲେ ଯେ, ଏ ତ ମୋହର ପୁଅ ଅଭୟ କଥା କହୁଛନ୍ତି । ସେ ମୋଠାରୁ ସାତ ଆଠ ମାସ ତଳେ କାହାକୁ ଦବ ବୋଲି ପଚିଶଟି ଟଙ୍କା ମାଗିଆଣି ଥିଲା । କହୁଥିଲା—

ବାପା ଦେଶରେ ଯେବେ ପ୍ରତ୍ୟେକ ଜାଗାରେ ଗୋଟିଏ ଗୋଟିଏ "ପୁଅର ଘଣ୍ଟ ହୁଅନ୍ତା, ତା ହେଲେ ଗରିବ ବେକାର ଲୋକମାନେ ଅନ୍ନାଭାବ ଯୋଗୁଁ ମରି କୁଡ଼ କୁଡ଼ ଅସ୍ଥି କଙ୍କାଳରେ ଶ୍ମଶାନ ଭୂମି ପୂର୍ଣ୍ଣ କରନ୍ତେ ନାହିଁ ।" ଏତକ ମନରେ କହି ପୁଣି ବାଳିକାଟିକି ପଚାରିଲେ, "ମା ତୁ କ'ଣ ପାଠ କିଛି ପଢି ଥିଲୁ ? କେଉଁଠି ପଢିଥିଲୁ ? କ'ଣ ପଢିଛୁ ? ସଂକୋଚରେ ଅତି ମୃଦୁ ସ୍ୱରରେ ସେ କହିଲା, ହଁ କହୁଛି, ବାବା ! ମୁଁ ପାଞ୍ଚବର୍ଷ ବୟସ ବେଳେ ଜଣେ ମାଟି ବଂଶ ଅବଧାନ ପାଖେ ଆମ ଗାଁଆ ଦାଣ୍ଡ ଚୁହାଲିରେ ପଢୁଥିଲି । ଖଡ଼ୀ ପାଠ ସାତ ବରଷରେ ଶେଷ କରି ନିମ୍ନପ୍ରାଇମେରୀ ସ୍କୁଲରେ ପଢି ଦଶ ବରଷ ବେଳକୁ ଅପର ପ୍ରାଇମେରୀ ପଢିଲି । ସେଠୁ ଆଉ ଦରମା ଦେଇ ପାରିଲି ନାହିଁ । ସ୍କୁଲରୁ ମାଷ୍ଟର ନାଁ କାଟିଦେଲେ ମୋ ପଢ଼ା ସେଇଠୁ ରହିଲା । ସେଠୁ ଗୋବର ସାଉଁଟା ପେଷା ହେଲା ।" ବାବୁ ଭାବିଲେ, ଏ ବାଳିକାଟିର ଯେପରି ଜ୍ଞାନ ଦେଖୁଛି, ଅବଶ୍ୟ ଏହାକୁ କେହି ସାହାଯ୍ୟ କରିଥିଲେ ଭଲ ପଢି ଥାଆନ୍ତା । ଦରିଦ୍ରତା ପତନର ମୂଳ କାରଣ ହେଲା । ଏଖଣି ମଧ୍ୟ ପଢିବାର ସମୟ ଯାଇ ନାହିଁ । ଭଗବାନ ! ତୁମ୍ଭ ଇଚ୍ଛା ଏତକ ଭାବି ବାବୁ କନ୍ୟାଟିର ସର୍ବାଙ୍ଗ ଘନ ଘନ ନିରୀକ୍ଷଣ କରିବାକୁ ଲାଗିଲେ । ମିଶ୍ରଙ୍କର ସେ ବର୍ଷା, ଘଡ଼ ଘଡ଼ି ପବନ; ସାପ ଭୟ; କିଛି ମନେ ନାହିଁ । ଏଖଣି ସବ୍-ଡିଭିଜନ ମାଜିଷ୍ଟ୍ରେଟ ପଦ ତାଙ୍କର ଅଛି କି ନା ତା ବି ଜ୍ଞାନ ନାହିଁ । ତେଣେ ବୁଢୀ ବିଚାରୀ କାହିଁରେ ଅତିଥି ସତ୍କାର କରିବ କିଛି ଭାବି ଠିକ୍ କରି ପାରୁନାହିଁ । ବୁଢୀକି ଆଜି ବାହାଘର ଧନ୍ଦା ଲାଗିଯାଇଛି । ସତୁରି କି ଅଶୀ ବରଷର ବୁଢା ଦାନସାରା ଉପାସ, ପେଟ ଯାଇଁ ପିଠିକି ଆଶ୍ରା କଲାଣି । ଭୋକ ଶୋଷ କିଛି ସେତେବେଳେ ତାକୁ ବେକ ପାରୁ ନାହାନ୍ତି । ଦେଖିଲା, ଘରେ କୋଉଟି କିଛି ନାହିଁ, କେବଳ ଜେମା ଯେଉଁ ଗୁଡ଼ଲ ଗୁଆପଇସାର ଆଣି-

ଥିଲା, ସେ ଗଣ୍ଠିକ ସେଇଥିରୁ ବାଟରୁ ବଡ଼ୁଷ । ମନେ ପଡ଼ିଲା, ଗୋଟିଏ ବତାରେ ଶିକା ଉପରେ ଦୁଇପୋଷ ଦୁଆଁ ଗୁଣ୍ଡଳ ଥିଲା । ତାକୁ ଆଣି ବୁଢ଼ୀ ସାଥେ ସାଥେ ହାଣ୍ଡି ବସେଇ ଭାଜି ଚକରେ ପେଷି ରଖିଲା । ମିଠା ଖୋଜିଲା ବେଳେ ଦେଖେ ଯେ ଚଉତର ଶୀତଳ ଦବାକୁ ଗୁଡ଼ ପଇସାଟିକର ଆଣିଥିଲା, ତାହା ଗୋଟିଏ ଖଣ୍ଡିଆ ପଥୁରିରେ ଅଛି । ତାକୁ ସୁଆଁ ଗୁଣ୍ଡଳ ଚୂନାକୁ ପାଣି ଦେଇ ଟିକିଏ ଲୁଣଦେଇ ଚକଟି ପୀଡ଼ା ଖଣ୍ଡେ ପକେଇ ଗୋଟିଏ ଡାଲରେ ପାଣି ରଖି ବାବୁଙ୍କୁ ଡାକିବାକୁ ଯାଇ ଦେଖିଲା ଯେ ଜେମା ବାବୁଙ୍କ କୋଳରେ ବସିଛି । ଦଶରଥଙ୍କ କୋଳରେ ସୀତା ବସିଲା ପରି ବୁଢ଼ୀର ଧାରଣା ହେଲା । ବାବୁ ପଚାରିଲେ, "ମା । କୁଆଡ଼େ ?' ବୁଢ଼ୀ କହିଲା, 'ବାପା । ଆସ ଟିକିଏ ପାଣି ଖାଇ ଆସିବ ।' ସେଠୁ ଜେମାକୁ ଧେନି ବାବୁ ଯାଇ ଦେଖନ୍ତି, ବୁଢ଼ୀ ଗୋଟିଏ ଜାଗାରେ ମେଞ୍ଚିଏ ଛତୁ ଚକଟି ରଖି ପୀଡ଼ାଖଣ୍ଡେ ପକେଇ ନୋଟାରେ ଗୋଟାଏ ପାଣି ଥୋଇଛି । ବାବୁ ଏହା ଦେଖି ଆଶ୍ଚର୍ଯ୍ୟ ହୋଇ କହିଲେ,'ମା । ଏ ଛତୁ କେଉଁଠୁ ପାଇଲ ? 'ହଁ ବାବା ! ଏହା ତମ ବଡ଼ ଘରେ ଚଳି ନ ଥିବ । ଏ ଗୁଡ଼ିକ ସୁଆଁ ଘାସ ଗୁଣ୍ଡଳ, ଆମ କପାଳକୁ ଗରିବର ସୁନାଘାସ ଗୁଣ୍ଡଳ, ଇଏ ତମ ମଣିର ସ୍ୱୋପାର୍ଜିତ ।'
ବାବୁ ଏକଥା ଶୁଣିଲାମାତେ ଚମତ୍କୃତ ହୋଇ ପଚାରିଲେ 'ମା ! ଏହା କେଉଁଠି ମିଳେ ?' ବାବା ଏହାକୁ ଧାନ ବିଲରୁ ବାଛି ଚଷା-ମାନେ ବାହାର କରି ଦଅନ୍ତି । ସୁଆଁ ବୋଲି ଜାତିଏ ଘାସ ଅଛି ; ଏ ତାହାର ଫଳ । ଏହାକୁ ଦୁହିଁ ଆଣି ଶୁଖାଇ ଗରିବମାନେ ଗୁଣ୍ଡଳ କୁଟନ୍ତି । କିଛି ନ ଥିଲେ ଇଏ ଭାତ ବି ହୁଏ ।' ବୁଢ଼ୀଙ୍କଠାରୁ ଏଇଥା ଶୁଣି ସବଡିଭିଜନ ମାଜିଷ୍ଟ୍ରେଟ ବାବୁ କହିଲେ, ମା ! ଏ ବଡ ପଧିଏ ଫଳ । ଏହା ତୁମ ପୁଅ ପକ୍ଷରେ ନୂତନ ଉପାଦେୟ ଦ୍ରବ୍ୟ, ଏହାକୁ ଭାତ ରାନ୍ଧିଲ ନାହିଁ କାହିଁକି ?

ଜେମା କହିଲା, "ଆପଣ ବ୍ରାହ୍ମଣ, ଆମେ କ୍ଷତ୍ରିୟ, ଆମ ଘରେ ଆପଣ ଅନ୍ନଭୋଜନ କିପରି କରିବେ ? ଆମେ ଜାଣୁ ଜାଣୁ ଆପଣଙ୍କ ଜାତି, ଧର୍ମ ନଷ୍ଟ କରିବୁ କିପରି ? "ମା, ଭଗବାନ ସମସ୍ତଙ୍କୁ ଗୋଟିଏ ଉପାଦାନରେ ଗଢିଛନ୍ତି । ଜଣେତ ବାପ, ତା ପୁଅ ଝିଅ ଆମେ ସମସ୍ତେ । ସେଥିରେ ଜାତି, ନୀଚ ଆସିଲା କାହୁଁ ? ହଉ ଯାହା ହୋଇଛି ଏଇ ଯଥେଷ୍ଟ । ତେବେ ଏତିକି ମୋତେ କଷ୍ଟ-ବୋଧ ହେଉଛି ଯେ ମାଆ ରନ୍ଧାଭାତ ପୁଅ ଖାଇଲେ କଅଣ ଅଜାତି ହୁଏ ? ଏ ଗୋଟାଏ ନୂଆ କଥା ?" ଏତିକି କହି ସେଥିରୁ କିଛି ବୁଢ଼ୀଙ୍କ ପାଇଁ ଅଲଗା ଗୋଟିଏ ଜାଗାରେ ରଖି ଅବଶିଷ୍ଟ ଛତୁ ଗୁଡ଼ିକ ସେଇ ପଥୁରିଟିରେ ଥୋଇ ଡାକିଲେ, 'ଜେମା, ଆ ! ପିଲାଟି କିଛି ନ କହି ବୁଢ଼ୀମା ଆଡ଼କୁ ଚାହୁଁଥାଏ । ନ ଆସିଲେ ଯେ ବାବୁଙ୍କ ସ୍ନେହରେ ଆଘାତ ଲାଗୁଛି । ବୁଢ଼ୀମା ଜେମାର ମନୋଭାବ ଜାଣିପାରି କହିଲେ 'ଯା ମା, ତୋ ବାପାଙ୍କ ସଙ୍ଗରେ ବସ୍ । ଏହି ସମୟରେ ମିଶ୍ରେ ପିଲାଟିର ହାତ ଧରି ନେଇ କୋଳରେ ବସାଇ ସେଥିରୁ କିଛି ଛତୁ ଜେମା ତୁଣ୍ଡରେ ଖୁଆଇ ଦେଲେ । ଆଜି ସୁଆଁ ଗୁଡ଼ଲର ଛତୁ ବଡ଼ଦାଣ୍ଡ ମହାପ୍ରସାଦକୁ ବଳି ଯାଇଛି ।

ଭାବୁକ ପାଠକବର୍ଗ ! ଥରେ ଭାବନା କରି ଦେଖିଲ, ଏ ଯେଉଁ କ୍ଷେତ୍ରରେ ମିଳନ, ଶ୍ରୀକ୍ଷେତ୍ର ଜଗମୋହନ ପଙ୍କ୍ତିପଟେ ବାଇଶି ପାବଚ୍ଛୁ କୈବଲ୍ୟଖିଆ ମିଳନ ନୁହେଁ କି ? ସେହି ଛତୁଟିକ ଦେଲାବେଳେ ବାବୁ କହିଲେ, "ଜେମା, ତୁମେ ମୋର ଧର୍ମତଃ ଝିଅ !" ଜେମା ବାବୁଙ୍କ ତୁଣ୍ଡରେ ଟିକିଏ ଖୁଆଇ ଡାକିଲା, 'ବାବା ! ବାବୁ ଉତ୍ତର ଦେଲେ 'ହଉ' । ବୁଢ଼ୀ ଥାଇ କହିଲେ "ଜଗୁ ତୁ ଆଜି ମୋର ପୁଅ ହେଲୁ ।' ମିଶ୍ରେ କହିଲେ, "ମୁଁ ପରା ସେ କଥା ପଚାରିବାପାଇଁ କହୁଛି, ତୁମ ମୋ'ର ମା ।" ପାଠକେ, ସେତେବେଳର ଯେଉଁ

ସ୍ୱର୍ଗୀୟ ଆନନ୍ଦ, ତାହା ଜଗତରେ କେତେଜଣ ଅନୁଭବ କରି ପାରନ୍ତି । ସେତେବେଳେ ଯେଉଁ ଗଭୀର ସ୍ନେହ-ସମୁଦ୍ରର ଢେଉ ତିନିଜଣଙ୍କ ହୃଦୟତନ୍ତ୍ରୀ ଭେଦ ଊର୍ଦ୍ଧ୍ୱକୁ ଉତ୍ଥିତ ହେଉଥାଏ, ତାହା ମହୋଦଧିର ଲହରୀମାଳା ଠାରୁ ସହସ୍ର ଗୁଣ ଉଚ୍ଚ କହିଲେ ଅତ୍ୟୁକ୍ତି ହେବ ନାହିଁ । ଖାଇଲାବେଳେ ବୁଢ଼ୀ କହିଲା, "ବାପା ! ଗୋଟିଏ ଦିନର ଘଟଣା ଏହିପରି ଘଟିଥିଲା । ତୋ'ରି ପରି ଅବିକଳ ସେ ପିଲାଟି ସେ କେମିତି ବଳରେ କେଉଁଠି ମୋ'ର ଅବସ୍ଥା ଶୁଣି ପଚିଶିଟି ଟଙ୍କା ଆଣି ମୋ ପାଖରେ ପହିଁ ଗଣି ଦେଇ ମୋର ମହତ ରଖିଗଲା । ଟପଟିତ କହିଲା, ମୁହଁରେ ପାଣି ଟିକିଏ ଦେଲା ନାହିଁ । ପୁଣି ଆଜିର ଆମ ଦି'ଜଣଙ୍କୁ ତାଙ୍କ ଘରକୁ ନବାକୁ ବସିଥିଲା । ମୁଁ ବୃଦ୍ଧାକୁଣୀ ସିନା ଗଲି ନାହିଁ, ଯାଇଥିଲେ ନିଶ୍ଚେ ଆଉ କିଛି ଟଙ୍କା, କେମିତି ଲୁଗାପଟା ଖଣ୍ଡେ ଦେଇ ଥାଆନ୍ତା । ବାପା ଏ ବିଷମ ବିଷମୟ ସଂସାର ହାଣ୍ଡିରେ କୋଉଠି ଏପରି କଣିକା କଣିକା ଅମୃତ ଘୋଡ଼େଇ ଭଗବାନ ରଖିଛନ୍ତି କେଜାଣି ?" ବାବୁ ଭାବିଲେ ନା, ଆଉ ଏଠାରେ କିଛି ଗୋପନ କଲେ ଏଣିକି ମୋତେ ପାପ-ଭାଗୀ ହେବାକୁ ହେବ । ଭାଗବତରେ ମହାତ୍ମା ଜଗନ୍ନାଥ ଦାସ ଲେଖି ଯାଇଛନ୍ତି—

> ଆତ୍ମାକୁ ଆତ୍ମା ଯେବେ ସ୍ମରେ,
> ପରମାନନ୍ଦରେ ବିହରେ ।"

ଏଠାରେତ ଆଉ କିଛି ପ୍ରଭେଦ ନାହିଁ । ତେବେ କାହିଁକି କଥା-ଟାକୁ ଏତେ ଘୋଡ଼େଇ ଗଣ୍ଠିଧନ କରି ରଖିବି ? ଏହା ମନେ ମନେ ଚିନ୍ତା କରି ମିଶ୍ରେ କହି ପକାଇଲେ, "ମାଆ, ସେ ମୋର ଏକମାତ୍ର ମାତୃହୀନ ପୁତ୍ର ଅଭୟ । ତାହାକୁ ଦେବା ପାଇଁ ପଚିଶିଟି ଟଙ୍କା ମୋ ଠାରୁ ମାଗି ଆଣିଥିଲା, ଗୋଟିଏ ନିରାଶ୍ରୟାକୁ ସାହାଯ୍ୟ

ାରିବ ବୋଲି ।' ଏହା ଶୁଣିଲା ମାତ୍ରେ ବୃଦ୍ଧା କହି ପକାଇଲା
'ବାପା ସେ ତୋର ପୁଅ ? ଏ ବୁଢ଼ୀର ଆୟୂଷ ନେଇ ବଞ୍ଚି ଜଗତରେ
ଅମର ପର ଶତ ଶତ ଗରିବ ଦୁଃଖୀଙ୍କ ଦୁଃଖ ହରଣ କରୁ । ମୁଁ
ଏତେବେଳେ ସିନା ଭାବୁଛି । ମଞ୍ଜି ଯେମିତ, ତାର ଗଛ ସିନା
ସେମିତ ହେବ । ମଧୁର ତରଡ଼ା ମଞ୍ଜିରୁ ପିତା ତରଡ଼ା ଫଳିବ
କାହୁଁ ? ଯାହାର ବାପ ଯେପରି, ତାହାର ପୁଅ ନିଶ୍ଚୟ ସେହିପରି
ହେବ । ଆହା ! କେଡ଼େ ଦୟାଳୁ । କେଡ଼େ ସରଳ କେମିତି
କଅଁଳ କଥା । ହଉ ବାପ, ହାତ ଧୋଇ ବାପ ଦିଅ ଏଇଠି ଟିକିଏ
ବସ, ମୁଁ ସେ ପଦା ଗୁଡ଼ିକ ଗଣ୍ଡିକ ସିଝେଇ ଆଣେ । ତୁଣ ତର-
କାରି ତ କିଛି ନାହିଁ, ଖଣ୍ଡେ ପାଚିଲା କଖାରୁ ସାମଲ ଘର ବୁଢ଼ୀ
ଦେଇ ଯାଇଥିଲେ । ତାକୁ ଲୁଣ ଟିକିଏ ପକେଇ ଫୁଟେଣି ଧଟା
ଫୁଟେଇ ସନ୍ତୁଳା ଦେବ । ବିଦୁର ଘରେ ଶ୍ରୀକୃଷ୍ଣ ଶାଗଭାତ ଖାଇ-
ଥିଲେ । ତୁ ହାକିମ ପୁଅ ଆଜି ମୋ କପାଳକୁ ଦୁଃଖିମା ଗୋବର
ଗୋଟେଇ ଘରେ ଅତିଥି । ଏତିକି କହି ବୁଢ଼ୀ ରାନ୍ଧିବାକୁ ଗଲା ।
ବାବୁ ଦିଅଟିକି ଧୋଇ ଏଣେ ପୁର୍ବାପର ତାଙ୍କ ଘର ଘଟଣା ସବୁ
ଭାବିବାରେ ଲାଗିଲେ । ଶେଷେଇ ସରିଲା, ତିନିଜଣଯାକ ଖାଇବାକୁ
ବାହାରିଲେ । ତିନିଖଣ୍ଡି କଦଳୀପତ୍ର ବୁଢ଼ୀ ଡରି ଡରି ଅନ୍ଧାରରେ
ବାଡ଼ି ଭିତରୁ ଆଣି ଜାଗା କରି ପୀଢ଼ା ଖଣ୍ଡେ ପକାଇ ଦୁଇଖଣ୍ଡି
ପତ୍ରରେ ବାଢ଼ି ମିଶ୍ରଙ୍କୁ ଡାକିବାକୁ ଗଲା । ସେ ଆସି ଦେଖିଲେ,
ଦୁଇଖଣ୍ଡି ପତ୍ର ଦୁଇଟି ଜାଗାରେ ପଡ଼ିଛି । ବାବୁ କହିଲେ; 'ମା
ଖଣ୍ଡେ ପତ୍ରରେ ତୁମେ ବସ, ଆଉ ଖଣ୍ଡିକରେ ମଣି ଓ ମୁଁ ବସିବୁ ।"
ଶେଷେ ବୁଢ଼ୀ ନାରାଜ ହେଉଥିଲେ; ବାବୁ ଅନୁରୋଧ ମାନି ପୁଣି
ସେ ପତ୍ର ଖଣ୍ଡିକରେ ନିଜର ଭାତ ବାଢ଼ିଲେ ।

ଦେଖ ପାଠକେ ! ଯେଉଁ ବଡ଼ଲୋକମାନେ ଧନ ଗର୍ବରେ ଭୂଇଁରେ
ଚାଲନ୍ତି ନାହିଁ, ଯେଉଁ ସରକାରୀ ହାକିମ ଚାକରମାନେ 'ଆମେ

ବଡ଼ଲୋକ' ବୋଲି ରୁପା ଥାଳରେ ଭୋଜନ କରନ୍ତି, ସାତ ତିଅଣ ନଅ ଭଜା ହେଲେ ସେଠାକୁ ଯାଆନ୍ତି, ସେହି ଶ୍ରେଣୀର ଅ… ଜଣେ ସବ୍‌ଡ଼ିଭିଜନ ମାଜିଷ୍ଟ୍ରେଟ୍ ସେହି ଗର୍ବ ଓ ଅଭିମାନର ସମ୍ପୂର୍ଣ୍ଣ ବିରୁଦ୍ଧରେ । ଉଚ୍ଚ ପଦକୁ ତୁଚ୍ଛ ଜ୍ଞାନ କରି 'ଆମେ ବଡ଼' ଏହି ଅହଙ୍କାରର ମୁଣ୍ଡରେ ସହସ୍ରବାର ପଦାଘାତ କରି କି ଉଦାରନୀତି ଜଗତକୁ ଶିକ୍ଷା ଦେବାକୁ ଯାଉଛନ୍ତି । ପାଠକେ ! ଏ ପଦକ କଅଣ ତୁମ କାନରେ କେବେ ପଡ଼ି ନାହିଁ ? ଜଣେ ଉଦାର କବି ଲେଖିଅଛନ୍ତି—

"କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଠୁ,
କି ଦେଖି ଯିବୁ ତୋର ଛୁଟିଲେ ଘଣ୍ଟ" ।

ଜେମା ବାବୁଙ୍କ ସାଙ୍ଗରେ ଖାଇ ବସିଲା । ବୁଢ଼ୀ ମଧ୍ୟ ଟିକିଏ ଦୂର-ଛଡ଼ା ହୋଇ ବସିଲେ । କଖାରୁ ସନ୍ତୁଳା, ବଗଡ଼ା ମୋଟା ଚାଉଳ ଗୁଣ୍ଡଲର ଭାତ, ସେ ପୁଣି କି ଆନନ୍ଦ କି ତୃପ୍ତିକର, କି ଉପାଦେୟ ଭୋଜ୍ୟ ବସ୍ତୁ ହୋଇଅଛି । ବାବୁ ସେହି ଖାଦ୍ୟକୁ ଅମର ସୁଲଭ ସୁଧା ମନେ କରି ଆନନ୍ଦରେ ଆହାର କରି କହିଲେ, "ମା… ଅଭସୂର ମାଆ ମଲାଦିନୁ ମୁଁ ଆଉ ସ୍ତ୍ରୀ ରନ୍ଧା କେବେ ଖା… ନାହିଁ । ଆଜି ଏତେଦିନ ପରେ ପୁଣି ନିଜ ମାଆ ହାତ… ଖାଇଲି । ଆହା ! ସତେ ଯେମିତି ମୁଁ ଆଜି ମୋର କନ… ସୁରମା, ସାଙ୍ଗ ହୋଇ ଖାଉଛି ।"

ଏ କଥା ଶୁଣି ବୁଢ଼ୀ କହିଲେ "ଜଗୁ ! ତୁ ହାକିମ ତୋ କୁକୁ… ଯାହା ନିତ ଖାଏ, ତାହା ବି ମତେ ମିଳେ ନାହିଁ । ଏ କଖାରୁ ସନ୍ତୁଳା ମୋଟା ଅକାଣ୍ଡିଆ ଗୁଣ୍ଡଲର ଭାତ ତତେ ଭଲ ଲାଗିଲା । ଘରେ ଥା… ଖଣ୍ଡେ ସୁଦ୍ଧା ନାହିଁ, ପତରରେ ତୋତେ ଖାଇବାକୁ ଦେଲି ତୋ ପରି ବଡ଼ଘର ପୁଅ ମୋ ଖଣ୍ଡିଆ କୁଡ଼ିଆରେ ପହଞ୍ଚି ଏ …

ଦେଖାଇଲୁ । ତୋ ପାଦ ଏ ଅଭାଗିନୀ ଦରିଦ୍ରାଣୀ କୁଡ଼ିଆରେ ପଡ଼ିଲା । କେଜାଣି ମୁଁ ପୂର୍ବଜନ୍ମରେ କେତେକାଳ ତପ କରି କେତେ ପୁଣ୍ୟ ଅର୍ଜନ କରିଥିଲି ବୋଲି ଏ ଜନ୍ମରେ ତାହାର ଫଳ ଧରି ମୋ ଭାଗ୍ୟ ଗଛରେ ଫଳିଲା ।"

ଧନ୍ୟ ଦରିଦ୍ର ! ଧନ୍ୟ ତୋର ଉଦାରତା ! ଧନ୍ୟ ତୋର ସରଳ ବ୍ୟବହାର ! କିଏ କହେ ଦରିଦ୍ର କୁଟୀରରେ ଶାନ୍ତି ନାହିଁ ବୋଲି । ଅତିଥି ପୂଜା, ବିନମ୍ର ବଚନ, ମହତ୍ତ୍ୱର ଜ୍ୱଳନ୍ତ ଆଦର୍ଶ, ପବିତ୍ରତା ଏ ସମସ୍ତ ସଦ୍‌ଗୁଣ ଯାହାର ହୃଦୟରେ ସର୍ବଦା ବିରାଜିତ, ସମାଜରେ ତା'ର ଆସନ ପୁଣି ଏତେ ତଳେ । ଦାରିଦ୍ର୍ୟ, ଦାରିଦ୍ର୍ୟ ତୁ ମନେମନେ ସେଥିପାଇଁ ଦୁଃଖିତ ହେବୁନାହିଁ । ଆଖି ଫିଟାଇ ଥରେ ଦେଖ୍ ତୋ ନିକଟରେ ଆଉ କିଏ ? ନୋହିଲେ ଭଗବାନ ଶ୍ରୀକୃଷ୍ଣ, ଯାହାଙ୍କର ଗୃହିଣୀ ସ୍ୱୟଂ କମଳା ଛପନକୋଟି ଜୀବର ପଡ଼ିଦାସୀ ଯାହାଙ୍କର ଭୃତ୍ୟ ପୁଣି ଧନପତି କୁବେର, ସେ ପୁଣି ତୋର ବନ୍ଧୁ ହୋଇ ଆନନ୍ଦରେ ଦୀନବନ୍ଧୁ ନାମଟିକୁ ବହନ କରି ଥାଆନ୍ତେ ? ଜଗତରେ ଯଦି ରାଜ-ପଦରେ ସୁଖ ଥାଆନ୍ତା, ଶାନ୍ତି ଥାଆନ୍ତା ତେବେ ମହାତ୍ମା ବୁଦ୍ଧଦେବ କପିଳବାସ୍ତୁ ପରି ରାଜ୍ୟ ଓ ରାଜବିଭବ ତ୍ୟାଗକରି ଦିଗମ୍ବର ହୋଇ ଜଗତକୁ "ଅହିଂସା ପରମୋ ଧର୍ମଃ" ଏହି ନୀତି ଶିକ୍ଷା ଦେଇ ନ ଥାନ୍ତେ । ବିଶ୍ୱାମିତ୍ରଙ୍କ ପରି ରାଜା ସେ ରାଜପଦକୁ ତୁଚ୍ଛଜ୍ଞାନ କରି ବନରେ ମୁନିମାନଙ୍କ ସହିତ ବାସକରି ଜଟା ବିଭୂତି ଧାରଣ ପୂର୍ବକ ତପସ୍ୟାରତ ହୋଇ ସେହି ତପଃପ୍ରଭାବରେ ସମସ୍ତ ଜଗତକୁ ଚମତ୍କୃତ କରି ନ ଥାନ୍ତେ । ଯେତେଦିନ ଜାତ୍ୟାଭିମାନ ଲୋକଙ୍କ ହୃଦୟ କନ୍ଦରରୁ ତିରୋହିତ ନ ହେବ, ଆବ୍ରାହ୍ମଣଚଣ୍ଡାଳ ଏକାସନରେ ଉପବେଶ ନ କରିବେ, ସେତେଦିନ ଯାଏ ଏ ଜନ୍ମଭୂମି ଉତ୍କଳ ଉପଲ ଖଣ୍ଡରେ ପରିଣତ ହୋଇଅଛି ବୋଲି ଜାଣିବ । ଏଥିର ଅଣୁମାତ୍ର ସନ୍ଦେହ ନାହିଁ ।

ତିନିଜଣଙ୍କ ଖିଆପିଆ ସରିଲା । ମିଶ୍ରେ ଜେମାଙ୍କୁ ଘେନି ପୂର୍ବ ଆସନରେ ବସିଲେ । ବୁଢ଼ୀ ପଟ ଉଠାଇ ସ୍ଥାନକୁ ସଫାକରି ନେଇଯାଇ ଡାକିଲେ, "ବାପା ! କେଉଁଠି ଶୋଇବୁ ? ତୁ ତ ଖଟ ବିଛଣାରେ ଶୋଇବା ଲୋକ, ମୋ ଓଦା କୁଡ଼ିଆରେ ଛିଣ୍ଡା ଚଟେଇ ଉପରେ କିମିତି ଶୋଇବୁ ? ତତେ ନିଦ ହେବ ?" ବାବୁ କହିଲେ "ମାଆ, ଖଟ ଥିଲେ ତ ମୁଁ ଶୁଅନ୍ତି ନାହିଁ । ତୁମେ ଅଶୀବର୍ଷର ବୁଢ଼ୀ ହୋଇ ତଳେ ଶୋଇବ; ଦଶବର୍ଷର ବାଳିକା ବି ତଳେ ଶୋଇବ, ଆଉ ମୁଁ ଉପରେ ଶୋଇବି । ଏହା କଅଣ ମୋର ଉଚିତ ବିଚାର ହେଉଛି ମାଆ । ଖଣ୍ଡିଏ ଚଟେଇରେ ଆଈ ନାତୁଣୀ ଦୁହେଁ ଶୁଅ । ମୁଁ ଖଣ୍ଡେ ଚଟେଇରେ ଶୋଇବି" ଏହିପରି ସମସ୍ତେ ନିଦରେ ଶୋଇଲେ । ଅନନ୍ତ ଶୟନରେ ଭଗବାନ୍ ଶ୍ରୀକୃଷ୍ଣ ଯେମିତ ଶାନ୍ତିରେ ନିଦ୍ରିତ ଥିଲେ, ଆଜି ସେହିପରି ମିଶ୍ରେ ତତୋଽଧିକ ସୁଖରେ ନିଦ୍ରାରେ ଅଭିଭୂତ ହୋଇଅଛନ୍ତି ।

ରାତି ପାହିଲା । ପୂର୍ବ ଆକାଶରେ ଆରକ୍ତ ବସନ ପରିଧାନ କରି ଉଷାରାଣୀ ଜଗତରେ ରାଜତ୍ୱ ବିସ୍ତାର କରିବାକୁ ଆଗମନ କଲା । ପକ୍ଷୀକୁଳ କାକଳୀରେ ଗ୍ରାମପ୍ରାନ୍ତର ନିନାଦିତ । ମୃଦୁ ମଧୁରସମୀରଣ ବହି ଉପବନରୁ ନାନାଧି ପୁଷ୍ପସୁଗନ୍ଧ ବହି ଆଣି ଧରାପୃଷ୍ଠରେ ରେଣୁ ସହ ବୁଣି ଦେଉଅଛି । ମିଶ୍ରେ ଶଯ୍ୟା ତ୍ୟାଗକରି ଜେମାକୁ ଡାକିଲେ "ଜେମା, ଉଠ ରାତି ପାହିଲାଣି ।" ସେତେବେଳକୁ ବୁଢ଼ୀ ଉଠି ଢାଳେ ପାଣି ଆଣି ଦରଜା ମୁହଁରେ ଥୋଇ ଦେଇ ଏକ ଦିଗରେ ଛିଡ଼ା ହୋଇଥାଏ । ଜେମା ବାବୁଙ୍କ ଡାକ ଶୁଣିଲା କ୍ଷଣି 'ବାବା' ବୋଲି କହି ଶେଯରୁ ଉଠି ଛିଡ଼ା ହେଲା । ବାବୁ ଦେଖିଲେ ତାଙ୍କର

ପୋଷାକ ସବୁ ଟଙ୍ଗା ହୋଇ ଶୁଖିଯାଇଛି । ତାହା ପିନ୍ଧି ମଠରୁ ମଣିଙ୍କ ସଙ୍ଗରେ ଯାଇ ସେହି ଛୋଟ ନିକଟରେ ସାପଥିବା ଗଛ ମୂଳକୁ ଯାଇ ଦେଖିଲେ ଯେ ସାପଟି ମରିଯାଇଛି । ଲୋକଦ୍ୱାରା ଗଛ କଟାଇ ସାପର ମଣିକୁ ଆଣି ନିଜ ପକେଟରେ ପୁରାଇଲେ । ସାପଟାକୁ ସାଙ୍ଗେ ସାଥେ କେତେକ ଲୋକଙ୍କଦ୍ୱାରା କଟକ କଚେରିକୁ ପଠାଇ ଦେଲେ । ଟେମାକୁ ନେଇ ବୁଢ଼ୀ ମାଆ ପାଖରେ ଜମା କରି ଗତ ଘଟଣାମାନ ବୁଢ଼ୀ ଆଗରେ ସମସ୍ତ ଜଣାଇ ନିଜ ଗ୍ରାମକୁ ବାହାରିଲେ । ବୁଢ଼ୀ ବିଚାରି ବାବୁଙ୍କ ଯିବା ସମୟରେ କାନ୍ଦି ପକାଇଲା । ବାବୁ ପ୍ରବୋଧ ଦେଇ କହିଲେ, 'ମାଆ କାନ୍ଦ ନା, ମୁଁ ତୁମ ଖବର ନେଉଥିବି' । ମଣି କହିଲା, "ବାବା ! ଅଭୟ ଭାଇ ଆଉ ଆପଣ କ'ଣ ଆମ ଘରକୁ ଆସିବେ ନାହିଁ ? ହଁ, ମୁଁ ଆସିବି, ଅଭୟ ଆସିବ' । ଏହା କହି ପାଞ୍ଚଖଣ୍ଡି ଦଶଟଙ୍କିଆ ନୋଟ ଟେମାହାତରେ ଦେଇ କହିଲେ 'ମା ! ଏହା ମୁଁ ତୁମକୁ ଦେଇଯାଉଛି, ତୁମେ ଏହାକୁ ଖରଚ କରି ଖିଆ-ପିଆ କର । ଫେର ମୁଁ ଆଉ କିଛି ଦେବି । ପୂର୍ବରୁ ମୁଁ ଏପରି ଅବସ୍ଥା ତମର ଜାଣିଥିଲେ ଏ ଅମ୍ଳାନ କୁସୁମ କଳିକାଟି ଅଜ୍ଞ କ୍ଷୁଧା ତପନ ତାପରେ ମ୍ଳାନ ଭଗ୍ନ ନ ଥାନ୍ତା । ବାବୁ ଏତିକି କହି ମଣିକୁ ଟିକିଏ ପାଖାକୁ ଆଣି ତାର ମସ୍ତକ ଚୁମ୍ବନ କରି ବିଦାୟ ନେଲେ । ପିଲାଟି ନୀରଭରା ନୟନ ଦୁଇଟିରେ ବାବୁଙ୍କ ଆଡ଼କୁ ବରାବର ଚାହିଁ ରହିଥାଏ । ବାବୁଙ୍କ ସଙ୍ଗରେ ଅନେକ ଲୋକ ମଧ୍ୟ ଚାଲି ଥାଆନ୍ତି । କିଛିଦୂର ଯାଇ ବାବୁ ପଛକୁ ଚାହିଁଲେ, ବାଳକାଟିର ଦୁଃଖବୋଲା ଚନ୍ଦ୍ର ମୁଖଟି ଦିଶିଲା ନାହିଁ । ବାଳିକା ମଧ୍ୟ ବାବୁଙ୍କୁ ଦେଖି ନ ପାରି ଘରକୁ ଫେରିଗଲା । ବୁଢ଼ୀ ବିଚାରି କେତେ କ'ଣ ବାବୁଙ୍କୁ ତାର ଦୁଃଖ କହିବ ବୋଲି ମନରେ ଭାବିଥିଲା, କିନ୍ତୁ ବିବେକ ନିମିଷକ ପାଇଁ ସେ ସମସ୍ତ ମନରୁ କେଉଁଠି ହରି ନେଇ ଗଲା । ଘରେ ପହଞ୍ଚି ବୁଢ଼ୀମା ନାତୁଣୀ ଦୁହେଁ ବାବୁଙ୍କର ସୁଗୁଣ କଥାଭାଷା ହେଲେ । ମଣି

କହିଲ ମା ! କେତେ ବଡ଼ହାକିମ, କେତେଗୁଡ଼ାଏ ଟଙ୍କା ଦରମା ପାଇ ତାଙ୍କଠାରେ ଟିକିଏ ଗର୍ବ ନାହିଁ; ଏ ପାଞ୍ଚ ଟଙ୍କିଆ ପାଇବା ଚାକରଙ୍କ ତେଜ ଓ କଥା ଶୁଣିଲେ ତ ମଣିଷର ରକ୍ତପାଣି ହୋଇ ଯାଏ । ଏ ଛୋଟ ପାହିଆଙ୍କ ଫୁଟାଣି ପୁଣି ଦୁନିଆଛଡ଼ା । ବୁଢ଼ୀ କହିଲେ, ମା ! ତୁ ଜାଣୁ ନା, ଅଳପ ପାଣି ମାଠିଆରେ ଥିଲେ ଟକ ଟକ ବାଜେ, ପୂର୍ଣ୍ଣ ମାଠିଆ କ'ଣ କେବେ ବାଜେ ? ପ୍ରକୃତରେ ଏହିପରି ଲୋକଙ୍କୁ କହନ୍ତି ବଡ଼ଲୋକ । ଯେ ଗରିବଙ୍କୁ ନ ଚିହ୍ନିଲା, ଗରିବର କଥା ନ ଶୁଣିଲା ସେ କ'ଣ ସଂସାର ଦୃଷ୍ଟିରେ କେବେ ବଡ଼ ହେଲାଣି ?

ସେଦିନ ବୁଢ଼ୀମା ନାତୁଣୀ ଦୁହିଁଙ୍କ ଆନନ୍ଦ ଭେଳାଟି ଆଶ୍ର ପାଖରେ ସତେ ଯେମିତି ଅଟକି ଯାଉଛି । 'ନ ସ୍ୱୋ ବର୍ଷଶତଂ' ଏହି ଶ୍ଳୋକଟି ତା'ର ପରିଚୟ ଛନ୍ଦେ ଛନ୍ଦେ ଦେଉଛି । ଯାହାର କିଛି ନାହିଁ, ସେ ଯେ ଏକାବେଳକେ ଅର୍ଦ୍ଧଶତ ମୁଦ୍ରା ପାଇଲା, ଏଇତ ତା ପକ୍ଷରେ ଅଳ୍ପ ନୁହେଁ । କେବଳ ଜଗତ ବାବୁଙ୍କ ବିଚ୍ଛେଦ ମଧ୍ୟେ ମଧ୍ୟେ ଉଭୟଙ୍କ ମନଟିକୁ ସମୟ ସମୟରେ ଉପରୋକ୍ତ ଭାବଟିକୁ ବଦଳାଇ ଦିଏ । କେତେ କଥା ବାଣ୍ଟି କରି ବୁଢ଼ୀମା ନାତୁଣୀ ଦୁହେଁ ଗାଧୋଇ ଗଲେ । ଫେରି ଆସି ବୁଢ଼ୀ ଦେଖିଲା ଯେ ଅଳ୍ପ କିଛି ଭାତ ହାଣ୍ଡିରେ ପଖାଳ ହୋଇଛି । ସେତକ ବାଢି ଗୁଣ୍ଡିଏ ଗୁଣ୍ଡିଏ ଖାଇ ମୁଢ଼ିଏ ମୁଢ଼ିଏ ତୋରାଣୀ ପିଇ ଘର କାମରେ ଲାଗିଲେ ।

ସେଦିନ ସେ ଗ୍ରାମଯାକ ଘରେ ଘରେ ଖବର ହୋଇଗଲା ଯେ, କାଲି ସବ୍‌ଡିଭିଜନ ମାଜିଷ୍ଟ୍ରେଟ ଆସି ଗୋବର ଗୋଟେଇ ଘରେ ଥିଲେ । ସେ କହିଲା ଏ କହିଲା, ସବୁରି ମୁହଁରେ ଏକା କଥା । କିଏ କହିଲା' କାଲି ବୁଢ଼ୀ କିଛି ଧନ ପାଇଥିବ । ଏଡ଼େ ବଡ଼ଲୋକ ଯେତେବେଳେ ଘରେ ଥିଲେ, ସେ କ'ଣ କିଛି ନଦେଇ ଯାଇଥିବେ ? କିଏ କହିଲା—ଦିଅ ସେଥିରେ କେଇଟା ଦିନ ଯିବ । ପୁଣି ଯୋଉ

ଗୋବରଗୋଣ୍ଠା ସେଇ ଗୋବରଗୋଣ୍ଠା,କିଏ କହୁଛି,କେତେବେଳେ ଅଇଲେ କେହି ଆମେ ଦେଖି ପାରିଲେ ନାହିଁ । କିଏ କହୁଥାଏ, ସେ ତ ଗ୍ରେଷ୍ଟଗସ୍ତ କରନ୍ତୁ, କାହାକୁ ସେ କାହିଁକି ଜଣେଇବେ । ଅଜଣା ଅଶୁଣା ଜାଗାରେ ଚୁପ୍‌ଚୁପ୍ ହୋଇ ରହିଗଲେ । କିଏ କହୁଥାଏ କାଲି ଅନେକ ଗାଆଁର ଭଲମନ୍ଦ କଥା ବୁଢ଼ୀଠଉଁ ଫୁସୁଲି ଫସୁଲି କରି ଟିପି ଟାପି କରି ନେଇଥିବେ । ଜଣେ କହିଲା ମୁଁ ଦେଖିଥିଲେ ଆଗେ ଧଡ଼ି ମଲିକ ଚୌକିଦାର ନାମରେ କିଛି କହୁଥାନ୍ତି । ସେ ରାତଯାକ ତା ଘରେ ଶୋଇ ତା ପୁଅ ଭାଇଯାଙ୍କୁ ଜଗିବ, ଆମେ ଗ୍ରାମଯାକ ଚୌକିଦାରୀ ଟ୍ୟାକ୍ସ ଦେବୁ । ଏଗାର ନମ୍ବର ଦଫାଦାର ଗୋକୁଳ ମହାନ୍ତି, ଦିନେ ସେ ଖବର ନେବେ ନାହିଁ । ଓଃ ଯୋଉଁ ଦାଉଣ୍ଠା ବଗିଡ଼ି ଗଲାରେ ଭାଇ । ଏହିପରି ଅନେକ ଜାଗାରେ ଅନେକ ଗପ ପଡ଼ିଲା । ଯେଉଁମାନଙ୍କ ଘରେ କିଛି ଖରାପ କାରବାର ଥାଏ, ସେମାନଙ୍କର ଛାତି ଥରିଲା । ଏଣିକି ଆଉ ଗୋବର ଗୋଟେଇକି ଗୋବର ଗୋଟେଇ ବୋଲି ଡାକିବାକୁ କେହି ସାହସ କଲେ ନାହିଁ । ପାଠକେ ! ଏହି କଥାଟି ଏହିଠାରୁ ଥାଉ, କିଛି ସମୟ ପରେ ପୁଣି ତା ବିଷୟ ନେଇ ଆପଣମାନଙ୍କ ଆଖି ଆଗରେ ଲେଖକ ଛିଡ଼ା ହେବ ।

ବୁଢ଼ୀମା ଓ ନାତୁଣୀର ସେ ଦିନଟି କେବଳ ମିଶ୍ରଙ୍କ କଥା ଜପାମାଳି ହୋଇଛି । ହଠାତ୍ ଜେମାର ମନେ ପଡ଼ିଗଲା, ମା ! ଢଙ୍କିବାଲି ବନା ବେହେରା କ'ଣ ଆଜି ଆସିବ ନାହିଁ ? ତା'ର ଆସିବା ବେଳ କ'ଣ ଗଡ଼ିଗଲାଣି ? ବୁଢ଼ୀ କହିଲା, ଅଲୋ ! ଏ ଗାଆଁରେ ଦେଖୁଚୁ ଶାଗଖିଆକୁ ପେଜଖିଆ ଦେଖି ପାରୁନାହିଁ । କିଏ ଯେବେ କହି ଦେଇଥିବ ତାକୁ ତାଙ୍କ ଘରେ ହାକିମ ଅଛନ୍ତି, ସେ ତ ମାଇଚିଆ ମଣିଷ, ଭାରି ଡରୁଆ, କାଳେ ଡରିଯାଇ ଆସି ନଥିବ । ଏହି କଥା ଚିନ୍ତରେ ଅଛୁ, ଦାଣ୍ଡରୁ ପାଟି ଶୁଣିଲା, ବୁଢ଼ୀମା ! ବୁଢ଼ୀମା ! କ'ଣ

ଘରେ ଜେମା ନାହାଁନ୍ତି ଗୋ ? ହଠାତ୍ ବୁଢ଼ୀ ତା'ର ପାଟି ଦ୍ୱାର ଅଧ କବାଟ ଫିଟେଇ ଦେଇ କହିଲା, ଏ ବନ କିଏରେ ? ଗାଉଁପଣା ଅନେକ ଦିନ ଜାଣିବ, ସେ କଥା ଏହିକ୍ଷଣି ପଡ଼ିଥିଲା । ବନା କହିଲା, ହୁଁ ମ, ବନା ଅନେକ ଦିନ ନବଅଁଲେ ସେ ଘଷିଯାକ ନେଇ ପଇସା ଦବ କିଏ ମ ? କେତେ ଅଛି ଅଣେ ଲୋ, ମୁଁ ନେଇଯାଏ । ସେତେଣେ ମୋ ଦୁଆରେ ଜାଲ ପାଇଁ ମାହାନ୍ତିଆଣୀ ସଣ୍ଡ୍ରପାକ ମୁଣ୍ଡ ଗଡ଼ାଉଥିବେ. ଆସ୍ଥ ବେପାର କଲି 'ମତେ ଘଷି ଦେ ଦେ' ବୋଲି ହରଦମ ସବା ଝାଉଁଏ ଉଚ୍ଛୁନ୍ନ କଲେ ।

ବୁଢ଼ୀ ଜେମାକୁ ଡାକିଲା; ଜେମା ଆଣିବୁଟି ଗୁର କୋଡ଼ିକିଆ ଗୁଣ ଟଙ୍କା ଘଷି, ସେ ଲଣ୍ଠାରେ ଗଣିତ ହୋଇ ରହିଛି । ଜେମା ବୋହିଆଣି ଥୋଇଦେଲା । ଷୋଳକୋଡ଼ି ଘଷିକି ଷୋଳ ପଇସା ଗଣିଦେଇ ବନା କହିଲା, ଆଉ ନାହିଁତ ? ଜେମା କହିଲା 'ଆଉ ନାହିଁ । ତେବେ ମୁଁ ଯାଉଛି' କହି ବନା ଉଠି ଘଷିତକ ଟୋକେ-ଇରେ ପୁରେଇ ମୁଣ୍ଡେଇଲା ବେଳେ ଜେମା କହିଲା ହେ ବନାଭାଇ, କୋଉଠି ଏ ଦଶ ଠଙ୍କିଆ ନୋଟଖଣ୍ଡିକ ଭଙ୍ଗେଇ ଦିଅନ୍ତୁ କି ? ମକଦ୍ଦମ ଘର ଗୁରଠଙ୍କା ଖଜଣା ହେଲା, ତାଙ୍କୁ ଦେଲେ ଆମ ଦାଙ୍କ ଘୁଞ୍ଚ ଯାଆନ୍ତା । ଏ କଥା ଶୁଣି ବନା ମାଇଚଆର ପିଲେଇ ପାଣି । ବନା କହିଲା, ଲୋ ଭଉଣୀ ! ତୁ କ'ଣ ଠିଆ ଠିଆ ନଟଣାଇ ବିଲ ବିଲଉଚୁ । ଆଷାଢ଼ 'ମାସରେ ସୋରଷ ଫୁଲ କଥା କିମିତ କହୁଚ ଲୋ ? ବୁଢ଼ୀ ତା କଥା ଶୁଣି, ଗଲା ରାତର ସମସ୍ତ କଥା ବନା ବେହେ-ରାକୁ ବୁଝେଇ କହିଲା । ବନା ଶୁଣି ଖୁସିଠାଏ ହୋଇ କହିଲା, ବୁଢ଼ୀମା ! ମୋ ମନକଥା ଠାକୁରଙ୍କୁ ଜଣା । ଏ ଭଉଣୀକି ଦେଖିଲେ ବେଳେ ବେଳେ ମୋ ମନ ଜଳି ପୋଡ଼ିଯାଏ । ଯାହା ଏ ଖାଇବାକୁ ଗଣ୍ଡିଏ ନପାଇ ଝାସ ତପରେ ବୁଲି ବୁଲି ଗୋବର ସାଉଁଟି ସାଉଁଟି

ତେଣୁ ବୁଢ଼ୀମା ସନ୍ଧ୍ୟାର ଆସି ଦେଖେ ଯେ ଜେମା ବସି କ'ଣ କାଗଜରେ ଲେଖୁଛି । ତାହା ଦେଖି ବୁଢ଼ୀ ପଚାରିଲା, 'ମା ଟଙ୍କା କଏଁ କେତେ ପାଇବ, କ'ଣ ସେଇଆ ଲେଖୁଛୁ । କେତେ ଟଙ୍କା ଯେ, ସବୁଆଡ଼େ ତ ଘାଇ ମୁକୁଳା । ଏ ନଅଁ ଲଗା ପେଟ ଗୁଖଣ୍ଡିକୁ ତ ଦୁନିଆଁ ଅଣ୍ଟୁ ନାହିଁ । ତୋ ନାକଟା ଲୁଚ୍ଛା ହୋଇଛି, ଗୋଟିଏ ନାକ ମାଚ୍ଛି କରିବା ପାଇ ତନୋଟି ଟଙ୍କା ରଖି ବାକୀ ଯାହାକୁ ଯାହା ଦବୁ ବଳିଲେ କିଛୁଦିନ ଖାଇବା ପିଇବା ଚଳିବ ।' ବୁଢ଼ୀର ଏ କଥା ଶୁଣି ଜେମା କହିଲା, "ମା ! ମୁଁ ପଇସା କଥା ଲେଖୁ ନାହିଁ । ସେ ବଡ଼ଲୋକିଆ ହାକିମ ବାପାଙ୍କ କବିତା ଚିଠି ଗୀତ ଆକାରରେ ଲେଖୁଛି । ମତେ କବିତା କରି ପଦ ଯୋଡ଼ି ଆସେ ନାହିଁ । ପାଠ ପଢ଼ା ଛାଡ଼ିଲାଦିନୁ ତ ଦୁଆତ କଲମ ସାଙ୍ଗରେ ମୁଁ ଦେଢ଼ଶୁର ଭାଇବୋହୁ । ତେବେ ପଢିଲାବେଳେ ପାଞ୍ଚ ଛଅଟି ପଦ ଯୋଡ଼ି ଲେଖିଥିଲି । ବଣା ଠଣା ଥିଲେ ବାପା କ'ଣ ବୁଝି ପାରିବେ ନାହିଁ । ମୋ ପିଲା ଝିଅଟା ଏମନ୍ତ ଲେଖିଛି ।"

ଏ କଥା ଶୁଣି ବୁଢ଼ୀ ଛାନିଆଁ । କହିଲା "ଜେମା ତୁ କ କ'ଣ ଗୋଟାଏ ଲେଖୁଚୁ । ଯେ ପାଠର ସାଗର ! ସେଥିରେ ତୁ ବୁନ୍ଦାଏ ପାଣି ସୁଦ୍ଧା ହବୁ ନାହିଁ । ତାଙ୍କ କବିତା କି ଭାଷା ଦଉଚୁ । ତୋଙ୍କ ଭାରି ସାହସ । କ'ଣ ପଢି ଗାଇଲୁ ।" ସେଠୁ ମଣି ସେ କବିତାଟି ଗାଇଲା । ବୁଢ଼ୀ କହିଲା ଯାହାହଉ ମୋ କଲ୍ୟାଣଟା ଦେଉଚୁ ଭଲ କରିଚୁ । କାହା ହାତରେ ଦବୁ କିଏ କେଉଁଠି ଫିଙ୍ଗିଦେବ । ରଖିଥା ଯେଉଁ ଦିନ ସେ ଆମ ଘରକୁ ଆସିବେ ତାଙ୍କ ଆଗରେ ନେଇ ଥୋଇଦବୁ ।

ପାଠକେ ! ପୂର୍ବ କଥାଟିର ମର୍ମ ଏଇଠି ବୁଝନ୍ତୁ । "ଦଇବ ଦଉ ମଣିଷ ଗାଈ, ଯେଣିକି ଟାଣିଲେ ତେଣିକି ଯାଇ ।' ଦୀପଚଳେ ଯେମି

ଅନ୍ଧାର ଥାଏ, ହସ ପଛେ କାନ୍ଦ ସେମିତ ଥାଏ । ଖରା ପଛେ ପଛେ ବର୍ଷା । ଦିନ ପଛେ ପଛେ ରାତି । ସୁଖ ପଛେ ପଛେ ଦୁଃଖ ଏ ଧରାର ନିୟମ । ତେବେ ଏତିକି ଯେ ବିନା କଷ୍ଟରେ କୃଷ୍ଣ ମିଳନ୍ତି ନାହିଁ । ଦୁଇ ଚାରି ଦିନ ଗତ ହେଲା ପରେ ଦିନେ ହଠାତ୍ ରାତି ଅଧ ସମୟରେ ଯୋଡ଼ାଏ ଲୋକ ଗାଆଁ ମଝିରେ ଚିତ୍କାର କରି ଉଠିଲେ 'ଧର ରେ, ଧର ରେ ଚୋର ପଳେଇଲା ।' କିଏ କହିଲା ଏଇ-ବାଟେ ଗଲା ତ, କିଏ କହୁଥାଏ ନାହିଁରେ ଦଣ୍ଡା ମୁଣ୍ଡରେ କ'ଣ ଦୁମ୍ ଦୁମ୍ ଶୁଭିଲା, ଦୁଇ ତିନିଟା କିଏ ପଳେଇଲା ପରି । ଗଣ୍ଡା ଗଣ୍ଡା ଲଣ୍ଠନ ଲାଗିଗଲା । ଏ ଗଳି ସେ ଗଳି କୁଅମୂଳେ ଓଳିଛଳେ ଗୋରୁ-ଗୁହାଳେ କାହା କାକୁଡ଼ି କଖାରୁ ରଞ୍ଜାଡ଼ିଲା କାହା ବାଉଁଶ ବାଡ଼ି ଏହିପରି ଅନେକ ଲୋକ ପଞ୍ଝା ପଞ୍ଝା ହୋଇ ଚୋରକୁ ଖୋଜିବାକୁ ଧାଇଁଲେ । କିଏ କହିଲା—ଏ କାର୍ତ୍ତିକମାସ ରାତିଅଧିଆ ଟିକିଏ ବଡ଼ ଶୀତଯୋଗେ ମୁଁ ଲୁଗା ମୋଡ଼ିଲେ ପଶିଥିଲି । ମୁଁ ଆସୁ ଆସୁ ଚୋର ଶଳା ଖସିଗଲା । କିଏ କହିଲା - ରେ ଭାଇ ଢେର ଚୋର ଦେଖିଛି । ହାବୁଡ଼ରେ ପଡ଼ିଥିଲେ ଏକା ଗୁପୁଡ଼ାରେ ତା' ମୁହଁ ବୁଲେଇ ଦେଇ ଥାନ୍ତି । ଏମିତି କିଏ କେତେ ଫୁଟାଣି ଗାଇ ବସିଲେ । ତେଣେ ସର୍ବରାକାରଙ୍କର କ'ଣ ଯାଇଛି । ଗାଆଁରେ ନିଶୁଆ ନିଶୁଆ ମାମଲତକାର ବାହାରପଡ଼ି କାଗଜ ପେନ୍‌ସିଲ ଧରି ତାଲିକା ବନେଇ ପକେଇଲେ । ଦେଖିଲେ ଜିନିଷପତ୍ର କିଛି ଯାଇ ନାହିଁ । କେବଳ ଖଜଣା ଆଦାୟ ଟଙ୍କା, ଆଉ ସୁନା ରୁପାର ଅଲଙ୍କାର ମିଶି ଟଙ୍କା ପାଞ୍ଚ ହଜାର ଯାଏ ହେବ । ପଣ୍ଡିତ ଲୋକନାଥ ଶର୍ମା ସେ ଗାଆଁରେ ଜଣେ ମାମଲତକାର ଓ ମୁଖିଆ ଲୋକ, ତାଙ୍କ କାନରେ ଏ କଥା ବାଜିଲା । ମକଦ୍ଦମାଙ୍କ ଘରେ ଚୋର ପଶି ପାଞ୍ଚ ହଜାର ଟଙ୍କାର ମାଲ୍‌ମତା ଟଙ୍କା ପଇସା ନେଇ ଯାଇଅଛି । ଏ ସର୍ବରାକାରଙ୍କର ଘରକୁ ଆସିବେ କ'ଣ ପଣ୍ଡିତ ବହୁ କଷ୍ଟରେ ଏ ମୁଣ୍ଡମୁଳା ସେ ମୁଣ୍ଡତଳେ ଦେଇ ଟଙ୍କା

ଦୁଇ ତିନିଶହ ଜମେଇ ଥୋଇଥାନ୍ତି । ସେ ଆଗେ ତାକୁ ଦେଖିବାକୁ ଛୁଟିଲେ । ଦେଖିଲେ ତାଙ୍କର କିଛି ଯାଇ ନାହିଁ । ସେଠୁ ତାଙ୍କ ପିଣ୍ଡରେ ପ୍ରାଣ ପଶିଲା । ସେଠାରୁ ଦୀର୍ଘ ନିଶ୍ୱାସ ପକାଇ ମକଦ୍ଦମଙ୍କ ଘରେ ପହଞ୍ଚି ଦେଖିଲେ ସବୁ ତାଲିକା ସରିଲଣି । ସେଠୁ ସେ ଘର ମାଲିକଙ୍କୁ ସଙ୍ଗରେ ନେଇ ପୁଲିସ ଥାନାରେ ଏତଲା କଲେ । ଚୋରା ଚୋରି ନୁହେଁ, ଧାନ ଓଳିଆଟା କି ବିରି ପାଞ୍ଚଗୌଣୀ ନୁହେଁ । ବଡ଼ ଚୋରି । ଧଡ଼ଧାଡ଼ ମେଜ ଉପରେ ନଥି ସବୁ ଫୋପାଡ଼ି ଦେଇ ମୁନ୍ସି ବାବୁ ସାଥେ ସାଥ ସାଇକଲ୍ ଭିଡ଼ି ବାହାରି ଆସିଲେ । ସାଥିରେ କନେଷ୍ଟବଲ ଦୁଇଜଣ ତା'ପରେ ଦାରୋଗା ଆସି ସରଜମିନ୍‌ରେ ହାଜର । ସର୍ବରାକାରଙ୍କ ଘର ଗୁରପିଠି ବୁଲି ଦେଖିଲେ, କେଉଁ ଜାଗାରେ ପଶିବାର କପର ରାସ୍ତା ଅଛି । ତାହା ଲେଖି ଅନେକ ଅନେକ ଲୋକଙ୍କଠାରୁ ପ୍ରଚୁର ଜମାନବନ୍ଦି ନେଇ ବାହାରିଗଲେ ।

ସେହିଦିନ ଭୋରରୁ ବୁଢ଼ୀମାଆ ନାତୁଣୀ ଉଠି ଶୁଣିଲେ ଯେ ସର୍ବରାକାରଙ୍କ ଘରୁ ଚୋରି ହୋଇଛି । ବୁଢ଼ୀଙ୍କ ଘରଟି ହେଉଛି ଗ୍ରାମର ଆରପଟରେ । ଯାଙ୍କୁ ରାତରେ ଏକଥା ଖୋଜଖବର ନାହିଁ । ବୁଢ଼ୀ ଶୁଣିଲାଯଣି ବଡ଼ ଦୁଃଖିତା ହୋଇ ମନେ ମନେ କହିଲେ, ଏମିତି କାର ହେଲା । ହାକିମ ଭାଲି ପର ଆସି ଗସ୍ତକରି ଯାଉଛନ୍ତି ଆଉ ହେବ ନାହିଁ ଏକାଲ ଚୋରଙ୍କ କଥା, ତାଙ୍କ ପଛେ ପଛେ ଚୋର । କ'ଣ ତାଙ୍କ ମନ ସ୍ଥିର ହେଉ ନଥିବ । କହୁଛନ୍ତି ପାଞ୍ଚ ହଜାର ଟଙ୍କା । ଗୋଟାଏ ନୁହେଁ କି ଦୁଇଟା ନୁହେଁ । ଏହି ସମୟରେ ସରବରାକାରଙ୍କ ପିଆଦା ଆସି ବୁଢ଼ୀଙ୍କ ଦାଣ୍ଡରେ ହାଜର ଡାକିଲା, ବାକି ଖଜଣା ଦେଇ ଆସ । ତାଙ୍କର ସମସ୍ତ ଟଙ୍କା କାଲି ରାତ ଅଧରୁ ଚୋରି ଯାଇଛି । ଖରଚ ପାଇଁ ସବୁ ଗାଆଁକୁ ଟଙ୍କା ପାଇଁ ପିଆଦା ସବୁ ଗଲେଣି । ତାହା ବିଲ୍‌ରେ ଗୋଟିଏ ମାତ୍ର ଟଙ୍କା ନାହିଁ. ମୋ ମିଆଦ ଅଣ ।" ବୁଢ଼ୀ

ବଗୁରିରପାଖରେ ତ ପଇସା ନ ଥିଲା । ଘଣ୍ଟି ବିକା ପଇସାରୁ ପିଆଦାକୁ ଯୋଡ଼େ ପଇସା ଦେଲା । କହିଲା, "ତୁ ଯା ମୁଁ ନାତୁଣୀକି ଏହିକ୍ଷଣି କହି ମକଦ୍ଦମଙ୍କ ଘରକୁ ପଠାଉଛି । ସେ ଖଜଣା ଦେଇ ଆସିବ ।" ପିଆଦା ତା ଫାଇଦା କରି ଚାଲିଗଲା । ବୁଢ଼ୀ ବଗୁରି ସେ ସବ୍‌ଡ଼ିଭିଜନ ମାଜିଷ୍ଟ୍ରେଟଙ୍କ ଦେଇଥିବା ନୋଟ ଖଣ୍ଡି ଆଣି ନାତୁଣୀକି ଦେଇ କହିଲା 'ଯା' ଯାକୁ ସରବରାକାର ଗୋପାଳ ବାବୁଙ୍କୁ ଦେବୁ । ସେଥିରୁ ସେ ତାଙ୍କ ଖଜଣା ଟଙ୍କା ନେବେ ବାକୀ ଟଙ୍କାତକ ତୁ ଗଣି ବଜେଇ ଆଣିବୁ । ଜେମା ନୋଟ ନେଇ ଯାଇ ବାବୁଙ୍କୁ ଦେଲାବେଳେ, ନୋଟ ଦେଖି ବାବୁଙ୍କ ଚୋଟ ପର୍ଯ୍ୟନ୍ତ ଥରି ଉଠିଲା । କହିଲେ, "କାଲେ ଠୋକି ! ତମ ଘରେ ତ କ'ଣ ଆଜିକାଲି ବଡ଼ା ବଡ଼ା ନୋଟ କାରବାର ଚାଲିଛି । ହଉ ବସ୍, ଟଙ୍କା ନବୁ ।" ସେତିକିବେଳକୁ ଦୁଇ ଚାରି ଜଣ କାନକୁହା ଖୋସାମତିଆ ଜୁତାବୁହା ଠସ୍ଠର ହୋଇ କଥାବାର୍ତ୍ତା ହେଲେ । ସନେଇ ପଧାନ କହିଲା, "ବାବୁ ଧର୍ମିକା ମାଲ୍ ଯିବ କୁଆଡ଼େ, ଗୋବର ମାଟି ନେଇ ଉଠିବ । ସେ ପରା ସତପଦାର୍ଥ ସେ ନିଆଁରେ ପୋଡ଼ିବ ନାହିଁ କି ପାଣିରେ ବୁଡ଼ିବ ନାହିଁ ।" ଆଉ ଜଣେ ପଛପେଲା କହୁଛି, 'ଅରେ ଯା, ଇଏ କ'ଣ କା'ଠଉଁ ଦଗାବାଜି କରି ଆଣିଛନ୍ତି ଯେ ଚାଲିଯିବ । ଏହିପରି କିଏ କେତେ ରକମ କଥା ଉତ୍ଥାପନ କଲେ । ସେତୁ ହଠାତ୍ ସରବରାକାର ବାବୁ ଚୌକିରୁ ଉଠିପଡ଼ି ଡାକିଲେ—ସନେଇ, ସଞ୍ଜୀବ, ତୁମ୍ଭେ ଆସିବଟି ମୋ ସାଙ୍ଗରେ । ଆ, ଆ ଲୋ ଠୋକି । ଏହା କହି ସେ ଦୁଇଜଣ ଜେମା ତିନିଜଣ ଆଉ ମାଲିକଙ୍କୁ ଲଗେଇ ଚାରିଜଣ ଥାନା ଯାଏ ଗଲେ । ବାଟରେ ମାଲିକଙ୍କୁ ସଞ୍ଜୀବ କହିଲେ, "ବାବୁ କିଏ ଭଲା କହିଲେ ବିଶ୍ୱାସ କରିବ, ଏ ମଲିମୁଣ୍ଡିଆ ଏ କାମ କରିଛି ବୋଲି ।" ସରବରାକାର କହିଲେ, 'ବୁଝିଲ ରାଜୁ ଏଇ ସବୁ ବୁଦ୍ଧିରୁ ଯୁଆଙ୍କର ଏଦଶା ଏ କେବେହେଁ ଭଲ ଲୋକ ନୁହଁନ୍ତି । ଏହାଙ୍କ ଉପୁନା ମୁହଁରୁ କେମିତି

ଲି ଜାଣିବ, ପାଞ୍ଚଶ ଗଦାରେ ନାଆଁ ଅଛୁ ବୋଲି ।
କହୁଛି ସାଜୁ ! ଧର୍ମ ନଥିଲେ ସାତ ବାରଟା ବେଳେ ଚୋର,
ବାରଟାରେ ଚୋର ଧରା ପଡ଼ନ୍ତା ?

ବେଳେ ପିଲାଟି ବୁଝି ପାରିଲା ଯେ; ମତେ ଚୋରଣୀ ବୋଲି
କୁ ନେଉଛନ୍ତି । ବାଟରେ ପିଲାଟିକୁ ଅନେକ ଧମକ ଚମକ,
ମାଡ଼ ବିଧା, ଗୋଇଠା, ଗୃପୁଡ଼ା—ଯେତେ ପ୍ରକାର ମାଡ଼
ଗଢଡ଼ିରେ ଅଛି, ତା ଦେବାକୁ ଛାଡ଼ିଲେ ନାହିଁ । ପିଲାଟି କହୁଥାଏ,
ତେ ମାରନା, ମତେ ମାରନା, କୁକୁ କୁକୁ କରି ତାଙ୍କ ମୁହଁକୁ
ହ ବୁହା ଆଖି ଦଉଟିରେ ଅନାଉଥାଏ ।

ାଠକେ ଦେଖ, ଦରିଦ୍ର ଅନାଥ ବାଳିକା ପ୍ରତି ନିର୍ବିବେକ ଧନ-
ଶାଚଙ୍କର କି କଠିନ ଅତ୍ୟାଚାର । ପୁଣି ଅନ୍ନ ମୁଠିଏ ପ୍ରତିଦାନ
ପଟ ପୂରେଇ ଯେ ଖାଏ ନାହିଁ, ତା'ର ସେତେବେଳେ ଦଣ୍ଡ ଉପରେ
ଣ୍ଡ ସହି ସର୍ବାଙ୍ଗଯାକ କଳା ପଡ଼ି ଆସିଲାଣି । ତା କାନ୍ଦଣାରେ,
ଷଣରେ ଜନ୍ଦା ପିମ୍ପୁଡ଼ି କି ଚଢ଼େଇ ଚିରୁଗୁଣୀ ସୁଦ୍ଧା ଆହା କହିବାକୁ
ହା ଭରସା ନାହାନ୍ତି । ଆଜ ନିରାହ ବାଳିକାଟିର ଏ ଦୁଃଖ କାହାଣୀ
ଣି ଲୁହା ପାଷାଣରେ ଗଢ଼ା କାହା ହୃଦୟ ନ କାନ୍ଦି ରହି ପାରିବ ?
ଗବାନ ! ତୁମେ କଅଣ କେବଳ ତୁମର ରାଜ୍ୟର ଗରିବଙ୍କୁ ସୃଷ୍ଟି
ରିଥାଅ ଏ ଧନ ପିଶାଚଙ୍କ ଠାରୁ ଲାଞ୍ଛିତ ହେବା ପାଇଁ, ତାଙ୍କର
ର ରୋଷକଷାୟିତ ନେତ୍ର ଦେଖିବା ପାଇଁ, ଏ ଧନ ଦସ୍ୟୁମାନଙ୍କୁ
ମାନେ କେତେ ଡରି ଡରି ତାଙ୍କର କଷ୍ଟ ରଖା ଅଙ୍ଗଟିର ରକ୍ତ
ଆଇବେ । ତୁମେ ପରା ନାମ ବହିଛ ଗରିବର ବନ୍ଧୁ ବୋଲି ।
ରୁ ବିପଦ କାପରି ସେ ଟକା ଭକ୍ଷଣରେ ନିରୀକ୍ଷଣ କରୁଛ ଭଲା ?
ଣ ପିଲାଟିକୁ ଏହିପରି ଭାବରେ ନେଇ ଥାନାରେ ପହଞ୍ଚି
ବରାକାର ବାବୁ ମୁନସିବାବୁଙ୍କ ଦକ୍ଷିଣ କର୍ଣ୍ଣ ଚୁମ୍ବନ କରି କଅଣ

କହିଲେ କେଜାଣି; ସେ କିଛି ନ ପଚାରି ନ ଉଚାରି ହଠାତ୍ ସେହି ପିଲାଟିକୁ ହାଜତ ଘରେ ବନ୍ଦ କରି ରଖିଦେଲେ । ଜଣେ ସିପାହୀଙ୍କୁ ହୁକୁମ ଦେଲେ ଯା ବୁଢ଼ୀକି ହାତକଡ଼ି ଲଗାଇ ଥାନାକୁ ଘେନି ଆସ । ଏ କନେଷ୍ଟବଲମାନେ ତ ପାଖକୁ ଛଅଣି ଭଳି ଶୁଭିଲୁ ସାହେବ ତାଙ୍କ ଭିତରୁ ଜଣକୁ ନେଇ ସାଥେ ସାଥେ ଛୁଟିଲେ । ନାଇକିଣି ମୁନସିବାବୁଙ୍କ ଖୁସି କୁଣ୍ଡେ ଡମାଠ । ବଡ଼ ଚୋରଟି ଧରି ସାହେବଙ୍କ ଆଗରେ ଦେଖେଇ ଦେଲେ କାଲେ ସରକାର ତାଙ୍କୁ ବଡ଼ପାହ୍ୟା କାମରେ ଭରତି କରିଦେବେ; ସେଥିପାଇଁ ସେ ଭୋଳ ।

ତେଣେ ଗ୍ରାମର ଲୋକେ ବୁଢ଼ୀ ଘରେ ପଶି କିଏ କାନ୍ଥ ଭାଙ୍ଗି, କିଏ ବାଡ଼ ଭାଙ୍ଗି କିଏ ଘର ଛଣ ଟାଣି ଯିଏ ଯେତେ ରକମ ଅତ୍ୟାଚାର କରି ଜାଣେ, ସେ ସେତେ ରକମ ଦେଖାଇବାକୁ ଲେଶମାତ୍ର ଭୁଲି ନାହିଁ । ବୁଢ଼ୀ ବିଚରା କାନ୍ଦୁକୁ ଆଉଜି ଧର୍ମକୁ ଡାକୁଛି—"ହେ ଧର୍ମଦେବତା ସବୁ ଦେଖୁଛ, କଅାକୁ ଶୁଣିଲା କରୁଛ, ମତେ ପୁଣି ବୁଢ଼ୀଦିନେ ସତୁରି ପଞ୍ଚସ୍ତରି ବର୍ଷରେ ଏ ଆପଦ ଶୁଣେଇଲ; ମତେ ମରଣ ହେଲା ନାହିଁ । ଗ୍ରାମର ସରବରାକାର କ'ଣ ମତେ ହଟହଟା କରିବାକୁ ସଲା କରି ମୋ ଘରକୁ ତାଙ୍କୁ ପଠେଇଥିଲେ ? ସେ କ'ଣ ହାକିମ ନୁହନ୍ତି ? ସେ ତ ନୋଟ ଯାଚି ଦେଇଗଲେ । ଜେମା କିଛି ତାଙ୍କ ନିକଟରୁ ଛଡ଼େଇ ଆଣି ନାହିଁକି ଲୁଚେଇ ଆଣି ନାହିଁ । ଝିଅ ମୋର କୁଆଡ଼େ ଯାଇ କି କଳବଳ ହେଉଥିବ, କିଏ କଅଣ କହୁ ନଥିବେ । ଏହି ସମୟରେ ସିପେଇ ବାବୁ ଆସି ହାତକଡ଼ି ଲଗାଇ ବୁଢ଼ୀକୁ ଥାନାକୁ ନେଇଗଲେ । କେବଳ ବୁଢ଼ୀ କିଛି ନା କହି ଧର୍ମ ଧର୍ମ ହେଉଥାଏ । କହିଲେ ବା ତା କଥା ଶୁଣୁଛି କିଏ ? ଥାନାରେ ପହଞ୍ଚିଲା ମାତ୍ରେ ବୁଢ଼ୀଠଉଁ ଦାରୋଗା ବାବୁ ଜମାନବନ୍ଦି କଥା ନେଲେ । ଯେତେ ଧମକ କଲେ ବୁଢ଼ୀ କେବଳ ଗୋଟିଏ

କଥା ଧରିଥାଏ,ମୋତେ ଡେପୁଟି ମାଜିଷ୍ଟ୍ରେଟ ବାବୁ ଦେଇଛନ୍ତି । ରଙ୍କ କଥାବାଙ୍କେ ଯାଏ, କିଏ ଶୁଣୁଛି, କିଏ ବିଶ୍ୱାସ କରୁଛି ? ସବ୍‌ଡିଭିଜନ ମାଜିଷ୍ଟ୍ରେଟ ଏଇଟାକୁ କିଆଁ ଏତେଗୁଡ଼ାକ ଟଙ୍କାର ନୋଟ ଦେଲେ, କାହାରି ମନରେ ଏ କଥା ମଧ୍ୟ ପାଇଲା ନାହିଁ । ସେଠୁ ସଦର ଥାନାକୁ ବୁଢ଼ୀକି ଓ ତା ନାତୁଣୀକି ନେଇଗଲେ । ପିଲାଟି ବୁଢ଼ୀକି ଦେଖି ଭୋ ଭୋ ରଡ଼ିଲା । ବୁଢ଼ୀ ତା ବିକଳ ଦେଖି କାନ୍ଦି ପକାଇଲା । ଏଣେ ଅନାହାର—ଦିନ ଦୁଇଟା ବେଳ ଯାଏ ଦୁହେଁ ମୁହଁରେ ପାଣି ଦେଇ ନାହାନ୍ତି । ଜଣେ ସିପେଇ ସହି ନପାରି ତାଙ୍କ ବିକଳ ଦେଖି କିଛି ମୁଢ଼ୀ ଉଖୁଡ଼ା ନିଜ ହାତରୁ କିଣି ନେଇ ଦୁହିଁଙ୍କି ଦେଲା, ବୁଢ଼ୀର ତ ଦାନ୍ତ ନାହିଁ ସେ ଅବା ଚୋବାଇବ କିପରି ? ପିଲାଟି ମୁଠାଏ ଖଣ୍ଡେ ଖାଇ ବାକୀତକ ସେଇଠି ଫିଙ୍ଗି ଦେଲା । ସେଠୁ ଥାନାରେ ପହଞ୍ଚିଲେ । ଯେତେ ଯେ ପଚାରନ୍ତି—ବୁଢ଼ୀ କହେ ମତେ ହାକିମ ଦେଇଛନ୍ତି । ଥାନାରେ ଉଭୟଙ୍କୁ ବନ୍ଦ କରି ରଖିଲେ । କାଗଜ ପତ୍ର ତିଆରି ହେଲା । କାଲି ଦଶଟା କଚେରୀରେ ଆସାମୀଙ୍କୁ କୋର୍ଟକୁ ପଠାଇବାର ସ୍ଥିର ହେଲା ।

ଆଜି ସୁପ୍ତ ଜଗତ ଜାଗି ଉଠିବ । ଆଜି ପ୍ରେତ ପିଶାଚର ଲୀଳାଭୂମି ଦେବଗଣଙ୍କ ଲୀଳାଭୂମି ପରିଣତ ହେବ । ରାତିଟି ସେଦିନ ବୁଢ଼ୀ ଓ ବାଳିକାଟିର ସାତରାତିରୁ ବଳି ଯାଇଛି । ସକାଳ ହେଲା, ଖରା ପଡ଼ିଲା, ଧରା ହସି ଉଠିଲା । ପ୍ରାଣୀମାନେ ଯେ ଯାହାର କର୍ମଭୂମିକୁ କର୍ମ ସାଧନ ନିମନ୍ତେ ଧାଇଁଲେ । କିନ୍ତୁ ଜେମାମଣି ଓ ବୁଢ଼ୀ ବଗୃଣ୍ଣର କେବଳ ଶୋକର ତେଜ ହୃଦୟାମ୍ବୁଧିରୁ କ୍ଷଣେକ ପାଇଁ ସୁଦ୍ଧା ଧୀରସ୍ଥିର ଭାବରେ ରହୁ ନାହିଁ । ଗୋଟିଏ ପରେ ଗୋଟିଏ ଘନ ଘନ ହୋଇ ଉଠି ଆସୁଛି । କେତେବେଳେ ପ୍ରାଣବୀଣା କେଉଁ ତନ୍ତ୍ରୀରେ କି ତାନରେ ବାଜି ଉଠୁଛି—ପାଠକେ ! କାହାରି କଳିବାର ସାଧନାହିଁ

ସେଦିନ ମିଶ୍ର ସାହେବ ଗସ୍ତରୁ ଫେରି ଟାଉନ କଚେରୀରେ ଉପସ୍ଥିତ । ସେ ଏଥି ପୂର୍ବରୁ ଉପରିସ୍ଥ କର୍ମଚାରୀଙ୍କ ଠାରୁ ଛୁଟି ନେଇ ନିଜର ସଂସାରକର୍ମ ବୁଝିବାକୁ ଗ୍ରାମକୁ ଯାଇଥିଲେ । ତା ମଧ୍ୟରେ ଚାଲି ଚାଲି ଯାଉଁ ଯାଉଁ ତ ବାଟରେ ବର୍ଷାମାଡ଼, କୁଆପଥର ବୃଷ୍ଟି ସାପ ପ୍ରତାପ କେତେ କେତେ ଦୁର୍ଘଟଣା ଘଟିଯାଇଛି, ତାର ସୀମା ନାହିଁ । ସେଦିନ କଲେକ୍ଟରଙ୍କ ଠାରୁ ଅନୁମତି ପାଇଛନ୍ତି ଯେ ଗୋବିନ୍ଦପୁର ସରବରାକାରଙ୍କର ଗୋଟିଏ ପାଞ୍ଚ ହଜାର ଟଙ୍କା ଚୋରୀ ମକଦ୍ଦମା ତାଙ୍କ କୋର୍ଟରେ ବିଚାର କରିବେ । ଦିନ ଦଶଟା ବେଳେ ବୁଢ଼ୀ ଓ ଜେମାକୁ ନେଇ ଉକ୍ତ କୋର୍ଟରେ ହାତ କଡ଼ି ଦେଇ ପୁଲିସ ହାଜର କଲେ । ପେସ୍କାର ବାବୁ ନଥି ନେଇ ପେଶ କରିବାକୁ ହାକିମଙ୍କୁ ଚାହିଁ ବସିଥାନ୍ତି । ଅନେକ ଲୋକ ସବ୍‌ଡିଭିଜନ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଭିଡ଼ ହୋଇଥାନ୍ତି । ସରବରାକାର ତାଙ୍କ ସାକ୍ଷୀ ପତ୍ର ନେଇ ପ୍ରମାଣ ଯୋଗାଇବାକୁ ତିଆର ।

ଏତିକିବେଳେ ଶ୍ରୀଯୁକ୍ତ ଜଗଦାନନ୍ଦ ମିଶ୍ର ସବ୍‌ଡିଭିଜନ ମାଜିଷ୍ଟ୍ରେଟ ସାହେବ ବିଚାରାଳୟରେ ଆସି ଉପସ୍ଥିତ । ଯେଉଁମାନେ ଥିଲେ ସମସ୍ତେ ଗୋଟାଏ ଗୋଟାଏ ସଲାମ ବଜାଇଗଲେ । ପ୍ରଥମେ ବିଚାରାସନରେ ମିଶ୍ରେ ବସିବା ମାତ୍ରେ ଆଗ କରି ଚୋରି ନଥିଟି ପେସ୍କାର ବାବୁ ତାଙ୍କ ସମାନାରେ ଥୋଇ ଦେଲେ । ନଥି ଦେଖି ଏଣେ ଆସାମୀ ଦେଖି ବାବୁଙ୍କ ଅନ୍ତର ଅଧୀର ହୋଇ ଉଠିଲା । କାନ୍ଦଟାକୁ ସେ ମନେ ମନେ ଚାପିନେଲେ । କାରଣ ତାଙ୍କ ଆଖିରେ ଲୁହ ଦେଖିଲେ କାଳେ କର୍ମଚାରୀମାନେ ସନ୍ଦେହ କରିବେ ଓ ତାଙ୍କ ପଦମର୍ଯ୍ୟାଦା ନଷ୍ଟ ହେବ ଏହା ଭାବି ସେ ହୃଦୟ ନିଆଁକୁ ହୃଦୟରେ ମାରି ତଳକୁ ଚାହିଁ କାଗଜପତ୍ରର ଦେଖୁଥାନ୍ତି । ତତ୍‌ପରେ ସେ ସରବରାକାରଙ୍କୁ ହାଜର କରାଇ ତାଙ୍କଠାରୁ ଜମାନବନ୍ଦି ନେଲେ ।

ରବରକାର ଜମାନବନ୍ଦ କଲେ ଯେ ବୁଢ଼ୀ ଚେଷ୍ଟା କରୁଛି, ଏ ନୋଟ ମୋର, ଏହା କହିବାକୁ ତିଳେ ମାତ୍ରେ ସଙ୍କୁଚିତ ହେଉନ୍ତି ନାହିଁ। ସାକ୍ଷୀମାନେ ବି ଆସି ସତକଥା କହିଲା ପରି, କିଏ ଦେଖିଲା ପରି ନିୟମ କରି ସବୁ କହିଗଲେ। ଏହା ଦେଖି ମିଶ୍ରଙ୍କ ମୁଖ ବର୍ଣ୍ଣ ବଦଳିଗଲା। ଶଗରେ ଅଙ୍ଗବାଳ ସବୁ ଯୋଡ଼ି ଯୋଡ଼ି ହୋଇଗଲା। ବିଷଧର ଫଣି ସମାନ ଉଷ୍ଣନିଶ୍ୱାସ ତାଙ୍କ ନାସାରୁ ନିର୍ଗତ ହେବାକୁ ଲାଗିଲା। ଭାବିଲେ, ଭଗବାନଙ୍କର ଏ ଜଗତ କ'ଣ କେବଳ ପ୍ରବଞ୍ଚନା, ମିଥ୍ୟା, କପଟତା ଓ ଶଠତାର ରାଜତ୍ୱ ? ଏତିକି ମନରେ ଭାବି ସେହି ନୋଟ ଖଣ୍ଡିକ ନେଉଠାଇ ପେଉଠାଇ ଦେଖୁଥାନ୍ତି। କର୍ମଚାରୀ ଓ ଓକିଲ ମୁକ୍ତାରଦଳ ମାଜିଷ୍ଟ୍ରେଟ୍‌ଙ୍କର କ୍ରୋଧଭାବ ବୁଝି ପାରି ଯେ ଯେଉଁଠି ସେ ସେଇଠି। ସେହିକ୍ଷଣି ମୋକ୍ତାରଖାନା, ଓମାହରରଖାନା, ପୋଲିସ ଅଫିସ, ବୋର୍ଡ କଚେରୀ ଇତ୍ୟାଦି ସବୁଠାରେ ଖବରଟା ବାୟୁବେଗରେ ବ୍ୟାପିଗଲା। କିଏ କେତେଠେଇଁ ତୁନି ତୁନି ହୋଇ ଭୁଟଭାଟ ହେଉଥାନ୍ତି।

କିଏ କହୁଥାଏ, ପଟେ ତ ହାକିମ ଏମିତ କୋଉ ମକଦ୍ଦମାରେ ଲାଗନ୍ତି ନାହିଁ, ଆଜି କ'ଣ ମିସଲ ସୁଦ୍ଧା ଥରୁଛି।

ହାକିମ କିଛିକ୍ଷଣ ଗୁମ୍‌ସୁମ୍ ରହି ଅର୍ଡର ଦେଲେ, ଗଲା ମାସରେ ଯେଉଁ ଯେଉଁ ଅଫିସ କର୍ମଚାରୀମାନେ ଦରମା ନେଇଛନ୍ତି, ସେ ଷ୍ଟେଟ୍‌ମେଣ୍ଟ ରେକର୍ଡ ଆଣି ହାଜର କରାଅ। ହଠାତ୍ ହୁକୁମ ମାତ୍ରେ ଖଜାଞ୍ଚି ବାବୁ ବହିଟିକ ଆଣି ହାଜର କରି ସଲମଟିଏ ବଜେଇ ମିସଲ ପାଖରେ ଠିଆ ହୋଇ ଅନ୍ୟ ଆଦେଶକୁ ଅନାଇ ରହିଲେ। ହାକିମଙ୍କର ହୁକୁମ ହେଲା, ତମେ ଏ ନୋଟ ନମ୍ବରକୁ ମିଳାଇ ଦେଖିଲ, ଏ ନୋଟ୍ କାହା ଦରମାରେ ଯାଇଛି ? ଖଜାଞ୍ଚି ବାବୁ ସେହି ମାସରେ ଦରମା ବିଲ୍ ନୋଟ ନମ୍ବର ସବୁ ମିଳେଇ ଦେଖି

କହିଲେ—ଆଜ୍ଞା, ଏ ନୋଟ୍ ହଜୁରଙ୍କର ଧରମ'ରେ ଯାଉଛୁ । ହାକିମ 'ଆଚ୍ଛା' ଚପରାସୀକି ହୁକୁମ ଦେଲେ, ଜଲଦି ଗୋବିନ୍ଦପୁର ଥାନା ସବ୍‌ଇନ୍‌ସପେକ୍ଟର ଓ ଦାରୋଗା ବାବୁ ଦୋନୋକୋ ବୋଲାଓ ସେମାନେ ସେହି ନିକଟରେ ଥିଲେ 'ଜି ହଜୁର୍' କହି ହାଜର ହୋଇଗଲେ । ଦୁଇଜଣ ଲମ୍ବାଚୌଡ଼ା ଦଉଟି ସଲାମ ବଜେଇ ମିଶଲର ହାକିମଙ୍କ ଡାହାଣ ତରଫ ମଣ୍ଡନ କଲେ । ଦେଖି ପାଠକେ ଡାବଡ଼ା ଡାବଡ଼ା କେମନ୍ତେ ଜଗତଟା । ଯେଉଁ ଦାରୋଗା ବାବୁ ଯେଉଁ ମୁନ୍‌ସି ବାବୁ ମେସଲରେ ବସି ମକଦ୍ଦମା ତଦନ୍ତବେଳେ ଗିରଗହ୍ୱର ନିଭୃତ ହର୍ଯ୍ୟକ୍ଷଶାବକ ପରି ପ୍ରାକର୍ମ ଦେଖାଉଥାନ୍ତି ଏ ଏତେବେଳେ ତାଙ୍କ ନାଲି ଆଖି ସେ ନିଶ ମୋଡ଼ା କାହିଁ ? ସେ ନିଶବାଲ ପାଟିରେ ନଇଁପଡ଼ି ପଶୁ ପଚ୍ଛକେ, ସେଥିକି ହାତ ଯିବା ମାଇଲିଏ ଦୂରର ଫରକ । ସେ ସିଂହ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ଅଜା- ଶାବକବତ୍ । ହାକିମଙ୍କ ମୁହଁକୁ ଅନାଇ ତାଙ୍କର ରକ୍ତ ସେଠି ତ ହିମାଳୟ ବରଫମୁଣ୍ଡା ପରି ଥଣ୍ଡା ।

ମାଜିଷ୍ଟ୍ରେଟ୍ ମୁନସି ଦାରୋଗା ଦୁଇଜଣଙ୍କୁ ପଶ୍ନ କଲେ—

ତୁମେ ଏ ଯେଉଁ ନୋଟ ଟ୍ରେଜରିରେ ଏ ପିଲାକୁ ଓ ବୁଢ଼ୀକି ଗ୍ରେଫ କଲ, ସେ ନୋଟ ନମ୍ବର ଦେଖି କେତେ ନମ୍ବର ନୋଟ କେଉଁ ଆସିଲା; ତାହା କିଏ କାହାକୁ ଦେଇଥିଲା, ପରୀକ୍ଷା କରିଥିଲ କି

ମୁନ୍‌ସି—ଆଜ୍ଞା, କରିଛୁ ।

ହାକିମ—ଆଚ୍ଛା, ନୋଟ କାହାର ? କିଏ କାହାକୁ ଦେଇଥିଲା ? ବୁଢ଼ୀ ପାଇଲା କେମିତି ?

ମୁନ୍‌ସି—ଆଜ୍ଞା, ଏ ନୋଟ ଗୋପାଳ ପ୍ରଧାନଙ୍କର । ତାଙ୍କଠୁଁ ଖଜା ବାବଦକୁ ଗୋବିନ୍ଦପୁର ସରବରାକାର ନେଇଥିଲେ । ଏହି ପିଲା

ଖାତରୁ ସେ କୋଠ ଧରି ଯାଇଛୁ । ମୁଁ ନିଜେ ଏ ମକଦ୍ଦମା ତଦନ୍ତ କରିଛୁ ।

ହାକିମ—ଅଚ୍ଛା, ବୁଢୀକି କି ଯୋଗେ ଗିରଫ କଲ ?

ମୁନସି—ଦାରୋଗାବାବୁଙ୍କ ହୁକୁମରେ ।

ହାକିମ – ଦାରୋଗାବାବୁ, ଏ ସବୁ ଘଟଣା ଭଲ କରି ସରଜମିନ୍‌ରେ ଯାଇ ବୁଝିଛନ୍ତି ତ ?

ହଠାତ୍ ଦାରୋଗାବାବୁ, ଏ ସବୁ ଘଟଣା ଭଲକରି ସରଜମିନ୍‌ରେ ଯାଇ ବୁଝିଛନ୍ତି ତ ?

ହଠାତ୍ ଦାରୋଗାବାବୁ କହିଲେ—ହଜୁର ! ମୁଁ ସବ୍‌ଇନ୍‌ସପେକ୍ଟରଙ୍କର କହିବା ଓ କାଗଜ ପତ୍ର ବିଶ୍ୱାସରେ ବୁଢୀକି ଗିରଫ କରିବାକୁ ଆଦେଶ ଦେଇଛୁ ।

ହାକିମ 'ହଉ' କହି ଚପରାସୀକି କହିଲେ କୋଠ ଦବା ଗୋପାଳ ପଧାନଙ୍କୁ ଡାକ । ଏତକିରେ ଚପରାସୀ ବିଚରା ତାର ମେଘ ଘଡ଼ଘଡ଼ିଆ ମଧୁର ସ୍ୱରରେ ଗୋପାଳ ପଧାନ ହାଜର ହାଜର ରଡ଼ି ଛାଡ଼ିଲେ । ଗୋପାଳ ପଧାନ ପଦାରୁ ଲସର ପସର ହୋଇ ଧାଇଁ ଆସି କହିଲା—ହାଜର ହାଜର । ଏତକି କହି ମିସଲରେ ପଶି ହାକିମଙ୍କୁ ସଲାମଟିଏ ବଜେଇ କାଠ ଅଡ଼ା ଭିତରେ ଠିଆ ହେଲା । ଭରି ଝାଡରରେ ବୁଢ଼ା ଯାଇଛୁ । ମୁଣ୍ଡରେ ବେକାଏ ଚୁଟି, ତା'ଅଗରେ କୁଶଗଣ୍ଠି ପଡ଼ି ଗୋଟିଏ ତୁଳସୀ ଜଠ ଗୁଞ୍ଜା ହୋଇଛୁ । ଦେହରେ ଖଣ୍ଡେ ପୁରା ଅଲପକା କନାର କୋଟ୍ । ଦାନ୍ତ ଦୁଇଟିରେ ସୁନା ଖିଲ ବନ୍ଧା ହୋଇ ଜଡ଼ାଉ ହୋଇଛୁ । ତା ଉପରକୁ ନାକ ତଳକୁ ବାଘୁଆ ନିଶ ହଲକ । ପଇତାରେ ଗୋଟିଏ ରୁପା ଦାନ୍ତ-ଖୁଣ୍ଟା ବନ୍ଧାହୋଇ କୋଠ ତଳେ ବାହାରି ଡାହାଣ ଜଙ୍ଘ ଉପରେ ଦୋଳି ଖେଳୁଛୁ । କୋଠ ଉପରେ ଖଣ୍ଡେ ସମ୍ବଲପୁରୀ ଗୋଲାପି ରଙ୍ଗର ଗାମୁଛା ଗୁରୁଚଣ୍ଡ ହୋଇ ମୁହଁର ମାଛି ଦୁଇଟା ଉପରକୁ

ଥାଇ ବାଆଁ କାନ୍ଧରେ ଆସନ ଜମେଇଛନ୍ତି । ଖଣ୍ଡେ ଫରାସୀଡଙ୍ଗା ଧୋତି ଲମ୍ବକୁଞ୍ଚ ପାଦ ଉପରେ ଝୁଲୁଛି । ଏ ସବୁ ଗୋପାଳ ବାବୁଙ୍କର କେବଳ ପଡଆରା ଜିନିସ । ସରବରାକାର ତାଙ୍କ ଘରୁ ଏଗୁଡିକ କାଢି ଗୋପାଳକୁ ସଜେଇ ଦେଇଛନ୍ତି । ବାଡପାକ ଥାନାରେ ପଧାନେ ସବ୍‌ଇନ୍‌ସପେକ୍ଟରଙ୍କର ଗୃହପିଲ୍ଲ ହୋଇଥିଲେ । କେବଳ ପଧାନେ ଗୁଡ଼ାଏ କଅଁା ମିଛ କଣ୍ଠସ୍ଥ କରି ଯାଇଛନ୍ତି । ଏ ପୋଷାକପତ୍ର ମଧ୍ୟରେ କେବଳ ସୁନାଖିଲ ଦାନ୍ତଟି ତାଙ୍କ ସ୍ୱୋପାର୍ଜିତ । କଲିକତା ମୋଟ ବୋହିଯାଇ ଗୋପାଳ ସେତିକ ରୋଜଗାର କରିଥିଲେ । ଏଣେ ପାନ ଚୋବା ଚାଲିଛି । ଚପରାସୀ ନିୟମ କଲାପରେ ଏତିକିବେଳେ ହାକିମ ପଚାରିଲେ ଏ ନୋଟ ତୁମେ ଗୋବିନ୍ଦପୁର ସରବରାକାରଙ୍କୁ ଦେଇଥିଲ ?

ପଧାନେ—ଆଜ୍ଞା, ଦେଇଥିଲି ।

ହାକିମ—ଚୈସ୍ରର କେତେଦିନ ଆଗରୁ ?

ପଧାନ—ତା' ଦୁଇଦିନ ଆଗରୁ ।

ହାକିମ—କାହାଁକି ଦେଇଥିଲ ?

ପଧାନ—ତାଙ୍କର ମୋ ଉପରେ ଖଜଣା ବାକୀ ଥିଲା ।

ହାକିମ—ତମ ନୋଟର ନମ୍ବର କେତେ ମନେ କହିପାରିବ ?

ପଧାନ—ନୋଟ ନମ୍ବର କେତେ ମୁଁ ଜାଣେ ନା । ନୋଟକୁ ଜାଣେ ।

ହାକିମ—ଏତେ ଟଙ୍କାର ନୋଟ ରଖିଛ ନମ୍ବର ଜାଣ ନା ? ଚିହ୍ନିଲ ଏ ନୋଟ ତମର କି ନା ?

ପଧାନ—ହଜୁର ! ଏ ନୋଟ ମୋର ନୁହେଁ, ମୁଁ ତ ଦୁଇଖଣ୍ଡ ଦଶ ଟଙ୍କାର ନୋଟ ଦେଇଥିଲି, ଏ ତ ଖଣ୍ଡେ ।

ମିଛର ତେଜ କେତେବେଳେ ଧର୍ମ ପାଖରେ ରହେ ନାହିଁ । ଏତିକିବେଳେ ପଧାନଙ୍କର ଜମାନବନ୍ଦି ଗୋଲମାଲ ଶୁଣି ସରବେଷ୍ଟ-କାର ବାବୁ କହି ପକାଇଲେ, ତମେ ଆଜିକି ଚନ୍ଦନ ତଳେ ଏ ପଚିଶ ଟଙ୍କାର ନୋଟ ଖଣ୍ଡେ ଦେଇ ନାହଁ, କେମିତି ଧର୍ମ ମିସଲରେ ମିଛ କହୁଛ ହେ ?

ସେତିକିବେଳେ ଚପରାସୀ କହିଲା—ଚୁପ୍‌କର ପାଟିକଲେ ଚଞ୍ଚୁଆ ଖାଇବ । ସେତିକି ମର୍ଯ୍ୟାଦା ପାଇ ସର୍ବଷ୍ଟକାର ଚୁପ୍ । ହାକିମ ତାଙ୍କ ନିଜର କର୍ତ୍ତବ୍ୟ ଭୁଲି ନାହାନ୍ତି, କିନ୍ତୁ ପ୍ରତି ମୁହୂର୍ତ୍ତରେ ସମ୍ମୁଖ ଦର୍ଶନୀୟା ବାଳିକା ପ୍ରତି ଚାହୁଁଥାଏ । ସଃଡ଼ିଃ ମାଜିଷ୍ଟ୍ରେଟ ସବଇନ୍‌ସ-ପେକ୍ଟର ବାବୁଙ୍କୁ ପଚାରିଲେ—ଦେଖିଲ ଏ ନୋଟ ଟିତିରେ ଏ ଏ ମୋହର କାହାର ? ସେ ତ ନିତେ ମିଶ୍ରଙ୍କ ସିଲ୍; ଆଉ ଗୋଲମାଲ କରିବା ତ କାହାରି ତାକତ ନାହିଁ । ମୌନଂ ସମ୍ମତି ଲକ୍ଷଣ ଦେଖାଇ ମୁନ୍‌ସିବାବୁ ଠିଆ ହୋଇ ରହିଲେ । ସେ କ'ଣ ଜାଣିଥିଲେ ଯେ କୁଆ ଖୋଳୁ ଖୋଳୁ ସାପଟାଏ ବାହାରିବ, ଠାକୁର ଗଢୁ ଗଢୁ ମାଙ୍କଡ଼ ରୂପହେବ । ସେ ଇନ୍‌କ୍ୱାରି କଲାବେଳେ ତାଙ୍କ ଆଖି ତାଳୁ ଉପରେ । ଅସଲ ଜାଗାରେ ଥିଲେ ସିନା ତାଙ୍କୁ ସେ ମୋହରଟା ଦିଶୁଥାଆନ୍ତା । ତତ୍‌କ୍ଷଣାତ୍ ହାକିମ କୋପ ସମ୍ବରଣ କରି ମଣିକୁ ପାଖକୁ ଡାକି କହିଲେ, ଆଛା ମା କହିଲ, ଏ ସବୁ କି ଘଟଣା ? ମଣି ତ ଚନ୍ଦ୍ରବଦନ ତଳେ ବାବୁଙ୍କୁ ଏଇ ବେଶରେ ତା ଘରେ ଦେଖିଛି, ହାକିମ ବାପା ବୋଲି ତ ଜାଣିଛି, କେବଳ ଆଶ୍ୱାସନା ବଚନ ତାଙ୍କଠାରୁ ଶୁଣି ନଥିଲା ବୋଲି ନୀରବରେ ଠିଆ ହୋଇଥିଲେ । ଯେଉଁ ମଣି ରାତି ଅଧଯାଏ ବାପାଙ୍କ କୋଳରେ ବସି କେତେ ଦୁଃଖସୁଖ କହିଛି, ସେ ବା ଏବେ ଭୟ କରିବ କାହିଁକି ? ତହୁଁ ଭେ ଭେ ହୋଇ ରଡ଼ି ପକାଇ ସବୁ କଥା କହିଗଲା । ବୃତ୍ତିଠାରୁ ଗଲା ରାତିର ତାଙ୍କ

ଘରଭଙ୍ଗା, ଠେକାଫିଙ୍ଗା ,ବାଡ଼ ଉପୁଡ଼ା କଥା ବି ଶୁଣିଛନ୍ତି । ସେ ନିଜେ ଯେମିତ ଥାନାକୁ ଆସିଲା ବେଳେ ସରବରାକାର ସନେଇ ଓ ସ୍ୱାଜୀବ ତାକୁ ଯେଉଁ ଯେଉଁଠି ଉତ୍ତମ ମଧ୍ୟମ ସବୁ ଦେଇଥିଲେ, ତା ସବୁ ଦେଖାଇଲା, କେଉଁଠି ମାଡ଼ ବାଜି ସିଝି ଯାଇଛି, କଣ୍ଟୁଢ଼ ଦେଲାବେଳେ, ଗୋଇଠାରେ ଫୋପାଡ଼ି ଦେଲା ବେଳେ, କେତେକ ଜାଗା ଗୋଡ଼ ଖପରା ପଶି ଯାଇ ରକ୍ତ ବୋହି ଯାଇଛି, ଗୋଟି ଗୋଟି କରି କାନ୍ଦି କାନ୍ଦି ତାହା ହାକିମଙ୍କୁ ଦେଖାଇଲା । ହାକିମ ତାକୁ କେତେ ରକମର ବୁଝାଇବାରୁ ଟିକିଏ ସ୍ଥିର ହେଲା ।

ଘଷିବୁଅଲା ବନା ଦେହେରା ଗୋବିନ୍ଦପୁରକୁ ଘଷି ପାଇଁ ଯାଇଥିଲା । ଶୁଣିଲା, ଜେମା ଓ ତା ବୁଢ଼ୀମାଆକୁ ପୁଲିସ ଚୋରିରେ ଚାଲଣି କରି ନେଇ ଯାଇଛନ୍ତି । ଥାନାରେ ଅଛନ୍ତି । ସେଠୁ ସେ ଖବର ଉଣ୍ଡି ଉଣ୍ଡି ଯାଇ ସେତିକିବେଳେ କୋର୍ଟ ପିଣ୍ଡାରେ ରଡ଼ି ଛାଡ଼ୁଛି; ମୋ ମଣିକି କିଏ ଏତେ ଦଣ୍ଡ ଦେଲାକି ? ମୋ ଭଉଣୀକି ମୁଁ ଅନେକ ଦିନ ହେଲା ଦେଖିନାହିଁ । ମୋ ମଣିକୁ କିଏ ଚୋରଣୀ କହିବ କାହାର ଏତେ ହେଲାକ ?" ମୋ ଘଷି ବେପାରରେ ଦିନେ ହୁଡ଼େଇ ବୁଡ଼େଇ ଯେ ପଇସାଟାଏ ନିଏ ନାହିଁ, ହେ ଧରମ ଦେବତା ତାକୁ ଆଜି ଏ ଦଣ୍ଡ ଦେଲ, ମୋ ଭଉଣୀ କାହିଁ ? ଏହିପରି କେତେ ମାଇଚିଆ ବାହୁନା ବାହୁନିଲା । ତା ଶୁଣିଲେ ଅବଶ୍ୟ ପଥର ପାଣି ହୋଇଯିବ ।

ତପସ୍ୱୀକି ହାକିମ କହିଲେ, କିଏ ପିଣ୍ଡାରେ ଗୋଳମାଳ କରୁଛି ଚୁପ୍ କରଅ । ଏତିକି କହିଦେଇ ମଧ୍ୟ ନିଜେ ଧୈର୍ଯ୍ୟ ସମ୍ଭରଣ କରିପାରୁ ନ ଥାନ୍ତି ।

ତପସ୍ୱୀ ମନା ମାନି ବନା ବସି ମୁଣ୍ଡ କୋଡ଼ି ଭୁଜନା ଭୁଜନା ବାହୁନୁ ଥାଏ । ଏହି ସବୁ ଘଟଣା ବିଚାର କରି ହାକିମ ସମସ୍ତଙ୍କୁ

ଛାଡ଼ିଦେଇ ଘଷିବୁଅଲାକୁ, ପିଲାଟିକୁ ଓ ବୁଢ଼ୀକି ସଙ୍ଗରେ ନେଇ ଖଣ୍ଡିଏ ମଟରରେ ନିଜେ କୋଠିକି ଫେରି ଚାଲିଗଲେ ।

ଏ ସମସ୍ତ କାଣ୍ଡ ଦେଖି ମୁଦେଇ ସରବରାକାର ଓ ସାକ୍ଷୀ ରାଜୁ ସନେଇ ପଧାନ, ମୁନସି, ଦାରୋଗା ସମସ୍ତେ ତଟସ୍ଥ । ଘଟଣାଟି ମିଥ୍ୟା ବୋଲି ବୁଝିବାକୁ କିଛି ବାକି ରହିଲା ନାହିଁ । କଚେରି ଛୁଟି ହେଲା । ସମସ୍ତେ ଯେ ଯାହା ଗନ୍ତବ୍ୟ ସ୍ଥାନକୁ ବାହାରି ଗଲେ । ପିଅନ ଚାବି ବନ୍ଦ କରି ବସାକୁ ଗଲା ।

ତା'ର ଆଠ ଦିନ ପରେ ଶୁଣାଗଲା ଯେ, ଖବର କାଗଜରେ ବାହାରିଛି—ଗୋବିନ୍ଦପୁର ସରବରାକାରଙ୍କୁ ମିଥ୍ୟା ମୋକଦ୍ଦମା କରିଥିବା ଅପରାଧରେ ଛଅମାସ ଜେଲ ଓ ଏହି ଚୋରି ମକଦ୍ଦମାରେ ମିଥ୍ୟା ସାକ୍ଷି ଦେଇଥିବାରୁ ସନ ଓ ରାଜୁଙ୍କୁ ଛଅ ଛଅ ମାସ ଜେଲ୍ । ଗ୍ରାମରେ ଯେଉଁମାନେ ବୁଢ଼ୀଘରେ ପଶି ଅତ୍ୟାଚାର କରି ଗାଳିଗୁଲଜ କରିଥିଲେ ସେମାନେ ପ୍ରତ୍ୟେକ ମାସେ ମାସେ ଓ ଦାରୋଗା କେସ୍‌ରେ ମୌଳିକତା ନ ବୁଝି ହୁକୁମ ଦେଇ ବୁଢ଼ୀକି ବିନା ଦୋଷରେ ଚାଲାଣ କରିଥିବାରୁ କାର୍ଯ୍ୟରୁ ସସ୍‌ପେଣ୍ଡ । ଥାନା ସବ୍ ଇନ୍‌ସପେକ୍ଟର ବାବୁ କାର୍ଯ୍ୟରୁ ବରଖାସ୍ତ । କନେଷ୍ଟବଲ ଦୁଇ ଜଣ ଓ ହେଡ୍ କନେଷ୍ଟବଲ ଏମାନଙ୍କୁ ଏକ ଏକ ବରଷ ମାଡ଼ଦେବା ଅପରାଧରେ ଜେଲ୍ ଦଣ୍ଡ ହୋଇଅଛି । ତାଙ୍କ କାର୍ଯ୍ୟରେ ଅନ୍ୟମାନେ ବାହେଲ୍ ହୋଇ କାମ ଚଳାଉଛନ୍ତି । ଦୈନିକ ପତ୍ରିକାରେ ପୁଲିଶ ଅତ୍ୟାଚାର ଓ ବୋକାମି ହେତୁ ଗୋଟିଏ ଗୋଟିଏ ସ୍ତମ୍ଭ କେବଳ ସରବରାକାରଙ୍କ ମକଦ୍ଦମା ହାଲରେ ପୂର୍ଣ୍ଣ ହୋଇଛି । ଖବର କାଗଜ ଫେରିବାଲାଙ୍କୁ ସେଦିନ ଅଣ୍ଟାରେ ପଇସା ମାରିବାକୁ ଫୁରସତ୍ ନାହିଁ । ସହର ଓ ମଫସଲରେ ବାବୁ ଜଗଦାନନ୍ଦ ମିଶ୍ର ନାମରେ ଶତ ଶତ ଲୋକ ସୁଖ୍ୟାତି ଧ୍ୱଜା ଉଡ଼ାଉଛନ୍ତି ।

ରେ ସ୍ୱାର୍ଥପର ପରପୀଡ଼କ ଅହଙ୍କାରୀ ମାନବ ଜାତି । ଦେଖ ଭଲ କରି ଥରେ ଜ୍ଞାନନେତ୍ରରେ ଦେଖ କିପରି ଜଗତରେ ଧର୍ମ ନାହିଁ । ସତ୍ୟର ବିଜୟ, ମିଥ୍ୟାର ପରାଜୟ ଡିଣ୍ଡିମ କିପରି ଧାଇଁ ଧାଇଁ ବାଜି ଉଠୁଛି, ତେବେ ସୁଦ୍ଧା କାହାରି ଚେତନା ଆସୁ ନାହିଁ । କାହାରି ହୃଦୟରେ ସତ୍ୟବହ୍ନି ଜଳି ଉଠୁ ନାହିଁ । ଏତେ ଜାଣି ଏତେ ଶୁଣି ଏତେ ଦେଖି ସୁଦ୍ଧା ଖଳ କର୍ମଚାରୀମାନେ ତଥାପି ସାବଧାନ ହେଉ ନାହାନ୍ତି ।

ଅହନ୍ୟହନି ଭୂତାନି ଗଚ୍ଛନ୍ତି ଯମ ମନ୍ଦିରଂ ।
ଶେଷାଃ ସ୍ଥିରତ୍ୱମିଚ୍ଛନ୍ତି କିମାଶ୍ଚର୍ଯ୍ୟମତଃପରଂ ॥

ଆଉ କିପରି ଭାବରେ ଲୋକଙ୍କୁ ଭଗବାନ୍ ଧର୍ମଶିକ୍ଷା ଦେବେ । ଆଖିରେ ଦେଖାଇ କାନ ଧରି ତ ଶିଖାଇଲେ ତେବେ ହେଉ ନାହିଁ । ପୁଣି କିଛିଦିନ ଉତ୍ତରେ ସେହି ଚୋରିମାଲ ସବୁ ହରିପୁର ଦାଗୀ ଚୋରମାନଙ୍କ ଘରୁ ଅନ୍ୟ ଏକ ଚୋରୀ ମକଦ୍ଦମା ତଦନ୍ତବେଳେ ବାହାରିବା କଥା ସମ୍ବାଦ ପତ୍ରରେ ଶୁଣାଗଲା । ଲୋକେ ଏ ସବୁ ଶୁଣି ମାଜିଷ୍ଟ୍ରେଟଙ୍କର ପ୍ରଶଂସା ସହସ୍ର ମୁଖରେ ଗାଇ ବୁଲିଲେ । ଅନେକ ଲୋକ ପୁଲିସର ଏ ଖାମ ଖିଆଲ ବ୍ୟବହାର ଜାଣି ନିନ୍ଦା-ବାଦ କରିବାକୁ ଲେଶ ମାତ୍ର କୁଣ୍ଠାବୋଧ କଲେ ନାହିଁ ।

ଆଜି ସମସ୍ତ ଜଗତ ଜାଗ୍ରତ । ଏ ସବୁ ଘଟଣାମାନ ଶୁଣି ଅନେକ କର୍ମଚାରୀଙ୍କ ହୃଦୟରେ ଅନେକଟା ଚେତନା ଆସିଲା । ଯେଉଁମାନଙ୍କ କାନରେ କି ଦୃଷ୍ଟିରେ ଏହି ପୂର୍ବର ଖବର ପଡ଼ିଲା, ସେଦିନ ଠାରୁ ସରକାରୀ କାଗଜ ପତ୍ର ଖୁବ୍ ସତର୍କତା ସହିତ ରଖିବାକୁ ଛାଡ଼ିଲେ ନାହିଁ ।

ପାଠକେ ! ଦେଖ ମୃତ୍ୟୁର କି ଭୀଷଣ ଲୀଳା ଓ ଅଦ୍ଭୁତ ତାଣ୍ଡବ । ଏହିକ୍ଷଣି ସେହି ମୃତ୍ୟୁଲୀଳାର ଖଣ୍ଡିଏ ଜ୍ୱଳନ୍ତ ଛବି ନେଇ ଆପଣମାନଙ୍କ ଆଖି ଆଗରେ ଲେଖକ ଠିଆ ହେବାକୁ ଯାଉଛି । ଯେଉଁ ବୁଢ଼ୀଟି ଓ ତାର ନାତୁଣୀଟିକି ବନା ସହିତ ହାକିମ ନେଇ ଆପଣା ବସାକୁ ମଠରରେ ବାହାରିଗଲେ, ସେ ତିନିଜଣଙ୍କ ଦୁର୍ଦ୍ଦଶା ଏବେ କଅଣ ହେଲା ଦେଖ ? ବନାକୁ ବୋଧଶୋଧ କରି ହାକିମ ଗ୍ରାମକୁ ପଠାଇ ଦେଲେ । ବୁଢ଼ୀଙ୍କ ଘର ଚାବିକାଠିଟି ତା ହାତରେ ଦେଇ କହିଲେ, ବନମାଳୀ, ତୁ ଏହାଙ୍କ ଘର ଦେଖାଦେଖି କରୁଥିବୁ । ଏ ଦୁଇଜଣଙ୍କର ଯିବାରେ ଟିକିଏ ଡେରି ଅଛି ।" ମଣି ଓ ବୁଢ଼ୀ ଖଲାସ ପାଇବା କଥା ତାଙ୍କୁ ହାକିମ ଶୁଣାଇ ଦେଲେ । ସେ ଖୁସିହୋ ହୋଇ 'ବାବୁଙ୍କର ଠାକୁରେ ମଙ୍ଗଳ କରନ୍ତୁ' କହି ଚାବିକାଠି ନେଇ ଗୋବନ୍ଦପୁର ଗ୍ରାମକୁ ବାହାରିଗଲା ।

ବନା ଗଲା ପରେ ସେହିଦିନ ସନ୍ଧ୍ୟାକୁ ମଣିର ବୁଢ଼ୀମା କିଛି କୁଆଡ଼େ ନ ଥିଲା—ଏକାବେଳକେ ବେହୋସ । ଡେପୁଟି ସିନା ବୁଢ଼ୀକି ଖଲାସ ଦେଲେ, ବୁଝେଇ ଶୁଝେଇ କହିଲେ, କିନ୍ତୁ ବୁଢ଼ୀ ବସ୍ତୁର ତ ଥେଲା ଥୋଇଲା ଘରର ଝିଅ, ପୁଣି ଥିଲା ଘର ବୋହୂ ହୋଇ ତା ଅମଳ କଟେଇଛି । ପୁଲିସର ଅପମାନ ଗାର ତା ହୃଦୟରୁ ଲିଭିଲା ନାହିଁ । ଏଣେ ନାତୁଣୀର ଯେ ଦଣ୍ଡ, ତା' ବୁଢ଼ୀ ଛାତିରେ ବାଜ ଗୋଟିଏ ବଡ଼ାକୁ ଘାଆ ହୋଇ ଜଳାପୋଡ଼ା କରୁଛି । ଏହି ସବୁ କାରଣ ଗୁଡ଼ିକ ବୁଢ଼ୀ ମନରେ 'ପୂରିଲ ହଠାତ୍ ସଂଜ୍ଞାହୀନ ହୋଇ ପଡ଼ିଲା । ଯେଉଁ ମାତୃପିତୃହୀନା ମଣିକି ସେ ଗୁରି ବରଷରୁ ଦଶ

ବରଷ ଯାଏ ପେଟରେ ଓଦା କନା ଦେଇ ନିଜେ ନ ଖାଇ ତାକୁ ଢୋକେ ପାଣିଦେଇ ବଢ଼ାଇ ଆଣିଥିଲା, ଦିନେ ଭ୍ରମରେ ସୁଦ୍ଧା ଯାହାକୁ ସେ କେମିତି ବୋଲି କହି ନାହିଁ ସେ ଯେ ଅବୁଝାମଣା ପୁଲିସ ହାତରେ ଏତେ ଦଣ୍ଡ ପାଇଲା, ଧନପିଶାଚ ମିଥ୍ୟାବାଦୀ ସରବସ୍ତକାରଠାରୁ ଏତେ ମାଡ଼ ଖାଇଲା, ଏହି ସବୁ ଘଟଣା ବୁଢ଼ୀ ମନରେ ପଶି ହଠାତ୍ ତାକୁ ମୃତ୍ୟୁ ମୁଖକୁ ଟାଣି ନେବାକୁ ବସିଲା । ମିଶ୍ରେ ସେଦିନ ରାତିରେ ଏ କଥା ଦେଖି ହଠାତ୍ ଅବାକ୍ । ଅର୍ଦ୍ଦଳି ଚପରାସି ଓ ଆପଣା ଚାକରମାନଙ୍କୁ ପଠାଇ ଟାଉନର ଯେତେ ଭଲ ଭଲ ପାସ୍କରା ଡାକ୍ତର ଥିଲେ, ତାଙ୍କୁ ଆଣି ,ବୁଢ଼ୀକି ଚିକିତ୍ସା କରିବା ନିମନ୍ତେ ଯୋଗାଡ଼ କଲେ । ମେଡ଼ିକେଲରୁ ସିଭିଲ ସର୍ଜନ ଓ ଆସିଷ୍ଟାଣ୍ଟ ସିଭିଲ ସର୍ଜନ ମଧ୍ୟ ଆସି ପହଞ୍ଚିଲେ । ସେ ତ ଆଉ କିଛି ବେମାର ନୁହେଁ, ସେ ଚିନ୍ତାରୋଗ, ତା'ର ଔଷଧ କଅଣ ଅଛି ? ସେମାନେ ଅନେକ ଯତ୍ନ କରି ନିରାଶରେ ଯେ ଯାହା ସ୍ଥାନକୁ ଫେରିଗଲେ ।

ମଣିଟି ଦୁଇଦିନ ହେବ ବୁଢ଼ୀ ଗୋଡ଼ତଳେ ବସି ଆଖିରୁ ଠକ ଠକ ଲୁହଧାର ଗଡ଼ାଉଛି । ଆଖି ଯୋଡ଼ିକ ସିଝି ଗଲାଣି ! ସବୁବେଳେ ତା ଦେହରେ ତାର କଅଁଳ ହାତଟି ବୁଲାଇ ଆଉଁସୁଛି । ମା ମା ବୋଲି କେତେବେଳେ କେତେବେଳେ ଡାକୁଛି । କିଛି କଥା ନ ପାଇ ବେଶୀ କାନ୍ଦୁଛି ।

ମିଶ୍ରେ ଅନେକ ବ୍ୟସ୍ତ, ହେଲେ ସେ ଧୈର୍ଯ୍ୟ ଧରୁଛନ୍ତି କେତେକେ । ବୁଢ଼ୀର ଲାଳନ ପାଳନ ଓ ସ୍ନେହକୁ ମନେ ପକାଇ ଓ ତା'ର ପିଲାଟି ଦିନର ଆଦରକୁ ଭୁଲି ନ ପାରି ତା' ମନ ଯେ କଅଣ ହେଉଥାଏ, ତା ସେ ଜାଣେ—ଅନ୍ୟ କେହି ଜାଣି ପାରିବ ନାହିଁ। ଦୁଇଦିନ ପରେ

ବୁଢ଼ୀର ଚେତନା ହେଲା । ସେ ଅନାଇଁ ଦେଖିଲା, ମଣି ତା ପାଖରେ ବସି କାନ୍ଦୁଛି । ଜଗଦାନନ୍ଦ ବାବୁ ପ୍ରବୋଧ ଦେଉଛନ୍ତି ।

ବୁଢ଼ୀ ଖନ ଖନ ଭାବରେ ଡାକିଲା,—ଏ କିଏ ମୋ ମା ମଣି ପାଖରେ ବାବୁ ବସିଛନ୍ତି ? ହଉ ଆଉ ବ୍ୟସ୍ତ ହୁଅ ନାହିଁ । ସବୁଦିନ କାହାର ସମାନ ରହେ ନା; ମୋର ଭୋଗାଭୋଗ ଯାହା ତାହା ସରିଗଲା । ବାପା ତୁ ହାକିମ ପୁଅ, ଏ ମୋର ଦୁଃଖିନୀ ଝିଅ, ଏଥିକୁ ଅନ୍ତର କରିବୁ ନାହିଁ । ତୁ ଏହାର ବାପ, ତୋ ହାତରେ ମୋର ସୁଖ-ଚୋଇତଟା ସମର୍ପି ଦେଇ ଯାଉଛି । ଏ ମୋର ନୟନ ପ୍ରତିମା, ଏ ମୋର ସୋହାଗ ଉପବନର ମାଳତୀଲତା । ଏ ଫୁଲ ଯେମିତି ଝଡ଼େ ଝଡ଼ପଡ଼ି ଶୁଖି ପଡି ନଯାଏ । ଏହାକୁ ଉତ୍ତମ ଦେବତା ସେବାରେ ଲଗାଇବୁ । ଅଭୟକୁ ଟିକିଏ ଏତେବେଳେ ଦେଖି ପାରିଲି ନାହିଁ । ଏତିକି ଦୁଃଖ ରହିଗଲା । ତାକୁ କହିବୁ, ମୋର ମଣିଟିକି ତା'ର କଣ୍ଠରେ ମଣିପରି ସାଇତିବ । ଭାଙ୍ଗି ଫିଙ୍ଗି ଦେବ ନାହିଁ । ଏତିକି କହି ବାବୁଙ୍କ ହାତରେ ମଣିହାତକୁ ଥରେ ଧରାଇ ଦେଲା । କହିଲା, "ବାପା । ମୋ ମଣି, ମୁଁ ବାହାରିଲି, ଏତିକି ଦେଖା' ଏହା କହିଲା ମାତ୍ରେ ଆଖି ଦିଓଟିକି ଭୁଲତାକୋଠରେ ପ୍ରବେଶ କରାଇଦେଲା ଏଣି ପ୍ରାଣବାୟୁ ତା ସଙ୍ଗେ ସଙ୍ଗେ କେଉଁ ଅଜଣା ରାଇଜକୁ ଗୁହୁଁ ଗୁହୁଁ ଚାଲିଗଲା । 'ମା ମା କାହିଁଗଲୁ' କହି ମଣି ଭୋ କରି କାନ୍ଦି ଉଠିଲା ବୁଢ଼ୀ ଉପରେ ମୁଣ୍ଡ ପିଟିଦେଲା ମାତ୍ରେ ବାବୁ ତାକୁ ହଠାତ୍ ଧରି କୋଳକୁ ଟେକି ଆସିଲେ ଓ ଅପଣା ଉତ୍ତରୀୟ ଖଣ୍ଡିକ ବୁଢ଼ୀଙ୍କ ଦେହ ବିକଟ ମୁହଁରେ ପକାଇ ଢାଙ୍କି ଦେଲେ । ପିଲାଟିକୁ ନେଇ ନିଜ ବୈଠକ ଖାନକୁ ଚାଲିଗଲେ ।

ସାଥେ ସାଥେ ଶବଦାହର ବନ୍ଦୋବସ୍ତ ହୋଇଗଲା । ଶବ ସଂସ୍କାର ପରେ କ୍ରିୟାଦି କରିବା ପାଇଁ ବାବୁ ତାଙ୍କର ଗୁମାସ୍ତା ପୁରୁଷୋତ୍ତମ

ବଳବନ୍ତରାଏଙ୍କୁ ନଗଦ ଏକହଜାର ଟଙ୍କା ଦେଲେ । ରୀତିମତ କ୍ରିୟାମାନ ସମ୍ପାଦିତ ହେଲା । ବୁଢ଼ୀଙ୍କ କ୍ରିୟାରେ ବାବୁଙ୍କର ଖର୍ଚ୍ଚ ହେଲା ପୁରା ୨୦୦୦ ଟଙ୍କା । ଯେଉଁମାନେ ଭଦ୍ର ଭଦ୍ରଲୋକ ଓ ମୁଖିଆ ଲୋକ ପୁଣି କଚେରୀର ଅମଲା ଫମଲା ଥିଲେ, ସେମାନଙ୍କୁ ବାରପନ୍ଦର ଦିନ ପଲାନ୍ନଭୋଜନ ଦେଇ ସୁଖୀ କରାଇଲେ । ଲୋକେ ଖାଇ ପିଇ ବାବୁଙ୍କର ପ୍ରଶଂସା ଦାଣ୍ଡ ଘାଟରେ କହି ଯାଉଥାନ୍ତି । ତହିଁରେ ବାବୁଙ୍କର ତିଳେମାତ୍ର ସୁଖ ନଥାଏ, କି ଶାନ୍ତି ନଥାଏ । ସେ ଯେତେବେଳେ ମାଆ ବଦଳରେ ମାଆ ପାଇ ହରାଇ ବସିଛନ୍ତି, ବୃଦ୍ଧାବସ୍ଥାରେ ଯାହାଙ୍କୁ ସୁଖରେ ଭରଣ ପୋଷଣ କରାଇ ଆନନ୍ଦିତ କରାଇଥାନ୍ତେ, ସେ ପଥରେ ଦୈବ କଣ୍ଟା ଫିଙ୍ଗିଲା ।

କ'ଣ କରିବେ, ଏ ଜଗତରେ ବିଶ୍ୱସ୍ରଷ୍ଟାଙ୍କ କାରବାରତ ଏହିପରି । ପୂର୍ବରୁ ନିଜ ପତ୍ନୀ ଓ କନ୍ୟାର ବିୟୋଗ ଦୁଃଖ ସହି ଯେତେବେଳେ ସେ ପ୍ରସ୍ତର ପାଲଟି ଯାଇଛନ୍ତି, ଏ ଦୁଃଖ ବି ତହିଁରେ ଗୋଟିଏ ସ୍ତର ବୋଲି ଭାବିଲେ; ଯା, ବୁଢ଼ୀଙ୍କର ବି ଦିନକାଳ ହୋଇଥିଲା, ଅଧିକ ଦିନ ରହିଲେ ସେ ମହାକଷ୍ଟ ପାଇଥାନ୍ତେ । ଯାହାହେଉ ହାତ ଗୋଡ଼ ଚଳୁ ଚଳୁ ସେ ଚାଲି ଯାଇଛନ୍ତି, ଏତିକି ମନକୁ ବୁଝାଇ ସେ ଶାନ୍ତି ଭଜିଲେ ।

ଦିନପରେ ଦିନ, ରାତିପରେ ରାତି, କୃଷ୍ଣ ପକ୍ଷ ପରେ ଶୁକ୍ଳପକ୍ଷ ଯେପରି ତାର କେନ୍ଦ୍ର ଭେଦ ନିୟୁତ ଚକ୍ରାନୁସାରେ ଚାଲି ଯାଉଛି, ସେହିପରି ଦୁଃଖ ପରେ ସୁଖ, ସୁଖପରେ ଦୁଃଖ, ଯଥାରୀତିରେ ମଧ୍ୟ ଚାଲି ଯାଇଛି । ଗ୍ରୀଷ୍ମାବକାଶ ସମୟ ଆସିଗଲା । ମିଶ୍ରେ ଭାବିଲେ — ଅଭୟ ମୋର ଛୁଟିରେ ଘରକୁ ଆସିଲେ ତାକୁ ଦେଖି ଟିକିଏ ହେଲେ ମଣିର ମନ ମାତୃଶୋକରୁ ଫେରି ଯାଆନ୍ତା, ଭାଗ୍ୟକୁ ତା ବି ଘଟିଲା ନାହିଁ । ଏହା ଜାଣି ବାବୁ ଚୌରଦାସ ତାଙ୍କ କାର୍ଯ୍ୟରୁ ଅବସର

ନେବା ସକାଶେ ଛୁଟି ଦରଖାସ୍ତ କରି ମଞ୍ଜୁର କରାଇନେଲେ । ମନେ କଲେ, ଆମ ଘରେତ କେହି ନାହାଁନ୍ତି, କେବଳ ଘରପୁଅ ପରହିଅକୁ ନେଇ ଘର । ଖାଲି ଗୃହର ଗୃହକର୍ତ୍ତ୍ରୀ ଜିମାରେ ମଣିକୁ ଛାଡ଼ି ମୁଁ ସରକାରୀ କାମରେ ଯିବି, ସେମାନେ କ'ଣ ମଣିର ମନ ଜାଣି ଚଳାଚଳ କରି ପାରିବେ । ମଣିର ମାତୃଶୋକ ଆପ୍ତ ହୃଦୟରୁ ଲିଭି ନ ନାହିଁ, ଏପରି ଅବସ୍ଥାରେ ମୁଁ ପିଲାଟିକୁ କିପରି ଛାଡ଼ି କୁଆଡ଼େ ଯିବି ସେ'ତ ମୋ ସାଥୀରେ ବସିବାର ଖାଏ, ମୁଁ ଖାଇ ନଥିବାଯାଏ ଉପାସରେ ବସିଥିବ । ଯେ ଏତେ ସ୍ନେହ ମମତା ରକ୍ଷରେ ମୋଠାରେ ଜାକି ରହିଛି, ତା ଦରଜଟି ଛିଣ୍ଡାଇ ଯାଉଛି କିପରି ?

ଏପରି କହୁଁ କହୁଁ ଆସି ଫାଲ୍‌ଗୁନ ଦୋଳଛୁଟି ପହଞ୍ଚିଗଲା । ସହଜେ ସେତ ବସନ୍ତ ସମୟ ନାଡ଼ି ସଲନ୍ତରିଆ ଦିନ । କୌଣସି କାରଣରୁ ଋତୁ ପରିବର୍ତ୍ତନ ଯୋଗେ ଅଭୟ ସେଦିନ ଭୟଙ୍କର ଜ୍ୱର ବେଗରେ ପୀଡ଼ିତ । ପାଖରେ ତାର କେହି ନାହିଁ; ସେ କଅଣ କରିବ ? ଏତେ ଦୂର ତାକୁ ଜ୍ୱର ଆକ୍ରମଣ କଲା ଯେ ସେ ହତଜ୍ଞାନ ହୋଇ ପଡ଼ିଲା । ଫୋର୍ଥ ଇଅରର ଛାତ୍ରମାନେ ଯେ ଯାହାର କାର୍ଯ୍ୟ ଉପଲକ୍ଷେ ଗ୍ରାମକୁ ଚାଲିଗଲେ, ଅଭୟ ଏକାକୀ ତା ବସାଟିରେ ପଡ଼ିଥାଏ । ସେ ବା ଗ୍ରାମକୁ ଯିବ କାହିଁକି ? ମାଆ ଜଗତରେ ପୁଅର ଆଦରର ଧନ, ସେ ତ ନାହିଁ । ଭଉଣୀଟି ମଧ୍ୟ ଗତାସୁ ହୋଇ ଯାଇଛି । ଏହିସବୁ ତା'ର ଗ୍ରାମକୁ ନଯିବାର ମୂଳ କାରଣ ।

ଅଭୟର ଆତ୍ମୀୟ ହେଉଛି ସୂର୍ଯ୍ୟମଣି ନାମକ ଜଣେ ଗରିବ, ଛାତ୍ର, ତାର ବସା ତଳମହାଲା ୧୩ ନମ୍ବର କୋଠରୀ । ଅଭୟର ବସା ଉପର ମହଲା ୩୩ନମ୍ବରରେ । ସୂର୍ଯ୍ୟମଣି କେବଳ ଅଭୟର ଏକମାତ୍ର ଅନ୍ତରଙ୍ଗ ବନ୍ଧୁ । ଦୁଇଜଣ ମାଟ୍ରିକ୍ ପଢ଼ିଲା ବେଳୁ ଏକ କ୍ଲାସରେ ପଢ଼ନ୍ତି । ଉଭୟଙ୍କର ଉଭୟଙ୍କ ପ୍ରତି ଅକାଟ୍ୟ ସ୍ନେହ । ଶୟନ କେବଳ

ପୃଥକ, ପଠନ ଓ ଖାଦ୍ୟ ଏକସ୍ଥାନରେ । ଲୁହାକୁ ଚୁମ୍ବକ ପ… ଉଭୟଙ୍କ ମନ ଉଭୟଙ୍କୁ ଆକର୍ଷଣ କରେ । ଜଣକର ଅଙ୍ଗୁଳିରେ ବ୍ରଣ ହେଲେ ଅନ୍ୟଜଣକ ତାର ବ୍ୟଥା ମଧ୍ୟ ଅନୁଭବ କରେ ।

ଦିନେ ଦୁଇଜଣଙ୍କ ମଧ୍ୟରେ ସ୍ନାନ ସମୟରେ ସତ୍ୟପାଶରେ ଜଳରେ ପଶି ଆବଦ୍ଧ ହେଲେକି, ସେମାନେ ସଂସାରୀ ହେଲାପରେ ଯେବେ ପୁତ୍ର କନ୍ୟା ଉଭୟଙ୍କର ଜନ୍ମ ହୁଅନ୍ତି ତେବେ ସେ ଦୁହିଙ୍କ ବିବାହାଦି କରାଇ ଏ ସମ୍ବନ୍ଧ ଅକ୍ଷୁର୍ଣ୍ଣ ରଖିବେ, କିନ୍ତୁ ସେ ଦୁଇଜଣଙ୍କ ମଧ୍ୟରୁ ସୂର୍ଯ୍ୟମଣିର ମଙ୍ଗଳ କୃତ୍ୟ ସରିଛି । ଅଭୟର ତାହା ହୋଇ ନାହିଁ । ଏହିସବୁ କାରଣ ନେଇ ସୂର୍ଯ୍ୟମଣିର ମନକଷ୍ଟ । ଦୁହିଙ୍କ ବୟସ ସମାନ, ରୂପ ସମାନ, ଗୁଣ ମଧ୍ୟ ସମାନ, ଉଭୟଙ୍କ ମଧ୍ୟ ଗୁ… ଚହିବାର ଗ୍ରାହକ । କବି ଅଭିମନ୍ୟୁ ବିଦଗ୍ଧ ଚିନ୍ତାମଣିରେ ଗୋଟିଏ ଛାନ୍ଦରେ ଲେଖିଛନ୍ତି—

ସମାନ ବୁଦ୍ଧି ବୟଃ ଶୋଭାଗୁଣ
ସ୍ୱଚ୍ଛ ଆରଦ୍ର ସ୍ୱଭାବ ଲକ୍ଷଣ,
ରସରନ୍ଧ୍ର ଚହଣା ଚାହିଁକା ଶକ୍ତି
ଏତେ ଲକ୍ଷଣେ ଯୁକ୍ତ ଯେଉଁ ବ୍ୟକ୍ତି
ସଂଯୋଗ ସମ୍ବନ୍ଧୁ
ହୃଦେ ଜାତ ହୁଏ ପ୍ରଣୟବନ୍ଧୁ ।

ଉଭୟ ମଧ୍ୟ ପ୍ରବନ୍ଧାଦି ଲେଖି ପାରନ୍ତି । ପ୍ରତ୍ୟେକଙ୍କର ଯୌଗୀ ଶକ୍ତି ଅଛି । ଅଭୟ ଚନ୍ଦ୍ର ବିଷୟ ନେଇ ଯଦି ଆଜ୍ଞା ଗୋଟିଏ କବିତା ଲେଖେ ସୂର୍ଯ୍ୟମଣି କୁମୁଦ ବିଷୟରେ ଗୋଟାଏ ଲେଖେ, ଜଣେ ମେଘ ସମ୍ବନ୍ଧରେ ଲେଖେତ ଜଣେ ଚପଳା ସମ୍ବନ୍ଧରେ ଲେଖେ ପ୍ରାୟ ଉଭୟଙ୍କ କବିତାରେ ସାମଞ୍ଜସ୍ୟ ଥାଏ । ଉଭୟେ ଭକ୍ତି ରସର କବିତା ମଧ…

ଲେଖି ପାରନ୍ତ । ହରବନ୍ସାନ କବିତା ସବୁ କବିତା ନୁହେଁ । ଏହା ସାନିପାତକ ରୋଗୀର ପ୍ରଳାପ ଗୀତ । ଏକଥା ଉଭୟଙ୍କୁ ଜଣା । ସୂର୍ଯ୍ୟମଣି ଭଲେଥାଇ ଜାଣିଲା କାହିଁକି ମୋ ମନଟା ଭଲ ଲାଗୁନାହିଁ, କଅଣ ହକେଇ ଦେଲାପରି ହେଉଛି ? ଅଭୟୁଭାଇତ କାଲି ସନ୍ଧ୍ୟାରେ କହୁଥିଲା ମୋ ମୁଣ୍ଡଟା କାହିଁକି ବ୍ୟଥା କରୁଛି କ'ଣ ତା ଦେହ କିଛି ହେଲାକି ? ତାଦେହ ଭଲ ଥିଲେ ସେ କେତେବେଳୁ ମୋ ବସାକୁ ଆସନ୍ତାଣି, କିମ୍ବା ମୋତେ ଡକାଇ ପଠାନ୍ତାଣି । ପାଠକେ ଦେଖ ଅନୁମାନ କର ପ୍ରତିଧ୍ୱନି ଏହାର ପ୍ରମାଣ । ଯେ ଯେପରି ଦେଖେ ସେ ତାକୁ ସେହିପରି ଦେଖେ । ପ୍ରିୟ ଲୋକର ଅନ୍ତରରେ ଦୁଃଖ ଆସିଲେ ପ୍ରିୟ ଲୋକକୁ ତାହା ଜଣାପଡ଼େ । ସୂର୍ଯ୍ୟମଣି (ମାଇଣ୍ଡ୍ ଟେଲିଫୋନ) ମିତ୍ରର ମନ କଷ୍ଟକୁ ମନରେ ଜାଣି ପାରି ଉପରେ ନମ୍ବର କୋଠରୀରେ ପହଞ୍ଚି ଦେଖେ ଅଭୟ ଏକା ବେଳକେ ସଂଜ୍ଞାଶୂନ୍ୟ । ସେ ନଡାକିବା କାରଣ କାଳେ ମିତ୍ରର ନିଦ୍ରାରେ ବ୍ୟାଘାତ ହେବ ଏହା ମନେକରି ସେ ତା ପାଦ ପାଖରେ ବସି ଧୀରେ ଧୀରେ ତା ଗୋଡ଼କୁ ଆଉଁସୁ ଥାଏ ।

ଅଭୟୁର ନିଦ୍ରାଭଙ୍ଗ ହେଲା ।

ସେ ଦେଖେ ସୂର୍ଯ୍ୟମଣି ତା ପାଦତଳେ ବସି ଆସ୍ତେ ଆସ୍ତେ ଗୋଡ଼ରେ ହାତ ବୁଲାଉଛି । ଅଭୟ ଦେଖି ପଚାରିଲା—"ଭାଇ ତୁ କେତେ-ବେଳୁ ଆସୁଲଣି ? ଉଃ ! ମତେ ଭାରି ଜ୍ୱର ହୋଇଗଲା ।" ସୂର୍ଯ୍ୟ-ମଣି ଉତ୍ତର ଦେଲା—ମୁଁ ଘୋଡାଏ ବେଳୁ ଆସି ତୋ ଗୋଡ଼ତଳେ ବସିଛି ତୁ ମୋତେ ଖବର ଦେଲୁନାହିଁ. ଏତେଗୁଡ଼ାଏ କଷ୍ଟ ଭୋଗିଲୁ ।" ଅଭୟୁ କହିଲା; "ମୁଁ କଅଣ କରିବି ହଠାତ୍ ଏପରି ହେବ ; ମୁଁ ଜାଣେନା ; କାହାକୁ ତୋ ପାଖକୁ ପଠେଇବି ବୋଲି; କାହୁ ଜଣକୁ ପାଇଲି ନାହିଁ ।"

"ଅଭୟ, ଯାହାତ ହେଲା ହେଲା ତୁ ଦାନ୍ତଘଷ୍ । ଗୁଡ଼ାଖୁ ନେ ଦାନ୍ତଟା ଘଷିପକା, ମୁଁ ମହୁ କାଗଜାରସ ଦଉଚି ପାଟିରେ ଘଷ । ଅନେକ ବେଳୁ ପାଟିଟା ପଡ଼ିଯାଇ ଗନ୍ଧାଉଥିବ ଓ ଅରୁଚି ଆସି ଯାଇଥିବ ।"

ଅଭୟ ଦାନ୍ତଘଷି ମୁହଁ ଧୋଇ ବସିଛି, ମହୁ କାଗଜାରସ ଚାଟୁଛି, ଏହି ସମୟରେ ଡାକ ପିଅନ ଶଙ୍କର ନାୟକ ଗୋଟାଏ ଟେଲିଗ୍ରାମ ନେଇ ହାଜର । ଟେଲିଗ୍ରାମଟି ହାତକୁ ଦେଇ କହିଲା ; ଏହା ତମଘରୁ ଆସିଛି ଏହାକହି ପିଅନ ଚାଲିଗଲା । ଅଭୟ ଟେଲିଗ୍ରାମ ପାଇଁ ହଠାତ୍ ଚମକି ପଡ଼ିଲା ; ନାନା ସନ୍ଦେହ ମନରେ ଜାଗି ଉଠିଲା ; କହିଲା— "ସୂର୍ଯ୍ୟମଣି ପଢ଼ିଲୁ ଭାଇ !" ସୂର୍ଯ୍ୟମଣି ଟେଲିଗ୍ରାମଟି ପଢ଼ିଲା—

"ସ୍ନେହାସ୍ପଦ ବାବୁ ଅଭୟ ; ମୁଁ ଆଜି ରାତି ଏଗାରଟା ଟ୍ରେନରେ କଲିକତା ଯାଉଛି । ମୋର ବଦଳି ହୁକୁମ ସାହେବ ଦେଇଛନ୍ତି । ମକଷ୍ଟି ବାରିକ ମୋ ସାଙ୍ଗରେ ଯିବ । ଜେମାମଣି ବାଳିକା ସ୍କୁଲରେ ପଢ଼ୁଛି, ତାକୁ ଆସନ୍ତା ଗ୍ରୀଷ୍ମାବକାଶରେ ଘରକୁ ଘେନି ଆସିବୁ । ତୁ ଛୁଟି ଘେନି ମାସକ ପାଇଁ ଘରକୁ ଚାଲିଆ । ସୂର୍ଯ୍ୟମଣିକୁ ସାଥୀରେ ଆଣିଥିବୁ । ମୋର ଆଉ ଚାକିରି କରିବାର ପ୍ରାୟ ବେଶୀଦିନ ନୁହେଁ, ମୁଁ ନିକଟରେ ପେନ୍‌ସନ୍‌ର ଚେଷ୍ଟା କରିବି ।"

ଧିକ୍‌ରେ ପରାଧୀନତା ! ତୁ ମନୁଷ୍ୟକୁ କଅଣ ନକରୁ । ଯେତେ ଦୟାଳୁ, ଦାନଶୀଳ ଓ ମିଷ୍ଟଭାଷୀ ହେଉ ପଛକେ ; ସେ ତୋର ଅନୁଗତ ହେଲେ ତା'ର ସେ ଭାବ ଲୁଣପାଣିରେ ପଡ଼ିଲାପରି କେଣେ ମିଳେଇ ଯାଏ । ସେ ତା'ର ମନୋଭାବ ପ୍ରକାଶ କରିବାକୁ କେବେ ସୁଯୋଗ ପାଏ ନାହିଁ । ନଜାଣି କବିମାନେ ଲେଖିଛନ୍ତି—

ଚିରପ୍ରବାସୀ ; ଚିରରୋଗୀ ; ଚିରପରାନ୍ନଭୋଗୀ ; ଚିରପରାଧୀନ ଏମାନଙ୍କର ବଞ୍ଚିବା ଅପେକ୍ଷା ମରଣ ଶ୍ରେୟସ୍କର ।

ରେ ପରାଧୀନତା ରୋଗ ! ତୋତେ ପାଇବାକୁ ପୁଣି ମାନବ ଜ୍ଞାନ ଅର୍ଜ୍ଜନ କରେ । ଯୋଡ଼ହସ୍ତ ହୋଇ ପର ନିକଟରେ ଆପଣାର ପଦ ମର୍ଯ୍ୟାଦାକୁ ଜଳାଞ୍ଜଳି ଦେଇ କେତେ ଲାଞ୍ଛନା, କେତେ ନିଗ୍ରହ ସହ୍ୟ କରେ । ରେ ପରାଧୀନ ପ୍ରେତ, ଯେ ତୋ ବଶରେ ରହିଲା, ତା'ର ଖରା ନାହିଁ, ବର୍ଷା ନାହିଁ, ଶୀତ ନାହିଁ, କ୍ଷୁଧା ତୃଷ୍ଣା ନାହିଁ, କାଳାକାଳ, ପାନାପାନ ଓ ସ୍ଥାନାସ୍ଥାନ ବି ନାହିଁ । ବାପା ମୋର ଦୁଇବର୍ଷ ତଳେ ଏହିପରି ଏକ ଅସ୍ୱାସ୍ଥ୍ୟକର ସ୍ଥାନକୁ ବଦଳି ହୋଇ ମହାକଷ୍ଟ ଭୋଗିଛନ୍ତି । ଛଅମାସ ରୋଗ ଶଯ୍ୟାରେ ପଡ଼ି ପଡ଼ି ଉଠିଛନ୍ତି । ପୁଣି ଆଜି ତାଙ୍କୁ, ଏତେ ଦୂରକୁ ଟାଣିନେଲେ । ସେ ମୋ ମାଆ, ସେ ମୋର ବାପା । ତାଙ୍କ ଛଡ଼ା ଯେ ମୋର ଅନ୍ୟ ଗତି ନାହିଁ । ଘରେ ଯାଇଁ ପଶି କାହାକୁ ଦେଖିବି । ମା'କୁ ତ ଆଗରୁ ହରାଇ ବସିଛି । ବାପା, ତମକୁ ଏ ଅଭାଗା ସନ୍ତାନ ପ୍ରଣିପାତ କରୁଛି । ଆଜି ଘରକୁ ଯାଇ ଯେ ଏ ଅଭାଗା ତୁମର ଚରଣ ବନ୍ଦନ କରି ପାରିବ ନାହିଁ", ଏତିକି ମନେ ମନେ କହୁଁ କହୁଁ ଅଭୟର ଆଖି ଦୁଇଟି ଲୁହ ଛଳଛଳ ଦିଶିଗଲା ।

ସୂର୍ଯ୍ୟମଣି କହିଲା "ଭାଇ କାନ୍ଦିଲ କାହିଁକି ?"

"ନା ଭାଇ, କାନ୍ଦୁନାହିଁ, ତୁ କଅଣ ମୋ ସାଥୀରେ ଯିବୁ ? ବାପା ଲେଖିଛନ୍ତି ପତ୍ର ।

"ସେ କଅଣ ମୋର ବାପା ନୁହନ୍ତି, ମୁଁ ଯିବନାହିଁ କିପରି ? ଭାଇ ଦୁଃଖିନୀ ଗୋଷ୍ଠୀଏ ହୋଇଛି ମୋର ବାପା ନୁହଁନ୍ତି କି ?"

ତୁମ କେତେଥର ତା ଚିଠି ତୁ ପଢିଥିବୁ, ସେ ମୋତେ ଭାଇ ବୋଲି ସମ୍ବୋଧନ କରି ପତ୍ର ଲେଖେ । କିମିତି ବର୍ତ୍ତୁଳ ଅକ୍ଷର ଗୁଡ଼ାକ ସେ ଲେଖେ । ଲେଖାଗୁଡ଼ିକ ଏକାବେଳେ ନିର୍ଦ୍ଦୋଷ । ସେ ବାପାଙ୍କ

ଧର୍ମ ଝିଅ ।  ଏପର୍ଯ୍ୟନ୍ତ ତାର ମୋର ସାକ୍ଷାତ୍ ନାହିଁ ।  ଚିଠିପତ୍ରରୁ ଯାହା ପରିଚୟ ମିଳେ ।"

ସୂର୍ଯ୍ୟମଣି କହିଲା, "ମୁଁ ବେଶ୍ ଜାଣେ, ତୁ ତାକୁ ଭାରି ଭଲ ପାଉଛୁ । ଯଦି ଦିଆ ନଆରେତ ଏତେ ସ୍ନେହ, ଦେଖାହେଲେ ମଣି ତୋର କଣ୍ଠର ମଣି ହବ ।  ସେତେବେଳେ ସୂର୍ଯ୍ୟମଣି କଥାକୁ ମନେ କରିବୁ ।"

ଅଭୟ କହିଲା, "ତୋ କଥା କଅଣ କହ, ଏତେ କଥାରୁ କଅଣ ମିଳିବ । ମିଛୁ ତ ଫେର୍ ? ସେତେବେଳେ ତୁ ଯେବେ ତୋ ଘରକୁ ବାହାରୁ ?  ତୁ, ମୁଁ ଓ ମଣି ତିନିଜଣଯାକ ସାଙ୍ଗ ହୋଇ ରହିବା, ସେଠି କଅଣ ମଣିର ସ୍ୱଭାବ ତୋର ବୁଝିବାର ଅଭାବ ରହିବ ? ସେ ମଣି ପ୍ରକୃତ ମଣି ।  ନାମରେ ମଟୁର, ଜଳ ଭିତରେ ଅଗ୍ନି, ବିଷରେ ସୁଧା । କଳା ସିନା କୋଇଲି, ତା ସ୍ୱର କିପରି ମଧୁର । ସେହିପରି ଗରିବ ଘରେ, ଗୁପ୍ତ କୁଟୀରରେ ଦେବ ଦୁର୍ଲଭ ଧନ ଥାଏ ।  ଏ ସେହିପରି ମଣି ଯେ ଶ୍ମଶାନ ତୁଳସୀ ।  ବାପାଙ୍କଠାରୁ ଯେଉଁ ପଦ୍ୟଟି ଦେଇଥିଲା, ବାପା ମୋ ପାଖକୁ ତାକୁ ପଠାଇଥିଲେ । ତା ପଦ୍ୟ ତୋତେ ପଢ଼ାଇଲି ।  ସେଥିରୁ ଜାଣି ପାରିଲୁ ନାହିଁ ଯେ, ପଙ୍କରୁ ପଦ୍ମ ଜନ୍ମ ବୋଲି ।"

ଏହିପରି ମଣି ସମ୍ପର୍କରେ ଉଭୟ ସଙ୍ଗୀଙ୍କର ଘଣ୍ଟାଏ ସମୟ ତର୍କ ବିତର୍କ ଚାଲିଲା ।  ତାପରେ ଛୁଟି ନେଇ ଦୁଇଜଣ ଗ୍ରାମକୁ ବାହାରି ଆସିଲେ ।

ସେଦିନ ଭୋର ସାଢ଼େଛଟାରେ ଭଡ଼ା ମଟର ଆସି ଝଣଝାପଡ଼ାଠାରେ ପହଞ୍ଚିଲା । ମଟରରୁ ଓହ୍ଲାଇ ଦୁଇ ସଙ୍ଗୀଙ୍କ ନିଜ ଟ୍ରଙ୍କ ସୁଟ୍‌କେଶ ଦୁଇଟି ଓ ବନ୍ଧଣା ପଦ ଗୋଟିଏ କୁଲି ମୁଣ୍ଡରେ ଦେଇ ଆଗେ ଆଗେ ଚାଲି ଘରେ ପହଞ୍ଚିଲେ । ମଟର ଷ୍ଟେସନକୁ ଘର ତାକେ ବାଟ ହେବ, କୁଲି ସଙ୍ଗେ ସଙ୍ଗେ ପହଞ୍ଚାଇ ଦେଲା । ତାକୁ ସୂର୍ଯ୍ୟମଣି ପଇସା ଦୁଇଅଣା ଦେବାରୁ ସେ ଆପତ୍ତି କରନ୍ତେ ଆଉ ଦୁଇଟି ପଇସା ନେଇଗଲା ।

କୁଲି ଗଲାପରେ ଦାଣ୍ଡରେ ମାଳତୀ ପୋଇଲା କ'ଣ ମନେ ମନେ ଭାବୁଥିଲା କେଜାଣି, ଯେପରି ଉଭୟଙ୍କ ଉପରେ ତା'ର ନଜର ପଡ଼ିଛି, ସେହିପରି ଆଉ ଠିଆହେବ କ'ଣ, ଭିତରକୁ ପଶିଯାଇ 'କେଶବାରେ କେଶବାରେ' ହୁରି ପକାଇଲା । "ଇରେ ସାନବାବୁ ପରା ଅଇଲେଣି, ତୁ କଅଣ ଘର ଝାଡ଼ୁଛୁ ?" କେଶବ ହଠାତ୍ ଝାଡ଼ୁଟା ପକେଇ ଦେଇ ତଳ ମାହାଲକୁ ଖସିପଡ଼ି "ଅଲୋ ମାଲ ବାବୁ କାହାନ୍ତି ?"

"ଅତରେ ଦାଣ୍ଡରେ ପରା । ସେଦିନ ଯେଉଁ ବାବୁଜଣକ ଆସିଥିଲେ ସେ ବି ଆସିଛନ୍ତି ।"

କେଶବର ଗୋଡ଼ ତଳେ ଲାଗିଲାନାହିଁ ଧାଇଁଯାଇ ବାବୁଙ୍କୁ ଦଣ୍ଡବତ ଟାଏ ପକାଇ ଅନ୍ୟ ବାବୁଙ୍କୁ ଦଣ୍ଡବତ କରି କହିଲା, "ଆଜ୍ଞା ମୋ ରଜା ଅଇଲେଣି ଲୋ । ଆଜ୍ଞା ଖାଲି କୋଠା ପରା ମୋର ପୂରି ଉଠୁଛି ।" ଏତକ କହି ଟ୍ରଙ୍କଟାକୁ ଧରି ଭିତରେ ପଶି ପାଣି ଢାଳେ

ଆଣି ଗୋଡ଼ରୁ ଯୋତା ଖୋଲି ଦୁଇଜଣଙ୍କର ଗୋଡ଼ ଧୋଇ ଦେଇ ତା' ପିନ୍ଧା କାନରେ ପୋଛି ଦେଲା ।

ପୁଷିରି, କୁକୁର, ଘୋଇଲି ଯେତେ ସେ ଘରେ ଥିଲେ, ସତେ ଯେମିତି ତାଙ୍କ ସୁନା ଶରୀର ଅଭିଜ୍ଞ ଯାଉଛି । କାହା ହାତଗୋଡ଼ରେ କାମ ପଶିବାକୁ ନାହିଁ ।

ପାଠକେ ! ଆଜି ଅଚିହ୍ନା ଗୋଟାଏ ଚାକର କଥା ନେଇ ତୁମ୍ଭମାନଙ୍କ ପାଖରେ ଲେଖକ ସାକ୍ଷାତ କରୁଛି । ଦେଖନ୍ତୁ, କିପରି ପ୍ରଭୁଭକ୍ତ ଭୃତ୍ୟ ଜଗତରେ ଅଛନ୍ତି । ତା'ର କେତେକ କାର୍ଯ୍ୟଗତିର ନମୁନା ନିମ୍ନରେ ଲେଖକ ଦେବାକୁ ବାଧ୍ୟ ହେଲା ।

ପ୍ରଥମେ କେଶବ ଜାତିରେ ଭଣ୍ଡାରି । ଘର, କୃଷ୍ଣାବଣିଆ । ମାଲିକଙ୍କ ସୁଶାସନ ଏହାର ମୂଳହୁଅ । ଖାମିନ୍ଦମାନେ, ନିର୍ଦ୍ଦୟ, ନିଷ୍ଠୁର ଓ କର୍କଶଭାଷୀ ହେଲେ ଚାକରଗୁଡ଼ିକ ଜୁଆଚୋର, ଗାଲୁଆ, ଅଳସୁଆ ଓ ଠକ ପାଲଟି ଯାଆନ୍ତି ।

ରହିବ ଯେପରି ସଙ୍ଗରେ
ଗଣ୍ୟ ହୋଇବ ସେ ରୂପରେ
କାଚ ସଙ୍ଗରେ ଥିଲେ ମଣି
ତାହାକୁ କାଚ ମଧ୍ୟେ ଗଣି ।

କେଶବ ଜଗଦାନନ୍ଦ ବାବୁଙ୍କ ପାଖରେ ତା'ର ନଅ ବରଷ ବୟସୁ ଚାକିରି କରି ତାକୁ ଆସି ଚାଳିଶି ବରଷ ହେଲା । ଏଥି ମଧ୍ୟରେ ସେ ଘରକୁ ଯାଇ ବିଭା ସାଦା କରିଥିଲା । ତା'ର ସ୍ତ୍ରୀଟି ଅଳ୍ପସମୟ ମଧ୍ୟରେ ମରିଯିବାରୁ ସେ ଆଉ ଦ୍ୱିତୀୟ ଦାର ପରିଗ୍ରହ କଲା ନାହିଁକି ଘରକୁ ବି ଗଲା ନାହିଁ । ଘରେ ତା'ର ବାପ କି ମାଆ କେହି ନାହାନ୍ତି । ଦାଦି ଖୁଡ଼ିମାନେ ଥିଲେ । ସେ ଅବଶ୍ୟ କେଶବକୁ ଭଲ ପାଉଥିଲେ, କିନ୍ତୁ

ମିଶ୍ରଙ୍କ ସ୍ନେହ ସେ କାଟି ନ ପାରି ଏଠାରକୁ ଘର କରିଦେଲା । ସେ ତା ସଆନ୍ତାଣୀଙ୍କୁ ମା ଓ ସାଆନ୍ତଙ୍କୁ ବାପ ପରି ମାନିଥାଏ ।

ବାବୁଙ୍କର ମନୋରମା ବୋଲି ଯେ ଝିଅଟି ଥିଲା· ତାକୁ ଭଉଣୀ ଓ ଅଂଶୁ ବାବୁଙ୍କୁ ନିଜ ସାନ ଭାଇ ପରି ଆଖିରେ ଦେଖେ । ଆପଣାର ଘରକାମ କରି ସକାଳୁ ସନ୍ଧ୍ୟାଯାଏ ସନ୍ଧ୍ୟାରୁ ରାତି ଖିଆ ପିଆ ସାରି ଶୋଇବା ଯାଏ ବି ତାକୁ ଟିକିଏ ଫୁରୁସତ ନ ଥାଏ । ଘର ଗୋଟାକର କାମ ସବୁ କେଶବ ଉପରେ ।

କେତେବେଳେ ଏତେ କାମ କରି କେଶବର ମୁହଁରେ ବିରକ୍ତିର ଚିହ୍ନ ସୁଦ୍ଧା ଦେଖିବ ନାହିଁ । ତା'ର ସବୁବେଳେ ଆନନ୍ଦ, କେବଳ ମନୋରମା ଓ ଖାଉନ୍ଦାଣୀଙ୍କ ସ୍ନେହ ଯେତେବେଳେ ମନେପଡ଼େ, ସେତେବେଳେ ତା'ର ମୁହଁଟି ଶୁଖିଯାଏ ।

ସେ ଏପରି ପ୍ରଭୁଭକ୍ତ ଯେ ଯଦି ପ୍ରଭୁର ରୋଗମୁକ୍ତି ପାଇଁ ନରପିଣ୍ଡ ଦରକାର ହୁଏ ବୈଦ୍ୟମାନେ ମାଗନ୍ତି, ତା ହେଲେ ସେ ହୃଦୟ ଚିରି ମଧ୍ୟ ଦେଇ ପାରିବ, ଏଥିରୁ ଅଧିକ କେଶବର ଭଲଗୁଣ କଅଁଣ ହୋଇ ପାରେ ?

ଏହି କେଶବ ବାରିକର ତରଳ ଚରଣ କ'ଣ ଆଜିକାଲି କୌଣସି ଗୃହକର ଆଖିରେ ପଡୁ ନାହିଁ ? ମିଶ୍ରଙ୍କ ସମାନ ଭୃତ୍ୟବତ୍ସଳ ଗୁଣ ଅକସ୍ମାତ ଗୋଟିଏ ଗୋଟିଏ ବାବୁଙ୍କଠାରେ ଦେଖାଯାଏ ।

ଆଜି କେଶବର ଗୋଡ଼ ତଳେ ଲାଗୁ ନାହିଁ । ଆଜି ତା'ର ସାନଭାଇ କଲେଜରୁ ଘରକୁ ଆସିଛନ୍ତି । ସେ ଏହା ଭାବି ବାବୁ କିପରି ଭଲରେ ଖାଇବେ; ଭଲରେ ଟିକିଏ ଶୋଇବେ, ସେ ଏଥିରେ ବ୍ୟସ୍ତ । ମଣିଟିକି ପାଇଲା ଦିନୁ ସେ ମନୋରମା କଥା କେତେକ ପରିମାଣରେ ଭୁଲି ଯିବାଟା ଜଣାପଡ଼େ ।

ବାବୁ ଦୁଇଜଣ ସ୍ନାନ କରି ଲୁଗା ପାଲଟି ଶୁଖିଲା ଲୁଗା ପିନ୍ଧି କରି ଗଲାରୁ କେଶବ ଆସନ ପକାଇ ପାଣି ଗ୍ଲାସ ରଖି ଜାଗାକରି ଦେଲା ପୁହ୍ଟାସ୍ତ ଯଥାଯୋଗ୍ୟ ଖାଦ୍ୟ ଆଣି ଦେଇଗଲା ଉତ୍ତାରୁ ସୂର୍ଯ୍ୟମଣି ଅଭୟ ଖାଇସାରି ଖୁତ ଅନିଦ୍ରା ହେତୁ ଟିକିଏ ଟିକିଏ ଶୋଇବାପାଇଁ ଗଲେ । ତା ଆଗରୁ କେଶବ ବିଛଣା କରି ସାରିଲାଣି । ଖାଇସାରି ବାବୁମାନେ ହାତ ଧୋଇବା ମାତ୍ରେ କେଶବ ଯଇଁ ବାବୁଙ୍କୁ ତରତର କରି ଦେଲା—ବାବୁ, ଚାଲ ମୁଁ ଉପର ମହଲା ବୈଠକ ଖାନାରେ ତୁମ୍ଭ ପାଇଁ ବିଛଣା ବିଛାଇ ଆସିଛି । କାଲି ଖୁତଯାକ ରେଳରେ ବସି ଅନିଦ୍ରା ହୋଇଥିବ, ଟିକିଏ ଶୋଇ ଉଠିଲେ ଦିହଟା ଚଞ୍ଚଳ ହେବ । ମୁଁ ଏଣେ ବାସନ ଉଠାଇ ନେବାକୁ ମାଲତୀକୁ କହିଦେଇ ଯାଇ ତମ ଦିହ ମର୍ଦ୍ଦନ କରି ସାରି ଗାଧୋଇ ଖିଆପିଆ କରିବି । ଏହା କହି କେଶବ କାମରେ ଗଲା । ସେ'ତ କଲେଜ ପିଲା, ପାନ ଖାଆନ୍ତି ନାହିଁ, ଗୋଟାଏ ସିଗାରେଟ ପକେଟରୁ ବାହାର କରି ନିଆଁ ଲଗାଇ, ଧୂଆଁ ଉଡ଼ାଇ ଉଡ଼ାଇ ଉପରକୁ ଶୋଇବାକୁ ଗଲେ ।

ତେଣେ ବାବୁ ଦୁଇଜଣଙ୍କୁ ଅଳ୍ପ ଅଳ୍ପନିଦ ଅର୍ଥାତ ତନ୍ଦ୍ରା ଆକ୍ରମଣ ସମୟରେ ହଠାତ ତଳୁ କେଶବ ଯାଇ କହିଲା, ଏହିକ୍ଷଣି ଡାକପିଅନ ବାପାଙ୍କ ନାମରେ ଏ ଚିଠି ଖଣ୍ଡିକ ଦେଇ ଚାଲିଗଲା । ଅଭୟ ବାବୁ ଦେଖିଲେ ଏ ଚିଠି ବୃନ୍ଦାବନଚୌକ ପୋଷ୍ଟଅଫିସର ସିଲ୍ । ସେ ଦେଖି ମନେ କଲେ ଯଦି ସରକାରୀ ଚିଠି ହୋଇଥାନ୍ତା; ତାହା ହେଲେ ସର୍ଭିସ୍ ଟିକେଟ ଲାଗିଥାଆନ୍ତା; ଏତ ସାଧାରଣ ବ୍ୟବହାର ଟିକେଟ । ଫିଟାଇ ଦେଖିଲେ ଯେ ଗାର୍ଲସ୍କୁଲର ବୋର୍ଡିଂ ସୁପରିଣ୍ଟେଣ୍ଡେଣ୍ଟ ଲେଖିଛନ୍ତି, ଆଜି ମାର୍ଚ୍ଚମାସ ଆଠ ତାରିଖ ଶନିବାର ସ୍କୁଲ ଛୁଟି ହେଉଛି । ଦୋଳ ଯାତ୍ରା ଯୋଗେ ପନ୍ଦରଦିନ ସ୍କୁଲ ବନ୍ଦ, ଆପଣ ମଟର ପଠାଇ ଶୀଘ୍ର ତା ୯ରିଖରେ ଆପଣଙ୍କ ମଣିକୁ ଏଠାରୁ

ନେଇଯାନ୍ତୁ । ଅଭୟ ଏହା ପଢ଼ି ଆଉ ଶୋଇବ କ'ଣ ସାଥେ ସାଥେ କେଶବକୁ ଡକାଇ କହିଦେଲା—ଡ୍ରାଇଭରକୁ କହ ସେ ମଟର ଠିକ କରୁ, ମୁଁ କଟକ ମିଶନବୋର୍ଡିଂକୁ ଯିବ । ମଣିକୁ ଘେନି ଆସିବାକୁ ତାଙ୍କର ବୋର୍ଡିଂଘର ମାଲିକ ବାପାଙ୍କଠାକୁ ପତ୍ର ଦେଇଛନ୍ତି । କେଶବ ଶୁଣି ଭାରି ଆନନ୍ଦଠାଏ ହେଲା, କହିଲା—ଯାହା ହଉ ଅର୍ଜନ ସୁଭଦ୍ରାଙ୍କ ମିଳନଟା ଏତେଦିନେ ମଣିଷ ଦେଖିବ । ଏହା କହି ଡ୍ରାଇଭରକୁ ଖବର ଦେବାକୁ ଗଲା ।

ଇତ୍ୟବସରେ ସୂର୍ଯ୍ୟମଣି ବାବୁଙ୍କ ଭୟଙ୍କର ନିଦ୍ରା ହୋଇ ଗଲାଣି । ଅଭୟ ଡାକିଲା—ଆରେ ସୁର ! ଉଠ କଟକ ଯିବା, ମଣି ପାଖରୁ ପତ୍ର ଆସିଛି । ତାର ଆଜି ସ୍କୁଲ ଛୁଟି, ତାକୁ ଘରକୁ ନେଇ ଆସିବାକୁ ମିସ୍ ତାର କରିଛନ୍ତି ।

ସୂର୍ଯ୍ୟମଣି ନିଦ ଗରଗର ହୋଇ କହିଲା—"ଯା ତୁ, ମୁଁ ଯିବି ନାହିଁ ।"

ଅଭୟ ଏହା ଶୁଣି କହିଲା—'ହଉ ନ ଯା ମୁଁ ଯାଉଛି' ଏହା କହି ତଳକୁ ଆସିଲା । ଡ୍ରାଇଭର ମଟର ଠିକ୍ କରି ରହିଥାଏ, କେଶବକୁ କହି ମଟରରେ ବସିବାରୁ କଟକ ବାହାରି ଗଲେ ।

ବାଟରେ କେତେକେତେ ନବ ନବ ଭାବ ତାଙ୍କ ମନରେ ଉଦିତ ହେଲା, କାରଣ ହେଉଛି ମଣିକୁ ଆଦୌ ସେ ଦେଖି ନ ଥିଲେ । ଆଜି କେବଳ ଦେଖିବେ । ମଣି ତାଙ୍କୁ କଅଣ, କହିବ ସେ ମଣିକୁ କଅଣ କହିବେ, ମଣିର ଶୋଭା ପ୍ରତିଭା କିପରି ? ତାର କଣ୍ଠସ୍ୱର କିପରି ? ବାପା ତାର କେଉଁ ଗୁଣରେ ଏପରି ଭୁଲିଛନ୍ତି ଇତ୍ୟାଦି । ମୁଁ ଯେତେବେଳେ ମଣିକୁ ଦେଖିଥିଲି, ସେତେବେଳେ ମଣିର ନିତ୍ୟାନ୍ତ ଦରିଦ୍ରାବସ୍ଥା । ଏ ଯଣି ବୋଧହୁଏ ସେ ରୂପ ବେଶ ବଦଳି

ଯାଇଥିବ । ଏହିପରି କେତେ କ'ଣ ସୁଖସ୍ୱପ୍ନ ଅଭିମନ୍ୟୁ ବାବୁ ଦେଖି-ବାକୁ ଲାଗିଲେ ।

ମଣି ଚିଠିଏ ମିସ୍ ପଠେଇଦେବା ଶୁଣି କିଏ ସେ ମତେ ନେବାକୁ ଆମଘରୁ ଆସିବ, ଥରକୁ ଥର ଝାଲି ଆସି ବାଟକୁ ଚାହିଁ ଥାଏ । ଏହି ସମୟରେ ମଟର ହର୍ଣ୍ଣ ଶୁଭିଲା, ଦେଖିଲା—ଜଣେ ବାବୁ ତାର ନାମ ପଚାରିଲେ—ମଣି କେଉଁ କୋଠରୀରେ ଥାଏ ?

ମଣି ଜାଣି ପାରି କହିଲା "କିଏ ଭାଇ ! ମୁଁ ପରା ତୁମ ମଣି ।"

ଅଭିମନ୍ୟୁ ଏକାବେଳେକେ ସେ କଥା ପଦକରେ ହୀରାପଦକ ପାଇଲା ପରି ଆନନ୍ଦ ହୋଇ କହିଲେ—ମଣି ଆ, ମଟରରେ ବ, ବାପାଙ୍କ ପାଖକୁ ପତ୍ର ଦେଇଥିଲୁ, ସେ ବଦଳିରେ କଲିକତା ଗଲେଣି । ସମସ୍ତ ଘଟଣା ମଣି ତାର ମାଲିକଙ୍କୁ ଜଣାଇ ଆସି ବହିପତ୍ର ଥୋଇ ମଟରରେ ବସିଲା । ଭାଇ ଭଉଣୀ ଦୁହେଁ ଏକାସନରେ ବସିଲାମାତ୍ରେ ଡ୍ରାଇଭର ମଟର ଚଲାଇଲା ।

ବାଟରେ ମଣି କହିଲା—ଭାଇ ମୁଁ ତମକୁ କେତେ ପତ୍ର ଦିଏ, ତମେ ମତେ ଖଣ୍ଡିକର ଉତ୍ତର ସୁଦ୍ଧା ଦିଅ ନାହିଁ । ତୁମେ କ'ଣ ମତେ ଭଲ ପାଅ ନା ଭାଇ ? ଅଭିମନ୍ୟୁ ଆଗରୁ ପତ୍ର ନ ଦେଇ ଭୁଲ କରିଛନ୍ତି ଏଥିଣି ମାନ ବଞ୍ଚାଇବା ତ ମୁସ୍କିଲ । କଅଣ କରିବେ ସେଠୁ ମିଥ୍ୟାର ଆଶ୍ରୟ ନେବାକୁ ବାଧ୍ୟ ହେଲେ । କହିଲେ—ମଣି ମୁଁ ଯେ ପତ୍ର ତୋ ପାଖକୁ ଦିଏ ନା, ତାର କାରଣ ହେଉଛି, ତୋତେ ଅଧିକ ଭଲ ପାଇବା ।

ମଣି—କିପରି ଭାଇ ?

ଅଭିମନ୍ୟୁ—ପତ୍ର ପଢାପଢିରେ ତୋର ବହୁମୂଲ୍ୟ ସମୟ ନଷ୍ଟ ହେବ । ପାଠରେ ବ୍ୟାଘାତ ଘଟିବ । ବାପା କାଳେ ଶୁଣି ବିରକ୍ତ ହେବେ ଏହି ତାର କାରଣ ।

ମଣି—ଭାଇ ସେ ଛଳନା କଅଣ ମୁଁ ଜାଣି ପାରୁନାହିଁ । ବାପା ଫେଟରେ ମୋ ପାଖକୁ କପର ସାତଦାନକୁ ସାତଦାନ ଖଣ୍ଡେ ଦୁଇଖଣ୍ଡି ଲେଖାଁଏ ପତ୍ର ଦିଅନ୍ତି । ତା ନୁହେ, ମୁଁ ତୁମ ଗରବ ଭଉଣୀ ବୋଲି ମନରେ ମତେ ଘୃଣା କର । ଏହା କହି ଅଭୟ କାନ୍ଧରେ ମୁଣ୍ଡ ଥୋଇ ମଣି କାନ୍ଦ ପକାଇଲା ।

ଅଭୟ ତାର କାନ୍ଦିବା ଦେଖି ମୁହଁ ଉଠାଇ ପାଖକୁ ଟାଣି ଆଣି ଆଖି ଦିଓଟିର ଲୁହ ପୋଛି ଦେଲେ । କହିଲା—ମଣି ତୁ ମୋର ଭଉଣୀ, ମନୋରମା ମଲା ଦିନରୁ ମୁଁ ଭଗିନୀହରା ହୋଇଥିଲି । ତୋତେ ପାଇଲା ଦିନୁ ମୁଁ ମୋର ନିଜ ଭଉଣୀକି ପାଇଛି ବୋଲି ମନେହୁଏ । ପ୍ରକୃତରେ ସେ ମୋର ଭୁଲ ତୋ ପାଖକୁ ପତ୍ର ନ ଦେବାଟା ମନରେ କିଛି କରବୁ ନାହିଁ । ଆଜିକାଲି ଲୋକମାନଙ୍କର ଭିନ୍ନ ଭିନ୍ନ ଧାରଣା ।

ମଣି କହିଲା—ହଉ ଭାଇ ସେଇଥି କହିଲ ନାହିଁ, ମୁଁ ମାସରେ ପାଞ୍ଚ ଛଅ ଖଣ୍ଡ ପତ୍ର ଦେଇ ନିରାଶ ହୁଏ । ଉତ୍ତର ଖଣ୍ଡିକର ସୁଦ୍ଧା ପାଏ ନାହିଁ । ଭାଇ ମଣିଷ କଅଣ କେବଳ ଜନ୍ତୁ ହୋଇଛି ଖାଲି ରହି ପାଠ ପଢ଼ିବ ପ୍ରବନ୍ଧ ଲେଖିବ ନାହିଁ କହିଲ ଭାଇ, ସବୁବେଳେ କଅଣ ପିଲାମାନଙ୍କର ପଢ଼ିବାଟା ଭଲ ? ମଣି ଭାରି ଚତୁର । ସେ କଥାଟା ତାର ବାଙ୍ଗରେ ବୁଲେଇ କହିବାକୁ ଗୃଳିଥାଏ; ଶେଷରେ କହିଲା, ତେବେ ଭାଇ ତମ ଏ ଦରିଦ୍ରା ଭଉଣୀର ପାଖକୁ ପତ୍ର ଦେବ ନାହିଁ ? ଅଭୟ କହିଲେ ହୁଁ, ଏଥର ଦେବି । ଆଉ ଗୋଟିଏ ଦୁଃଖର କଥା ମଣି, ବାପା ଆଜକୁ ଗୃହଦନ ହେବ କଲିକତା ଗଲେଣି, ମତେ ପତ୍ର ଲେଖିଥିଲେ ତୁ ଯାଇଁ ମଣିକୁ ନେଇ ଆସିବୁ । ତୋର ମିସ୍‌ଙ୍କ ପତ୍ର ମୁଁ ବାପାଙ୍କ ନାଆଁରେ ପାଇ ତୋ ପାଖକୁ ନବାକୁ ଆସିଲି ।"

ଏକଥା ଶୁଣି ମଣିର ମନଟି ଶୁଖିଗଲା । କହିଲା—"ଭାଇବାପା କିଆଁ କଲିକତା ଗଲେ ?" ଅଭୟ ଉତ୍ତରରେ କହିଲେ, 'ସେ ବଦଳିରେ ଗଲେ । ଲେଖିଛନ୍ତି, ସେ ଆଉ ଚାକିରି କରିବେ ନାହିଁ, ନିକଟରେ ପେନସନ୍ ପାଇଁ ଚେଷ୍ଟା କରିବେ ।" ଏହିପରି କେତେ ଦୁଃଖ ସୁଖ ହେଲା ପରେ ମଟର ଯାଇଁ ମିଶ୍ରଙ୍କ ଦାଣ୍ଡଫାଟକ ପାଖରେ ପହଞ୍ଚିଲା । କେଶବ କୋଠା ଉପରେ ଚାହିଁ ଥିଲା, ହଠାତ୍ ମଟର ଆସିବା ଦେଖି ଓହ୍ଲାଇ ଆସି 'ମୋ ଭଉଣୀ ଅଇଲଣି କି ଲୋ' କହି ମଣିକି ଧରି ପକାଇଲା । 'ଆଜି ଘର ମୋର ଘର ପରି ଦିଶିଲା' ଏହା କହି ବଡ଼ ଖୁସିଟାଏ ମଧ୍ୟ ହେଲା ।

ସୂର୍ଯ୍ୟମଣି ଆସି ଦେଖିଲା ଏହି ମଣି—ଏହାର କଥା ସେ କେତେଥର ଅଭୟଠାରୁ ଶୁଣିଛି । ମନରେ ଭାବିଲା, ମଣି କାହିଁକି ମୋତେ କିଛି ପଚାରୁ ନାହିଁ କି କହୁ ନାହିଁ । ସେ ତ ମୋତେ ସୂର୍ଯ୍ୟମଣିକି ଚିହ୍ନେ ନା, କିପରି ଅପରିଚିତ ଲୋକକୁ ସେ ମୁହଁ ଫିଟାଇ କଥା କହିବ ? ସୂର୍ଯ୍ୟମଣି ମନରେ ସେ ଧେନ ଭାରି କଷ୍ଟ । ସେ ସିନା ମଣିକି ଜାଣେ, ମଣି ବା ତାକୁ ଜାଣୁଛି କେମିତି ?

ଏହି ସମୟରେ ଚେଟେଣୀ କେଶବ ତିନିଜଣଙ୍କ ପାଇଁ ଠା ପିଢ଼ା କରି ଡାକିବାକୁ ଆସିଲା । ସେମାନେ ଖାଇବାକୁ ଗଲେ । ପୁହାଁଣି ଭାତ ତିନି ଜାଗାରେ ତିନୋଟି ଥାଳିରେ ବାଢ଼ିଆଣି ଥୋଇଲା । ମଣି ବା ଅପରିଚିତ ଲୋକଟା ପାଖରେ ବସି ଖାଇବ କିପରି ? ସେ ସ୍ୱଭାବତଃ ଲଜ୍ଜାଶୀଳା, ସେ କିଛି ଅକୁଳୀନ ଘରର ଝିଅ ନୁହେଁ । ବୁଢ଼ୀ ସିନା ସଂସାରରୁ ଚାଲିଯାଇଛନ୍ତି, କିନ୍ତୁ ବୁଢ଼ୀଙ୍କର ଯାହାକି କର୍ତ୍ତବ୍ୟ, ନାରୀ-ମାନଙ୍କ ଯାହା କରିବାକୁ ହୁଏ, ସେ ତାହା ମଣିକି ଦେଇଯାଇଛନ୍ତି । ସେ ଆଜି କଟକରେ ଖ୍ରୀଷ୍ଟିଆନ ପିଲାମାନଙ୍କ ସାଥିରେ ପାଠ ପଢ଼ି

ମଧ୍ୟ ତା'ର ଦେଶ ବ୍ୟବହାର ଭୁଲି ନାହିଁ । ମଣି କହିଲା—"ଭାଇ, ତମେ ବସ' ମୁଁ ଅଲଗା ସେ ଘରେ ଖାଇବି ।

ଅଭୟ ଏହା ଶୁଣି କହିଲା, "ତୁ ସୂର୍ଯ୍ୟମଣିକି ଲାଜ କରୁଛୁ ପରା, ମୋର ପାଠପଢ଼ା ସାଙ୍ଗ । 'ଅନ୍ୟ ତ ଏଠି କେହି ନାହିଁ । ଏହାର ନାମ ସୂର୍ଯ୍ୟମଣି, ଏ ବରାବର ମୋ ସାଙ୍ଗରେ ଆମ ଘରକୁ ଆସେ, ବାପା ଯାଙ୍କୁ ଭାରି ଭଲ ପାଆନ୍ତି । ମୁଁ କ'ଣ ତୋର ଭାଇ, ସେ କ'ଣ ତୋର ଭାଇ ନୁହେଁ ?"

ମଣି ଏ କଥା ଶୁଣି କିଛି ନ କହି ବହୁ ସଙ୍କୁଚିତ 'ଭାବରେ ସେଠି ବସି ଖାଇଲା । ସୂର୍ଯ୍ୟମଣି ମଣିର ଗତିବିଧି ନିରୀକ୍ଷଣ କରି କିଛିମାତ୍ର କହିଲା ନାହିଁ, ସେଦିନ ଦିନେ, ଦୁଇଦିନ, ତିନିଦିନ ଗଲା ; କ୍ରମେ ପୁରୁଣା ହେଲାରୁ ସୂର୍ଯ୍ୟମଣି ପ୍ରତି ମଣିର ଲଜ୍ଜା ଦୂର ହୋଇଗଲା ।

ଦିନେ ଅଭୟ ଓ ସୂର୍ଯ୍ୟମଣି ଦୁହେଁ ବୁଲିବାକୁ ଯାଇଥିଲେ । ସେତେବେଳକୁ ଅପରାହ୍ନ ପାଞ୍ଚଟା ସମୟ, ମଣି ସେତେବେଳେ ବଗିଚାକୁ ଡାଲାଟିଏ ନେଇ ମାଳତୀ ପୋଇଲୀକି ସଙ୍ଗରେ ନେଇ ଗୁଡ଼ିଏ ମଲ୍ଲୀଫୁଲ ତୋଳି ଆଣି ଯୋଡ଼ିଏ ମଲ୍ଲୀ ଗଜରା ଗୁନ୍ଥି ସୂର୍ଯ୍ୟମଣି ଓ ଅଭୟ ଭାଇ ପାଇଁ ହାର ଦୁଇଟି ରଖିଦେଲା । ବାକି ଫୁଲ ଗୁଡ଼ିକ ହାର ଗୁନ୍ଥି ତାଙ୍କ ଠାକୁର ରାଧାମୋହନଙ୍କ ପାଖକୁ ମାଳତୀ ହାତରେ ପଠାଇ ଦେଲା ।

ପାଠକେ ! ଫୁଲରୁ ଆଜି ତାର ଭାଇ ଅଭୟ ଓ ସୂର୍ଯ୍ୟମଣି ପ୍ରତି କିପରି ସ୍ନେହ ତାହା ପରୀକ୍ଷା କରି ପାରିବେ । ଯେଉଁକ୍ଷଣି ସନ୍ଧ୍ୟା ଆଗତ ହେଲା ସେହିକ୍ଷଣି ଦୁଇ ଜଣଯାକ ଭ୍ରମଣ କାର୍ଯ୍ୟ ବଢ଼ାଇ ଘରକୁ ଫେରିଲେ ।

ଯୋଡ଼ା ଖୋଲି ସୂର୍ଯ୍ୟମଣି ଭିତରକୁ ଯିବାବେଳେ ମଣି ତାକୁ ସେ ଫୁଲ ଗଜଷ୍ଠି ଦେଲା । ସେ ତାହା ଅତି ଆନନ୍ଦରେ ନେଇ ଗଳାରେ ପିନ୍ଧି କହିଲା : ମଣି, ତୁ ଏ ଫୁଲ ଗଜଷ୍ଠ ଗୁନ୍ଥିଛୁ ନା, ବାଃ ବଡ଼ ବାହାରିଆ ହୋଇଛି ।

ଏତକ ଶୁଣି ମଣିର ଭାରି ଆନନ୍ଦ । ତା' ପରେ ସେ ଅଭିମନ୍ୟୁକୁ ଚୌକିରେ ବସିଲାବେଳେ ଅନ୍ୟ ମାଳୀ ଗଜଷ୍ଠି ନେଇ ଦେଲା ।

ଅଭିମନ୍ୟୁ ସେ ଗଜଷ୍ଠିକୁ ହାତରେ ନେଇ ଚୌକିବାରନ୍ଦାରେ ରଖି ଦେଇ ଅନ୍ୟ କାର୍ଯ୍ୟରେ ବାହାରି ଯିବାର ଦେଖି ମଣି ମନେକଲା, ମୋ ଫୁଲ ପ୍ରତି ଏତେ ହତାଦର କାହିଁକି ? ସେ ଭାଇଙ୍କ ମାଳଟି ଦେଲାମାତ୍ରେ କେତେ ପ୍ରଶଂସାକରି ନିଧିପାଇଲାପରି ନେଇ ବେକରେ ପିନ୍ଧିଲେ । ଆଉ ଏ ଭାଇଙ୍କୁ ସେ ଫୁଲହାରଟା ଦେଲାକ୍ଷଣି ଚୌକିରେ ଥୋଇଦେଇ କିଛି ନ କହି ଅନ୍ୟଆଡ଼େ ଚାଲିଗଲେ । ଏତିକିରେ ମଣି ମନରେ ଭାରି କିଛି କଷ୍ଟ ହେଲା । ସେ ଅଭିମାନିନୀ ହୋଇ ଗୋଟିଏ ସପ ତଳେ ବିଛାଇ ମୁହଁ ତଳକୁ କରି ଶୋଇ କାନ୍ଦିଲା । ଅଭିମନ୍ୟୁ ମଣିର ତା ପ୍ରତି ଅଭିମାନ ଅଛି କି ନା ତାହା ପରୀକ୍ଷା କରି-ବାକୁ ଏ କଥା କରିଥିଲେ । ମଣି କ'ଣ କରିବ, ସେ ଏହି ଅନିଷ୍ଟରେ ବୁଲୁଥାନ୍ତି । ମଣିକି ଦେଖିଲେ, ସେ ଗୋଟିଏ ନିଭୃତ କକ୍ଷରେ ସପ ଖଣ୍ଡିଏ ପକାଇ ଶୋଇ କାନ୍ଦୁଛି ।

ଅଭିମନ୍ୟୁ ଏହା ଜାଣି ତା' ନିକଟକୁ ଯାଇ କେତେ ପ୍ରବୋଧ ଲୁହ ପୋଛି କହିଲେ, କି ମଣି, ମୁଁ ଜାଣେ ତୋ ଫୁଲ ଗଜଷ୍ଠି ତୁ ଦେଲାମାତ୍ରେ ଗଳାରେ ପିନ୍ଧିଲି ନାହିଁ ବୋଲି ମନରେ ଅଭିମାନ କରିଛୁ । ହଉ ହଉ, ଉଠି ଯା, ମୁଁ ପରେ ପିନ୍ଧିବି ବୋଲି ଥୋଇ ଦେଇଥିଲି । ଏବେ ମୁଁ ପିନ୍ଧୁଛି ତୁ ଦେଖ ।

ମଣି ଶୁଣିଲା ନାହିଁ । ଅଭୟ କହିଲା, ମୁଁ ତୋ ହରଷ ମୁହଁ ନ ଦେଖିବା ଯାଏ କେବେ ଏଠୁ ମିଶିବ ନାହିଁ ଫୁଲ ପିନ୍ଧିବ ନାହିଁ, ମୋ ଷ୍ଣଣଟି, ମଣି ମୋ ପ୍ରାଣରେ ଆଉ ଆଘାତ ଦେଏନା । ଏପରି କେତେ କଥା କହିବା ପରେ ମଣିର ମାନଭଙ୍ଗ ହେଲା ।
ଭାଇ, ଆସ ମୁଁ ମାଳାଟି ତୁମକୁ ପିନ୍ଧାଇ ଦିଏ, ଏହା କହି ବେକରେ ପିନ୍ଧାଇ ଦେଲା । ସବୁ ମାନ ଏକାବେଳକେ ସେଇଠି ଚୂନା ହୋଇଗଲା ।

ଏହିପରି କେତେଦିନ ଗତ ହେଲା ପରେ କ୍ରମେ ସ୍କୁଲ କଲେଜ ଖୋଲିବାର ସମୟ ନିକଟ ଜାଣି ତିନିଜଣଯାକ କଟକ ବାହାରିଲେ । ତାହା ଜାଣି ଅଗରୁ ଆଠଦିନ ଠାରୁ କେଶବଟିକୁ ମୁହଁଶୁଖା ରୋଗ ଧରି ସାରିଲାଣି ।

ପୁଣି ଯେଉଁଦିନ ସେ ଘରୁ ସମସ୍ତେ ଚାଲିଯିବେ ସେହିଦିନ ଏ ଘର ସତେ କ'ଣ ହୋଇଯିବ, କି ସୁନା ଛାରଖାର ହୋଇଯିବ, ଏହାଭାବି ବେଳେ ବେଳେ ଘର ଝାଡ଼ିଲା ବେଳେ କିଏ ଦେଖିବ ବୋଲି ଘର କଣରେ କେତେଥର ତୁନି ତୁନି କାନ୍ଦେ ।
ଯେଉଁଦିନ ଅଭୟ ସୂର୍ଯ୍ୟମଣି ସଙ୍ଗେ ମଣିକି ନେଇ ବାଲିକା ସ୍କୁଲରେ ଛାଡ଼ି କଲେଜ ଯିବେ, ସେହିଦିନ କେଶବ ଆଖିରୁ ଲୁହ ଶୁଖିବାକୁ ନାହିଁ । ଏଣେ ରାତିକୁ ସେମାନଙ୍କ ପାଇଁ ଜଳଖିଆ ସଜାଡୁ ଥାଏ, ବହିପତ୍ର ବାନ୍ଧୁଥାଏ ଓ ପୁଣି କାନ୍ଦୁଥାଏ ।

ମଟର ଆସି କୋଠା ଫାଟକ ପାଖରେ ଲାଗିଲା । ଡ୍ରାଇଭର ଆସି ଡାକିଲା—ବାବୁ ! ଡେର କାହେ ବାସ୍ତେ, ଗାଡ଼ି ତୟାର ହେ । ଏହା କହିଲାକ୍ଷଣି ତିନି ଜଣଯାକ ଯାଇ ଗାଡ଼ିରେ ବସିଲେ । କେଶବ ତିନିଙ୍କି ଛାଡ଼ି କାନ୍ଦି ଘରକୁ ଫେରି ଆସିଲା ।

ମଣି ମ୍ୟାଟ୍ରିକ୍‌ପାଶ୍ କଲାପରେ ଅଭ୍ୟନ୍ତ ଏମ୍, ଏ, ବି, ଏଲ୍, ପାଶ୍‌କରି ସାରିଲଣି । ମଝିରେ ଚାରିବରଷ ତ ଗତ ହୋଇଗଲା । ସେତେବେଳକୁ ମଣି ଆଉ ପିଲା ନୁହେଁ । ସେ ପନ୍ଦର ବର୍ଷର ଯୁବତୀ । ଉଭୟେ ଅଛି ଅଛନ୍ତି ।

ଜଗଦାନନ୍ଦ ମିଶ୍ରେ ଚାରିମାସ ପରେ ପୁଣି କଲିକତାରୁ ହାଇଦରାବାଦ୍‌କୁ ବଦଲି ହେଲେ । ସେଠାରେ ଏକ ବରଷ କଟିଗଲା, କିନ୍ତୁ ପେନ୍‌ସନ୍ ପାଇଁ ମିଶ୍ରେ ଯେତେ ଯତ୍ନ କଲେ, ସରକାର ତାହାଙ୍କର କାର୍ଯ୍ୟଦକ୍ଷତା ଓ ସୁଖ୍ୟାତି ଜାଣି ଏପରି ଅଫିସରକୁ ଏତେ ଶୀଘ୍ର ପେନ୍‌ସନ୍ ଦଅଯିବାର ଭଲ ନୁହେଁ, ଏହି .ଅର୍ଡର ଲେଖି ପଠାଇଲେ । ଉପ୍ରେ ମିଶ୍ରେ ମାଜିଷ୍ଟ୍ରେଟ କର୍ମରେ ଥାଉଁ ଥାଉଁ ହଠାତ କୌଣସି କଠିନ ରୋଗରେ ଆକ୍ରାନ୍ତ ହୋଇ ପଡ଼ିଲେ ।

ସେତେବେଳକୁ ସେ ଏକାବେଳକେ ଦଶବର୍ଷର ପେନ୍‌ସନ୍ ନେଇ ଘରକୁ ଚାଲି ଅସିଛନ୍ତି । ଅନେକ ଗୁଡ଼ାଏ ଟଙ୍କା ସେ ସରକାରରୁ ପାଇ ଆଣି ଘରେ ରଖି ଏବେ ରୋଗଶଯ୍ୟାରେ ଶାୟିତ । ହୃଷ୍ଟପୁଷ୍ଟ ସୁସ୍ଥସବଳକାୟ ପଞ୍ଚାବନ ବର୍ଷରେ ଶକ୍ତିଶାଳୀ ପେନ୍‌ସନ୍ ପ୍ରାପ୍ତ ବ୍ୟକ୍ତି ଦୁଇଟା ମାସରେ କ୍ଷୀଣ ହୋଇ ପଡ଼ିଲେଣି । ସେ ଅକସ୍ମାତ ଗ୍ରହଣୀ ରୋଗାକ୍ରାନ୍ତ ହୋଇ ପଡ଼ିଲେ । କେଶବ ମଳମୂତ୍ର ଶଯ୍ୟା ଲୁଗାକୁ କାହାରି ହାତରେ ପରିଷ୍କାର କରିବାକୁ ନଦେଇ ନିଜେ ପରିଷ୍କାର କରି ସବୁବେଳେ ବାବୁଙ୍କ ପାଖରେ ଜଗି ବସିଥାଏ ।

ଅନେକ ଡାକ୍ତର ଓ କବିରାଜ ଲଗାଇଲେ । ଶେଷରେ ଅନେକ ଦୈବୀକ୍ରିୟା ମଧ୍ୟ କରାଇଲା, ମାତ୍ର କେଉଁଥିରେ କିଛି ଫଳ ହେଲା ନାହିଁ ।

ବାବୁଙ୍କର ଶରୀର ଅସୁସ୍ଥ ହୋଇ କେବଳ ଅସ୍ଥି ଚର୍ମସାର ମାତ୍ର ରହି-ଲାଣି । ମଣି ଓ ଅଭୟ ଦୁହେଁ ଘଡ଼ିଏ ଛାଡ଼ି କାହିଁ ଯାଆନ୍ତି ନାହିଁ । ଜଣେ ବସିଲେ ଜଣେ ଗାଧୋଇ ଖାଇବାକୁ ଯାଏ ।

ଦିନେ କାହିଁକି ଅଭୟକୁ ଡାକି ବାବୁ କହିଲେ, "ବାପା ! ମୋ ଆଶା ଛାଡ଼ । ଆଉ ବେଶୀକ୍ଷଣ ମୋର ପ୍ରାଣବାୟୁ ଘଟରେ ଅବସ୍ଥାନ କରିବ ନାହିଁ । ଦେଖ, ଏ ବିପୁଳ ସମ୍ପତ୍ତି କାହା ପାଇଁ ? ତୋହର ପାଇଁ ତ । ଏହାକୁ ତୁ ଚଳେଇବୁ । କୌଣସି ଅସତ୍ ମାର୍ଗରେ ଉଡ଼ାଇବୁ ନାହିଁ । ତୋତେ ପଢ଼ାଇ ଶୁଣାଇ ମଣିଷ କରାଇ ଏତେ-ବଡ଼ ବିପୁଳ ଧନଭଣ୍ଡାର, ଜମି ଓ ଜମିଦାରୀ ମହାଲମାନର ରକ୍ଷଣା-ବେକ୍ଷଣ ଭାର ତୋ ଉପରେ ଲଦି ଦେଇ ଯାଉଛି । ଗରିବ ଦୁଃଖୀଙ୍କୁ ନିରାଶ କରିବୁ ନାହିଁ । ପ୍ରଜାଙ୍କ ଗୁହାରି କାନ ଡେରି ଶୁଣୁଥିବୁ । ଯେଉଁ ମଣି ତୋ ନିକଟରେ ବସିଛି, ସେ ତୋର ସାନ ଭଉଣୀ ମନୋରମା ବୋଲି ମନେ କରିବୁ । ତାକୁ ପର ବା ଅନ୍ୟ ଜାତିର କନ୍ୟା ବୋଲି ଏ ଧାରଣା କେବେ ଆଣିବୁ ନାହିଁ । ମଣି ପାଇଁ ମୁଁ ପଚିଶ ହଜାର ଟଙ୍କା ଗୋଟିଏ ଆଇରନ୍ ଚେଷ୍ଟରେ ବନ୍ଦ କରି ଥୋଇ ଯାଇଛି । ତାକୁ ଅଳଙ୍କାର ଗଢ଼ାଇ ଦେବୁ । ସତ୍ପାତ୍ରରେ ଯେପରି ଏ ଅନାଥା ବାଳିକାଟିକି ଦାନ କରିବୁ । ଏ ଯେପରି ଜୀବନରେ କଷ୍ଟ ନ ପାଏ, ଆଖିରୁ ଲୁହ ନ ବୁହାଏ" ଏତିକି କହି ମଣି ହାତକୁ ନେଇ ଅଭୟ ହାତରେ ଧରାଇ ଦେଲେ । କହିଲେ—ବାପା ! କେଶବଟି ମୋ ଘର ଚାକର, ଏହା ଜୀବନ ମୋହରି ସେବାରେ କଟିଗଲା । ଏ ବୁଢ଼ାଦିନେ ଯେପରି କାହାର ଦ୍ୱାରସ୍ଥ ନହୁଏ । ସୂର୍ଯ୍ୟମଣି ସମ୍ବନ୍ଧେ ତୋତେ ବେଶୀ କଅଣ ବୁଝାଇବି । ଦେଖ, ତୋର ତାର ଯେପରି ଚିରଦିନ ମିତ୍ରତା ରହେ । ଦେଶସେବା ଓ ଜନ୍ମଭୂମିର ଉନ୍ନତି ପାଇଁ ଯେପରି ଧନ ପ୍ରାଣବଳି ଦେବାକୁ ଭୁଲିବୁ

ନାହିଁ ।ମଣିକ ତା କଣ୍ଠର ମଣି କରି ଦେଇଗଲା, ଏହାକୁ ଛୁଣ୍ଡାଇ ଫିଙ୍ଗି ନଦେଇ ସାଇତି ରଖିବୁ ।

ଅଭଯୁତ ପିଲା ମଣିଷ । ପାଠ ବେଶି ପଢିଲେ କଅଣ ହେବ ? ମାନେ ଅନୁଭବୀ ନହେଲେ ସବୁ କାର୍ଯ୍ୟରେ ଧୈର୍ଯ୍ୟଶକ୍ତି ମନୁଷ୍ୟର ଆସେ ନାହିଁ । ସେ ବାପାଙ୍କର ଏସବୁ କଥା ଶୁଣି ଆଉ ସମ୍ଭାଳି ପାରିଲା ନାହିଁ । ତାକୁ ଚାରିଦିଗ ଅନ୍ଧାର ଦିଶିଲା ।

ସେ ଆଜିଯାଏ କିପରି କ'ଣ କରାଯାଏ, ଅର୍ଥ ଅନର୍ଥର ମୂଳ ଏ କଥା ଜାଣି ନଥିଲା । ଖାଇ ପିଇ ବାବୁଗିରି କରି କେବଳ ପାଠ ପଢୁଥିଲା । ଏ ଧନ ସମ୍ପଦଗୁଡାକ ସତେ ଯେମିତି ତା ମୁଣ୍ଡରେ ଗୋଟାଏ ପ୍ରକାଣ୍ଡ ପର୍ବତ ଲଦି ହୋଇ ପଡ଼ିଲା ପରି ତାକୁ ବୋଧ ହେଲା ।

ସେ କହିଲା ବାପା ତୁମେ କ'ଣ ତୁମର ଏ ମାତୃହୀନ ସନ୍ତାନଟିକୁ ଛାଡି ଚାଲିଯିବ । ମାଆ ମରିଥିଲା, ତୁମ୍ଭ ଯୋଗେ ସେ କଷ୍ଟ ମୋତେ ବାଧି ନାହିଁ । ଏହା କହି ଜ୍ଞାନଶୂନ୍ୟ ହୋଇ ପଡ଼ିବା ମାତ୍ରେ ମଣି, ସୂର୍ଯ୍ୟମଣି ଓ କେଶବ ହଠାତ୍ ତା ମୁହଁରେ ପାଣି ଛାଟି ଚେତା କରା-ଇଲେ ! ଚେତା ପାଇ ଦେଖେ ଯେ ପିତା ଆଉ ଜଗତରେ ନାହାନ୍ତି । ତାଙ୍କ ଜୀବନ-ନାଟକର ପଞ୍ଚମାଙ୍କ ଯବନିକା ପତନ କରି ବାହାରି ଯାଇଛନ୍ତି । କେଶବ ଠୋ କରି ମୁଣ୍ଡ ପିଟିଦେଲା । ତା ମୁଣ୍ଡରୁ ରକ୍ତ ଦୁଇଧାର ହୋଇ ବୋହି ଯାଉଥାଏ ।

"ବାପା, କେତେ ସେବା କରିଲି, ମୋତେ ନେଲ ନାହିଁ । ଆଉ କିଏ ମୋ ମନ ଜାଣି ପାଖକୁ ମୋତେ ସବୁ ଯୋଗାଇ ଦେବ ।" ଏହିପରି ଅନେକ କଥା କହି କାନ୍ଦିଲା ।

ମଣି ନିଜେ କାନ୍ଦି ବ୍ୟସ୍ତ, କିନ୍ତୁ ଅଭୟକୁ ସେ ଏଣେ ସାନ୍ତ୍ୱନା ଦେଉଥାଏ । ସୂର୍ଯ୍ୟମଣି 'ବାବା; ବାବା' କାନ ପାଖରେ ଡାକି ଡାକି ଥକିଲା । ବାବା ତ ଯାଇ ଶାନ୍ତିଧାମରେ, ଏକ୍ଷଣି ସେ ପରମ ଧାମରେ କୁଣିଆଁ । ତା ଡାକ ବା ଶୁଣୁଛନ୍ତି କିଏ ? ଅଭୟ ମନକୁ ଅନେକ ବୁଝାଇଲା ।

ଏହିପରି ତ ଜଗତରେ କାରବାର ଚାଲିଛି । ମୋ ବାପାଙ୍କର ବି ଦିନେ ବାପା ଥିଲେ ସେ ବି ଚାଲି ଯାଇଛନ୍ତି । ଏହିପରି ଅନେକ ପ୍ରକାର ଭାବନା ତା ମନରେ ଜାଗ୍ରତ ହେଲା ।
ଯେତେବେଳେ ମିଶ୍ରଙ୍କ ଚେତା ବୁଡିବାକୁ ବସେ; କେଶବ ଆଗରୁ ସାଆନ୍ତାଣୀଙ୍କ ଠାରୁ ସବୁ ଜାଣିଛି, ଦେଖିଛି; ହଠାତ୍ କୋଥଳିରୁ ଗଙ୍ଗାମୃତ୍ତିକା ଆଣି ଗଙ୍ଗାଜଳ ଆଣି ମିଶ୍ରଙ୍କ ମୁଣ୍ଡରେ ସିଞ୍ଚି ଦେଲା ଓ ଗଙ୍ଗା ମୃତ୍ତିକାର ତିଳକ କପାଳରେ ଦେଇ ନିର୍ମାଲ୍ୟଟିଏ ତାଙ୍କ ତୁଣ୍ଡରେ ଦେଇଦେଲା ।

ସବୁରି କାନ୍ଦଣା ଶୁଣି ସାଇ ପଡ଼ିଶାଏ ଧାଇଁ ଆସିଲେ । ସେମାନେ ସମସ୍ତେ ମିଶ୍ରଙ୍କୁ ଭଲ ପାଉଥିଲେ । ଥିଲା ନ ଥିଲାରେ ଟଙ୍କା ପଇସା ନେଇ ଅଭାବ ପୂରଣ କରୁଥିଲେ ।

ଅଭୟକୁ ସମସ୍ତେ ସାନ୍ତ୍ୱନା ଦେବା ପରେ ବୟୋଧିକ ପରମାନନ୍ଦ ମିଶ୍ରେ ହଠାତ୍ ବାହାରି ଶବ ସତ୍କାର କରିବାର ଆୟୋଜନରେ ଲାଗିଗଲେ, କହିଲେ—ଯାହା ହେଉ,ଅଭୟ, ତମ ବାପା ଭାରି ପୁଣ୍ୟବାନ୍ । ଦିବସରେ ତାଙ୍କର ମୃତ୍ୟୁ ହୋଇଛି । ଶାସ୍ତ୍ରରେ ଅଛି—ରାତିରେ ମଲେ ଲୋକ ଯମଦଣ୍ଡରେ ପଡ଼େ, ଦିବା ମରଣରେ ପ୍ରାଣୀ ଦେବ ଧାମକୁ ଯାଏ । ଚିନ୍ତା କର ନାହିଁ ବାପା, ଏ ଘର ସବୁ ଦିନ ପାଇଁ ନୁହେଁ । ଏ କୁଣିଆଁ ଘର, ଏଠୁ କାମ ସରିଲେ ଦିଣ୍ଡେ

କେହି ରହି ପାରିବ ନାହିଁ । ତାଙ୍କର କାମ ସରିଲା, ସେ କାହିଁକି ରହିବେ, ଏ ସବୁ ମାୟା ମମତା ଅତେଇ ଦନିଆ ।

ସମସ୍ତ ପଡ଼ିଶା ଓ ଶାସନ ମହାଜନମାନେ ଆସି ଶବକୁ ଯଥା ବିଧିରେ ଶ୍ମଶାନକୁ ନେଇଗଲେ । ଯେ ବାଟରେ ଦେଖିଲା, ସେ ମିଶ୍ରଙ୍କୁ ମହାପୁରୁଷ ଭାବି ଟିକିଏ କାନ୍ଦିଲଗାଇ ଦେଲା । ଅଭୟ ମୁଖାଗ୍ନି ଦେଲା । ଶବ ଦାହ ପାଖରେ ହଜାର ହଜାର ଲୋକ ଆସି ରୁଣ୍ଡ ହୋଇଗଲେ ।

ମିଶ୍ରଙ୍କ କ୍ରିୟାହରେ ପ୍ରାୟ ସହସ୍ର ସହସ୍ର ଟଙ୍କା ଅଭୟ ଖରଚ କରିଥିଲା । ଲୋକେ ତାହା ଦେଖି ଧନ୍ୟ ଧନ୍ୟ କହିଲେ । ବ୍ରାହ୍ମଣ ଭୋଜନ, ଏଗାରଦିନ ଜ୍ଞାତିବର୍ଗ, ବାରଦିନ ବୈଷ୍ଣବ ମେଳା, ଚତୁର୍ଦ୍ଦଶ ଦିନ କାଙ୍ଗାଳି ଭୋଜନ ଦିଆଗଲା ।

ପାଠକ ଭାଇ ଓ ପାଠିକା ଭଉଣୀ ମାନେ ! ଏହିଠାରେ ଧର୍ମର ଓ ପାପର ସତ୍ୟର ଓ ମିଥ୍ୟାର ବୃକ୍ଷରେ କପଟ ଫଳ ଧରି ପାଚି ଝଡ଼ୁଛି, ଥରେ ଚାଖିବେ କି ? ବେଶୀ ଦିନର ଗଛନୁହେଁ; ବର୍ଷ ପାଞ୍ଚ ଛଅବର୍ଷ ଭିତରର କାରବାର । ଯେଉଁକାଙ୍ଗାଳି ଭୋଜନ ମିଶ୍ରଙ୍କ ଘରେ ହେଲା, ସେଦିନ ଗୋଟିଏ ଲୋଳିତଚର୍ମ, ପଳିତକେଶ, ଗଳିତ ଦଶନ ଜୀର୍ଣ୍ଣବସ୍ତ୍ରଧାରୀ ଅସ୍ଥି କଙ୍କାଳସାର ବୃଦ୍ଧର କଥା ଲେଖିବାକୁ ଯାଉଛି । କାଙ୍ଗାଳିମାନଙ୍କ ଭୋଜନ ପରେ ସେମାନଙ୍କୁ ଦୁଇଅଣା ଲେଖାଏ ପଇସା ଓ ଖଣ୍ଡେ ଲେଖାଏ ଲୁଗା ଦିଆଗଲା ।

ସେତେବେଳେ ସେ ବୁଢ଼ାଟି ଲୁଗା ଖଣ୍ଡିକ ନେଇ ତାର ଛିଣ୍ଡା ଗୁହୁଳି ଭିତରେ ଲୁଚେଇ ଦେଇ ପୁଣି ଆସି ମାଗୁଥାଏ ।

"ଏଥିରି ଲୁଗା ପଇସା ନେଇ ଗଲୁ, ପୁଣି ମାଗୁଛୁ, ମୁଁ ଦେବ ନାହିଁ ।" ଜେମା ସେଠି ଠିଆ ହୋଇ କିଛି ଦୂରରେ ଦେଖୁଥିଲା । ସୂର୍ଯ୍ୟମଣି !

ବୁଢ଼ାକୁ ବାହାର କରିଦେବା ବେଳେ ସେ ଦଉଡ଼ି ଆସି କହିଲା "ହଉ ଭାଇ, ନେଲେ ନେଲ; ତାଙ୍କୁ ମୋ କଥା ରଖି ଆଉ ଖଣ୍ଡିଏ ଲୁଗା ଦିଅ, ପଇସା ଦିଅଣା ମଧ୍ୟ ଦିଅ ହେଉ, ଟିସ ନେଲେ କ'ଣ ଆମର ସରି ଯାଉଛି ।

ସୂର୍ଯ୍ୟମଣି ଗାବୁ ଦେଇ କରି କହିଲେ, "ବୁଢ଼ା, ତୋ'ଟେଇଁ ତ ଆମ ଭଉଣୀର ଭାରି ଦୟା ।"

ଏତକ ଶୁଣି ବୁଢ଼ା କାହିଁକି ଟିକିଏ କାନ୍ଦ ପକେଇଲା ।

ଯିବାବେଳେ ମଣି କହିଲା, "ମଉସା ତୁମେ ଯା, ଆମ ଦାଣ୍ଡ ଟୋକାଠା ପିଣ୍ଡାରେ ବସ । ମୁଁ ତୁମକୁ ଆଉ କିଛି ଦେବି ।"

ବୁଢ଼ା ଯାଇ ପିଣ୍ଡା ଉପରେ କନ୍ଥାଟି ମୁଣ୍ଡତଳେ ଦେଇ ଶୋଇଥାଏ । ସମସ୍ତେ ଗଲେ । କାଙ୍ଗାଳି ଗୋଳ ଭାଙ୍ଗିଲା ।

ମଣି ଧୀରେ ଧୀରେ ଯାଇଁ ତା ପାଖରେ ପହଞ୍ଚିଲା । ଡାକିଲା, "ବୁଢ଼ାମଉସା ଉଠ ଉଠ ।"

ବୁଢ଼ା ଉଠି ବସିଲା ।

ମଣି କହିଲା—ବୁଢ଼ା, ତମର ଆଉ କିଏ ଅଛି ?

"ନା ମା, ମୋର ସତେଇଶି ପ୍ରାଣୀ କୁଟୁମ୍ବ ସମସ୍ତେ ହଇଜାରେ ମରିଗଲେ ।"

"ତୁମର ପିଲାଟିଲା କିଅଣ ବୁଢ଼ା "

"ମୋର ଅନେକ ସମ୍ପତ୍ତି ଥିଲା । ମକଦ୍ଦମ ସରବରାକାର ହୋଇଥିଲି । ଗୋଟିଏ ବୋଲି ପୁଅ । ସେ ମୋ ଘରର ଧନ ସମ୍ପତ୍ତି ଚୋରି କରି

ନେଇ ମଦ ଖାଇ ବେଶ୍ୟାଘରେ ଦେଲା । ମୁଁ ଗୋଟିଏ ଅଶୀ ବରଷର ବୁଢ଼ୀ, ଆଉ ନଅଦଶ ବରଷର ବାଳକାଟିକୁ ପୁଲିସ ଦ୍ୱାରା ବୃଥାରେ ଧରାଇଁ ତାକୁ ଦଣ୍ଡିଲା । ସେଥିରେ ମିଥ୍ୟାପକ୍ଷଧରେ ମୋତେ ଛଅମାସ ପର୍ଯ୍ୟନ୍ତ ହାକିମ ଜେଲ୍ ଦେଲେ । ମୁଁ ଜେଲରୁ ଫେରିଲା ବେଳକୁ ପୁଅ ସବୁ ଜମିବାଡ଼ି ବିକ୍ରୀ କରି ଯାଇ ଦାସୀଘରେ । ସମସ୍ତେ ମୋତେ ମାର୍ ମାର୍ କଲେ, ଛି ଛି କଲେ । କହିଲେ—ନିଜପୁଅ ଟେକ୍ରି, ପରକୁ ନେଇ 'ମକଦ୍ଦମାରେ ବନ୍ଦେଇଲୁ, ତୋ ମୁହଁ ଚାହିଁବା ଉଚିତ ନୁହେଁ, ଏହା କହି ଗ୍ରାମରେ ପୂରେଇ ଦେଲେ ନାହିଁ ମା ! ସେହି ସତ୍ରୁର ଅଶୀବର୍ଷର ବୁଢ଼ୀ ଓ ନଅବର୍ଷର ଗରିବ ବାଳକାଟିର ନିଶ୍ୱାସବତାସରେ ମୋର ଧନଦ୍ରବ୍ୟ କୁଟୁମ୍ବ ସବୁ ଜଳି ପୋଡ଼ି ଗଲେ । ସେ ଦିନୁ ଏ ନିର୍ଲ୍ଲଜ ପ୍ରାଣ ଧରି ଭିକ୍ଷା ମାଗି ବୁଲୁଛି । ମା' ସେ ପିଲାଟିକୁ ବିନା ଦୋଷରେ ଗୋଇଠା ମାରିବାରୁ ଏ ଗୋଡ଼ରେ ଶ୍ଲୀପଦବାତ ହୋଇଛି । ପୂଜରକ୍ତ ବୋହୁଛି ; ଧର୍ମ ଓ ସତ୍ୟ ଦୁହେଁ ଏକାଠି ହୋଇ ମୋତେ ସାଙ୍ଗେ ସାଙ୍ଗେ ଏ ସଜା ଦେଇଛନ୍ତି ।"

ଏ କଥା ଶୁଣିଲାକ୍ଷଣି ଜେମା ଆଉ ଧୈର୍ଯ୍ୟ ଧରି ପାରିଲା ନାହିଁ, କାନ୍ଦି ପକାଇଲା ।

ବୁଢ଼ି କହିଲା, "ମା କାନ୍ଦିଲ କାହିଁକି ? ମୁଁ ତ ଅନେକ ବଡ଼ଘର ପିଲା ଦେଖିଛି, ସେମାନେ ତ ଗରିବ ଦୁଃଖରେ କେବେ କାନ୍ଦନ୍ତି ନାହିଁ, କି ଗରିବ ପେଟ ଦୁଃଖ ବୁଝନ୍ତି ନାହିଁ । ଗରିବଙ୍କ କଥା ତାଙ୍କୁ ବିଷ ପରି ଲାଗେ । ତୁମର ଏହା ନୂଆ କଥା ମା, ତୁମେ କଣ ମାନବୀ ନୁହଁ, କେହି ଦେବୀ ?"

"ମଉସା, ମୋ ପରିଚୟ ପଛେ ଶୁଣିବ, ତୁମେ କ'ଣ ଗୋବିନ୍ଦପୁର ସରବରାକାର ମକଦ୍ଦମ । କି ଖାନଦାନ ଘର, କି ସମ୍ପତ୍ତି—ଆଜିକି

ନାରଖାର ହେଲା । ମଉସା, ମତେ ଦେବା ଭବ ନାହିଁ । ଯାହାକୁ ଥାନାକୁ ଚୋରଣୀ ବୋଲି ଧରି ନେଇଥିଲ, ମୁଁ ତୁମ୍ଭର ସେହି ବାଟ ଗୋଇଠା ଖାଇ ଜନ୍ମଦିନ ଉପବାସିନୀ ଦୁଃଖିନୀ ଗୋବର ଗୋଟେଣି ।"

ସେ ମଣିଷ ଆଜି ଆଉ ନାହିଁ । ସେ ଗୋବିନ୍ଦପୁର କୁଞ୍ଜଆଢର ଘଷି ସାଉଁଠା ପାଟଅଛି ତା କାଖରେ ନାହିଁ । ସେ ରୁକ୍ଷ କେଶ ମଳିନ ବେଶ, ମଇଳା ବାସ ତ ଆଜିକାଲି ନାହିଁ, ବୁଢ଼ା ବା ଚିହ୍ନୁଛି କିପରି ସହଜରେ । ସେ ଯେଉଁ ଆଖିରେ ଦେଖିଥିଲା, ମଣି ବେକରେ କାଠମାଳି ଝଣ୍ଡେ ନ ଥିଲା, ତା ବେକରେ ବହୁ ମୂଲ୍ୟର ହୀରା ନୀଳା ଖଚିତ ସୁନାର ହାର, ଟକ୍ସଲଗା ଦିଆ ଗୋବର ଛୋଟେଇଜଙ୍କା କଟିରେ ଜରିଦାର ପାଉ ସେଲମ ଶାଢ଼ୀ ଝିଟେକୁଛି କେଶଗୁଡିକ ରୁକ୍ଷ ବଦଳରେ ନଦୀ ଲହରୀ ପରି ଚିକ୍କଣ ହୋଇ ଫିଟି ପିଠି ଆଡ଼େ ବୁଣି ହୋଇ ପଡ଼ିଛି । ଏ ଗୋବିନ୍ଦପୁରର ଗୋବର ଗୋଟେଣି ନିର୍ମଳ ସୌଧ ଶିଖର ସଞ୍ଚାରଣୀ ।

ବୁଢ଼ା ଏ ସବୁ ଶୁଣି ଚମକି ପଡ଼ିଲା । ତା' ଆଖିରୁ ଲୁହ ବୋହିଗଲା। କହିଲା, "ମା, ମୁଁ ତତେ କେତେ କଟୁ କଥା ନ କହିଛି, କେତେ ଦଣ୍ଡ ନ ଦେଇଛି, ଆହା ! ତାହାର ଫଳ ଏବେ ମୁଁ ଭୋଗୁଛି । ମା ତୁ ସତୀ, ସାଧ୍ୱୀଶିରୋମଣି, ବୁଢା ଆଉ କିଛି ମାଗୁ ନାହିଁ । ମାଗୁଛି, କେବଳ ତୁ କଲ୍ୟାଣ କର, ବୁଢା କିପରି ଏହି ସଂସାରରୁ ଚାଲିଯାଉ କେଉଁଠି ତୋର ଏ ଶୋଭାକୁ ଦୁଃଖ ରାକ୍ଷସ ଗିଳି ପକାଇଥିଲା । ମା ଜଗତର ଅନେକ ସୁନ୍ଦର ପିଲା ମୁଁ ଦେଖିଛି, ଏହି ଅବସ୍ଥାରେ ଅନେକଙ୍କଠାକୁ ଭିକ୍ଷା ପାଇଁ ଯାଇଛି, କିନ୍ତୁ ରୂପ, ଗୁଣ, ଦୟା, ମଧୁର ବଚନ, ବିନୟ ବ୍ୟବହାର ଏ ପାଞ୍ଚଟା କାହାରଠାରେ ଏକାଠିଥିବା

ଦେଖି ନ ଥିଲି । ମା ମଣି ମୋତେ କ୍ଷମା କରିବୁ । ତୁ ତ ଗରିବଘର ପାଇଁ ଅସି ନାହୁଁ, ତୁ ଏ ଘରର ଝିଅ । ତୋର ଖଣ୍ଡ ତପ ଥିବାରୁ କିଛିଦିନ ଦୁଃଖ ପଙ୍କରେ ସଢୁ ଥିଲୁ ।” ବୁଢା ଏହା କହି ଭୋ ଭୋ ରଡ଼ି ପକାଇଲା ।

ମଣି କହିଲା, “ମଉସା, ଆଉ ପଛ କଥାକୁ ମନରେ ଆଣ ନା, ଗଲା କଥା ଯାଇଛି । ମୁଁ ତମକୁ ଆଉ ଏ ଅବସ୍ଥାରେ କୁଆଡ଼େ ଭିକ ମଗାଇ ଦେବି ନାହିଁ । ଅଭୟ ଭାଇଙ୍କି କହି ତମକୁ ଏଠି ରଖାଇ ଖୁଆଇ ପିଆଇ ତୁମ ବାକିକାଳ ଯେମନ୍ତେ ସୁଖରେ ଯିବ ତାର ବନ୍ଦୋବସ୍ତ ଆଜି କରିବି, ତୁମେ ବସ ।”

ବୁଢ଼ା ସେଠାରେ ମଣିର ଯତ୍ନରେ କିଛିଦିନ ରହିଲା । ସୁଖରେ ଖାଇପିଇ ବର୍ଷ ଗୋଟାକ ଭିତରେ କେବଳ ଅନୁତାପ କରି ସଂସାର-କ୍ଷେତ୍ରରୁ ଚାଲିଗଲା । ତାର କ୍ରିୟାକର୍ମରେ ମଣି ହଜାରେ ଟଙ୍କା ସରିକି ଖରଚ କଲା ।

ନାରୀସମାଜ ! ମଣିର ଏପରି ଗୁଣ ଓ ଆଦର୍ଶ ଚରିତ୍ର ଦେଖି ତୁମର ଟିକିଏ ଅନୁତାପ ଆସିବନି ? ଯେଉଁ ନାରୀ ନିଜ ଶାଶୁ, ଶ୍ୱଶୁର ଓ ଦେଢ଼ଶୁର ଦିଅର, ନଣନ୍ଦ, ସାନଭାଇଙ୍କ ସୁଖ ଦେଖି ପାରେ ନାହିଁ, ହିଂସାରେ, ଈର୍ଷାରେ ଦିନରାତି ପୋଡ଼ିଜଳି ଯାଉଥାଏ, ସେହି ନାରୀ ତ ପୁଣି ମଣି । ତୁମ୍ଭେମାନେ ଥରେ ନୟନ ମେଲାଇ ଦେଖ । ଆଦର୍ଶ ନାରୀ ଚରିତ୍ରରୁ ତୁମମାନଙ୍କର ଯଥେଷ୍ଟ ଶିଖିବାର ଅଛି । ଶତ୍ରୁ ପ୍ରତି ତୁମରି ଜାତିଆ ନାରୀର କିପରି କ୍ଷମା, କିପରି ସଦ୍‌ବ୍ୟବହାର । ଯେଉଁ ନାରୀମାନେ ଜେମାମଣି, ଏ ଗୁଣକୁ ଦେଖି ଶୁଣି ସୁଦ୍ଧା ନିଜକୁ ନିଜେ ବଡ଼ ବୋଲି ମନେ କରନ୍ତି ଓ ମଣି ପରି ହେବାକୁ ଚେଷ୍ଟା ନ କରନ୍ତି, ସେମାନେ କେବେ ନାରୀ ନୁହନ୍ତି—ରାକ୍ଷସୀ, ପିଶାଚୀ, ଡାକିନୀ ଓ କୁଳକଳଙ୍କିନୀ ।

ଏହିପରି ମିଶ୍ରଙ୍କ ବାର୍ଷିକ ଶ୍ରାଦ୍ଧଦିବସ ଗତ ହେଲା ପରେ ଅନେକ ଆଉ ଅନେକ କନ୍ୟାପକ୍ଷୀୟ ଭଦ୍ରଲୋକ ଆସିଲେ । ଦେଖିଥିବ ବା କଅଣ କୋଉ କଥା ଜଣା ଯେ କିଏ ବାରିବ ? ଅଭୟର ରୂପ ଗୁଣ ବିଭବ ଏ ତମାମ ତ ପୂର୍ବପରି ରହିଛି, କିଛି କମ୍ ନାହିଁ । କିନ୍ତୁ ବିବାହ ପ୍ରସ୍ତାବରେ ଅଭୟ କାହାରି କଥାରେ ରାଜି ନୁହେଁ । ସେ ପିତୃ ଆଦେଶ ଶିରୋଧାର୍ଯ୍ୟ କରି ରହିଛି । ମଣିକ କୌଣସି ସତ୍-ପାତ୍ରରେ ନ ଦେଇ ସେ କଦାପି ବିବାହ କରିବ ନାହିଁ ।

ଅନେକ ଅନେକ ବନ୍ଧୁମାନଙ୍କୁ ଏ କର୍ମରେ ସେ ଲଗାଇ ନିରସ୍ତ ହେଲା । ନିଜେ ମଧ୍ୟ ବୁଲିଆଡ଼େ ନଜର ପକାଉ ଥାଏ । କେଉଁଠି ସୁନା ଦେଖିଲା, ସେଠି କାନ ନାହିଁ, ଯେଉଁଠି କାନ ଅଛି ଦେଖିଲା, ସେଠି ସୁନା ନାହିଁ । କାହାରି ଯଦି ରୂପ ଅଛି ଗୁଣ ନାହିଁ ଗୁଣଥିଲେ ରୂପ ନାହିଁ, ଧନ ଥିଲେ କୁଳୀନ ନୁହେଁ, କୁଳୀନ ଥିଲେ ଧନର ମଧ୍ୟ ଅଭାବ ।

ଏବେ ତ ଯଶୀୟ ଜାତ କେବଳ ନାମମାତ୍ର । ବାହାରକୁ କେବଳ କହେ ଆମେ ଉତ୍ତର କବାଟ । ଘରେ ଉତ୍ତରଗାମୀ ଦରଜାରେ ଖଜୁ-ରପଟି ନଦାରଦ୍ । କିଏ କହେ ଆମେ ବଳୀୟାରସିଂହ, ଭିତରେ ପୁଣି ଦୁର୍ବଳ ବିଲୁଆଠାରୁ ହୀନ । କେବଳ ରାଜଦତ୍ତ ଉପାଧିମାନ ବଜାୟ ରଖି ବୁଲି ଥାଆନ୍ତି । ଘରେ ଘରଣୀଙ୍କ ହାତରେ ସୁତାବନ୍ଧା ଏଣେ ଦକ୍ଷିଣରାଏ ତେଲ ଅଭାବରେ ଦୋବାଲରେ ଟେର ଭାଙ୍ଗି ଦାଣ୍ଡପଟ ଉଇ ଚୌପାଢ଼ୀ ଉପରେ ପଶାପାଲିଠାଏ ଦିନକୁ ଥରେ ନ ପଡ଼ିଲେ ଖାତିର ତୁଟି ଯାଉଛି । ନାକତଳକୁ ନିଶ, ପଇତାରେ କଳାରୁପାର ଦୁଇ ପଇସା ଦାମର ଖଣ୍ଡେ ଦାନ୍ତଖୁଣ୍ଟା । କେଉଁଠି

ମିଛ ଖତ କହି କାହାକୁ ଧମକ ଚମକ ଦେଖାଇ ଯଦି ଦୁଇ ଅଣା ଚାରିଅଣା ପଇସା ପାଇଥାଆନ୍ତି, ସେଥିକରେ ସିଲଭର ପାନ ବଟା ଗର୍ଭିଟି ଆଠ ଜନକୁ ପୂର୍ଣ୍ଣ ହୁଏ ।

ଆଜି କିଏ କହେ "ଆମେ ଉଚ୍ଚବଂଶ ଜାତ, ଆମ ବାପ ଅଜା ସାତ-ପୁରୁଷ ଠାକୁର ରଜାଙ୍କ ପାଖରେ ସେନାପତିଗିରି କରି 'ବାହାବଲ ସ୍ୱାରସିଂହ' ଉପାଧି ପାଇଥିଲେ ।"

କିନ୍ତୁ ଯେ ଯାହା କହନ୍ତୁ ପଛକେ, ତାଙ୍କ ବାହାର ପରିଧି ମୋଟେ ତିନି ଇଞ୍ଚରୁ ଅଧିକ ହେବ କି ନା ସନ୍ଦେହ ।

ପୁଣି ବେଳେ ବେଳେ ଅଭୟ ଭାବେ ଅସବର୍ଣ୍ଣ ବିବାହ ତ ଶାସ୍ତ୍ରାନୁମୋଦିତ । ତାହା ଅବହମାନ କାଳରୁ ଚଳି ଆସିଛି । ପରାଶର, ବଶିଷ୍ଠ, ବିଶ୍ୱାମିତ୍ର, ପୁଣି ଭୀମ କ୍ଷତ୍ରିୟ ହୋଇ ଚଣ୍ଡାଳୀ ହିଡିମ୍ବାକୁ ବିବାହ କରିଥିଲେ । ଦ୍ରୌପଦୀ ବ୍ରାହ୍ମଣ କନ୍ୟା, ପାଣ୍ଡବ ତ କ୍ଷତ୍ରିୟ ଶଲ୍ୟ ବ୍ରାହ୍ମଣ, ମାଦ୍ରୀ କିପରି ପାଣ୍ଡୁଙ୍କୁ, ପୁଣି ଏ ଯୁଗରେ ବିଦ୍ୟାପତି ବ୍ରାହ୍ମଣ ଶବରୀଙ୍କ ବିବାହ କଲେ । ତାର ବି ପିଲାଦିନୁ 'ଜାତୀୟତା ବନ୍ଧନ' ଛେଦନ କରିବ, ଏ ଧାରଣା ବରାବର ଅଛି । ଏହି ବିଷୟରେ କାବ୍ୟ କବିତା ଅନେକ ଲେଖିଛି । ସେ ସିନା କଥାରେ, ଏବେ କାର୍ଯ୍ୟରେ ଦେଖାଉଛି କିପରି ? ସାଙ୍ଗ ପିଲାଙ୍କ ଠାରୁ ଅସବର୍ଣ୍ଣ ବିବାହ ଓ ଅସ୍ପୃଶ୍ୟତା ବର୍ଜ୍ଜନ ସମ୍ବନ୍ଧେ ଅନେକ ବାର ତିରସ୍କାର ବାକ୍ୟ ଶୁଣିଛି ।

ଯାହାହେଉ, ଆଜି ଅଭୟର ସେ କଥାରେ ଚୁଡ଼ା ତିନ୍ତିବାକୁ ବେଳ ନାହିଁ । ଏକ୍ଷଣି ପାଣି ଲୋଡ଼ା । ସେ ପିତା ମାତାଙ୍କର ସ୍ମୃତିଚିହ୍ନ ପାଇଁ ବାବାଙ୍କ ନାମରେ ଗୋଟିଏ ଡାକ୍ତରଖାନା ( ମିଶ୍ରଡିସ୍ପେନ୍‌ସରୀ ) ମାତାଙ୍କ ନାମରେ ଗୋଟିଏ ହାଇସ୍କୁଲ, ଭଗିନୀ ମନୋରମା ନାମରେ "ମନୋରମା ବାଳିକା ବିଦ୍ୟାଳୟ" ବସାଇ ସାରିଲାଣି ।

ଯେଉଁ କେଶବ ବାରିକ ବୁଢ଼ାର କଥା ପୂର୍ବେ ଲେଖିଥିଲି, ସେ ଆଜି ଏତେବେଳକୁ ମରସଂସାରେ ନାହିଁ । ମିଶ୍ରଙ୍କ ଦେହ ତ୍ୟାଗର ଆଠ ମାସ ପରେ ଚିନ୍ତାରେ ଝଲି ପଡ଼ିଛି । ତାର ଏତିକି ମନରେ କଷ୍ଟ ରହିଗଲା, ମଣି ଅଭୟ ଦୁହିଁଙ୍କର ହାତକୁ ଦୁଇହାତ ହେବା ଟିକିଏ ଦେଖିଯାଇଥିଲେ, ସେ ଆଉ ଜନ୍ମ ହୋଇ ମର୍ତ୍ତ୍ୟକୁ ଆସି ନ ଥାନ୍ତା, ତାର ଯେଉଁ ଦରମା ଟଙ୍କା ବାବୁଙ୍କ ପାଖେ ଜମାଥିଲା, ସେ ଟଙ୍କାରେ ଅଭୟ ଗୋଟିଏ ଧର୍ମଶାଳା ତୋଳାଇ ପଥିକମାନଙ୍କ ପାଇଁ ସଦାବର୍ତ୍ତ ଖଞ୍ଜି ଦେଇଛି ।

ଅଭୟ ଯାହାର ପିଲା, ସେ ଠିକ୍ ତାଙ୍କରି ପରି ହୋଇଛି । "କଦଳୀ ଗଛରୁ କଦଳୀ, ସେ କେବେ ନିମ୍ବ ହୋଇ ନାହିଁ ବଦଳି ।" ମଣିର ବୁଢ଼ୀମା ପାଇଁ ପ୍ରତିବର୍ଷ ତାର ଶ୍ରାଦ୍ଧ ଦିବସରେ ତିନି ଶହ ବୁଭୁକ୍ଷିତ ବାଳକ ବାଳିକା ଖାଇବେ ଓ ନୂଆ ଲୁଗା ପାଇବେ । ଏହିପରି ଖଞ୍ଜି ଦେଲା ।

ଦିନେ ମଣି ଏକ ନିଭୃତ କୋଠରିରେ ବସି- କାଗଜ, କଲମ ଓ ଦୁଆତଟି ଘେନି ଗୁରିଆଙ୍କୁ ଅନାଇ ଲେଖିଲା—

"ଯଉବନ କୁଞ୍ଜେ ଫୁଟିଛି ସୁମନ ବାସ ଚହଟାଇ ବଳେ
ନିକଟରେ ଥାଇ ପରାଣଦେବତା କିମ୍ପା ନ ଘେନନ୍ତି ଗଲେ ।
କେତେ କାଳ ଆଉ ରହିବ ସୁମନା ବିମନା ହୋଇ ଆକାଶେ,
ହେବେ ସେ ସେବାରେ ସେବକୀ ନୋହିବ ଥାଉଁ ଥାଉଁ ତାହା ପାଶେ
ପ୍ରେମେ ଏ ଜଗତ ହୁଏ ଆତଜାତ ପ୍ରେମରେ ସରବେ ବନ୍ଧା
ସେହି ପ୍ରେମବଳେ ପ୍ରକୃତି ସୁନ୍ଦରୀ ପୁରୁଷର ଗଳେ ଛନ୍ଦା ।

ମୋତ ମୂଲ କେବେ ନବୁଝେଁ ଶବର ଗୁଞ୍ଜିଟି ତାର ଭୂଷଣ
ସୁନାସ୍ୱାଙ୍କ ସିନା ସୁନାରି ଜାଣିଇ ଚିହ୍ନି କଷେଣି ଅନୁକ୍ଷଣ ।
ମୀରଦର କୋଳେ ରଖିଲା ସୁନ୍ଦର କବର ଏ କଳାପଣା
ଏଥି ବିପରୀତ ହେବ ଯେଉଁସ୍ଥାନେ ଦଇବ ହୋଇଛି ବଣା ।"

କବିତା ପାଞ୍ଚପଦ ଲେଖିସାରି ମଣି ଭାବିଲା, ଏହାକୁ ଅଭୟ ଭାଇଙ୍କି ଦେବ, କିନ୍ତୁ ପୁଣି କହିଲା ନା; ମତେ ଲାଜ ମାଡିବ; ମୁଁ ସାମାନ୍ୟ ଅବଳା ହୋଇ ସେଦିନ ବାପାଙ୍କ କଥା ବୁଝିି ପାରିଲି । ପୁରୁଷ ହୋଇ ପୁଣି ଏଡ଼େ ବିଜ୍ଞ ହୋଇ ସେ କଥା ବୁଝିପାରିଲେ ନାହିଁ ? ବାପା ଯେତେବେଳେ ତାଙ୍କ ହାତରେ ମୋ ହାତକୁ ଧରାଇ ଦେଲେ ସେଠି ଆଉ କଅଣ ବାକୀ ରହିଲା । ସେ ଯେ ମୋ ପାଇଁ ଏତେ ବ୍ୟସ୍ତ ହୋଇ ଦିନରାତି ଯୋଗ୍ୟପାତ୍ର ଲୋଡୁଛନ୍ତି, କେତେଥର ସେହି ଅସ୍ଥାୟୀ ଚିନ୍ତାରେ ମୁଣ୍ଡ ଘୁରାଇ ତାଙ୍କର ସ୍ୱାସ୍ଥ୍ୟଭଙ୍ଗ ଘଟିଲଣି ।

ଏହି କଥା ଭାବିବା ସମୟରେ ଉପର ମହଲରେ ଅଭୟର କଣ୍ଠ ସ୍ୱର ମଣି ଶୁଣି ପାରିଲା, ସେ ହଠାତ୍ ମନରେ ଭାବିଲା -- ମଲା, କେତେ-ବେଳେ କଣ ଭାଇ ଆସି ଉପରେ ଶୋଇଲେଣି କି ! ଯାଏ ଦେଖେ; ଓହୋ କାହିଁକି କେହି କଣ ପାଖରେ ନାହିଁ ? ହାଇରେ କେଶବ ତୁ କୁଆଡ଼େ ରହିଲୁ, ତୁ ଥିଲେ କି ଆଜି ମୋର ଏ ଘର ଚଳାଇବା ପାଇଁ ଏତେ ଭାବନା ଥାଆନ୍ତା । ଏହା କହି ଯାଇ ଉପରେ ଦେଖେ ଯେ ବାବୁ ଜ୍ୱରରେ ପଡ଼ି ବେଳେଇରେ ପଶି କମ୍ପୁଛନ୍ତି । ମଣି ତାହା ଦେଖି ବଡ଼ ଦୁଃଖିତା ହୋଇ ପଚାରିଲା—"ଭାଇ, କେତେ ବେଳୁ ଅଇଲଣି; ଜ୍ୱର କିପରି ହେଲା ? ମୋତେ ଟିକିଏ ଡାକି ଦେଲ ନାହିଁ । "ବାବୁ ବ୍ୟସ୍ତହୋଇ କହିଲେ, 'ମଣି, ହଉ ତୁ ଟିକିଏ ମାଡିବସ ! ଖାଇକରି ବୁଲିବାରୁ ବାଯୁଟା ବଢିଯାଇଛି । ଏହି-କ୍ଷଣି ଘଣ୍ଟାକ ପରେ କମିଯିବ ।' ମଣି କ'ଣ କରିବ, ଅଗତ୍ୟା ବାଧ

ହୋଇ ଅଭୟର ଚେରେଜଇ ଉପରେ ମାଡ଼ି ବସିଥାଏ । କେତେ-ବେଳେ ଯାଇ କମ୍ପ କମିଲା । ଜ୍ୱର ଟିକିଏ ହୋଇ ଝାଳ ବୋହି ଯିବା ପରେ ଅଭୟ ଉଠି ବସିଲା । ପଚାରିଲା 'ମଣି' ଏତେ ବଡ଼ ଘର, ତୁ ଏହାର ତତ୍ତ୍ୱ ନେଇ ଚଳାଇବୁ ତ ?"

"ତୁମେ ପରା ଅଛ ? ମଣି ଏକା କାହିଁକି ତତ୍ତ୍ୱ ନେଉଛି ।"

ମୁଁ ଯଦି କୌଣସି କାର୍ଯ୍ୟ ହେତୁ ମାସେ ପକ୍ଷେ କୁଆଡ଼େ ଯାଇ ରହିଯିବି ?

ମଣି କହିଲା, "ମୁଁ ଶୁଣିଛି ବାପାଙ୍କର ଗୋଟିଏ ବିଧବା ଭଉଣୀ ଥିଲେ । ତାଙ୍କୁ ଆଣିଲେ ତ ସେ ଆମକୁ ଅନେକ ଭରସା ଦିଅନ୍ତେ ।" "ହଁ ମୁଁ ତାଙ୍କୁ ଆଣିବାକୁ ମନେ ମନେ କରୁଥିଲି, କାଳେ ତୋର କିଛି ଅସୁବିଧା ହେବ ।" ମଣି କହିଲା "ଭାଇ ତୁମ ମତରେ ମୁଁ ଏକମତ, ତୁମର ମନ ମୋ ମନର କ'ଣ ପ୍ରଭେଦ ଅଛି ?"

ଅଭୟ କହିଲା—"ଭଉଣୀ, ତୋତେ ନ ପଚାରି ମୁଁ କିପରି ଗୋଟିଏ କାମ କରିବି ? ତୁ କଣ ଅଜ୍ଞାତରେ ମତେ ଚିହ୍ନି ପାରି ନାହୁଁ ? ତୋ ମନ ଭାଙ୍ଗି ମୁଁ କିଛି କରିବାକୁ ଯାଉଛି ?" ଜେମାମଣି ଏତିକି ଶୁଣି ଟିକିଏ ଗୁମ୍ ସୁମ୍ ହୋଇ ତଳକୁ ମୁହଁ ପୋତି ରହିଗଲା ।

ସେହି ସମୟରେ ଅଭୟ ଜେମା ମୁହଁକୁ ଟିକିଏ ଟେକି ଦେଇ ମୁରୁକି ହସି ଦେଇ କହିଲା—ବାମ୍ଭୁଣୀଟା ନା କ'ଣ ଭାବିଲୁ କି ? ଜେମା ବି ଏତିକିରୁ କ'ଣ ବୁଝିପାରି ହସି ଦେଇ କହିଲା—ଆଉ ଭାବିବି କ'ଣ ? ସେ ତ ବୁଢ଼ୀଲୋକ, ସେ ମାଆ ପରି ଆମକୁ ଦେଖିବେ । ସେତିକିବେଳେ ମନେକଲା— ମୋ ଠାକୁରତ ମୋ ପାଖରେ, ଏ ଏତେ ତୀର୍ଥ ବୁଲୁଛନ୍ତି କାହିଁକି ? କବାଟଟି ଦେବି, ନା ଦେବି

ନାହିଁ । ଫୁଲ ପାଖକୁ ସିନା ଭ୍ରମର ଗତି କରେ, ଏହା ହେଲେ ଭ୍ରମର ପାଖକୁ ଫୁଲ ଗତି କଲା ପରି କଥାଟା ହେବ ।

ଅଭୟ କହିଲା "ମଣି, ମୁଁ ଦେଖୁଛି, କେଶବ ମଲାଦିନୁ ତୋତେ ଦଣ୍ଡେ ଘରକାମରେ ଅବସର ନାହିଁ । ଚାକର ବାକରଙ୍କର ଖାଇବା, ଦରମା ଦବା, ଘରକୁ କ'ଣ କେଉଁଦିନ ସଉଦା ଦରକାର ହେବ, କୋଉ ଘର ଝାଡ଼ାହେଲା, କିଏ ହେଲା ନାହିଁ, କାହାର ଲୁଗା ନାହିଁ, କିଏ ଛୁଟିରେ ଯିବ, ଏସବୁ ଗୁଡ଼ାକ ତ ସବୁ ତୁ ବୁଝୁଚୁ ।" ମଣି କହିଲା 'ଭାଇ, ସେ କ'ଣ ମତେ ବଳାଉଛି, ଝଡ଼ରେ ପଶି ଏ ଦେହ ଗୋବର ସାଉଁଟି ସାଉଁଟି କେତେ ଘାତ ସହିଛି । ଏହାତ ଘୁଇଛଳର କାମ ।"

ଅଭୟ କହିଲା "ସେ କଥାକୁ ଆଉ ମନେ ପକାନା, ମୁଁ ଯେଉଁଦିନ ବାପାଙ୍କଠୁଁ ଟଙ୍କା ନେଇ ତମ ଘରକୁ ଯାଇ ଦେଇ ଆସିଥିଲି, ତୁ କ'ଣ ସେ ମଣି ଆଜି ନାହୁଁ ? ଯାହାର ବିବେକ ନାହିଁ, ସେହି ସ୍ତ୍ରୀ ଗୁଡ଼ା ବେଶୀ ଗର୍ବ କରନ୍ତି । ଗରିବଘର ଝିଅ ହେଲେ କଅଣ ହେଲା, ତୋଠାରେ ପରା ବିବେକ ଅଛି । ତୋତେ ଖାଲି ଖାଲି ବସିବାଟା କ'ଣ ଭଲ ଲାଗିବ ? ତେବେ ତୁ ଆଜି ସୂର୍ଯ୍ୟମଣି ପାଖକୁ ତାର କର; ସେ ଶୀଘ୍ର ଆସିବ; କାରଣ ମୋ ଦେହ କାଲେ ବେଶୀ ହୁଏ ଚାକର ବାକର କେହି ନାହାନ୍ତି; ଏକୁଟିଆ କଅଣ କରିବୁ ।"

ମଣି କହିଲା, "ଭାଇ ମୁଁ ଆଜି ତାର କରୁଛି ।"

ମଣି ତାର କଲାରୁ ସେହିଦିନ ରାତିକୁ ସୂର୍ଯ୍ୟମଣି ଆସି ପହଞ୍ଚିଲା । ଦେଖେ ଯେ, ତା ସାଙ୍ଗକୁ ଭୟଙ୍କର ଜ୍ୱର ହୋଇଛି । ମଣି ପାଖରେ ବସି ଆଉଁସି ଦେଉଛି । ସେ ଦିନକୁ ଦୁଇଦିନ ହେବ ମଣିର

ଭାଇ ଚିନ୍ତାରେ ମୁହଁରେ ପାଣି ସୁଦ୍ଧା ପଡ଼ି ନାହିଁ, ସୂର୍ଯ୍ୟମଣି ଏହା ଦେଖି ଅଭୟକୁ ଟେକି ଧରି ବସାଇ କହିଲା, "କିରେ ତତେ ଏତେ ଜର କାହିଁକି ହୁଏ ।"

ଅଭୟ କହିଲା, "ତା ତୁ ପରେ ବୁଝିବୁ । ଦେଖ ବୁଢ଼ୀ ମଣିର କି ଅବସ୍ଥା । ସେ ଯେ ଖାଇଛି କି ନ ଖାଇଛି ମୁଁ ଜାଣେ ନା । କାଲି ବିଶେଷ ବାଧ୍ୟ କରିବାରୁ ଟିକିଏ ସର୍ବତ ଖାଇ ଦିନଟା କଟାଇଛି ।"

ସୂର୍ଯ୍ୟମଣି ବୁଝିଲା ମଣି ବଞ୍ଚିବାର ଉପାୟ । ମୁହଁରେ ଦୁଇଦିନ ହେବ ପାଣି ଦେଇ ନାହିଁ । ତାକୁ କଷ୍ଟରେ ନେଇ ଗଣ୍ଡେ ଭାତ ଖୁଆଇ କହିଲା, "ତୁ ଏମିତି ପାଗଳୀ । ଜ୍ୱର କଅଣ ଭଲ ହୋଇଯିବ ନାହିଁ । ତୁ ଏମିତି କେତେ ଭୋକରେ ରହିବୁ ।"

ମଣି କହିଲା, "ସୂର୍ଯ୍ୟମଣି ଭାଇ, କାଲି ତ ମୋର ସଂସାର ସରିଥିଲା, ତୁମ ସାଙ୍ଗ ଆଉ କାଲି ଇହଜଗତରେ ନ ଥିଲେ । ମୁଁ ଭାବିଲି, ମୋ କପାଳ କ'ଣ ଫେରେ ଜଳିଯିବ । କେଉଁ ଭାଗ୍ୟ ବଳରୁ ବାପାଙ୍କ ସୁକୃତରୁ ପୁଣି ଇହଜଗତକୁ ଭାଇ ମୋର ଫେରି ଆସିଛନ୍ତି ।"

ଏହି ସମୟରେ ନୂଆ ଚାକର ଭଗତା ଆସି ଡାକିଲା, "ବାବୁ ଆସନ୍ତୁ ସେ ଘରକୁ, ମୁଁ ଘରଟା ଧୋଇ ପରିଷ୍କାର କରିଦେଲେ ରାତିକି ଏ ଘରେ ବିଛଣା ହେବ । ସେ ବଖରାରେ ବିଛଣା କରି ଦେଇଛି ।" ଏହା ଶୁଣି ମଣି ଓ ସୂର୍ଯ୍ୟମଣି ଅଭୟକୁ ଧରି ଧୀରେ ଧୀରେ ସେ ଘରକୁ ନେଲେ ।

ଏଥିମଧ୍ୟରେ ଅଭୟ ଯାଇ ତା'ର ବିଧବା ପିଉସୀକୁ ଆଣି ଘରେ ରଖି-ଲାଣି । ଦୁଇଜଣଯାକ ଦୁଇ ମାସ କାଲ ବୁଲି ବୁଲି ମଣି ପାଇଁ ବର

ଟୋକା ବଡ଼ ବିରକ୍ତ ହେଲେଣି । ଏଣେ ଅଭୟ ସୂର୍ଯ୍ୟମଣି ଦୁହେଁ ନଦୀକୂଳରେ ଗରମ ଯୋଗେ ହାଓ୍ୱା ଖାଇ ଯାଇଛନ୍ତି । ମଣି ଘରେ ବସି ଗୋଟିଏ କବିତା ଲେଖିବାକୁ ଆରମ୍ଭ କଲା । ଏଥର ତାର ଏ କବିତାରେ ସଂପୂର୍ଣ୍ଣ ମନୋଭାବ ଯେପରି ପ୍ରକାଶ ପାଇବ ସେ ସେହିପରି ଭାବରେ ଲେଖିଛି—

"ମୁଁ ଯାଙ୍କୁ ମଣିଛି ହୃଦମଣି ପରି,
ସେ ଆନକୁ ଯାଗ ଦେବେ କେଉଁପରି ?
ଯାହାକୁ ଯା ଯୋଗ ବିଧାତା ବିଧାନ,
କେ ତାକୁ ଜଗତେ କରି ପାରେ ଆନ ।
ଶିବ ପାଇଁ ସିନା ଗଉରୀଙ୍କ ଜାତ,
ଅପର କି ଧରି ପାରେ ତାର ହାତ ।
କମଳାଙ୍କ ଯୋଗ୍ୟ ବର ଏକା ହରି,
ବିରଞ୍ଚି ରଚନା ଭଲେ ଅଛି କରି ।
କାସାରକୁ ସିନା ନଳିନୀ ସୁନ୍ଦର
କୂପରେ ଥିଲେ କି ବଢ଼େ ତା ଆଦର ।
ହେଲେ ଶାମୁକାରୁ ମୁକୁତାର ଜନ୍ମ
କିନ୍ତୁ ଧନୀଙ୍କର ହୃଦେ ତା ଆସନ ।
ଯାକୁ ଯା ମନ ନୟନ ରସିଛଇ
ତାହା ବିନୁ ତାକୁ ଆନ ନ ରୁଚଇ ।
ସେ ଯେବେ ପାଦରେ ଠେଲି ଦେବେ ରାଗେ
ମୁଁ ବଳେ ମିଳିବି ଯାଇଁ ତାଙ୍କ ଆଗେ ।
କଟୁ କହି ଯେବେ କରିବେ ଧିକ୍କାର
ତଥାପି ତାହାଙ୍କ ମୋ ନୋହିବ ବିକାର ।

ସେ ନିସ୍ୱଶ କଲେ ଏ ଦେହକୁ ଜାହିଁ
ଧୂଳି ପାଉଁଶରେ ଦେବ ମୁଁ ମିଶାଇ ।
ଯାହାର ଯେ ଧନ ଅଛି ତାରି ପାଶ
ବୃଥା ଲୋଡ଼ି ଯାହା ଲଭିଲେ ପରାସ"

ଏହି କବିତାଟି ଲେଖି ମଣି ତା ଖଟର ବିଛଣା ତଳେ କାଗଜଟି ଭାଙ୍ଗି ରଖି ଦେଇଥାଏ । କିନ୍ତୁ ସୂର୍ଯ୍ୟମଣି କିପରି ତାହାର ସନ୍ଧାନ ପାଇ, ତାକୁ, ଆଉ ଆଗର ଗୀତଟିକୁ ନିଜ ପାଖରେ ଖୁବ୍ ସାବଧାନ ତା ସହ ରଖି ଥାଏ ।

ମଣି ଏ କଥା ମୋଟେ ଜାଣେ ନାହିଁ, କିନ୍ତୁ ସୂର୍ଯ୍ୟମଣି ଏ କବିତା ଯୋଡ଼ିକ ପାଠ କରି ମଣିର ଅଭୟ ପ୍ରତି ମନ ଚାଲିବାଟା ପୂର୍ଣ୍ଣରୂପେ ବୁଝି ନେଇଛି । ସେଥିପାଇଁ ଅଭୟକୁ ମନେ ମନେ କେତେ ଯେ ନିନ୍ଦା କରୁଛି, ତା କହିବାର ନୁହେଁ । କଅଣ କରିବ ସବୁ କଥା ତା ମନରେ ପୁରାଇ ରଖିଛି, କାଳେ କିଛି ଭବିଷ୍ୟତରେ ଏଥିରେ ବାଧା-ବିଘ୍ନ ଘଟେ, ତାହା ଆଉ ଅଭୟ ଆଗରେ ପ୍ରକାଶ କଲା ନାହିଁ । ଦିନେ ଅଭୟ ସୂର୍ଯ୍ୟମଣିକି ନେଇ ବହୁତ ଦୂର ଦେଶକୁ ମଣି ନିମନ୍ତେ ବର ଖୋଜି ବାହାରିଲେ । ବୁଢ଼ୀ ମାଉସୀଙ୍କ ଜିମାରେ ମଣିକି ଦେଇଗଲେ ।

ପିଉସୀ ଦୁଇ ଚାରିଦିନ ଯାଏ ତାକୁ ଭଲ ଆଖିରେ ଦେଖିଲେ, କିନ୍ତୁ ତେଣିକି କ'ଣ ଠଉରେଇ କାହିଁକି ମଣିର ଚାଲିଚଳଣି ଆଉ ତାଙ୍କୁ ଭଲ ଲାଗିଲା ନାହିଁ । ଦିନେ ମନେ ମନେ କହି ବସିଲେ, "ପାଣି କେଉଟୁଣୀ, ତୋ ମନେ ମନେ ତୁ ସୁନ୍ଦରୀ" ପରର କଥା ଅଭ ମୋ ଆଗରେ ଏତେ ଟେକେଟାକି କହୁଥିଲି । ମାଆଲୋ, ମୋ ଝିଅ ପଞ୍ଝଇର ଗୋଡ଼ କାଣି ଆଙ୍ଗୁଠି ଟିକେଟକୁ ଏ ସରି ହବ ନା ?

ଯେନେ ମାଲତୀ ପୋଇଲଙ୍କ ତାଙ୍କ ବୁଢ଼ୀ ମଣିର ଗୁଣ ଗୁଡ଼ିକ ଗାଇବାକୁ ଆରମ୍ଭ କଲା । ସେ ଜାଣେ ମୁଁ ହାକିମର ଭଉଣୀ—ଅଭୟର ପିଉସୀ, ମୋର ଗୋଟାଏ ଡର କାହାକୁ ? ଏ ମାଲତୀ ମୋର ନ ହୋଇ ଗୁଞ୍ଜି ପଶି ମଣିର ହବ ?

ଯେନେ ବୁଢ଼ୀ ମାଲତୀକୁ ଡାକି କହିଲା—"ମାଲ ତୁ ତ ଦେଖୁଚୁ ଏ ଘରର ମାଲିକ ମୁଁ, ନା ଏ ସାଉଁଟା ଟୋକା । ପୁଣି ଏ ଟୋକା ହାତକୁ ଚାହିଁବ । ଏ ମଠିଆ ହାଣ୍ଡିଟେକା କର ଯାହା ତା ମନକୁ ଆସିବ ଭାଲି ଚାଉଳ ଗଣ୍ଡାଏ ଦେବ । ତୁ ତ ଜାଣୁ, ମୋର ମାସରେ ପନ୍ଦରଦିନ ଉପାସ । ମୁଁ ବିଧବା, ମାଛ ମାଉଁସ ଖାଇବି ନାହିଁ; କି ଛୁଇଁବି ନାହିଁ, ଯାଙ୍କର ତ ଖୀରସ୍ଥାନ ଘର ପର ବାର ବିଚାର ନାହିଁ । ସେ ପୁହାସି ଚୁଲି ପଶାଠା ସେଇଟି ସବୁ ଗୋଲଘଣ୍ଟା କରୁଛି । ମୁଁ ଏହା ବରଦାସ୍ତ କରୁଛି । ମୋ ଝିଅ ପଟେଇଁ ଯା ଗାଲକୁ ଦୁହିଁ ସାରନ୍ତାଣି । ଏଇଟା କଏ ଲୋ, ପରଘରେ ମଙ୍ଗଳବାର କରୁଛି । ଏଇ କଅଣ ସୁନ୍ଦରୀ ଯେ ଏଇଯାକୁ ରସିପଡ଼ି ଜଗୁଆ ଦେଇ ଆସିଲା । ତାକୁ ଆଉ ଧର୍ମଝିଅ ମିଳଲେ ନାହିଁ । ଲୁଗା ପିନ୍ଧାରେ ଢଙ୍ଗ, ନା ମୁଣ୍ଡବାଲ ଭଙ୍ଗାରେ ଢ଼ଙ୍ଗ । ବଜାରୁଣୀ ଟୋକୀଙ୍କ ପର ନାକରେ ଗୋଟାଏ କ'ଣ ମରଚଟାଏ, ବାଲ ତ ଫେର ସବୁବେଳେ ମୁକୁଳା । ଅଧଲାକର ପାଟଫୁଲ ଯାକୁ ଜୁଟୁ ନାହିଁ । ତାକୁ ଟିକିଏ ଗୁଡ଼େଇ ଦେବକୁ ଲୁଗା ପିନ୍ଧା ତ ମାଲତୀ ଦେଖୁଚୁ, ଧଡ଼ି ପୁଣି ଗୋଡ଼ରେ ମାଡ଼ି ହୋଇ ଯାଉଛୁ । କିଲୋ ମା ! ଆଗୁଟେଇଁ ତ ଲୁଗା ରହନ୍ତା, ଟେକାଟାକି କୁଣ୍ଡେଇଟି ପର ପିନ୍ଧନ୍ତ, ମୁଣ୍ଡରେ ଲୁଗାଟି ଦଅନ୍ତ । ଏ କି ଢ଼ଙ୍ଗ ଗୋଟାଏ । ସେଇଟାକୁ ଆଗରେ ଦେଖିଲେ ମୋ ଦେହ ନିଆଁ ହୋଇ ଯାଉଚି । ଅଲପ ଲୋକ ଉଚ୍ଚ ପାହିଆକୁ ଉଠିଲେ ତ ଏମିତି ହେବେ । "ଯେ ମାଗି ଖାଉଥିଲା ପେଜ, ତାର ଯେବେ ହେଲା ଅଣ୍ଟୁ ଏ ବହଳ

ଚେଣିକ" ସେ କାହାଁକି ନ ଫୁଲିବ । ଅସୁ ଅଭ ମୁଁ କଅଣ ତାର ସଉଁଠୀର ତଳେ ରହିବାକୁ ଅସିଛୁ । ସେ ଆସିଲେ ଯେବେ ମତେ କିଛି ସାହା କରିଦେବ ତ କରୁ ନଇଲେ ମୋ ଘରେ ମତେ ଗ୍ଲଡ଼ି ଅସୁ । ମୁଁ ତ ମୋ ଝିଅଟିକି ଆଜି କି କାଲି ଅଣିବି । ସେ ତ ଫେର ମୋଠଉଁ ନିଆଁ ଖୁଣ୍ଟା । ଏ ମଉନମୁହାଁ ଟୋକୀର ଏତେ ଗୁଣ ପୁଣି ଅଛି । ଇଲୋ ମାଲ, ପୁତ୍ରୁଷଟା ମୋର ଏ ସୁନ୍ଦରୀ ପେଇଁ ବର ଖୋଜି ଖୋଜି ପୁଣି ଯୁଆନ ଟୋକାଟ କଲାକାଠ ପଡ଼ିଲଣି ।

ମାଳତୀ ତ ମଣିର ବହୁତ ଦିନର ସଙ୍ଗିନୀ, ତାର ଏ କଥା ଶୁଣି ଦେହ ସହୁଛି କେତେକେ । ସେ ଏଠି ବୁଢ଼ୀ କଥାରେ ହାଁଜି ହାଁଜି ମାର ମଣି ଆଗରେଁ ସବୁ ଗୋଟିକଠୁଁ କହିଲା । ମଣି କିଛି ଏଣ୍ଡେ ହାଲୁକା ହୋଇ ନହିଁ ଯେ, ମାଳତୀକୁ ଧରି ପକାଇଦବ । ସେ ପାଠ ପଢିଛି ତାର ଜ୍ଞାନ ଅଛି, ତଥାପି ସେ କାନ୍ଦ ପକାଇଲା— ଭାବିଲା ହଉ କେତେ କେତେ ଗଞ୍ଜଣା ମଣି ଦେହ ନ ସହୁଛି, ଏଇଟାକୁ ବି ତା ସଙ୍ଗରେ ମିଶାଇ ଦେବାକୁ ହେବ । ମୋ ଭାଇ ତ ମୋ ଭଲ ପାଇଁ ଯାକୁ ଆଣିଲେ, କାହାକୁ ଦୋଷ ଦେବି ।

ଏହା କହି କିଛି ସମୟ ଗତ କରି ଟ୍ରଙ୍କଟି ନେଇ ବୁଢ଼ୀଙ୍କ ହାତକୁ ଦେଇ କହିଲା—ନାନୀ ! ନିଅ, ଏ ସରଘର ଟ୍ରଙ୍କଟା ରଖ । ମୋର କେତେ ଅଡ଼େ କେତେ କାମ, ପୁଟୁଆରିକି ଖେପେଇ ଘରକୁ ଯାହା ଦବାର ତାହା ଦେବ । ରୋଗୀ ଯାହା ଖୋଜେ, ବଇଦ ତାକୁ ଯେବେ ସେଇଆ ଦଏ; ତାର ସେଥିରେ ଭାରି ଆନନ୍ଦ ।

ବୁଢ଼ୀ, ହଉ ଝିଅ କହି ଟ୍ରଙ୍କଟି ନେଇ ଅଣ୍ଡାର ତଳି ପେଟରେ ଗୁଞ୍ଜି ରଖିଲା ।

ପାଠକେ ? ଏଠି ମାଆଙ୍କର ତ ଗୁଣ ତାଙ୍କ କଥାରୁ କାର୍ଯ୍ୟରୁ ବୁଝିଲ । ପୁଣି ଏଠି ତାଙ୍କ ପଝେଇ ବା ପଞ୍ଚରତ୍ନୀ ଝିଅଙ୍କ ରୂପ ଗୁଣ ଶୁଣି ବର୍ଣ୍ଣନ ଚରିତାର୍ଥ କର । ପଝେଇର ବୟସ ପଚିଶ କି ସତେଇଶ । କବିଭାଷାରେ "ସିଂହକଟି; ତିଳ ପୁଷ୍ପଜିଣା ନାସିକା, ରମ୍ଭୋରୁ, ଗଜଗମନା, ଚନ୍ଦ୍ରମୁଖୀ, ପୀନସ୍ତନା, ଗୁରୁକେଶୀ, ମୃଗନୟନା, କୋକିଳକଣ୍ଠୀ ଓ ମିଷ୍ଟଭାଷିଣୀ" ପ୍ରଭୃତି ଯେତେ ପ୍ରକାର ଶବ୍ଦ ଅଛି ସେଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଯେ ସେଠି ସବୁ ଯାକ ଏକତ୍ର ହୋଇଛନ୍ତି, କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଆଜି ମିଶ୍ରଙ୍କ ଘରେ ମାତାଙ୍କ ଆଦର ଆହ୍ୱାନରେ ପଦାର୍ପଣ କରିଛନ୍ତି । ବର୍ଣ୍ଣର ଶୋଭା ଧାନଉଷୁଆ ହାଣ୍ଡିକୁ ନିନ୍ଦା କରେ । ମୁଖଶୋଭା ପାତିମାଙ୍କଡ଼ଠାରୁ ବଳି । ନାସିକାକୁ ଦେଖିଲେ ପେଚା ଡରିଯିବ । କେଶର ଲମ୍ବ ଗ୍ରୀବକୁ ବଳି ନାହିଁ । କଟି ଦେଖି ହାତୀ ଲଜ୍ଜା ପାଇବ । ପିଠିର ଶୋଭା ହେଟ ଠାରୁ ବଳିକର । କଣ୍ଠ ସ୍ୱର ସାକ୍ଷାତ ଡାମରକାଉ ଇତ୍ୟାଦି ଇତ୍ୟାଦି । ପୁଣି ମୁଖପଦ୍ମରେ ଯେ ବସନ୍ତ ଚିହ୍ନମାନ ଦେଖା ଯାଉଛି, ଗୋଟିଏ ଗୁଲଣୀ କହିଲେ ଚଳେ, ଏଥିରୁ ଅନୁମାନ ଯେ ବିଧାତା ସୃଷ୍ଟିରେ ଯେବେ କିଛି କୁତ୍ସିତ କଦାକାର ଥାଏ ତେବେ ତା ଏକା ଧାରରେ ଏହି ପଝେଇ ସାଆନ୍ତାଣୀଠାରେ ସମବେତ, ପୁଣି ନାସିକାର ନିମ୍ନଭାଗଟି ଅପୂର୍ବ ଗ୍ରହଣଖଣ୍ଡୀ । ଦାନ୍ତ ଗୁଡ଼ିକର ଗଠନ ଏପରି ସୁନ୍ଦର ଯେ, କାହା ଉପରେ କେହି ସବାର ନ ହୋଇ ରହି ନାହାନ୍ତି । କାନରେ ଆମ୍ବଳଚୂଲ ଛିଦ୍ରାବଳି; କାହିଁରେ ପଣତୁଆ; କାହିଁରେ ବାଉଳି; କାହିଁରେ ଯାଉଁଳି ନୋଳିରୁ ହଲେ; ସବା ତଳକୁ ହଲେ ଚଉକି । ନାକ ଗହଣାରେ ନାକ ଛିଦ୍ର ଯୋଡିକ ଯାହାକି ମୁକ୍ତ ଥିଲେ ସେତିକ ମସ୍ତକ ନିର୍ଗତ ସର୍ଦ୍ଦି ଝରଣା ଶୁଖା ମଳ ଦ୍ୱାରା ପୂର୍ଣ୍ଣ ହୋଇ ଶୋଭା ବର୍ଦ୍ଧନ କରୁଛି । ବାୟୁ ଗତାଗତର ପଥ ଅଛି କି ନା କେଉଁ କବିର କଳ୍ପନା ମଧ୍ୟ ସେଠି ଠାକିବା କଠିନ । ମର୍କଟ ପଯ୍ୟୋ-

ଧର ଯୁଗ୍ମ ଉପର ଦେଇ ବଡ଼ ବଡ଼ ରୁପାର ଚମ୍ପାକଢ଼ ପଣେ ଖଣ୍ଡେ ଜରଦା ସୂତାରେ ଗୁନ୍ଥା ହୋଇ ତେଢ଼ୁ ଖେଳୁଛନ୍ତି । ତା ଉପରକୁ କେତେକ ଚୂନାକଣ୍ଠି ବେକକୁ ବେଷ୍ଟନ କରି ରହିଛନ୍ତି । ଏଥିରେ ତାଙ୍କ ମନେ ମନେ ଓ ତାଙ୍କ ବିଧବା ମାତାଙ୍କ ମନେ ମନେ ସେ ବିଧାତାଙ୍କ ସୌନ୍ଦର୍ଯ୍ୟ ଭଣ୍ଡାରର ଖଣ୍ଡିଏ ବଡ଼ ବୋଇତ । ଆଉ ବାହୁ, ଉଦର, କଟି, ଜାନୁ, ପାଦ ଓ ନଖର ଛଟା ଲେଖି ବସିଲେ ବଡ଼ ବଡ଼ କବିଙ୍କର କଲମ ମୂନ ଦବିଯିବ ।

ପାଠକେ ! ଦେଖ, ଅଧୁନିକ ଯୁଗରେ ପୁଣି ଏପରି ଜଣେ ଜଣେ ପୁରୁଷ ଅଛନ୍ତି, ଯାହାଙ୍କ ଦୃଷ୍ଟିରେ ଏପରି ଅଳଙ୍କାରଙ୍କ ଛଟା ପୁଣି ଭଲ ରୁଚିପ୍ରଦ ହୋଇଛି । ତା ପରେ ଏ ସବୁ ଶୋଭା ବଜାର ଉପରେ ବଡ଼ ନଅଫୁଲିଆ ଦରମଙ୍ଗା ଗୋପାଳପୁରୀ ମଠାଶାଢ଼ୀ ଖଣ୍ଡେ ବାରହାତ ଲମ୍ବରୁ କଟିରେ ତନି ଗୁଣ୍ଡିହାତ ଗୁଡ଼ାଗୁଡ଼ରେ ଖତମ ହୋଇ ବାକି ତକ ଅଣ୍ଟୁ ଠାରୁ ପିଟିଅଧିକ ବାଦ୍ ଦେଇ ରମଣୀ ମଣିଙ୍କର କଭର ହୋଇଛି । ଯେଉଁଥିରେ ସେ ପୁଣି ଏତେ ଦୂର ବିଦ୍ୟାବିନୋଦିନୀ ଯେ ପିତ୍ରାଳୟରେ ଥିଲାବେଳେ ମାସେ ପକ୍ଷେ ମାଟିବଂଶ ଅବଧାନଙ୍କ ଦର୍ଶନକୁ ମାଏ ଯାଇଥିଲେ । ଏବେ ତାଙ୍କର ଶୁଭାଗମନ ଯୋଗୁଁ ମାତୁଳାଳୟ ଆଜି ଅଳଙ୍କାରର ରୁଣୁଝୁଣୁ ଶବ୍ଦରେ, ଦଦୁ'ର କଣ୍ଠର ଝଙ୍କାରରେ ଝଂକୃତ ହୋଇ ଉଠିଛି । ଗଦ୍ୟରେ ଲେଖି ସୁଦ୍ଧା ସେ ରୂପ ବର୍ଣ୍ଣନାରେ ତୃପ୍ତ ନ ଆସିବାରୁ ପଦ୍ୟରେ ମଧ୍ୟ ବର୍ଣ୍ଣନା କରି-ବାକୁ ବାଧ୍ୟ ହେଲି । ଅଶାକରେ, ପାଠକେ କ୍ଷମା କରିବେ ।

ଭଡ଼ା ପାଟଫୁଲି ଜୁଡ଼ାମୂଳକୁ,
ବିନ୍ଦୁ ସିନ୍ଦୁରଶସ୍ତି କପୋଳକୁ ।
ଆକର୍ଣ୍ଣ ବିସ୍ତୃତ କଜ୍ଜଳଲାଗି
ଦଏ ସୁଯଶେ ପୁଂସ ଧୈର୍ଯ୍ୟ ଭାଙ୍ଗି ।

ଗଣ୍ଡମଣ୍ଡଳ ତଳେ ବାମପାଖେ
"ନାଗବଲ୍ଲୀ ଖିଲ ଫୁଟିଛି ବାଙ୍କେ ।
ସରବାଙ୍ଗେ ହଳଦୀ ଗରଗର
ଝଲ ଦିଶଇ ଝାଳେ ଜରଜର ।
ନୀବି ନିବଡ଼ବନ୍ଧନେ ଶାଢ଼ୀରେ
ମାରମାର୍ଗଣରେ ଅଛି ଜଡ଼ି ରେ ।
ମଦମରଦନ ମଦନରଥ
ସତେ ମଣ୍ଡି କି ଗୁଳୁଅଛି ପଥ ?
କଟି ରଜତ କଟିରେ ଜଡ଼ିତ
ନୀବିତଳ ଲୋତି ଥାଏ ପଡ଼ି ।
ବାମା ବାମପରେ ଅଗଭାଗରେ
ବଟିକାଭଣ୍ଡାର ଦୋଳେ ସଗରେ ।
ଘୁଟି ନେଉଛି ଜୁଡ଼ା ଶାଢ଼ୀପେର
ଡେଣ୍ଡୁ ପିଠି ଫୁଟି ଅଧେ ବାହାର ।
ଏ ତ ନଗର ନାଗର ନାଗର
ବକ୍ଷଦାନ୍ତଝଡ଼ା ଗଦ ସାଗର ।

ଏପରି ସୌନ୍ଦର୍ଯ୍ୟର ଖଣି ମଣିର ନେତ୍ରପଥରେ ପଡ଼ିଲାକ୍ଷଣି ସେ ଜାଣିପାରିଲା, ଏ ନାରୀଙ୍କ ଅଙ୍ଗମଣ୍ଡନା ରଙ୍ଗପୁଲଣିଆ କନ୍ୟାରତ୍ନ ନିଶ୍ଚୟ । ଏହା ମନେ କରି ଯାଇ ତାଙ୍କ ପାଦତଳେ ପଡ଼ି ସଙ୍କୁଚିତ ଭାବରେ ଗୋଟିଏ ପାଖରେ ଠିଆ ହେବା ମାତ୍ରେ ବୁଢ଼ୀଙ୍କ ସୁଲକ୍ଷଣୀ କନ୍ୟା କହିଲେ—ବୋଉ ! ଏଇ ମଣି ତ ? ସେ ଯେଉଁ ଗୋବିନ୍ଦପୁରରୁ ମାମୁଁ ଆଣି ରଖିଥିଲେ ଗବର ଝିଅଟାକୁ । ବୁଢ଼ୀ କହିଲା "ହଁ ଲୋ ଝିଅ, ସେଇ," ଦଣ୍ଡବତଟାର ଆଶିଷ ଏତିକି ମିଳିଲା । ମଣି ମନରେ ଭାରି ଦୁଃଖ ହେଲା । ସେ କଥାଟା ତାର ମର୍ମର କଥା ।

ତା ମର୍ମକୁ ବିଦାରି ପକାଇଲା । ତା ଆଖି ଲୁହରେ ଟଳଟଳ ହୋଇ-
ଗଲା । ପୁଣି ବୁଢ଼ୀ କହିଲା "ଝିଅ, ଏହାର କି ଶଣି କି ଜାଣି
ପୁତୁରାଟା ମୋର ବର ଖୋଜି ଖୋଜି ଥକିଲାଣି । ଏ ପାଟଲା
ଆମ୍ଭକୁ କୋଉଠୁ ଜାମାଇକାଉ ମିଳୁଛି କେଜାଣି ?

ମଣିର ଆଖିରେ ଲୁହ ଦେଖି ପଶେଇ ଲୁଚେଇ ନ ପାରି ହଠାତ୍
କହିଲା, "ମଲା କାଳୁକୁ କଅଣମ, ଖରା ତରରେ ବୁଲି ବୁଲି କେତେ
କଅଣ ହୋଇଥିବୁ । ଏତେ ସୁଖରେ ତତେ ମାମୁଁ ରଖିଛନ୍ତି, ତେବେ
ବି ତୋର କାନ୍ଦ । ବାହା ହବୁ ନାହିଁ କଅଣ ଅଭିଆଡ଼ି ହୋଇ
କିଏ କୋଉଁଠି ରହିଲାଣି ? ଅଲବତ ତୋ ପେଇଁ ତ ଆଉ କାଟୁ
ତଣ୍ଡି ପଡିବ । ଆଲୋ ଏ ପିତଳ ଗୁଡ଼ାକ କିଆଁ ଲଗେଇଲୁ । ପାଞ୍ଚ
ଟଙ୍କା ତିନି ଟଙ୍କାରେ ହଉ ନା, ରୁପା କଣ୍ଠି ଗଣ୍ଡାଏ ଦାଗଣ୍ଡା କରି
ବେକରେ ପକେଇ ଥିଲେ ତ ଥିଲା ନ ଥିଲାରେ ଗୋଟିଏ ସାଙ୍ଗ
ହୋଇଥାନ୍ତା । ହଉ ତୋ ଅବସ୍ଥାକୁ ଏ ଖୁବ୍ ହୋଇଛି । ସୁନା
ରୁପା କେଇଟା କୋଉଠି ବାରବୁଲି ଚୁଆ ଲଗାଉଛନ୍ତି ।"

ବୁଢ଼ୀ କହିଲା, 'ଆଲୋ ଝିଅ; ଏ ଟୋକାର ପୁଣି ଏମିତି ବଦ୍‌ଖୋ-
ଇଟାଏ ଅଛି କଲେ । ମାଇକିନିଆ ଝିଅ ଗୋଟାଏ ସବୁବେଳେ
କିତାପଟାଏ ନେଇ କିଏ କୋଉଠି ପଢୁଛି । ଏ ବୁଲିଟାର ଏମିତି
ସାହସ ମୁଁ ସେଦିନ ଖାଇ ବସିଛି ମୋ ଆଗରେ ନେଇ ଖବର
କାଗଜଟା ଧରି କହୁଚି; ନାନୀ ଗୋଟାଏ ଖବର ଶୁଣ ।" ମୁଁ
ଏତିକି ଶୁଣି ତ ମୋ ଦେହ ନିଆଁ; କଅଣ କରିବି; ଶୁଦ୍ର
ଛୁଇ ପଡ଼ିଲା ମୋ ଖାଇବା ଭାତ ଉପରେ, ଆଉ କି ପାଟିକି ଭାତ
ଯାଉଛି । ଚୁଁ କରି ଉଠି ହାତ ଧୋଇ ପକେଇ ଭଗତାକୁ କହିଲି —
ଯାଅ ମୋ ପଦରେ ଖାଇବ କଅଣ ଅଛି । ଏ ଟୋକା ବି ମୋରି
ରାଗ ଜାଣି ପଟଳଇଲା ।"

ମଣି ଆଜି ସେଠି କ'ଣ କହିବ, ଘୃତରେ ପଥର ଏତକ ପୁରସ୍କାର ପାଇ ଗୃଲି ଆସିଲା । ଯାହାର ରୂପ ଗୁଣ ବାଖ୍ୟାନିବାକୁ କବିମାନେ କିଛି ଥଳକୂଳ ପାଇବେ ନାହିଁ, ଯାହାର କଥା କହିବାରେ ତୁଣ୍ଡରେ ବାଟୁଳି ବାଜୁ ନାହିଁ, ପରନିନ୍ଦା ଯାହାଙ୍କର ଗାୟତ୍ରୀ ମନ୍ତ୍ର, ତାଙ୍କ ଦୃଷ୍ଟିରେ ମଣିପଣଟା କ'ଣ ସୁନ୍ଦରୀରେ ସୁମାରି । ମଣିର ନାକ ତଳଟା ଗ୍ରହଣ ଖଣ୍ଡିଆ ହୋଇ ଥାନ୍ତା, ମୁହଁରେ ଗୃଲ୍ଲଣିଜଲା ପରି ପାଞ୍ଚପଣ ତନି ପଣ କଣା ହୋଇଥାନ୍ତା, ଏ ସବୁ ଯେତେବେଳେ ନାହିଁ, ସେତେବେଳେ ମଣି କି ସୁନ୍ଦରୀ । ବେକରେ ପଣେ ଅଧେ ରୂପା ଚମ୍ପାକଢି ରୁପାବଣ୍ଟ ଦୁଇଗୃରି ମାଳେ ନ ପିନ୍ଧି ଯେତେବେଳେ ନଣି କୋଡିଏ ବାଇଶ ହଜାର ଟଙ୍କାର ପଥର ଜଡ଼ିତ ସୁନାହାରଟାଏ ପକେଇଚି, ସେଇଟା ପୁଣି ଯାହାଙ୍କ ଆଖିରେ ଛଣା ପିତଳ ହାର ପରି ଦିଶୁଛି, ତାଙ୍କ ପାଖରେ ମଣିର ସୁନ୍ଦରୀ ପଣର କିମତ କେଉଁଠି ?

ମଣି ଏ ସବୁ ଶୁଣି ଆସି ଭାଇଙ୍କ ନିକଟକୁ ପତ୍ର ଲେଖିଲା ଯେ ଆପଣଙ୍କ ପିଉସୀ ଝିଅ ଶ୍ରୀମତୀ ପଞ୍ଚରତ୍ନୀ ଦେବୀଙ୍କର ଏଠାରେ ଅଦ୍ୟ ପଦାର୍ପଣ ହୋଇଛି ।

ହାୟ ବିଶ୍ୱସ୍ରଷ୍ଟା, ତୁମ ସୃଷ୍ଟିର କି ତାତ୍ପର୍ଯ୍ୟ ଅଛି ? ତା' କିଏ କଳିବ ? ତୁମେ ତ ଜଣେ ଗଢିବାର ଲୋକ, ସେହି ହାତରେ କେତେ ପ୍ରକାର ମୂର୍ତ୍ତି ନିର୍ମାଣ କରୁଛ ? ଯେଉଁ ମଣି ଆଜି ମିଶ୍ରଙ୍କ ପତ୍ନୀରେ ଭଗବାନଙ୍କ ଦୟାରେ ଅଚଳାଚଳ ସମ୍ପତ୍ତିର ଅଧିଶ୍ରୀ ଯାହାର ବିବାହ ପାଇଁ ସମଗ୍ର ଉତ୍କଳରେ ତନ୍ନତନ୍ନ କରି ସୁପାତ୍ର ପର୍ଯ୍ୟବେକ୍ଷଣ ଗୃଲିଛି, ଯେ କି ସୁନ୍ଦରୀ ଜଗତରେ ମୁକୁଟମଣିର ମଣି, ସେ ମଣିକି ପୁଣି ଏ ବିକଟବଦନା କୁଦାନ୍ତୀ କୁରୂପା ଆଜି କେତେ ନିନ୍ଦା ନ କରୁଛି, କି ତିରସ୍କାର ନ କରୁଛି ! ସେ ତିରସ୍କାର ପୁଣି ତା

ସମ୍ମୁଖରେ । ଯେ କି ପୂର୍ଣ୍ଣ ଶିକ୍ଷିତା, ସେ କଅଣ ଏମାନଙ୍କର ଅସାର କଳ୍ପନା ଓ ନିର୍ବୋଧତା ଜାଣି ପାରୁ ନାହିଁ ?

ଆଜି ପିଅସୀ ସରଘରର ମାଲିକ, ସାକ୍ଷାତ୍ କୃତ୍ତବହ୍ନୀନା ପଡ଼ଦାଣୀ-କମଳା, ମଣିଠାରୁ ଚାବି ପାଇ ଡାଲି, ଚାଉଳ, ଘିଅ ତେଲ ପଥ୍ୟ ସ୍ୱତରେ ବିକ୍ରି କରି ଭଳପେଟ ଭଲ ଟ୍ରେଜେରୀରେ ଟଙ୍କାଯାକ ଜମା ଦବାରେ ଚାଲିଛନ୍ତି । ଏ ସବୁ ଜାଣି ଶୁଣି ସୁଦ୍ଧା ଜେମାମଣି କିଛି କହେ ନାହିଁ । ପୁଝାର ଚାକରଙ୍କୁ ଖାଇବାରେ କଷ୍ଟ, ନିଜର ଅର୍ଥ ସଂଗ୍ରହରେ ବ୍ୟସ୍ତ ।

ଏଥିରେ ଅନେକ ଥର ମଣି ଆଗରେ ଏହା କହି ସେମାନେ ଚାଲି ଯିବାକୁ ବସିଲେ । ମଣି ସେମାନଙ୍କୁ ଆଶ୍ୱାସନା ଦେଇ କେବଳ ଭୁଲେଇ ଆସିବାକୁ କହି ରଖାଇଛନ୍ତି । ଦିନେ ସହି ନ ପାରି ମଣି କହିଲା "ନାନୀ ତମେ କ'ଣ ଏମାନଙ୍କୁ ଭଲ କରି ଖାଇବା ପିଇବାକୁ ଦେଉ ନାହିଁ କି ? ସେମାନେ କାହିଁକି ମନଦେଇ କାମ କରୁ ନାହାନ୍ତି ?" ଏତିକି ଶୁଣି ବୁଢ଼ୀ କାଳଫଣୀନୀ ପରି ତ ମଣି ଉପରେ ଗର୍ଜନ କରି କହିଲା —"କି ଟୋକୀ, ତୋର ଏତେ ହାଲକ, ତୁ ମତେ ତାଲିମ କରିବୁ । ମୁଁ ଆଜି ଘର କରି ନାହିଁ, ଘର ଚଳେଇ ନାହିଁ, ଚାକର ରଖି ନାହିଁ, ତୁ ବେଶୀ ଘରଣୀଟା । ଏ ସାଉଁଠୀ ମତେ କ'ଣ ସତେ ନ କହିଲା ମଁ ? ମୁଁ ଧିକଦେଲି ମା ଚେଷ୍ଟା କଲି, ଘରକୁ ପଠେଇ ଦେଲି । ଆସୁ ଅଭି, ମତେ କଅଣ ସାଉଁଠୀଟା ହାତରେ ଅପମାନ ଦବାକୁ ଆଣି ଯୁଡ଼ି ଯାଇଛୁ ।" ମାଆର ପାଟି ଶୁଣି ହିଅ ନିଦ ଗରଗର ହୋଇ ଶେଯରୁ ଉଠି ଛୁଟି ଆସି କହିଲା "ବାଉ, ଦେ' ମଁ ତା ଗାଲକୁ ଚୁହିଁଦେ, ପରଘରେ ମଙ୍ଗଳ ବାର ।

‘ମୁଁ ଖାଉଥାଏ ମୋର ଭାତ
ତୋର୍ କାହିଁକି ମୁଣ୍ଡରେ ହାତ’

“ମୋ ମାମୁଁ ସମ୍ପତ୍ତି ମୁଁ ଉଡ଼େଇ ଦେବି ତୁଠା କିଏ କହିବାକୁ, ଫେର ପାଟି ଫିଟେଇଲେ ଜାଣି ଥା ଏଣିକି ମୁଣ୍ଡୀଝାଡ଼ୁ ଯାକ ତୋର ପିଠିରେ ଖରଚ ହେବ । ତୋ ସୁନ୍ଦରୀଆ ଚେହେରା ଦେଖି ସତେ ଯେମିତି କା ଝିଅ ଆମେ ଦାଠା ଡରିଯିବୁ ।” ବୁଢ଼ୀ ଝିଅର ସାହସ ପାଇ ଅଧିକ ତେଜି ଉଠି କହିଲା, “ଆଲୋ ଝିର, କଅଣ ଶୁଣିବୁ । ଷୋଳ ଯାକ ଯୋଉଠି ଶୁଣିବୁ ସମସ୍ତେ ଚୁପ୍ ଚାପ୍ ହଉଛନ୍ତି, ଅଭିଯୁ ମୋର କୁଆଡ଼େ ଏଇ ଛତରଖାଇ ସାଉଁଠୀ ଟୋକାଠା ଲଗି ବାହା ହଉ ନାହିଁ । ଇସ୍ପାର ଲଗି ଦେଢମାସ ହେଲା ଯାଇଁ ବର ଖୋଜିବାକୁ କୋଉଠି ପଶିଛୁ । ଏଇଠାକୁ ବାହା ଦେଲେ ତେବେ ଯାଇଁ ସେ ବାହା ହବ ।” “ଆଲୋ ତୁଠା ଏଡ଼େ ହୀନକପାଳୀ, ତୋତେ ବର ଜୁଟୁନାହିଁ ଏଇଥିରେ କ’ଣ ନା ଭାରି ସୁନ୍ଦରୀ । ସେଠିତ ବାପକୁଳକୁ ସାର ଆସିଛୁ, ଏଠିତ ଗୋଡ଼ ଦେଲାକ୍ଷଣି ଦାଣ୍ଡ ଘର ଭାଙ୍ଗଠା ମୋର ଆସି କୁଠାଖିଅରେ ରହିଲାଣି । ଆଉ କଅଣ ତୋ ମନରେ ଅଛି ଏ ଜାଗାଟିକି ସଫା ସୁତୁରା କରିବାକୁ ?”

“ପୁଣି ମୁଁ ଗୋଠାଏ ମାଇପିଠିଉ ଶୁଣିଲି ତୁ କୁଆଡ଼େ ଅଭିକି ମୋର ବହାହବାକୁ ମନ କଲୁଣି, ତୁ ଏକା ତା ନାଖି । ଆଲୋ ପଞ୍ଚ ଯୋଉ କଥା ମନକୁ ଆଣିବୁ ନାହିଁ ଏ ଟୋକା ସେଇଯ୍ୟା କରିବାକୁ ଯାଉଛୁ, ଯଦି ଭଲରେ ରହିବୁ ଏଠୁ ଗୁଳିଯା’, ଛିଛି, ତତେ ଜହର ମିଳୁ ନାହିଁ ?”

ଆଜି ମାଆ ଝିଅ ଦୁହିଁଙ୍କର ପାଟି ଗଲା ଏକ ପ୍ରକାର କାଣ୍ଡ ମରି ଯାଉଛି । ସେ ତ ଦୁହେଁଯାକ ବାକ୍ ଦେବୀ ମୁଖରା । କେହି ନ ଥିଲା ବେଳେ ବି

ତାଙ୍କର ଜୀବ ପରମ ସଙ୍ଗେ କଥାବାର୍ତ୍ତା ଚାଲିଥା । ଡାଆଣୀ ପରି ସବୁବେଳେ ଏକୁଟିଆ ବି କାହାକୁ କଅଣ କହିଲା ପରି ବରବର ହେଉଥାନ୍ତି । ଯେତେ ଯାଣିବା ଲୋକ ହେଲେ ସେ ଶୁଣି ମନେ କରନ୍ତେ କାହା ସଙ୍ଗରେ ଯେମିତି ଯୁଙ୍କର କଳି ଲାଗିଛି ।

ସେ ଦିନ ମଣି-ହରା ଫଂଶୀମା ପରି ନିସ୍ତେଜ । ଏତିକି ସେ ଆଜି ତା କୁଗ୍ରହବଳରୁ ମାଆ ଝିଅଙ୍କଠାରୁ ଲାଭ କରି କାନ୍ଦକାନ୍ଦ କ୍ଷୀଣ କଣ୍ଠରେ କହିଲା "ନାନୀ ତୁମେ ମତେ କଷ୍ଟ କରି କହ, ତମର ପରା ଝିଅଟିଏ ଜନ୍ମ କରିଥିଲ । ଲୋକମାନଙ୍କ ଲହୁ ଯେଉଁପରି ମାଟିରେ-ପଡ଼େ ସେ ମାଟିର ଦଶା କଣ ହୁଏ ଜାଣ ନା । ଏଡ଼େ ବଡ଼ ସୁନା, ଉଆସ ରାବଣର ସୀତାଙ୍କର ଲହୁ ପଡ଼ିବାରୁ ପରା ସେ ଚୂନା ହୋଇ ଗଲା ।" ଏତିକି କହି ମଣି ଆଉ ଯିବ କୁଆଡେ, ସତେ ଯେମିତି ଏ ନିଆଁରେ କୁଠା କେରାଏ ପକାଇ ଫୁଙ୍କିଦିଏ । ଝିଅ ମାଆ ଦୁହେଁତ ଯୋଡ଼ି ହୋଇଗଲେ ।

ଝିଅ କହିଲା, ଅଲୋ ତୁ ପୁଷ୍ପଣପଣ୍ଡା ହୋଇ ଡରଣ ଡରୁଚୁ । ସୁନା ଲହୁ ଗଳି ପଡ଼ିଲା । ମାଆ ମୂର୍ତ୍ତି ଏପରି ମଣିର କ୍ରନ୍ଦନ ଦେଖି ଝିଅକୁ କହିଲେ "ଥାଉଲୋ ପଅଁ ସେଇଠାକୁ ଆଉ କିଛି କହନା । ତା ମୁହଁ ତ ମାମୁଁ ତୋର ଉପରକୁ ଟେକି ଦେଇଛି । ତା ଭଲ ପାଇଁ ଆମେ କହୁଥିଲୁ, ନ ଯାଉ, ସେମିତି ଦେହ ପାଣି ଦେହରେ ମାରି ଏଠି ପଡ଼ି ଥାଉ । ଆମ କହିବା ଆମଠେଇଁ ଥାଉଁ ।" ଏତିକି କହି ମାଆ ଝିଅ ସେଠୁ ଚାଲିଗଲେ ।

ମଣି ଚାଲିଆସି ଘରେ ବିଛଣାଟି ପାରି ଶୋଇ ରହିଲା । ଆଉ ଖାଇଲା ନାହିଁ । ସେ ଦେଢମାସରେ ପନ୍ଦରଦିନ ଉପାସ ରହିଲାଣି; ସେ ଦିନ ବି ଦିନେ । ଝିଅମାନଙ୍କ ଭୟରେ ସେ ଘରବାଡ଼ି ଧନ

ଦରବକୁ ଆମର ବୋଲି କହିବାକୁ ତାର ଡରମାଡ଼େ । କେତେବାର ସେ କାନ୍ଦିଲାଣି କେତେଥର ନିଜଭାଗ୍ୟକୁ ନିନ୍ଦିଲାଣି । କାହାକୁ ଏସବୁ କହିବ । ଯାହାକୁ କହିବ ସେ ତ ଯାଇ ଦୂରରେ—ପାଖରେ ନାହିଁ ଗୃହର ପିଲାଟିକି ନେଇ ସେ ଖଟରେ ତା ବଖାଗୁଡ଼ିକେ ଶୋଇ କେତେଦିନ କଟାଇଲାଣି । ପତ୍ରରେ ଭାଇଙ୍କ ପାଖକୁ ଲେଖିବାକୁ ଏ ସବୁ ତା ହାତ ଚଳେ ନା । ବିଦେଶରେ କାଲେ କେହି ସଙ୍ଗୀ ହାତରେ ପତ୍ରଟି ପଡ଼ିବ । ସେ ଏଡ଼େ ବଡ଼ଘର ଗୃହର ଠଉରେଇ ନେବ । ଏହା ଭାବି ମନକଥା ମନରେ ରଖି ଦିନ କାଟୁଥାଏ । କେବଳ ଅଭୟକୁ ତାର ଆଶାଦେବତା ଭାବି ଭବିଷ୍ୟତ ଆଶାରେ କେବଳ ଘଟରେ ପ୍ରାଣଟି ଧରି ରହିଛି । ଆଜି ବୁଢ଼ୀ ପୁରୁଣା ଗୃହିଣୀ ମାଲତୀ ଆଗରେ ବସି ନିଜର ପ୍ରଶଂସା ଗାଇବାରେ ତଳେ ଉର ନାହିଁ । ବୁଢ଼ୀର ଘର ଭଲ, ବୁଢ଼ୀର ଗୁଣ ଭଲ; ତାର ବିଲେଇ କୁକୁର ଭଲ । ତା ଝିଅ ପରି କେହି ନୁହଁନ୍ତି ତା ପରି କେହି ନୁହନ୍ତି । ଯଦି ଜଗତରେ କିଛି ଭଲ ଗୁଣ ଥାଏ ତ ତାଙ୍କ ଦୁହିଙ୍କ ଠାରେ । ତାର ପଝିଅର ଶୁଆଚଞ୍ଚୁ ପରି ନାସିକା, କେଶରୀ ପରି କଟୀ କଦଳୀ ରମ୍ଭା ପରି ଜାନୁ, ଭ୍ରମର ପରି ଭ୍ରୂଲତା, କେଶ ଗୁଡ଼ିକ ନଦୀଲହରୀ ପରି କୁଞ୍ଚିତ । ତାର ପଛେ କେହିତା ଦାନ୍ତ ହଉ ତଥାପି ତା ପଝିଅ ମୁକ୍ତାଦାନ୍ତୀ, ତା ଝିଅ ଖାଲେଇ ପେଟଟି ଠିକ୍ ପଦ୍ମପତ୍ର ପରି, ବୁଢ଼ୀ ସବୁ ଯାକ ସୁନ୍ଦରପଣ ଯେମିତି ବିଧାତା ପାଖରେ ଦରଖାସ୍ତ କରି ତା ଝିଅ ଦେଇଁ ଆଣି ତା ପେଟ ଭିତରେ ପୂରାଇ ଗଢ଼େଇଛି ।

ମାଲତୀ ସବୁ ଶୁଣୁଥାଏ, ସବୁଥିରେ ହୁଁ ମାରୁଥାଏ । ସବୁଥିରେ ହୁଁ ନା କହି ତା'ର ଯେ ରକ୍ଷା ନାହିଁ । ପୁଣି କେତେ କଥା ମଣି ସମ୍ବନ୍ଧରେ ବାହୁନିବାକୁ ବସିଲା । ତା କଥାରୁ ଜଣାଗଲା, ମଣି ସମ୍ବନ୍ଧରେ ପଝିଅର ଠିକ୍ ଜଳିଛି ।

ବୁଢ଼ା ଏବୁ କହି ଯାଇ ପଚାରିଲା, "ଆଲୋ ମାଲତୀ, ତୁ ସେ ଟୋକୀ ପାଖରୁ ଶୁଣିଛୁ କି, ସେ ତ ଅଭିର ଛୁଟି ପାଉଥିବ, କେବେ ସେ ଘରକୁ ଫେରିବ ଜାଣୁ ।" ମାଲତୀ ମନାକଲା—ନା ଯାଆନ୍ତାଣୀ, ସେ ମୋତେ କିଛି କହନ୍ତି ନାହିଁ । ସତେ ଯେମିତ ମଣି ସାଙ୍ଗରେ ତାର ଅପଡ଼ । ପଢ଼ିବା ଜାଣିଲେ କାଳେ ବୁଢ଼ୀ ତା ଆଗରେ ମଣି କଥା କିଛି କହିବ ନାହିଁ, ଏଇଥିପାଇଁ ସେ କଥାଟା ଜାଣି ଥାଉ ବା ନ ଥାଉ, ସବୁଠାରୁ ଚୁପ୍ ଭଲ, ଏହି ନିୟମ ମାନି ରହିଗଲା ।

ତେଣେ ଅଭୟ ଜଣେ ମୁନସଫଙ୍କୁ ବର ସମ୍ବନ୍ଧେ ଠିକ୍ କରି ସେଦିନ ଘରକୁ ଫେରିବ । ସୂର୍ଯ୍ୟମଣି ବି ତା ଘରକୁ ଯିବ । ଅଭୟ ଯେତେ ଯାଗାରେ ଠିକ୍ କରୁଥାଏ, ସୂର୍ଯ୍ୟମଣି ମନକୁ ଯାଏନା ; କାରଣ ସେ ମଣି ପ୍ରବନ୍ଧ ଦୁଇଟି ଗୁପ୍ତରେ ନେଇ ପଢିଛି । ସେଥିରୁ ସେ ଜାଣେ, ମଣି ବରଂ ଅବିବାହିତା ରହିବ, ସେ ଅଭୟ ବିନା ଅନ୍ୟ କାହାକୁ ପତିତ୍ୱରେ ବରଣ କରିବ ନାହିଁ । ଅଭୟ ଏ ସବୁ କଥା କିଛି ଜାଣେନା, ବର ଖୋଜିବାରେ ବ୍ୟସ୍ତ । ଅନେକ ଥର ମଣିର ସେ ଏପରି ପତ୍ର ପାଇଲାଣି, ସେ ପତ୍ରରେ ଯାହା ଲେଖା ସେ ପଢେ । ପୂର୍ବପରି ଆଉ ତା ମଣି ଲେଖା ପରି ଲାଗେ ନାହିଁ । ଖାଲି ସେ ଭାଷାର ଅର୍ଥ ଗୁଡ଼ିକ ଯେପରି ବେଦନା କରୁଛି, ସେହିପରି ତାକୁ ଜଣାଯାଏ । ସେ ଭାବେ, ନାନୀ ତ ଟିକିଏ ମୁଖରା, ତା ପିଲାପିଲି ବି ତାହାର ପରି ଚହାଇଥିବେ ।

ଜଣାଯାଏ ମା ଝିଅ ଦୁହେଁ ମିଳି ମଣିକି ବିଶେଷ ଭାବରେ ତାଡ଼ନା କରିବାରୁ ମଣି ମନଦୁଃଖରେ ଏଣିକି ଆଉ ପତ୍ର ଦେଉ ନାହିଁ । ଏହି ଭାବନାରେ ସେ କାପରି ଘରକୁ ଆସିବା ପାଇଁ ସାଥେ ସାଥେ ମଣି ପାଖକୁ ଟେଲିଗ୍ରାମ କଲା । ମଣି ଟେଲିଗ୍ରାମ ପାଇ ଦେଖିଲା ଯେ

ଭାଇ ଲେଖିଛନ୍ତି ଆଜି ସନ୍ଧ୍ୟାକୁ ସେ ଘରକୁ ଆସିବେ । ଅଭୟ ସୂର୍ଯ୍ୟମଣିକି ମେଲଣି ଦେଇ ମଟରରେ ଗ୍ରାମକୁ ଆସିଲା ।

ଆସିଲାବେଳେ କାବୁଲର ସେଓ, ବେଦାନା, ଅଙ୍ଗୁର, କିସମିସ୍, ବାଦାମ ତା ପରେ କିଛି ମିଷ୍ଟାନ୍ନ ମଧ୍ୟ କିଣି ମଟରରେ ଆଣିଥାଏ । ନାନୀ ପାଇଁ ନାନୀର ଝିଅ ପାଇଁ ବି କିଛି ମିଷ୍ଟାନ୍ନ, ତହିଁ ସାଥିରେ । ବାନ୍ଧିଥାଏ । ଘରେ ପହଞ୍ଚିବେ ବୋଲି ଏଣେ ଅନିମିଷ ନୟନରେ ମଣି ତାର ଭାଇର ବାଟ ଚାହିଁ ରହିଥାଏ । କିନ୍ତୁ ପିଉସୀଙ୍କର ଯେ ବାତ୍ସଲ୍ୟ ସ୍ନେହ ସେ ମନରେ କ୍ଷଣେ କ୍ଷଣେ ଜାଗ୍ରତ ହୋଇ ତାର ସରାଗ ପସରାଟିକି ଅଜାଡ଼ି ଫୋପାଡି ଦେଉଥାଏ ।

ଭାବିଲା, ଏ ଜୀବନ ଆଉ ରଖିବ ନାହିଁ, ଭାଇଙ୍କୁ ଦେଖିଲେ ତାଙ୍କର ମୁହଁକୁ ଅନାଇଁ ଅନାଇଁ ବିଷପାନ କରି ଅମର ଧାମକୁ ଚାଲିଯିବ । ତେଣିକି ଅଭୟ ତାଙ୍କ ନାନୀଙ୍କି ଘେନି ବିବାହ କରି ଘର ସଂସାର ଚଳାନ୍ତୁ । ଏହି ସବୁ କଥା ସଙ୍ଗେ ଅଭୟର ମୁଖ ଦର୍ଶନଟି ବି ଜାଗି ଉଠିଥାଏ ।

ପୁଣି ଭାବେ ଆତ୍ମହତ୍ୟା କରି ପାପ ଅର୍ଜନ କରିବ ନାହିଁ, କି ଭାଇ ପଛକେ ଅନ୍ୟକୁ ବିବାହ କରନ୍ତୁ, କିନ୍ତୁ ମତେ କଅଣ ତାଙ୍କ ଦାସୀ
ପଛକେ ଅନ୍ୟକୁ ବିବାହ କରନ୍ତୁ, କିନ୍ତୁ ମତେ କଅଣ ତାଙ୍କ ଦାସୀ
କରି ରଖିବାକୁ ସେ ନାସ୍ତି କରିବେ, ମୁଁ ସତୀ ମୋତେ ଜଣେ ଅସତୀ କହିଲେ କ'ଣ ମୁଁ ଅସତୀ ହେବି ? ମୁଁ ତ କାହାରି କିଛି ଚୋରି କରି ନାହିଁ । ମୋତେ ଜଣେ ଚୋରଣୀ କହିବ ବୋଲି କ'ଣ ମୁଁ ପ୍ରାଣ ହରାଇ ଦେବି ? ନା ତା କରିବି ନାହିଁ । ଭଉଜା ରୁକର ଅସି ଯେତେବେଳେ ଖାଇବାକୁ ଡାକିଲା । ସେ ଗଲା ନାହିଁ । ନାନାଦି କଥା ଭାବି ସେ କାନ୍ଦିବାକୁ ଲାଗିଲା ସେ ଭାବିଲା, ମୋତେ ସେଦିନ ବିନା ଦୋଷରେ ପୁଲିସ ଆଣି ଉପଦ୍ରବରେ ତନିଦିନ

କଷ୍ଟ ଦେଲା, ଏତିକି ବେଳେ ମରିଥିଲେ, ଆତ୍ମହତ୍ୟା ପାପ ଲାଗି ନ ଥାନ୍ତା । ଏହାପରେ କାନ୍ଦୁ କାନ୍ଦୁ ଭାବି ଭାବି ନିଦ୍ରାଦେବୀ ତାଙ୍କ କୋମଳ ଅଙ୍କରେ ତାର କଷ୍ଟ ଦୂର କରିବା ମାନସରେ ଆଶ୍ରୟ ଦେଲେ ।

ସେତିକିବେଳେ ଅଭୟ ବାବୁ ମଟରରୁ ଓହ୍ଲାଇ ଘର ଭିତରକୁ ପଶି ଆସି ଶୁଣିଲେ ଯେ ସେପେଇଁ ଖଞ୍ଜାରେ ଭୟଙ୍କର ମୁହଁଗୋଳ । ସତେ ଯେମିତି ତାଙ୍କର ଜ୍ଞାତିଭୋଜନ ଚାଲିଛି । ପୁହାର ସାଙ୍ଗରେ ମାଆ ଝିଅ ଦୁହେଁ ଅଶ୍ଳାଭଡ଼ି କଳି କରିବାରେ ତିଆର । ପୁହାର ତ ନଙ୍ଗୋଡ଼ବନ୍ଧା, ସେ ବି ତାଙ୍କର ପଦେକୁ ଚାରି ପଦେ ଚଢାଉଥାଇ ବେଶ୍ ପାଲି ଦେଉଛି ।

ଅଭୟ ଏହା ଦେଖି ଭାବିଲା—ମୋର ଧାରଣା ସତ୍ୟ । ଆହା ମଣି ଯେ ନିତାନ୍ତ ସରଳା । ସେ ଏ କଣ୍ଟା ବିଛୁଆତି ବଣରେ ତୁଳସୀଟି ଏକା କିପରି ରହୁଛି ? କାହିଁ କେଉଁଠି ସେ, ଏ ପାଚିଟି ଭିତରେ ତ ମଣିର କୋକିଳ-କୂଜିତ କଣ୍ଠ ନାହିଁ ? ଏ ତ ବ୍ୟାଘ୍ରୀ, ଭେକୀ, ଗର୍ଦ୍ଦଭୀ ତିନିଜଣଙ୍କର ରବ । ସେ ତ କୋଠାଘର, ପାଚି ଶବ୍ଦରେ ଯେପରି ବ୍ରହ୍ମାଣ୍ଡ ଥରାଇ ଦେଉଛି ।

“କିରେ ଚୁକର ଟୋକା ! ମୁଁ କ’ଣ ଏ ଘରକୁ ପୋଇଲି ହୋଇ ଆସିଛି. କେହି ଟିକିଏ ନଇଁପଡ଼ି ଝାଡୁ ଶିମୂଠା ଧରିବ ନାହିଁ, ମୁଁ ଦିନ ବାରଘଣ୍ଟା ଖଟୁଥିବି । ଝିଅଟା ମୋର ବି ସାଙ୍ଗରେ ଏ ଘରେ ପାଇଟି କରି ଶିରିଦାଉଡ଼ି ହେଲାଣି । ସେ ବାରବୁଲୀ ଛତର-ଖାଇଟା, ଏବେ କେତେଦିନ ହେଲା କାହା ବଳ ପାଇଛି କେଜାଣି ଦି’ଦିନେ ଦିନେକେ ଖାଲି ବୁଲିଲା, ଟିକିଏ ଟାଣ କରି ତାକୁ କହି ହେଲା ନାହିଁ । ତାର ନାକ ଅଗରେ କାନ୍ଦ । ଘେଲ୍ଟେଲୋକ ଯେବେ ଉଠିକୁ ଉଠନ୍ତି, ତାଙ୍କୁ ଦୁଇଁଭଲ ଦିଶେ ନା । ସତେ ଯେମିତି

ମତେ ସେ - ଉଠେଇ ଦବ । ମୁଁ କ'ଣ ଏ ଘରର ଝିଅ ହୋଇ ନ ଥିଲି । ସମସ୍ତେ ପୁଝାରି ଗୃହକର ମେଣ୍ଟ ବାନ୍ଧିଛ । ବାନ୍ଧରେ ବାବା, କିଏ ମନା କଲା । ଆଉ କ'ଣ ଶିଳୁପତା ଶିବଲିଙ୍ଗ ହବ ନା ହୋଇଛୁ ।"

ଅଭୟ ଥରେ ଭାବି ଦେଖ, ଏହା ତୁମେ ନିଜେ ନିଜେ ଅର୍ଜିଛ । କାଳଭୁଜଙ୍ଗିନୀକୁ ରଖି କ୍ଷୀରପାନ କରାଇ ତା'ର ବିଷଦନ୍ତ ବର୍ଦ୍ଧନ କରିଛ ତୁମ ବିନା ଆଉ କିଏ ? ପିଉସୀଙ୍କର ଏ ସୁମଧୁର ଲଳିତ କୋମଳ ଭାଷା ପ୍ରୟୋଗ ଗୁଡିକ ତାଙ୍କ ଅଙ୍ଗପ୍ରତ୍ୟଙ୍ଗ ଶିରା ପ୍ରଶିରା ଭେଦିବାକୁ ଲାଗିଲା । ଅଧିକନ୍ତୁ ମଣି ପ୍ରତି ସେ କଦର୍ଯ୍ୟଭର୍ତ୍ସନା ପିଉସୀ ଓ ତାଙ୍କ ସୁମିଷ୍ଟଭାଷିଣୀ କନ୍ୟାରତ୍ନଙ୍କର ତାହା ଆଉ ପୁରୁଷର କଠିନ ହୃଦୟରେ ସହି ହେଲା ନାହିଁ । ଭାବିଲେ ମଣି ତ ଏହି ପରି ନିତ ନିତ କେତେ ଶୁଣୁଥିବ । ଅଳ୍ପବୟସ୍କା ବାଳିକାଟାରେ କି ସହନଶୀଳତା ଅଛି । ଏ ସମସ୍ତ ଶୁଣି ଅଭୟ ଦ୍ୱିତଳ ପ୍ରାସାଦଉପରକୁ ସିଡିରେ ପାଦ ଦେଇ କ୍ରମେ ଉଠି ଦେଖିଲେ, ଭଗତାଟି ଦରଜା ପାଖରେ ଖାଲି ପେଟରେ ବାଡେଇ ପିଟି ହେଉଛି । କ୍ଷୁଧାରାକ୍ଷସୀ ଦାଉରେ ତାକୁ ଆଉ ନିଦ୍ରା ଆସୁ ନାହିଁ ।

ପଚାରିଲେ, "ଭଗତ, ମଣି କେଉଁଠି ?" ସେ ଧଡ଼ପଡ଼ ହୋଇ ଅନେଇ ଦେଲା ବାବୁ, ହଁ ହ୍ କରି ମୁଣ୍ଡି ଅଠାଏ ମାରି କହିଲା ସେ ଏହି ଘରେ ଶୋଇଛନ୍ତି । କାହିଁକି ଏଯଣି କାନ୍ଦୁ ଥିଲେ ନିଦ ହୋଇଛି କି ନା ମୁଁ କହି ପାରିବି ନାହିଁ । ଭଗତର ବାବୁଙ୍କୁ ଦେଖି ଶତ ସିଂହର ବଳ ଓ ସାହାସ ହୋଇଗଲା । ବାବୁ ଯାଇ ଦେଖିଲେ ମଣିର ଅବସ୍ଥା ନିତ୍ୟାନ୍ତ କ୍ଷୀଣ । ସେ ଏଥିରୁ ଏବେ ଜାଣି ପାରିଲେ ହଯ, ସତେ କଅଣ ମୁଁ ନ କଲି ? ମୋର ଲାଗି ଆଜି ସଦ୍ୟ ପ୍ରସ୍ଫୁଟିତା ଗୋଲାପଫୁଲଟି କୁଲକ୍ଷଣୀ ପିଉସୀଙ୍କ ବାକ୍ୟତପନ ଜାଳରେ

ମଉଳ ସମ୍ପୂର୍ଣ୍ଣଶୂନ୍ୟ । ମୁ ଯାହା ଅନୁମାନ କରିଥିଲି, ସୂର୍ଯ୍ୟମଣି ବି କହୁଥିଲା, ତାହା ପ୍ରତ୍ୟକ୍ଷରେ ଦେଖିଲି ।

ଅଭୟ ମନରେ ରାଗ ଓ କ୍ରୋଧ ଏକାଧାରରେ ଏପରି ଜଳି ଉଠିଲେଣି । ସେହି ଅନଳ ତେଜରେ ତାଙ୍କ ନୟନଯୁଗଳରୁ ବାଷ୍ପନିର୍ଗତ ହେବାକୁ ଲାଗିଲା । ତାହା ସେ ଧୈର୍ଯ୍ୟବାରି ଢାଳି ଟିକିଏ ଦବେଇ ନେଲେ । ଡାକିଲେ—ମଣି, ମଣି ! କଅଣ ଉଠିବୁ ନାହିଁ । ମୁଁ ପରା ଏଠି କେତେବେଳେ ତୋ ମୁଣ୍ଡ ଉପରେ ଛିଡ଼ାହୋଇ ଡାକୁଛି, ମଣିର ଏ ଡାକ କାନରେ ବାଜିବା ମାତ୍ରେ ସତେ କି ତା ନିକଟରେ ଭଗବାନ ଆସି କଷଣପାସୋରା ପସରଟି ଅଜାଡି ଦେଲେ । ସେ ଆଖି ପିଟାଇ ଚାହିଁ ଦେଖିଲା ଯେ ତାର ଚିରବାଞ୍ଛିତ ହୃଦୟର ଆରାଧ୍ୟ ଦେବତା ତା ଆଗରେ ଦଣ୍ଡାୟମାନ, ସେକ୍ଷଣି ତାର ଅନ୍ତରରେ ଯାହା ଯାହା ଗଭୀର ଦୁଃଖର ଉପକରଣମାନ ଥିଲା ତାହା କିଏ କୁଆଡ଼େ ଅପଭ୍ରଷ୍ଟ ହୋଇ ଏଣେତେଣେ ପଳାଇବାରେ ବ୍ୟସ୍ତ ।

ମନେ ମନେ ଭାବିଲା, ଦୁଇବାହୁ ପ୍ରସାରି ତାଙ୍କୁ ହୃଦୟକୁ ଆଉଜାଇ ଆଣିବ । କିନ୍ତୁ ସେହିକ୍ଷଣି ସେହି ମୁହୂର୍ତ୍ତରେ ଲଜ୍ଜା ରାକ୍ଷସୀ ଆସି ବାଟ ଘେରିଲା, ସେ ତାହା କରଇଦେଲା ନାହିଁ । କେବଳ ଆନନ୍ଦାଶ୍ରୁ ଧାର ଯୋଡ଼ିଏ ତାର ନୀଳେନ୍ଦ୍ରୀବରଜିଣା ନୟନ ଯୁଗଳରେ ଦେଖାଦେଲା । ସେହି ନୀରଧାର ନିର୍ଗମନର କାରଣ ମଣିର ମନକଷ୍ଟ ଧୋଇ ଉଦବାକୁ

"ମଣି ତୁ କ'ଣ ଖାଇନାହୁଁ । ତୋ ଦେହମୁହଁତ ଶୁଖିଲା ଦିଶୁଛି ?"

"ଭାଇ ! ମୋର ଦେହ ଭଲ ନଥିଲା, ମୁଁ ସେ ଯୋଗେ ଖାଇନାହିଁ । ତୁମେ ବସ ମୁଁ କ'ଣ ଅଛି ଦେଖେ ।"

ଏହା କହିଦେଇ ଭିତରକୁ ଗଲା ଭାଇଙ୍କ ପାଇଁ କ'ଣ ଖାଇବାକୁ ଅଛି କି ନା ନାନୀଙ୍କି ପଚାରିବାକୁ । କହିଲା "ନାନୀ, ଭାଇ ଆସିଲେଣି କଅଣ ଅଛି ଖାଇବାକୁ ?"

ଏକଥା ଶୁଣି ବୁଢ଼ୀ ନିଆଁ, କହିଲା "କାଲି ଏତେବେଳକୁ ଦହି ଭଲ ହୋଇଗଲା । ମୁଁ କେଉଁଠୁ କ'ଣ ଆଣିବି । ଏ ଗାଉଁଆ ପୁଝାରୀ ଠାକୁରଙ୍କୁ ତ ଗାଡ଼ିଏ ଦେଲେ ଅଣ୍ଟିବ ନାହିଁ ।"

ମଣି ଶୁଣି ଚୁପ୍‌ହୋଇ ରହିଗଲା । ବୁଢ଼ୀ ଭାବିଲା ଏତ ମୋ ନାଁଅଁରେ କେତେ ସତମିଛ କହିସାରିବଣି । କିନ୍ତୁ, ପଦେ କଥାରେ ସବୁ କାଟି ଉଡ଼େଇ ଦେବ । ମନେ ମନେ ମଣି ଓ ପୁଝାରି ଠାକୁରଙ୍କ ନାମରେ କେତେଗୁଡ଼ିଏ ମିଛ ବଦନାମ ସଜାଡ଼ି କରିବାକୁ ବସିଲା । ଅଭୟ ଯେଉଁ ମିଷ୍ଟାନ୍ନ ଓ ମେଓ୍ୱା ଜିନିଷ ସବୁ ଆଣିଥିଲା, ତା ମଣି ଓ ଅଭୟ ଖାଇଲେ । ଉଗଡ଼ାଟିକି କିଛି ଦେଲେ । ସେ ବିଚାରୀଟି ସକାଳୁ କିଛି ଖାଇ ନଥିଲା, ସେତକ ଖାଇଲାରୁ ତା ଜଳନ୍ତା ନିଆଁରେ ଯେମିତି ପାଣି ପଡ଼ିଗଲା । ଅଭୟ ମା ଝିଅଙ୍କ ପାଇଁ କିଛି ମିଷ୍ଟାନ୍ନ ଉପରୁ ପଠାଇ ଦେଲା ।

ତାପରେ କିଛି ସମୟ ପରେ ଯାଇଁ ଅଭୟ ନାନୀକି ନମସ୍କାରଟାଏ କରି ଛୁଟି ହେବାଯାଏ ଡର ନାହିଁ, ବୁଢ଼ୀଙ୍କର ଶୁଖିଲା କାନ୍ଦଟା ନାକ ଦେଇ ପଦାକୁ ବାହାରକୁ ଆଇଲା—ଅଭୟରେ, ମୋ ବାପକୁ ମୁଁ କେଉଁଦିନୁ ଦେଖିନାହିଁ ରେ···ଇତ୍ୟାଦି ପରେ କହିଲା, ଏ କାଉରୁଣ୍ଡିଟା ପାଇଁ କୋଉଠି ବର ଅଛି ମ ? ଖୋଜି ଖୋଜି ସୁନା ଦେହ ଚୂନା କରି ସାରିଲଣି । ପୁଣି ମୁଁ ଶୁଣୁଛି ସେଇଠା ଲାଗି ତୁ କୁଆଡେ ବାହା ହେଉନାହୁଁ । ସାଇଁଠାଟା ନେଇ ଉଠେ ସ୍ୱର୍ଗରେ ବସେଇ ଦବ । ଶହ ଶହ ଜାଗାରୁ ଆସିଲେ, କନ୍ୟା ଉଠେ ଯଜ୍ଞପଣ କଲେ, ରହିଲେ ସରଗ ଚାନ୍ଦ ତଳେ ମିଳିବ । ଏ ବାସ୍ତବ ବୁଦ୍ଧି ଯୁଗ । ବାହାହୋଇ ଘରକରଣା କର । ଆସି କୋଡ଼ିଏ ବାଇଶି ବରଷର ପୁଅ ହେଲୁ । ଜାଣୁ ଆମର ତ ବ୍ରାହ୍ମଣ ସଂସାର । କାଳୁତ

ତାହା ଅଲବତ୍ ହେବ । ବଡ଼ ହେବାକୁ ବରଷେ ଦି'ବରଷ ଡେରି । କାରଣ ଖଣ୍ଡେଇତ ଘର କିଛି ନୁହେଁ ।"

ଏପରି ବୁଢ଼ୀ ବିକଳ ହୋଇ କେତେ କଥା କହିଲା ପରେ କହିଲା "ଏ ସବାଖାଇ ଡାକୁଣୀଠାକୁ କାହିଁକି ନେଉଚରେ ବାବୁ ? ତାକୁ ମୁଁ କହୁଚି ଆମ ଗାଁ ସାଧୁ ନାହାକ ପୁଅ କୁଞ୍ଜି ଅତି ଅନାଥ ହୋଇ ବୁଲୁଚି, ଅଳ୍ପ କିଛି ପାଠ ପଢ଼ିଛି । ସେମିତି ଦେଖିବାକୁ କିଛି ଖରାପ ନୁହେଁ । ଅଲବତ୍ ଦଇମାଣ ଘରବାଡ଼ି କରି ଅଛି । ଡେଠାକାଠା ଭାରି ମୁଣ୍ଡେଇପାରେ, ଦେଖିବାକୁ ରଙ୍ଗ ଟିକିଏ କଳା । ଏ କୋଉ ସୁନ୍ଦରୀଠା କି ? କହନ୍ତୁତ କାଲି ଖବର ଦେଲେ ସେ ଆସି ଯାଆନ୍ତା ।"

ଅଭୟ କହିଲା, 'ନାନୀ, ହଉ, ମୁଁ ତା' ବୁଝି କହିବି ।' ଏହା କହି ଉଭୟ ସେଠୁ ଗୁଳି ଆସିଲେ । ଜେମାର ନିନ୍ଦା ତାଙ୍କର ଆଉ ସହୁ ହେଲା ନାହିଁ । ଅନ୍ତରେ ବୁଢ଼ୀକି ଅନ୍ତର କରିବେ, ତା'ର ଉପାୟ ଖୋଜି ବସିଲେ । ପୁଣି ମନେ କଲେ ଏ କଥା କଲେ ଜାଣିଲେ ଲୋକେ ମୋ ପ୍ରତି କିଛି ସନ୍ଦେହ କରିବେ । ଏହା ମନେ କରି ଇହିଁରୁ ନିରସ୍ତ ହେଲେ ।

ଦିନେ ମଣି ଓ ଅଭୟ ଏକାଠି ବସିବାବେଳେ ଅଭୟ କହିଲା, "ମଣି ! ମୁଁ ଦେଢ଼ ମାସକାଳ ଛଡେ ଏଠାରେ ଏକାକିନୀ କଷ୍ଟରେ ପକାଇ ବିଦେଶରେ ଖୁସିରେ ବୁଲୁଥିଲି, ତା' ନୁହେଁ, ତୋହର ପାଇଁ ଯୋଗ୍ୟ ବର ଖୋଜୁଥିଲି । ଶେଷରେ ଜଣେ ମୁନସଫଙ୍କୁ ତୋ ନାମରେ ସ୍ଥିର କରି ଆସିଛି । ସବୁ କାମ ସରିଛି, କେବଳ ସ୍ୱୀକାର

ଯେଉଁ ନିବନ୍ଧ ବାକୀ ଅଛି । ସୂର୍ଯ୍ୟମଣି ବି ମୋ ସାଥିରେ ଥାଇ ଏ ସବୁ ଜବାବପତ୍ର ଛାଡ଼ିଲା । ତୋ'ର ମତ କଅଣ ?''

ମଣି ମସ୍ତକରେ ବଜ୍ର ପଡ଼ିଲା ପରି ଅନୁଭବ କଲା । ହୃଦୟ ତା'ର କାନ୍ଦି ଉଠିଲା । ମନ କାନ୍ଦିଲେ ଆଖି କାନ୍ଦେ, ଆଖିରେ ମଣିର ଲୁହ ଦେଖା ଗଲା ସେ କହିଲା, 'ଭାଇ ? ମତେ କଅଣ ପଚାରୁଛ ?' ତା' ମନ କଅଣ ସେଠାରେ ଅଛି ଯେ, ସେ ତାର ଉତ୍ତର 'ଦେବ । ତେବେ ଏଥିରୁ ବି ଅଭୟ ବୁଝି ପାରିଲା ନାହିଁ । କେବଳ ଦେଖଣାଘର ଦିନକୁ ଚାହିଁ ରହିଥାଏ ।' ଏହିପରି ଦୁଇଦିନ ଗତ ହେଲାପରେ ଖଣ୍ଡେ ପତ୍ର ଆଣି ଡାକପିଅନ ଦିନ ବାରଟାବେଳେ ଦେଇଗଲା । ପତ୍ର ପଢ଼ି ଅଭୟ ଅବାକ୍ । ପତ୍ରରେ ଲେଖାଅଛି—

ପ୍ରିୟ ଅଭୟ ବାବୁ,

ମୁଁ ତୁମ୍ଭଙ୍କୁ ଯେଉଁ ବିଷୟରେ ଜବାବ ଦେଇଥିଲି, ସେ ବିଷୟ ହେଲା ନାହିଁ । ମୁଁ ବର୍ତ୍ତମାନ ପିତା ମାତାଙ୍କ ଅଧୀନ । ମୋର ପିତା ମାତା କେଉଁଠାରୁ ବିଶ୍ୱସ୍ତ ସୂତ୍ରେ ଅବଗତ ହେଲେ ଯେ ପିଲାଟିର ଜାତି ଗୋତ୍ରରେ ଦୋଷ ଅଛି । ଆମ୍ଭେମାନେ ବିଶୁଦ୍ଧ କ୍ଷତ୍ରିୟ । ଆମ ଉଚ୍ଚବଂଶ ରାଜ ଅଜ୍ଞାଧାରୀ । ଅତଏବ ଏପରି କାମରେ ହସ୍ତକ୍ଷେପ କଲେ ଭବିଷ୍ୟତରେ ଗୋଟାଏ ନିନ୍ଦା ଉପାର୍ଜନ କରିବାକୁ ହେବ । ଇତି

ତୁମ୍ଭର

ପ୍ରେମଚନ୍ଦ୍ର ପଟ୍ଟନାୟକ ।''

ଅଭୟ ଚିଠି ପଢି ମନେ ମନେ ବଡ ବ୍ୟସ୍ତ । ସତେ ଯେମିତି ଆକାଶ ତା'ର ମୁଣ୍ଡରେ ଛିଣ୍ଡି ପଡ଼ିଲା । ଭାବିଲା, କେତେଗୁଡ଼ାଏ ଶ୍ରମ ଓ ଆନନ୍ଦ ମୋର ଚାହୁଁ ଚାହୁଁ ମିଳାଇଗଲା । ଜଗତ୍ ତୁ କି ଅନ୍ଧ, ଯେଉଁ ମଣି କ୍ଷତ୍ରିୟକୁଳ ସମ୍ଭୂତା ଓ ବିପ୍ରର ପାଳିତା କନ୍ୟା ସେ

କି ନୀଚ ? ତାକୁ ପୁଲିସ ବିନାପରାଧରେ ଧରି ନେଇଥିଲା, ଏଇଥି ପାଇଁ କି ତାର ଜାତି ଚାଲିଗଲା ? ଏଥିରୁ ଜାଣୁଛି ମଣିର ଅଦୃଷ୍ଟ ମନ୍ଦ, ନା ମନ୍ଦ କାହିଁକି ? ଯେ ଆଜି ସହସ୍ର ସହସ୍ର ଟଙ୍କା ଓ ବିପୁଳ ସମ୍ପତ୍ତିର ଅଧିକାରିଣୀ, ତାର ଭାଗ୍ୟ ମନ୍ଦ ? ଯଦି ସେ ଲୋକଚକ୍ଷୁରେ ଘୃଣ୍ୟ, ତେବେ ଅଭୟ ନିକଟରେ ତାର ଯଥେଷ୍ଟ ମର୍ଯ୍ୟାଦା ଅଛି, ଯଥେଷ୍ଟ ଉଚ୍ଚାସନ ଅଛି । ତେବେ ସେ ସବୁରି ଦୃଷ୍ଟିରେ ସମାଜଭ୍ରଷ୍ଟା ଓ ପରିତ୍ୟଜ୍ୟା, କିନ୍ତୁ ଅଭୟ ଦୃଷ୍ଟିରେ ନୁହେଁ । ପୂର୍ବେ ଗରିବ ଥିଲା । ଗରିବର କି ଜାତି ନାହିଁ ! ସ୍ତ୍ରୀ ଜାତି ପାଠ ପଢ଼ିଲେ କି ତାର ଜାତି ଯାଏ ? ଭିକାରିଣୀର କି ଜାତି ନାହିଁ ? ଦୁଃଖୀ ହେଲା ବୋଲି କଅଣ ସେ ମଣିର ଜାତି ନାହିଁ ? ଏହିପରି ଭାବୁ ଭାବୁ ଅଭୟର ନେତ୍ର ଆରକ୍ତ ଓ ସର୍ବାଙ୍ଗ କମ୍ପିତ ପୁଣି ଘର୍ମଜଡ଼ିତ ହୋଇ ଉଠିଲା । କହିଲା, "ଯେଉଁମାନେ ସମାଜ ଗଢ଼ିଲେ, ଜାତି ବୋଲି ଶବ୍ଦଟିଏ ସୃଷ୍ଟି କଲେ, ସେମାନଙ୍କୁ ଆଜି ଅଭୟ ସମସ୍ତ ଧିକ୍କାର କରୁଛି । ଜାତି ଗୋଟାଏ କଅଣ ? ଜାତି ତ ମନୁଷ୍ୟ ଜାତି, ତାହା ଦ୍ୱିଭାଗରେ ବିଭକ୍ତ—ନାରୀ ଓ ପୁରୁଷ ଏହିପରି ପଶୁ, ପକ୍ଷୀ, କୀଟ, ପତଙ୍ଗ, ସମସ୍ତ । ମଣି କ'ଣ ନାରୀ ନୁହେଁ, ଜାତି କଅଣ ଗୋଟାଏ ବିଶେଷ୍ୟ ପଦ, ସେ ଆସିଲା କାହୁଁ ? ଗଲା କିପରି ? ଯାର ଅସ୍ତି ଅଛି, ତାର ନାସ୍ତି ଅଛି । ଜାତି ବୋଲି ଯାହା କି ଗୋଟାଏ ଜିନିଷ ଅଛି, ତା ମଣିର ନାହିଁ ଧିକ୍‌ରେ ସମାଜ ଗଠନକାରୀ । ଲୋକେ ପାଠ ପଢ଼ିକି ଲାଭ ? ମୁନସଫ ଏତେ ବିଦ୍ୟା ପଢ଼ି ତଥାପି ତାଙ୍କର ଅଜ୍ଞାନ ଅନ୍ଧତା ଦୂର ହୋଇ ନାହିଁ । ମଣି ! ମଣି ! ମୋ ପ୍ରାଣର ମଣି ! ପିତାଙ୍କର ଅ[illegible]ରର ମଣି ! ତୁ କେବେ ଜାତିହୀନା ନୋହୁ, ତୁ କେବେ ନୀଚ ନୋହୁଁ, ତୁ କଦାପି ହତଭାଗିନୀ ନୋହୁ । ତୋ ପାଇଁ ଅଭୟ ଭୟ ଶୂନ୍ୟ ହୃଦୟରେ ବ୍ୟାଘ୍ର, ସିଂହ ମୁଖରେ ପଶିବ, ଜଳ ସ୍ଥଳ ଅନଳରେ ପଶିବ । ନିଜ ପ୍ରାଣ ପର୍ଯ୍ୟନ୍ତ ଦେବାକୁ କୁଣ୍ଠିତ ହେବ

ନାହିଁ । ଅଭୟ୍ତ ତାର ପିତାଦେଶ ପାଳନ ନକରି ନିଶ୍ଚିନ୍ତ ହୋଇ ପାରିବ ନାହିଁ ।

ଅଭୟ ! ତୁମେ ଭୟ କରନା, ତୁମେ ଚେଷ୍ଟା କଲେ ସମାଜକୁ ଭାଙ୍ଗି ଆଉ ଥରେ ଗଢି ପାରିବ । ସମାଜକୁ ଅନାଇ କି ମଣିଙ୍କର ରକ୍ଷାକର୍ତ୍ତା ହୋଇ ପାରିବ ନାହିଁ ? ତୁମର ବିପୁଳ ସମ୍ପତ୍ତି ଅଛି, ତୁମେ ଚେଷ୍ଟା କର ନିରାଶ ହୁଅ ନା । ଆଜିଯାଏ ମଣିର ହୃଦୟତନ୍ତ୍ରୀରେ ତାହାର ନାମ ବାଜି ଉଠୁଛି, କାନ ଡେରି ଥରେ ଶୁଣି ଦେଖ ! ଶାସ୍ତ୍ରକୁ ଡରୁଛ ? ଦେଖ ଶାସ୍ତ୍ରରେ ସବୁ ଅଛି । ଧର୍ମ ପଥ ଅତି ସରଳ ସେ କଦାପି କୁଟିଳ ନୁହେଁ । ତୁମେ ଅଜଟିକେ ଉପରକୁ ଉଠି ତଳକୁ ଚାହିଁ । ତୁମକୁ ଉଚ୍ଚ ଖାଲ ସବୁ ସମତଳ ପରି ବୋଧ ହେବ ।

ଦିନେ ମଣି ଏକାନ୍ତରେ ଥିବାବେଳେ ଅଭୟ ତାକୁ କହିଲା, "ମଣି ! ତୋ ପାଇଁ ମୁଁ ବହୁ ଦେଶ, ବହୁ ସ୍ଥାନ ବୁଲି ବୁଲି ନିରସ୍ତ ହେଲେଣି, ଭଗବାନ ଭାଗ୍ୟଦେବତା କି ତୋ ପ୍ରତି ଏକାବେଳେକେ ବିମୁଖ । ସୂର୍ଯ୍ୟମଣି ଭାଇ ବି ମୋର ପ୍ରତ୍ୟେକ ସ୍ଥଳେ ବାଧା ଦେଲା । ସେ କ'ଣ ତୋର ମନ ବୁଝିଛି କେଜାଣି, ମୋତେ ଅନେକ ଥର କହୁଛି—ଅଭୟ ! ତୁ ପାଗଳ, ମଣିର ସୃଷ୍ଟି ଅନ୍ୟନ ନୁହେଁ । ସେ ଅନ୍ୟର ମଣି ନୁହେଁ, ତାର ଯୋଗ୍ୟ ବର ତାହାରି ପାଖରେ ଅଛି । ସେ କିଏ ପଚାରିଲେ, ମତେ ଖୋଲି କହେ ନାହିଁ । ସଖା ହୋଇ ମୋର ହଟ ଦେଖୁଛି, ମୁଁ କ'ଣ କରିବ ମଣି ?"

ମଣି ଏ ସବୁ କଥାରେ କିଛି ଉତ୍ତର ନଦେଇ କେବଳ ଅଭୟ ମୁହଁକୁ ଏକଲକ୍ଷ୍ୟରେ ଅନାଇ ଆଖିରୁ ଦୁଇଟୋପା ଅଶ୍ରୁ ବିନ୍ଦୁ ତାଳି- ଦେଇ ପାଦତଳେ ପଞ୍ଚ ଧୀରେ ଧୀରେ ଅନ୍ୟ କୋଠରୀକୁ ଚାଲିଗଲା । ସେତେବେଳେ ବୋଧହୁଏ ଅଭୟ କିଛି କିଛି ମଣିର ସେ ଚାହାଣୀ

ସେ ପ୍ରଣୟିରୁ ବୁଝି ପାରନ୍ତୁ । କେତେ କଏ 'କଥାକୁ ଘୋଡ଼େଇ ବ୍ୟଥାକୁ ଘୋଡ଼େଇବ । ନିଶ୍ଚେ ଯେ ଯାହାର ସେ ତାହାର, ଦିନେ ତାହାରକୁ ଫୁଟି ପଡ଼ିବ ।

ଜେମାମଣି ଅନ୍ୟ କୋଠରୀରେ ବସି କେତେ କଅଣ ଭାବିଲା । ତା କଳ୍ପନା କେଉଁ ଲେଖକର ଲେଖନୀ କଳ୍ପିବ, ଯେଉଁ କଳ୍ପନା କି ଅସୀମ । ମଣି ମଣିଲା, ମୋ ଜୀବନଟା କଅଣ କେବଳ ଦୁଃଖ ଉପାଦାନରେ ଗଢ଼ା ? ତା ନୋହିଲେ ଅଭୟଙ୍କ ହୃଦ ଦର୍ପଣରେ ମୋର ମାନସଛବିଟି କଅଣ ପ୍ରତିବିମ୍ବ ହୁଅନ୍ତା ନାହିଁ ?

"ସେଦିନ ବାପା ତାଙ୍କ ହାତରେ ମୋ ହାତ ଧରାଇ ଦେଲେ ସେ ଗୋଟିଏ ଦିନ, ଆଉ ଦିନେ ମୁଁ ଗୋଟିଏ କଥା ତାଙ୍କୁ ଦେଖାଇ କହୁଛି, ସେ ଗୋଟିଏ ଦିନ, ଆଜ ଯେଉଁ ପ୍ରେମିକ ପ୍ରତି ପ୍ରେମିକାର ଆକୃଷ୍ଟ ସଙ୍କେତ ଦେଇ ଆସିଲି, ତା କ'ଣ ମୋର ପଦଧରା ନମସ୍କାର ଓ ଦୃଷ୍ଟିରୁ ସେ ଜାଣି ପାରିଲେ ନାହିଁ ? ନାରୀ ହୋଇ, ମାନିନୀ ହୋଇ କପରି ତାଙ୍କୁ ମନୋଭାବ କହି ମାନ ହରାଇବି, ନାରୀକୁଳର ମର୍ଯ୍ୟାଦା ନଷ୍ଟ କରିବି, ମୁଁ ଯେତେବେଳେ ଜଣକୁ ପତିତ୍ୱରେ ବରଣ କରିଛି, ଅନ୍ୟକୁ ବରଣ କରି କଅଣ ବ୍ୟଭିଚାରିଣୀ ହେବି ? କାୟ ମନ ବାକ୍ୟରେ କଳ୍ପନା କଲେ ନାରୀ ଅସତୀ ହୁଏ । ମୁଁ ଯେ ତିନୋଟିଯାକ ଏକାଧାରରେ ଦାନ କରିଛି । ମୁଁ ହିନ୍ଦୁ ମହିଳା; ମୋର ଜାତିର ମାନ ମୁଁ ତ ରକ୍ଷା କରିବି । ତେବେ ସୁଦ୍ଧା କେତେ ବାର ତାଙ୍କୁ ହାତ ଧରି ପାଖକୁ ଭିଡ଼ି ନେଇଛି । କେତେ ଥର ସ୍ନେହରେ ସେ ମୋ କର ଚୁମ୍ବନ କରିଛନ୍ତି । ଏତେ ଏତେ କଥାରେ କି ପ୍ରେମର ଗତିବଧି ପରିସ୍ଫୁଟ ହୋଇପାରି ନାହିଁ ? ପ୍ରଭୋ, ଜଗତ୍-ପତି ପତିତପାବନ ଜଗବନ୍ଧୁଙ୍କ ଇଚ୍ଛା । ସେହିତ ପୁଣି ତାରାକୁ ସୁଗ୍ରୀବକୁ, ମନ୍ଦୋଦରୀକୁ ବିଭୀଷଣକୁ ଦେଇଛନ୍ତି ।" ପାଠକେ ମଣିର

ମନର ପ୍ରେମଚିତ୍ର ବା ବିରହଜନିତ ଦୁଃଖ ଲେଖି ବସିଲେ ଖଣ୍ଡିଏ ବୃହତ୍ ଗ୍ରନ୍ଥ ହେବ ।

ଆଜି ଅଭିମନ୍ୟୁ ସନ୍ଦେହ, ବିଷାଦ ଓ ନୈରାଶ୍ୟଦୋଳାରେ ଦୋଦୁଲ୍ୟମାନ । ସେ ମନେ ମନେ ଶୋଇ ଭାବିଲା—କେତେ ସ୍ଥାନରେ କେତେ ଥିଏଟର ବାୟସ୍କୋପ ଦେଖିଛୁ । କେତେ କାବ୍ୟ ପଢିଛୁ, ତହିଁରେ ଭରି ଭରି ପ୍ରେମଚିତ୍ରମାନ ଅଙ୍କିତ । କେତେ କେତେ ସ୍ଥଳେ ରମଣୀମାନେ ରାଜରାଜେଶ୍ୱରୀ ହୋଇଅଛନ୍ତି । ଶକୁନ୍ତଳା ଦୁଷ୍ମନ୍ତ, ଦେବଯାନୀ ଯଯାତି, ବିକ୍ରମ ଉର୍ବଶୀ, ଧୂମ୍ରି ଓ ଉତ୍କଳପତି ଖାରବେଳ ଇତ୍ୟାଦି ଇତ୍ୟାଦି । ପୁଣି ବାୟସ୍କୋପରେ ଲଏଲି ମଜନୁ କଥା ମନେପଡ଼ିଲା, ଭାବିଲା—ଏହା ଏଇ ଯେଉଁ ପ୍ରେମର ଫାନ୍ଦରେ ଜାଲପୋଡ଼ି କେତେ କେତେ ସ୍ଥଳେ କେତେ କେତେ ନାରୀ ପୁରୁଷଙ୍କ କଷ୍ଟ ଭୋଗି ନାହାନ୍ତି, ସେ ଚିତ୍ର ଆଜି ପ୍ରତ୍ୟେକ କ୍ଷେତ୍ରରେ ଚିତ୍ରିତ । ତେବେ ଶେଷରେ ସ୍ଥିର କଲା, ନିଜେ ମଣିଙ୍କୁ କହିବ—ନକହିଲେ ଯେ ଚଳୁ ନାହିଁ । ଅଭିମନ୍ୟୁଙ୍କ ବଦଳ୍ଧ ଚିନ୍ତାମଣିରୁ ପଦେ ତାର ମନେ ପଡିଗଲା—

ଘୁଞ୍ଚିଲେ ତ ଘୁଞ୍ଚି ହେଉ ନାହିଁ,
ନ ଘୁଞ୍ଚିଲେ ଆଉ ଗତି ନାହିଁ ।

ଭାବିଲା ଏହି ପଦଟିକି ସେ ବଦଳାଇବାକୁ ଯତ୍ନ କରିବ ।

"କହିଲେ ତ କହି ହେଉ ନାହିଁ,
ନ କହିଲେ ଆଉ ଗତି ନାହିଁ ।"

ଏହି ସମୟରେ ସୂର୍ଯ୍ୟମଣିର ଖଣ୍ଡେ ରେଜିଷ୍ଟ୍ରି ଚିଠି ଆଣି ପିଅନ ଦେଇ ଅକ୍‌ନଲେଜମେଣ୍ଟ ରସିଦ୍‌ ନେଇ ଚାଲିଗଲା । ପତ୍ରଟି ଅଭୟ ଖୋଲି ଦେଖିଲା, ଖଣ୍ଡେ ଚାରିଚଉତିଆ କାଗଜ ପୂର୍ଣ୍ଣମାତ୍ରାରେ ଲେଖା ଲୁଚାଇ ନେଇଥିଲା, ତାର ନକଲ ଖଣ୍ଡିଏ କାଗଜରେ ଅଛି ।

ପ୍ରିୟ ଭାଇ ଅଭୟ,

ମୋ କହିବା କଥାକୁ ଆଜି କାର୍ଯ୍ୟରେ ପରିଣତ କରିବାକୁ ଯାଉଛି । ଏ ଚିଠିପତ୍ରରେ ଯେ କବିତା ଯୋଡ଼ିକ ଲେଖା ଅଛି, ତା ପଢିବୁ । ସେ କେବଳ କାହାର କବିତା ? ଆଜି ତୋ ପତ୍ର ପାଇଥିଲି ତାହା ପାଠକରି ମୁଁ ବଡ଼ ବିସ୍ମିତ ହୋଇ ଏପତ୍ର ଲେଖିବାକୁ ବାଧ୍ୟ ହେଲି । ମୁଁ ମଣିର ହୃଦୟକୁ ଯଥାଶକ୍ତି ଭେଦ କରି ଦେଖିଛି, ତାର ଲୋମେ ଲୋମେ ତୋର ଚିତ୍ର ଅଙ୍କିତ । ତାକୁ ସ୍ୱର୍ଗର ପରମେଶ୍ୱରଙ୍କୁ ଦେଲେ ବି ସେ ସେଥିରେ ଆନନ୍ଦିତା ନୁହେଁ । ତୁ ମୋର ଅନ୍ତରଙ୍ଗ ବନ୍ଧୁ, ବ୍ରାହ୍ମଣ କ୍ଷତ୍ରିୟ କନ୍ୟା ବିବାହ କଲେ ଦୋଷ ନାହିଁ । ମଣି ତୋର, ତୁ ତାକୁ ବିବାହ କର, ଭୟ ନାହିଁ । ମୁଁ ତୋର ସଙ୍ଗେ ସଙ୍ଗେ ଅଛି । ରାଜଦ୍ୱାରେ ଶ୍ମଶାନେଚଯଃ ସ୍ତିଷ୍ଠତି ସ ବାନ୍ଧବ । ଏ ଶ୍ଲୋକଟାକୁ ବରାବର ମନେ କରି ନେ । ତୁ ଯେଉଁଠି ମୁଁ ସେଇଠି, ତୁ ବୈକୁ-ଣ୍ଠରେ ଥିଲେ ମୁଁ ବୈକୁଣ୍ଠରେ । ତୁ ପୂତିଗନ୍ଧମୟ ନରକ ରୌରବରେ ଥିଲେ ମଧ୍ୟ ସୂର୍ଯ୍ୟମଣି ସେଇଠି ।

ଜାତି ସମାଜର ପତନର କାରଣ, ତୋର ଜାତି ସ୍ୱାର୍ଥାନ୍ଧ ବ୍ରାହ୍ମଣ-ଗଣ ଯେଉଁ ଚୁଟିରଖା ଚିତାଚଇତନ କଣ୍ଠାଗୁଡ଼ିକ ଜାତି ଜାତି ହେଉଥାନ୍ତି, ସେ କେବଳ ତାଙ୍କର ସ୍ୱାର୍ଥ ପାଇଁ । ଜାତି କେବେ ଈଶ୍ୱର ସୃଷ୍ଟି ନୁହେଁ । ବିଧାତା ପାଣିକୁ ଗଢି ହାତ ଧୋଇ ଗାଧୋଇ

ଶୌଚ ହୋଇ ବ୍ରାହ୍ମଣକୁ ଗତି ନାହିଁ । ସମସ୍ତଙ୍କର ଶରୀର ପଞ୍ଚ-ଭୂତରେ ଗଢ଼ା । ସମସ୍ତ ମନୁଷ୍ୟ ଗୋଟାଏ ଜାତି ।

ଅତୀତ ଭାରତର ସମସ୍ତେ ହିନ୍ଦୁ । ପୂର୍ବେ କି କାହାର ଜାତି ବା ସଂଜ୍ଞା ଥିଲା ? ଦଶରଥ ନାଏକ' କି 'ଦୁର୍ଯ୍ୟୋଧନ ବରାଳ' କି 'ଯୁଧିଷ୍ଠିର ସାମଲ' 'କି କଂସ ବଳବନ୍ତରାୟ' ବୋଲି ଉପାଧି ନଥିଲା । ଏଗୁଡ଼ାକ ସବୁ ସ୍ୱାର୍ଥଲିପସୁ ବ୍ରାହ୍ମଣଙ୍କର ଗୁଲାଖି । ଦେଖ ବଡ଼ ବଡ଼ ଆର୍ଯ୍ୟ ଋଷିମାନଙ୍କ କାର୍ଯ୍ୟପନ୍ଥା । ବଶିଷ୍ଠ ବିପ୍ରକୁଳ ଶ୍ରେଷ୍ଠ, ସେ ଅରୁନ୍ଧତୀ ନାମଧାରିଣୀ ଚଣ୍ଡାଳୀର ପତି ଓ ପୁଣି ବେଶ୍ୟାର ପୁତ୍ର । ପରାଶର କେଉଟୁଣୀ ଯୋଜନଗନ୍ଧାର ସ୍ୱାମୀ, ବିଶବା 'ବ୍ରାହ୍ମଣ ନିକଷା ରାକ୍ଷସୀର ପତି । ତୁ ନିର୍ଭୟରେ ମଣିକୁ ବିବାହ କର । ନିଶ୍ଚୟ ତୋ ବିବାହ ଶାସ୍ତ୍ରୋକ୍ତ ବିବାହ ହେବ । ସେଥିରେ ଯେବେ କେହି ତର୍କ କରନ୍ତି ତେବେ ଆଜି ଗାଡ଼ି ଗାଡ଼ି ଗ୍ରନ୍ଥ ପୋଡ଼ା ହେବ । ଯେବେ ସେ ଶାସ୍ତ୍ର କିଛି ନୁହେଁ ତାକୁ ପୂଜୁଛନ୍ତି କାହିଁକି ? କଅଣ ଖାଇ ମୂଠାଏ ତୁଳସୀଟାଏ ଅକଉଡ଼ିଆ ଦ୍ରବ୍ୟ ଖାଲି ଦେଇ ? ଆମ୍ଭେମାନେ ଅସ୍ପୃ-ଶ୍ୟତା ଦୋଷ ଓ ଜାତୀୟ ବନ୍ଧନ ଉଠାଇବାକୁ ଅଣ୍ଟା ଭିଡ଼ି ଲଗାଇ କରି ତାକୁ ଏକାବେଳକେ ଭାରତରୁ ଜ୍ଞାନାସ୍ତ୍ରବଳରେ ତଡ଼ିବାକୁ ହେବ ।

ଯମଦଗ୍ନି ପରଶୁରାମଙ୍କ ପିତା, ରେଣୁକା ତାଙ୍କର ସ୍ତ୍ରୀ କ୍ଷତ୍ରିୟା । ବିଦ୍ୟାପତି ସ୍ମାର୍ତ୍ତ ବ୍ରାହ୍ମଣ, ସେ ଅନାର୍ଯ୍ୟ ଶବରର ଜାମାତା । ଗୌତମ ବ୍ରାହ୍ମଣ, ଅହଲ୍ୟା କ୍ଷତ୍ରିୟା । ଏହା ସନାତନ ବୈଦିକ ଯୁଗରୁ ଚଳି ଆସୁଛି । ଆଜି ଯେ କାଟିବେ – ସେମାନେ ମୂର୍ଖ ଶାସ୍ତ୍ରାନ୍ଧ । ଅନୁଲୋମ ପ୍ରତିଲୋମ ବୋଲି ଦୁଇଟି ବିବାହ ଅବହମାନ ଯୁଗରୁ ଚଳି ଆସୁଛି ।

ଉଚ୍ଚଜାତୀୟ ପୁରୁଷ ଓ ନୀଚଜାତୀୟା ସ୍ତ୍ରୀ ମଧ୍ୟରେ ବିବାହକୁ ଅନୁଲୋମ ବିବାହ ଏବଂ ଉଚ୍ଚଜାତୀୟା ସ୍ତ୍ରୀ ନୀଚଜାତୀୟ ପୁରୁଷ ମଧ୍ୟରେ ବିବାହକୁ ପ୍ରତିଲୋମ ବିବାହ ବୋଲାଯାଏ । ଯଦି କାହାର ମୋ କଥାରେ ସନ୍ଦେହ ହୁଏ, ତେବେ ସେମାନେ ଶ୍ରୀମଦ୍‌ଭାଗବତର ୧୮ହଜାର ଶ୍ଳୋକ ମଧ୍ୟରୁ ୧୦।୭।୮।୧୩।୧୪ ଶ୍ଳୋକରୁ ବାହି ଦେଖନ୍ତୁ । ଅସବର୍ଣ୍ଣ ସମ୍ବନ୍ଧରେ ଅନେକ ଶାସ୍ତ୍ରୀୟ ପ୍ରମାଣ ଆଗରୁ ଅଛି । ସେ ଶ୍ଳୋକ ପୁଣି ଆଜକାଲିକା କବି ପଣ୍ଡିତ ରଚନା କରି ନାହାନ୍ତି । ଯେ ପଣ୍ଡିତଦଳ ଭୁରୁଡ଼ମାରିବେ ସେ ଦେବମନ୍ତ୍ରୋକ୍ତ 'ତିସ୍ରସ୍ତୁ ଭାର୍ଯ୍ୟା' ଇତ୍ୟାଦି ଦେଖନ୍ତୁ । ବିପ୍ର – କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏ ତିନି କନ୍ୟା ବିବାହ କରିବ । କ୍ଷତ୍ରିୟ—ବୈଶ୍ୟ, ଶୂଦ୍ର ଏ ଦୁଇ ଜାତିରୁ ଆଣିବ । ବୈଶ୍ୟ ଓ ଶୂଦ୍ର ଗୋଟିଏ ମାତ୍ର ଜାତିରେ ବିବାହ କରିବ । ପୂର୍ବରୁ ବେଦରେ ଅଛି । ବ୍ୟାସ ସଂହିତା ଦ୍ୱିତୀୟ ଅଧ୍ୟାୟ ଅଧ୍ୟୟନ କଲେ ଜାଣି ପାରିବ କେଉଁ ଜାତି କେଉଁ ଜାତି ସହିତ ମିଳିତ ହୋଇଅଛି ।

× × × +

ଯେଉଁ ମୂର୍ଖ ବ୍ରାହ୍ମଣମାନେ ଶଡ଼ାକାଟି ପଇତା ପକାଇ ଭିତରେ ଲୁଚିଲୁଚି ଯାହା ଇଚ୍ଛା ତାହା ଭୋଜନ କରନ୍ତି, ଦାଣ୍ଡରେ କଥାପଡ଼ିଲେ କହିବେ ଆମେ ସ୍ମାର୍ତ୍ତ ବ୍ରାହ୍ମଣପିଲା, ସେମାନଙ୍କ ମୁହଁ ଗଢ଼ା କଥାକୁ ମାନେ କିଏ ? ମନୁ ଯାହା ତାଙ୍କ ଅମଳରେ ଭୋଗିଥିଲେ ସେ ତାର ବ୍ୟବସ୍ଥା କରିଗଲେ । ଆଜିକାଲି ଯୁଗରେ ଶତ ଶତ ମନୁ ପରାଶର ଜନ୍ମ ହେଲେଣି । ସେ ସମାଜକୁ ଭାଙ୍ଗି ଚୁରି ଆକାଶରେ ନିଅଁ ବସାଇ କୋଠା ତୋଳିବାକୁ ଯାଉଛନ୍ତି । ଗଞ୍ଜେଇରେ ଧୂଆଁ ପତ୍ରଟା ମଳି ଦେଲେ ଦୋଷ ନାହିଁ । ଖାଲି ପତ୍ରରେ ବଳି ବା କାଗଜରେ ବଳି ଟାଣିଲେ ଦୋଷ ହେଲା । ହାଡ଼ିକୁ ଗୁଣ୍ଡିକର ବ୍ୟବହାର କଲେ ଦୋଷ

ନାହିଁ । ଖାଲି ଖଣ୍ଡେ ହାଡ଼ ଛୁଇଁଲେ ଦୋଷ । ଏହିପରି ଅନେକକଥା ଧରି ଯେଉଁମାନେ ତର୍କ କରନ୍ତି ତାଙ୍କୁ ମନୁଷ୍ୟ ଶ୍ରେଣୀରେ କେଉଁ ମୂର୍ଖ ଅଣିବାକୁ ମନ କରିବ ଭଲା ? ପ୍ରାଚୀନ ଯୁଗରେ ବ୍ରାହ୍ମଣଘରୁ କ୍ଷତ୍ରିୟ କନ୍ୟା ଆଣୁଥିଲେ । ଯଥା—ଦ୍ରୌପଦୀ ଦେବଯାନୀ । ଦ୍ରୌପଦୀ ବ୍ରାହ୍ମଣୀ ସେ କ୍ଷତ୍ରିୟ ଅର୍ଜୁନାଦିଙ୍କୁ ଓ ଦେବଯାନୀ । ବ୍ରାହ୍ମଣୀ ସେ କ୍ଷତ୍ରିୟ ଯଯାତିଙ୍କୁ ବିବାହ କରିଥିଲେ । ଏହିପରି ଚିଷୟ ବିଷ୍ଣୁ ସଂହିତା ୩।୧୩ ଶ୍ଳୋକରେ ଦେଖ ।

ବାରବାର କରି ସେହି ବିଷୟଗୁଡ଼ିକ ଲେଖି ବୃଥା ପାଠକଙ୍କୁ ପାଠ କରାଇ ମସ୍ତିଷ୍କକୁ ଭାରାକାନ୍ତ କରାଇ କଷ୍ଟଦେବା ଲେଖକଙ୍କର ଉଦ୍ଦେଶ୍ୟ ନୁହେଁ । ତାର ଉଦ୍ଦେଶ୍ୟ କେବଳ ଅସବର୍ଣ୍ଣ ବିବାହର ସାର ମର୍ମ ବୁଝାଇବା । ନାରୀର ଜାତି ନାହିଁ ସେ ଯେଉଁ ଜାତିରେ ବିବାହ କରିବ ସେ ସେହି ଜାତି ହେବ । ପୁଣି କାମିନୀକୁ କାଞ୍ଚନ ସଙ୍ଗେ ତୁଳନା କରାଯାଇଛି । ସୁନା ଯେପରି କେହି ଛୁଇଁଲେ ମାରି ହୁଏ ନାହିଁ ନାରୀକି ସେହିପରି ଯେ କେହି ଉଚିତ୍ଲୋକ ବିବାହ କଲେ ନିକୃଷ୍ଟ ନୁହେଁ । ପୁଣି ନୀଚକୁଳରୁ କନ୍ୟା ଆଣିବାକୁ ମନୁ ତାଙ୍କ ନିଜ ଶାସ୍ତ୍ରରେ ଲେଖିଛନ୍ତି । ପୁଣି ନାରୀମାନେ ମାସକୁ ମାସ ଶୁଦ୍ଧ ହେଉଛନ୍ତି । ଏପରି ଦ୍ରବ୍ୟକୁ ଯେ ଜାତିହୀନ ବା ଘୃଣ୍ୟ ବୋଲି କହେ ସେ ସାଗର ପରି ବିଦ୍ୟାଧ୍ୟୟନ କଲେ କଅଣ ହେଲା ତାକୁ ମୂର୍ଖ ଛଡ଼ା ଆଉ କିଛି କୁହାଯାଇ ନପାରେ । ଅତଏବ, ଆଉ କେତେ ଲେଖିବ । ଶୀଘ୍ର ମଣିକି ବିବାହ କର, ମୁଁ ଏ ମିଳନର ପ୍ରଜାପତି । ସମସ୍ତଙ୍କ ଆଖି ଆଗରେ ସବୁରି ଦୃଷ୍ଟିରେ ସୂର୍ଯ୍ୟ ସୂର୍ଯ୍ୟକାନ୍ତମଣି ଏକାକି ମିଶି ପାଣି ହୋଇଯାଉ । କିଏ କଅଣ ଥିଲା ଯେମିତି ବାରି ନହୁଏ ? ମନ ଦୃଢ଼ କରି ଓ ସାହାସ କରି କାର୍ଯ୍ୟ କର । ମଣିକି ଆଉ ଅମୃକଷ୍ଟ ଦେ'ନା । ତୁ ମଧ୍ୟ କଷ୍ଟ ଭୋଗ କରନା । ସ୍ବାମୀ ସ୍ୱାମୀ

ଏସମ୍ବନ୍ଧରେ ସମାଲୋଚନା ହେଉ । ସବୁର ଅଖି ଫିଟୁ, ପର କଥାକୁ କାନ ଡେରନା । ତୁ ଆଗେ ଆଗେ ବାଟ ଫିଟାଇ ବ୍ୟୂହ ଭେଦ କଲେ ତୋ ପଛେ ପଛେ ଅନେକ କର୍ମୀଙ୍କର ହାତ ହତିଆର ବାନ୍ଧି ଡେଇଁ କୁଦ ପଡିବେ । ବିବାହ ଦିନ ନିର୍ଦ୍ଧାରଣ କରି ପତ୍ର ଦେବୁ, ମୁଁ ଯାଇ ସବୁ କରିବି । ଇତି ।

ତୋ ସ୍ନେହର ସଙ୍ଗୀ
"ସୂର୍ଯ୍ୟମଣି"

ହାୟ ! ବିଶ୍ୱନିୟନ୍ତାଙ୍କର ସତେ ଏ କି ଖେଳ । ଆଜି ତୃଷା ତୃତକିଣୀ ନବ ନୀରଦମାଳା ଦେଖି ତାର ଦୁଃଖ ଦୂର କରିବ । ଆଜି ସତେ ଚିରପୋଷିତ ମାଳତୀ ଲତିକାଟି ତାର ନୀଳ ତମାଳତରୁର ଅଙ୍ଗରେ ଜଡିତ ହେବ, ଲୀଳାମୟ ତୁମ୍ଭର ଲୀଳା ଧନ୍ୟ । ଅଭୟ ସୂର୍ଯ୍ୟମଣି ନିଷ୍ଠିତ ସତ୍ରଖାନି ସମାପ୍ତ କରି ପାଠକର ନୀରବରେ ବସି କେତେ କଅଣ ଭାବିବାରେ ଲାଗିଲା, ମଣି ସେହିପରି କଅଣ ମନରେ ଭାବୁଛି । ଭାବମୟ ତ ଏଭାବର ଅର୍ଥ କ'ଣ । ଅଭୟ ! ସେ ତୁମ୍ଭରି କଥା, ସେ ଯେ ଆଜି ତାର ଚିର ବାଂଛିତ ରତ୍ନମାଳାଟି ପାଇବ ସେ ପୋତେ ଶୁଭ ସୂଚକମାନ ଦେଖୁଛି । ତରୁଣୀର ତାହାର ବାମ ଆଖି କୋଣ ଘନ ଘନ ନାଚି ଉଠୁଛି । ବାମ ବାହୁ କମ୍ପି ଉଠୁଛି । ସେ ତ ଶିକ୍ଷିତା, ଜାଣି ପାରିଲା, ଆଜି ମୋତେ କିଛି ଦୁର୍ଲ୍ଲଭ ଧନ ଭଗବାନ ଦାନ କରିବେ ।

ଏହି ସମୟରେ ଅଭୟ ଯାଇ କହିଲା 'ମଣି ! ଏତେ ଦିନଯାଏ ଅନ୍ଧ କରିଥିଲା ମୋତେ ଗ୍ରାସ କରିଥିଲା । ଏତେଦିନେ ମୋର ଜ୍ଞାନଚକ୍ଷୁ ଫିଟିଲା । ଏତେ ଦିନେ ମୋ ନିକଟରେ ଥିବା ଧନଟିକି ମୁଁ ଦେଖି ପାରୁଛି ମଣି ! ମୁଁ ଆଜି ମାନ ମହତ୍ତ୍ୱକୁ ମର୍ଯ୍ୟାଦାକୁ ଜଳାଞ୍ଜଳି ଦେଇ

ଅସିଛୁ । ତୋ ନିକଟରେ ଗୋଟିଏ ଶେଷ ପ୍ରସ୍ତାବ ଉତ୍ଥାପନ କରିବାକୁ, ମୁଁ ଯେଉଁ ସୁଯୋଗ୍ୟ ବରଟିଏ ତୋ ପାଇଁ ସ୍ଥିର କରିଛୁ, ସେ ତୋ ମନକୁ ଯିବ ତ ? ତୁ ଭାବିବୁ ସେ କେତେ ଦୂରରେ । ଏହି ଯେ ତୋ ପାଖରେ ସେ ।”

ଏତିକି ଶୁଣିଲାକ୍ଷଣି ମଣିର ହୃଦୟ ଆନନ୍ଦରେ ନାଚି ଉଠିଲା । ଦରିଦ୍ର କୋଟିନିଧି; କ୍ଷୁଧାର୍ଥ କ୍ଷୁଧାଘଣ୍ଟ, ଭ୍ରାନ୍ତ ପଥିକ ତାର ନିର୍ଦ୍ଦିଷ୍ଟ ପଥ ପାଇଲା ପରି ତାର ପ୍ରତି ଲୋମକୂପରେ ନୟନରେ ଅଧରରେ ଆନନ୍ଦର ସାଙ୍କେତିକ ଚିହ୍ନମାନ ପରିସ୍ଫୁଟଭାବେ ଫୁଟି ଉଠିଲା । ସେ ଆଉ ସମ୍ଭାଳି ହୋଇ ରହି ପାରିଲା ନାହିଁ । ଧୀରେ ଧୀରେ ତାର ହୃଦୟ-ନିଧିକି ବାହୁ ଯୁଗଳରେ ବେଷ୍ଟନ କରି ହୃଦୟରେ ଜାକି ଧରିବା ମାତ୍ରେ ସର୍ବାଙ୍ଗ ରୋମାଞ୍ଚିତ ହୋଇଗଲା । କାର୍ଯ୍ୟରେ ମନରେ ବଚନରେ ଧ୍ୟାନରେ ସଂଗୀତରେ ଇଙ୍ଗିତରେ ଯାହାକୁ ସେ ନିତି ଖୋଜୁଥିଲା ସେ ତାକୁ ଆଜି ପାଇଲା । ଯାହା କହିବାକୁ ଇଚ୍ଛାଥିଲା । ତାହା କହି ହେଲା ନାହିଁ । କେବଳ ଶେଷରେ ଏତିକି କହିଲା, ଏ କିଅଣ ମାନବ ଭାଗ୍ୟରେ ଦେବ ଦୁର୍ଲ୍ଲଭ ପଦାର୍ଥ ଲାଭ, ଏହା ସତ୍ୟ କଥା ।”

ତଥାପି ଏତେଦୂର ଯାଏ କଥା ଗଲାଣି, ଏତେ ହାବଭାବ ପ୍ରକାଶ ପାଇଲା ଉତ୍ତାରେ ଅଭ୍ୟସ୍ତ ପଚାରୁଛି,” ମଣି ତୁ କ'ଣ ମୋତେ ଭଲ ଚକ୍ଷୁରେ ଦେଖୁ ନା ? ମଣିତ ସହଜେ ଲଜ୍ଜାଶୀଳା । ସେ, ପ୍ରତ୍ୟକ୍ଷରେ କପଟ କହୁଛି, ମୁଁ ଭଲ ଆଖିରେ ଦେଖେ ବେଲ, ତଥାପି ଲଜ୍ଜାଭାବରେ ମୁହଁ ବୁଲାଇ ଆଡ଼ହୋଇ କ୍ଷୀଣ କଣ୍ଠରେ କହିଲା—ବାପା ଯେଉଁଦିନୁ ହାତରେ ହାତ ଧରାଇ ଦେଇଛନ୍ତି, ସେ ଦିନୁ ତ, ଆଉ ଆଜି କିଅଣ । ତୁମପାଇଁ ମଣି ମନରେ କେତେ କେତେ ସ୍ୱପ୍ନ ଅଟ୍ଟାଳିକା ତୋଳା ହୋଇ ଭାଙ୍ଗି ପଡ଼ିଛି । ଯଦି ଜଗତରେ କେହି

ମଣିର ଅଦରର କିଛି ଥାଏ, ତେବେ ତାହା ତୁମେ ହିଁ କେବଳ । ଯଦି ମଣିର ମନଭୁଲାଣିଆ ଦ୍ରବ୍ୟ କିଛି ଥାଏ, ତେବେ ତାହା ତୁମର ପ୍ରେମ । ଯଦି ମହୀରେ ମହାମୂଲ୍ୟ ଦ୍ରବ୍ୟ କିଛି ଅଛି ତା ସମ୍ମୁଖରେ । ଯଦି ବିଧାନରେ କାହାଠାରେ କିଣାବିକା ହୋଇଛି ତ ମଣି, ଏହି ପ୍ରେମ ମୂର୍ତ୍ତିଙ୍କଠାରେ । ଯଦି ମଣି ପ୍ରାଣଭରି କାନ୍ଦି କାନ୍ଦେ, ତେବେ ତୁମରି ପାଇଁ । ଯଦି ମଣିର ପ୍ରାଣରେ ହସର ସଞ୍ଚାର ହୁଏ, ତେବେ ତୁମର ମୁଖ ଦର୍ଶନରେ । ଏହିପରି ଅନେକ କଥା କହିଲା ପରେ ତାର କଣ୍ଠ ରୁଦ୍ଧ ହୋଇଗଲା ।

ଅଭୟ କହିଲା—ଦେଖିଲ, ଏ ପତ୍ରରେ ଯେ କବିତା ଦୁଇଟି ଲେଖା, ସେ କାହା ରଚନା ? ଏ ପତ୍ର କାହାର ? ପତ୍ର ତ ସୂର୍ଯ୍ୟମଣିଙ୍କର. କବିତା ଦୁଇଟି ତାର ବୋଲି ମଣି ମାନିଲା । ସେ ପତ୍ର ଆମୂଳଚୂଳ ପାଠକରି ମଣି ମନରେ ସୂର୍ଯ୍ୟମଣିଙ୍କ କେତେ ଯେ ପ୍ରଶଂସା କରିଛି, ଲେଖକ ତା କଅଣ ଲେଖିବ । ଆଜି ଜାଣିଲା, ତାର କବିତା ପ୍ରେମର ସୂର୍ଯ୍ୟମଣି ପର ଉପକାରୀ ବନ୍ଧୁ ଜଗତରେ ଆଜି କେତେ ଜଣ ବାହାରିବେ । ଯାଙ୍କୁ ଯେ କହିବ ମିତ୍ର । ଯାଙ୍କୁ ଯେ କହିବ ସୁହୃଦ । ଅଭୟ ଏତେବେଳେ ସୂର୍ଯ୍ୟମଣି କଥା ଭାବୁଛି । ସେ ନବୁଝି କଅଣ କରିବାକୁ ଯାଉଥିଲା । କାହାରଚ୍ଛିତ ନଳିନୀକି ନେଇ କି କଠୋର ଉତ୍ତପ୍ତ ସୂର୍ଯ୍ୟରଶ୍ମିରେ ଥୋଇବାକୁ ମନ କରିଥିଲା । କହିଲା ମଣି ତୁ କ୍ଷତ୍ରିୟ କନ୍ୟା, ମୁଁ ବ୍ରାହ୍ମଣ, ଆମ ଉଭୟ ବିବାହରେ ସମାଜ ଚମକି ଉଠିବ । ଆମକୁ ଆଉ ଗ୍ରହଣ କରିବ ନାହିଁ, ଉପାୟ—

ମଣି କହିଲା "ମୁଁ କଅଣ ତୁମ ସଖାଙ୍କ ପତ୍ରରୁ ପଢୁ ନାହିଁ । ଆଗେ ମାନବ, ପରେ ସମାଜ । ସମାଜକୁ ତ ମନୁଷ୍ୟ ଗଢିଛି । ସେ ମନୁଷ୍ୟଙ୍କ ଅମ୍ଭେ ନୋହୁଁ । ଯେବେ ତୁମର ଜାତି ପ୍ରତି ଏତେ ଭୟ, ତେବେ ମୁଁ ତୁମ୍ଭର ପଦସେବିକା ହେଲେ କଅଣ ମୋର ଦିନ ଯିବ ନାହିଁ ? ମୋର ଇଚ୍ଛା ମୁଁ ପଛକେ ଯାହା ହୁଏ ତୁମେ ଆନନ୍ଦରେ ଥିଲେ ମୁଁ

ସୁଖୀ, ଯାହାକୁ ତୁମେ ବିବାହ କରିବ, ମୁଁ ତାର ସେବାରେ ରହି-ବାକୁ କଅଣ ସମାଜ ବାଧା ଦେବ ?” “ମଣି ! ମଣି ! ଜାଣିଲି ମୋ ଠାରେ ତୋର ଏତେ ସ୍ନେହ, ପର ପ୍ରତି ପରକୁ ନେଇ ଏପରି ଭାବରେ ଯେ ମତାଇ ଦେଇଛନ୍ତି, ଏ ମିଳନରେ ସେ ନିଶ୍ଚୟ ଆମର ରକ୍ଷାକର୍ତ୍ତା ହେବ । ମଣି, ତୁ ଯେ ମୋର ଦାସୀ ଭାବରେ ମୋ ପାଖରେ ରହିବ କଥା କହିଲୁ ତୁ ଯଦି ଦାସୀ ହେବୁ ଏ ହୃଦୟ-ସାମ୍ରାଜ୍ୟର ଅଧିଶ୍ୱରୀ ହେବ କିଏ ? ତୁ ଯଦି ମୋର ଦାସୀ ହେବୁ ବିଶାଳ ସମ୍ପତ୍ତିର ରକ୍ଷାକାରିଣୀ ଆଉ କିଏ ? ମୁଁ ମୂର୍ଖ ତୋର ମନୋଭାବ ଜାଣି ନପାରି ବୃଥାରେ ଅନ୍ଧ ପରି ଏଣେ ତେଣେ ଭ୍ରମୁଥିଲି । ମୋର ଦେବ ଦୁର୍ଲ୍ଲଭ ପାରିଜାତ ମୋ ନିକଟରେ । ତୁ ମୋତେ ମନ ଖୋଲି କହି ପାରିଲୁ ନାହିଁ । ମୁଁ ମଧ୍ୟ ତୋତେ ମନ ଖୋଲି କହି ପାରିଲି ନାହିଁ । ସେ ଯେଉଁ ଏତେଗୁଡ଼ାଏ ଅକାରଣ କାରଣ ଘଟିଲା । ସେ ଯାହାହେଉ ମଣି ଗୋଟାଏ କଥା ଉଡ଼ୁଆ ଲାଗୁଛି । ମୁଁ ତୋର ଭାଇ, ତୁ ତ ମୋର ଭଉଣୀ, ତୁ ମୋତେ କଅଣ ଡାକିବୁ ? ମୁଁ ତୋତେ କ'ଣ ବୋଲି ଡାକିବି । ପ୍ରିୟା ବୋଲି ତ ଡାକି ହେବ ନାହିଁ । ଭଉଣୀ ବୋଲି ତ ଡାକି ହେବ ନାହିଁ । 'ମଣି' ବୋଲି କହନ୍ତି ସ୍ତ୍ରୀ ନାମ ଧରିବାଟା ଶାସ୍ତ୍ର ନିଷିଦ୍ଧ । ପୂର୍ବରୁ ମହା ମହା ଋଷିମାନେ ଲେଖି ରଖି ଯାଇଛନ୍ତି କେଉଁ କେଉଁ ଲୋକଙ୍କ ନାମ ଧରିବାର ନୁହେଁ ତାର ଶ୍ଳୋକଟି ଶୁଣ—

ଆତ୍ମନାମ ଗୁରୋର୍ନାମ ନାମାତି କୃପଣସ୍ୟ ଚ
ଅପୂସ୍ଥାମୀ ନ ଗୃହ୍ଣୀୟାତ୍ ଜ୍ୟେଷ୍ଠାପତ୍ୟକଳତ୍ରୟୋଃ ।

ନିଜ ନାମ ନିଜେ ଧରିବ ନାହିଁ । ଗୁରୁଜନ ଓ କୃପଣ ଲୋକର ନାମ, ବଡ଼ପୁଅ ନାମ, ନିଜର ଭାର୍ଯ୍ୟାର ନାମ ଏ ପାଞ୍ଚ ଜଣଙ୍କ ନାମ ଧରିବାର ମନା ।”

ଏ କଥା ଶୁଣି ମଣି ହସି ହସି କହିଲା "ମୁଁ ତୁମ୍ଭଙ୍କୁ ଡାକିବାକୁ ହେଲେ ଗୋଟାଏ ସାଧାସିଧା ଶବ୍ଦ ଅଛି । ସେ ଶବ୍ଦଟି ହେଉଛି 'ବାବୁ' ମୁଁ ବାବୁ ବାବୁ କି ପ୍ରାଣର ପ୍ରାଣ ବୋଲି ଡାକିବି । ଭାଇ ବୋଲି ଯଦି କେତେବେଳେ ଭ୍ରମରେ ଡାକି ଦିଏଁ ସେଇଟା ତ ତେତେ ଭୁଲ ହେବ ନାହିଁ । ଏ ଜଗତରେ ସମସ୍ତେ ଭାଇ ଭଉଣୀ ଏକ ପିତା ପରମେଶ୍ୱରଙ୍କର ପୁତ୍ର କନ୍ୟା ।" ଅଭୟ କହିଲା, "ହଉ ସେ ତ ତୋର ଅଡୁଆ ତୁଟିଲା । ମର୍ତ୍ତ୍ୟଲୋକ ତ ଏତେ କଥା ବୁଝିବେ ନାହିଁ । ସ୍ୱାମୀ ସ୍ତ୍ରୀ କପରି ଭାଇ ଭଉଣୀ ହେଲେ ତାଙ୍କୁ ସେଇଟା ଭାରି ଅଡୁଆ ଲାଗିବ । କେତେକ କହିବେ, ୟାଙ୍କର କଅଣ ପଠାଣ ଘର ସେ ଘରେ ଭାଇ ଭଉଣୀକି ବିବାହ କଲେ ।" ଏକଥା ଶୁଣି ମଣିର ବହୁକାଳର ସ୍ମୃତି ଚିହ୍ନଟି ହଠାତ୍ ହୃଦୟରେ ଜାଗି ଉଠିଲା, କହିଲା, "ଆପଣ ଯେଉଁଦିନ ଆମ ଗ୍ରାମକୁ ଯାଇଥିଲେ, ପିଲାମାନେ ମୋ ପଛରେ ଗୋଡ଼ାଇ ଗୋଡ଼ାଇ ଅଣ ଡାକୁଥିଲେ, ମନେ କରିବଟି ? ଯେବେ ମନେ ନହେଉଛି ମୁଁ ସ୍ମରଣ କରାଇ ଦେଉଛି । 'ଦୁଃଖିନୀ ଗୋବର ଗୋଟେଇ' ବୋଲି ଗାଆଁଳି ପିଲାଏ ପରା ମୋ ନାଆଁ ଦେଇଛନ୍ତି । ସେଇ ନାଆଁଟି ଧରି ଡାକିଲେ ତ କିଛି ଅଡୁଆ ରହିବ ନାହିଁ ।"

ଅଭୟ ଏହା ଶୁଣିଲା ମାତ୍ରେ କହିଲା, "ତୋର ଯେ ଧାରଣା ଅଲୋକିତ ! କାରଣ ଯାହା ଗୋଟାଏ ମୁହଁରେ ଧରୁ କି ହୃଦୟରେ ଧରୁ ଦେଖୁଛି ତା କେବେଁ ଛୁଟିବାର ପାତ୍ରୀ ନୋହୁଁ ।" ମଣି ଶୁଣି କହିଲା 'ପ୍ରିୟ ! ଯାହା କହିଲ ତା ସତ । କିନ୍ତୁ ଏ ସମ୍ବନ୍ଧରେ ମୋର ଛାତ୍ରୀ ଅବସ୍ଥାରେ ପଢ଼ିଲାବେଳେ ଧର୍ମ ଚର୍ଚ୍ଚାରେ ମୋର ମିସ୍ ମୋ ଠାରୁ ପରାସ୍ତ ହୋଇ ପୁଣି ଶେଷରେ ମୋହରି ବାଟକୁ ଆସିଛନ୍ତି ।" ଅଭୟ ଏହା ଶୁଣିବା ମାତ୍ରେ ଚମକି ପଡ଼ି କହିଲା "ଆଚ୍ଛା ପ୍ରିୟେ, କହିଲ ଭଲା କେଉଁପରି ତୁମ ମିସ୍ ତୁମ ଠାରୁ ପରାସ୍ତ ହେଲେ ଶୁଣେ ?"

‘ସେ ମୋତେ ମୂର୍ତ୍ତିପୂଜା ବିରୁଦ୍ଧରେ ବରାବର ମତାଇଲେ, କାଠ ପଥର ଗୁଡ଼ାକୁ ମାନ ନାହିଁ । ସେ ଗୁଡ଼ାକ କଅଣ ଈଶ୍ୱର ବିଶେଷ । ମୋ ମୁହଁରୁ ଜଗନ୍ନାଥଙ୍କ ନାମ ଶୁଣିଲେ ସେ ଭାରି ବିରକ୍ତ ହୁଅନ୍ତି । ଅନ୍ୟ ଛାତ୍ରୀମାନେ ଉପାସନା ସମୟରେ ତାଙ୍କ ଯିଶୁଖ୍ରୀଷ୍ଟଙ୍କ ନାମରେ ଭକ୍ତିରେ ମାତି ଉଠନ୍ତି । କିନ୍ତୁ ସେ ସ୍ଥଳେ ମୋର ମୁହଁରେ କୃଷ୍ଣ ଭିନ୍ନ ଖ୍ରୀଷ୍ଟ ହୁଏ ନାହିଁ । ତାଙ୍କର ମନ ଥାଏ ଯେ, ସେ ମୋତେ ବାଇବେଲ ପଢାଇ ଖ୍ରୀଷ୍ଟିୟାନ ଜାତିରେ ମିଶାଇ ନେବେ । ମିସ୍ ଆମର ବିଲାତ ଫେରନ୍ତା । ତାଙ୍କର ପୋଷାକ ପରିଚ୍ଛଦ ଚାଲିଚଳଣି ସବୁ ମେମ୍‌ମାନଙ୍କ ପରି । ସେ ଜଣେ ପ୍ରିନ୍‌ସିପାଲ, ଖ୍ରୀଷ୍ଟିୟାନ ଦଳରେ ତାଙ୍କର ଭାରି ଖାତିର ଥାଏ । ସେ ମୋର ଏକାଗ୍ରତା ଓ ଅଟଳ ବିଶ୍ୱାସ ଜାଣି ତାଙ୍କ ମୁହଁରେ ଯଦି ମୋ ପ୍ରତି ବିରକ୍ତି ଆସେ, କିନ୍ତୁ ମନରେ ଭାରି ଶ୍ରଦ୍ଧା ଥାଏ ।

ଦିନେ ମୋତେ ପାଖକୁ ଏକାକୀ ଡାକି କହିଲେ "ମଣି, ତୁ ତ ଅନ୍ୟ ଖ୍ରୀଷ୍ଟିୟାନ ପିଲାଙ୍କ ପରି ବରାବର ଦିଶୁ, ଫେସନଟା କ’ଣ ରୂପକୁ ବାହାର ?" ମୁଁ କହିଲି, "ସାର, ରୂପ ସହିତ ଗୁଣର କିଛି ସମ୍ବନ୍ଧ ନାହିଁ, ମୋ ଠାକୁର ଜଗନ୍ନାଥଙ୍କର ହାତ ଗୋଡ଼ ନାହିଁ ବୋଲି କ’ଣ ତାଙ୍କର ଗୁଣ ମନ୍ଦ । ଗୁଣ ନେଇ ଅସୁନ୍ଦର ସୁନ୍ଦର ହୁଏ । ଗୁଣହୀନର ସୁନ୍ଦରପଣ ଥାଇ କଡ଼ାକୁ ଯୋଗ୍ୟ ହୁଏ ନାହିଁ ।" ସେ ଜଗନ୍ନାଥଙ୍କର ନିନ୍ଦା କଲେ ମୋ ଆଖିରୁ ଲୁହ ଝରି ପଡ଼େ । ସେ ସେତେବେଳେ କହନ୍ତି, ଛି, ତୁ ଏଡ଼େ ସିହାଣୀ ହୋଇ ତୋର ଧୈର୍ଯ୍ୟ ନାହିଁ, କାନ୍ଦି ପକାଉଛୁ ? ମୁଁ କହେ "ସାର ମୁଁ ହିନ୍ଦୁ କନ୍ୟା, ମୋ ପିତାମାତା ହିନ୍ଦୁ, ମୋର ଜନ୍ମଭୂମି ହିନ୍ଦୁସ୍ଥାନ, ହିନ୍ଦୁ ରକ୍ତ ମୋର ଧମନୀରେ ପ୍ରବାହିତ, ହିନ୍ଦୁ ମାନେ ସାକାରବାଦୀ, ଏ ଦେହ ପଛକେ ମାଟିରେ ମିଶିଯିବ, କିନ୍ତୁ ଜଗନ୍ନାଥଙ୍କ ନିନ୍ଦା ଏ କର୍ଣ୍ଣ ଶୁଣିବ ନାହିଁ

ସ୍ଥାନ ପାଇବ ନାହିଁ।" ସେ କହିଲେ, ମଣି, ତୋ ଠାକୁରଙ୍କର ପ୍ରାଣ ଅଛି, ତାଙ୍କୁ ମାଇଲେ ତ କାଟିବ ? ମୁଁ କହିଲି; "ମୋ ଠାକୁରଙ୍କର ଗୋଟାଏ ପ୍ରାଣ କାହିଁକି ? ସେ ସବୁ ଜଗତ ପ୍ରାଣ। ସେ ସିନା ଗୋଟାଏ ଯାଗାରେ ବସି ଥାଆନ୍ତି; କିନ୍ତୁ ଜଳ; ସ୍ଥଳ; ଆକାଶରେ ଯାହା ଯାହା ସବୁ ଦେଖାଯାଏ, ସବୁଥିରେ ତାଙ୍କର ପ୍ରାଣ ବିଦ୍ୟମାନ।"

ସେ କହିଲେ; "ସେ ପ୍ରାଣକୁ କେହି ଦେଖେ ? ତାକୁ ଦେଖିବାକୁ ହେଲେ ସେହିପରି ଜ୍ଞାନନେତ୍ର ଦରକାର।" ଏ କଥା ମୁଁ କହିଲି। କାଠରେ ପାଣି ଥିଲେ କି ବାହାରକୁ ଦିଶେ ? ସେ ଯେପରି ସଦାକୁ ଦିଶେ ନାହିଁ ମୋ ଠାକୁରଙ୍କର ପ୍ରାଣ ସେହିପରି। ଆହୁରି ମଧ୍ୟ ମୋ ଠାକୁରଙ୍କର କଳା ଅଂଶ ପ୍ରତ୍ୟେକ ପଦାର୍ଥରେ ଥାଏ, ସେ କାହାରିକି ଦିଶେନାହିଁ। ଏହିପରି ଅନେକ ଥର ସେ ଉପାସନା କଲା ବେଳେ ଓ ଧର୍ମଚର୍ଚ୍ଚା ବେଳେ ମୋତେ ଅନେକ ଜୋର ଜବରଦସ୍ତିରେ ତାଙ୍କ ମାର୍ଗକୁ ନେଇ ପାରି ନାହାନ୍ତି।

ଯେତେବେଳେ ମୋର ପଢା ଶେଷହେଲା, ମୁଁ ଘରକୁ ଚାଲିଆସିବା ସେ ଜାଣିଲେ, କ୍ୟାରେକ୍ଟର ସମ୍ବନ୍ଧରେ ଗୁଡ୍ କ୍ୟାରେକ୍ଟର ବୋଲି ସାର୍ଟିଫିକେଟ ଖଣ୍ଡେ ଲେଖିଦେଇ କହିଲେ; 'ମଣି ଦେଖ, ତୋ ଅଟଳ ଧର୍ମ ବିଶ୍ୱାସ ଦେଖି ମୁଁ ଆଜି ତୋ ପ୍ରତି ସନ୍ତୁଷ୍ଟ; ମୁଁ ସିନା ତୋର ଶିକ୍ଷାଗୁରୁ, ତୁ ମୋ ଦୀକ୍ଷାଗୁରୁ। ଈଶ୍ୱରଙ୍କ ଦୟାଥିଲେ ମୁଁ ଦିନେ ହିନ୍ଦୁ ନାରୀ ହୋଇ କିପରି ଶାଢ଼ୀ ପିନ୍ଧି ଜଗତକୁ ଜଗନ୍ନାଥଙ୍କ ପରିକାଷ୍ଠା ଶିକ୍ଷା ଦେବି, ଏହି କାମନା ମୋର ବରାବର ଜାଗ୍ରତ ହେଲା। ଶତଶତ ବାଳିକା ମୋ ପାଖରୁ ଶିକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯାଇଛନ୍ତି, କିନ୍ତୁ ତୋ ପରି ଦୃଢ଼ତା ଓ ଶକ୍ତି ଜଣଙ୍କଠାରେ ଦେଖି ନଥିଲି। ଆଜି ତୁ ମୋତେ ଶିକ୍ଷା ଦେଇଗଲୁ।

ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।
'ଜାଣିଥା ମଣି' ଯଦି ଏପରି ଧର୍ମ ମୁଁ ପରିତ୍ୟାଗ କରି ନିଜଦେଶର ଯା ଧର୍ମ, ତା ଗ୍ରହଣ କରି ଏ ଅସାର ଜୀବନକୁ ସଂସାରର ମଙ୍ଗଳ ପାଇଁ ଉତ୍ସର୍ଗ କରି ଦେଶ ସେବାରେ ଲଗାଇ ମରୁଭୂମିରୁ ବିଦାୟ ନେବି ।" ମଣିର ଏସବୁ କଥା ଶୁଣି ଅଭୟ ଜାଣିଲା; ଏ ସହଜ ନାୟିକା ନୁହେଁ ବଡ଼ ବଡ଼ କବିମାନେ ଯାହା ଲେଖିଛନ୍ତି ଆଜି ଅଭୟର ଭାଗ୍ୟରେ ସେ ପଦ ଘଟିଛି । ଭଞ୍ଜ ଲେଖିଛନ୍ତି ତାଙ୍କ ଲାବଣ୍ୟବତୀ କାବ୍ୟରେ—

"ସୁଖୀ ହୋଇଥିବ ନୃପ ଉପୁଜିବ ନୋହି
ବିଦ୍ୟାଥିବ ଦିବ୍ୟନାରୀ ମିଳିଥିବ ତହିଁ ।"

ମୁଁ ସରକାରୀ ଚାକିରି କରିବି ନାହିଁ, ତା ହେଲେ ନୃପ ଉପୁଜିବ କଥାଟି ମୋ ଠାରେ ଲାଗିବ ନାହିଁ । ବିଦ୍ୟାପଠନ କରିଛି ଦିବ୍ୟ ରମଣୀ ମଧ୍ୟ ମିଳିଛି । ତେଣେ ଶୁଣିଲା ଅଭୟ, ଟିଉସିଆ ଭଉଣୀ ତଳେ ଅସ୍ଥାନ ଥାପି ପାଲା ଲଗାଇଛନ୍ତି । ଝିଅ ପଦେ ଗୃହକରଙ୍କୁ କହିଲେ, ମାଆ ପଦେ ପୁଅଙ୍କୁ କହୁଛି । ଧନ୍ୟ ସେ କପାଳଖାଇ ପାଟି । ସେ ପାଟି ଟିକିଏ ଢୋଲେଇ ହେଉ ନାହିଁ, ଏହି ସମୟରେ ଅଭୟ ପାଇଁ ପହଞ୍ଚି ଯିବାରୁ ନାରାୟଣୀ ଗୋସେଇଁ ଟିକିଏ ନିଶ୍ୱାସ ମାରିଲେ । ଗୀତ ବାଦ୍ୟ ଆଲାପ ସବୁ ଥୟ ପଡ଼ିଗଲା । ବୁଢ଼ୀ ମୋ ବାପା କୁଆଡ଼େ ? ନାନୀ, ମୋ ବିଭା ଆଉ ଆଠ ଦିନ ରହିଲା । ମାର୍ଗଶିର ମାସ ଗୁରୁବାର ତ୍ରୟୋଦଶୀ, ମାସର ଅଠର ଦିନକୁ ସ୍ଥିର ହେଲା ।

ଅଭୟ ଭାବିଲା, ଏକଥା ଶୁଣି ନାନୀଙ୍କ ମତଗତି କୁଆଡ଼କୁ ଯାଉଛି ଦେଖିବା । ବୁଢ଼ୀ ଖସିଅାଏ ହୋଇ କହିଲା, ଯାହାହେଉ ଏତେଦିନେ

ମୋ ବାପାର ମନ ଫେରିଛି । ତୋ ଘର ତୁ କରିବୁ ସେ ବାରବୁଲି ଛଉସିଟା ପାଇଁ ପୁତୁରା ମୋର ସତେ କି କଷ୍ଟ ନପାଇଲା । ରାଜ-ଗୁରୁଙ୍କ ଝିଅ ଶୁକ୍ର ତ ହୋଇଥିବ, ନଇଲେ ଚୌଧୁରୀଙ୍କ ନାତୁଣୀ ରଙ୍ଗ, ଏଇ ତ ତୋ ଘରକୁ ଯୋଗ୍ୟ ବହୂ । ପିଲା ଦୁଇଟିଯାକ କେହି କାହାକୁ ସୁନ୍ଦର ପଣରେ ଊଣା ନୁହନ୍ତି । ସୁନା ଗହଣାରେ ସୁଇଦେଲେ ଲାଜାପାଣି ଲାଜାଭାତ ଖାଇଲେ କାଲି ସକାଳେ ବୋହୂ ପଣିଆ କରିବେ । ସେ ଦିହିଙ୍କ ଭିତରୁ କିଏ ମ ? ହଉ ନ କହ ମୁଁ କଣ ବୁଝିବି ନାହିଁ କି ? ଲାଜକୁଳାଟା ତ ମୋ ଆଗରେ ଦିନେ ସଳଖି ଠିଆ ହୁଏ ନା ।

ତେଣେ ମଣି ମଧ୍ୟ ସେଦିନୁ ଆଉ ବୁଢ଼ୀ ତା ଝିଅଙ୍କ କଥାକୁ କାନରେ ଶୁଣେ ନାହିଁ, ନଶୁଣିଲା ପରି ଚୁଲିଆସେ । ବିବାହ ଉଦ୍ଦେଶ୍ୟରେ ଅଭୟ ଝଟ୍ରେ ସୁଷମାମଣି ପାଖକୁ ପତ୍ର ଦେଲାରୁ ତାର ଆଉ ଆନନ୍ଦ କହି ହେଉ ନାହିଁ । ତାର ବହୁଦିବସର ଚେଷ୍ଟା ଏତେଦିନେ ସଫଳ ହୋଇଛି । ସେ ଅଭୟ ଘରକୁ ଯିବା ପାଇଁ ପ୍ରସ୍ତୁତ ହେଲା । ଏଥିମଧ୍ୟରେ ବୁଢ଼ୀ ଅଭୟକୁ ଡାକି ମଣିର ଯାବତୀୟ ଖରାପ ଲକ୍ଷଣ ଦେଖିଥିବା କଥା କହିଲା—"ଆରେ ବାପା, ସେ ନାଗୁଣୀ ଢେଙ୍କୁଆ ଗାଲିକି କାହିଁକି ତୁମଟାରେ ବେକରେ ବାନ୍ଧି ହରକତ ହେଉଛୁ । ସେଇଟାକୁ ପାଖରୁ ତଡ଼ି ଦେ । ମଣିଫଟା ପୋଷିଲେ ଯେ, ଗୋଟାଏ ହାତୀ ପୋଷିଲେ ସେ ।" ଅଭୟ କଥା ଶୁଣିବ କଅଣ, ମଣିର ନିନ୍ଦା ଶୁଣି ବିଷଧର ସାପ ପରି ମନେ ମନେ ହେଲା । ଭାବିଲା ଏ ମାଆଝିଅ ଦିଇଟାଙ୍କ ଘଟରେ ଜଣାଯାଏ ଭଗବାନ ନାହାନ୍ତି । ଏ ଦୁଇଟା ବିଧାତା ସୃଷ୍ଟି ବୋଲି କିପରି ମୋର ବିଶ୍ୱାସ ହେଉନାହିଁ ? ଏହା ମନେ ମନେ ଭାବି କହିଲା, "ନାନୀ ! ବାପାତ ତାକୁ ଆଣି ରଖି ଯାଇଛନ୍ତି, ମୁଁ ତାକୁ ତଡ଼ୁଛି କିପରି ? ତେବେ ଅନେକ ଓରଆର ଖୋଜୁଛି

ଟିକିଏ କିଛି ଦୋଷ ଦେଖିଲେ ଏକାବେଳେ ଏ ଗ୍ରାମରୁ ବାହାର କରିଦେବ ।" ଏହା କହି ଚାଲି ଆସିଲା । ଏତିକି କଥା ଅଭୟ ଠାରୁ ଶୁଣିଲାମାତ୍ରେ ମାଆଝିଅ ଦିହେଁ ତ ମଣି ଉପରେ ଷଣ୍ ହୋଇଗଲେ । ମଣି ବି ଭାରି ଚତୁରୀ ସେ ତାର ଖଞ୍ଜରେ ଚଲେ । ବୁଢ଼ୀର ଦୃଷ୍ଟିରେ ପଡ଼େନାହିଁ । ସୂର୍ଯ୍ୟମଣି ଆସିଗଲାଣି । ତାକୁ ଦେଖି ମଣି ଓ ଅଭୟଙ୍କ ମନରେ ସାହସ ଫୋଲଅଣା । ସୂର୍ଯ୍ୟମଣି ବୁଢ଼ୀକି ନମସ୍କାର କରିବାକୁ ତଳକୁ ଗଲା । ବୁଢ଼ୀକି ମୁଣ୍ଡନୁଆଇଁ ଦଣ୍ଡବତ ହେଲାକ୍ଷଣି ଆନନ୍ଦରେ ବୁଢୀ ଖଣ୍ଡେ ଚଟ ପକେଇ ଦେଲା । ବସ ପୁଅ କେତେ-ବେଳେ ଅଇଲୁ, ସବୁ ଭଲ ତ ? ସୂର୍ଯ୍ୟମଣି କହିଲା, "ହଁ, ସବୁ ଭଲ ଏହିକ୍ଷଣି ପହଞ୍ଚିଲି । ଯେତେବେଳେ ଅଭୟ ଭାଇଙ୍କର ବାହା-ଘର ହବ ମୁଁ ନଆସି ରହନ୍ତି କିପରି ?"

"ଅଭି ମୋତେ କହୁଥିଲା, କୋଉଠି ହଉଛି. ଏହା ଯେତେ ପଚାରିଲି କହିଲା ନାହିଁ । ତୁ ତା ଜାଣିଥିବୁ ?"

ସବୁ ଜାଣେ ନାହିଁ । ତେବେ ଏଇଠି ପାଖରେ ।

କୋଉଠି ?

ପିଲାଟା ବଡ଼ ପାଣି, ସୁନ୍ଦରୀ, ଶିକ୍ଷିତା, ପାସ୍ ଫାସ୍ କରିଛି ବୋଲି କହୁଛନ୍ତି ।

ବୁଢ଼ୀ ଏକଥା ଶୁଣି ନିଆଁବାଣ । ତା ମନରେ ମଣି ଆଡ଼କୁ ଧାଇଁଲା । ଆରେ ସୁର, ସେ ଖିରସ୍ତାନଅଣୀ ହେବ ନା କ'ଣ ? ସେଇଟା କି ସୁନ୍ଦରରେ ପୁଅ ? ସୂର୍ଯ୍ୟମଣି କହିଲା, ନାନୀ ଯାହା କହୁଛ ସେଇ, ତାକୁ ପରା ଅଭୟ ବାହା ହେବାର ଠିକ ହେଲା । ସୂର୍ଯ୍ୟମଣି ଜାଣେ ନା ଯେ, ମଣି ନାଆଁ ଶୁଣି ବୁଢୀ ଏମିତି ଚିଡୁଛି । ସେ ତ ଆଜି ଆସିଛି, ଘରର ହାଲଚାଲ ତାକୁ ଜଣାନାହିଁ । ବୁଢ଼ୀ ତ ସେଠୁ ଶୁଣି

ବୋଉ ହେଲା, କହିଲା "ଆଉ କାଳ ହବ ନାହିଁରେ ଆଉ କାଳ ହବ ନାହିଁ । ବାପ ଅଜା ବଂଶର ମର୍ଯ୍ୟାଦା ସବୁ ବୁଡ଼ିଗଲାରେ ସବୁ ବୁଡ଼ିଲା । ଅଭୟୁକୁ କ'ଣ କନ୍ୟା ମିଳୁ ନଥିଲେ ! ବାପ ଅଜା ନଅ ପୁରୁଷ ଆଉ ତା ହାତରେ ପାଣି ପାଇବେ ? ଖଣ୍ଡେ ତୁଣୀଟା ମୋ ବାପଘର ଦେଇପିଣ୍ଡି ମଙ୍ଗୁଳବ । ସେ ନାଗମୁହିଁକି ମୁଁ ତ ଆଗରୁ ଦେଖି କହୁଥିଲି, ସେଇଟା ବଉଁଶଖାଇ ଡାହୁଣୀ । ଆଉ ଏ ପୁସ୍ତାରେ ପାଣି ଛୁଇଁବି ନାହିଁ ! ଲୋ ପଟେଁଇ ! ଲୋ ପଟେଁଇ ! ଆ—ଲୋ, ଲୁଗା ପଟା ବାନ୍ଧ । ସୂର୍ଯ୍ୟମଣି ଏସବୁ ରଙ୍ଗ ଢଙ୍ଗ ଦେଖି ମୁହଁରେ ଲୁଗା ଦେଇ ହସି ହସି ଆସି ଉପରେ । ଅଭୟୁକୁ ସବୁ କହିଲା, ମଣି ବି ଥିଲା ।

ଏ କଥା ତ ସେ ଦୁଇଜଣ ଶୁଣି ଶୁଣି ପୁରୁଣା । ସୂର୍ଯ୍ୟମଣି ପାଖରେ ଏ ନୂଆ । ଏଥର ଏ ଗୋଳମାଳ ଆବିଷ୍କାରକର୍ତ୍ତ୍ରୀ ସୂର୍ଯ୍ୟମଣି ।

ଏଥର ବଡ଼ ଠାକୁରାଣୀ ଓ ସାନ ଠାକୁରାଣୀଙ୍କ ବିସର୍ଜ୍ଜନ ପାଳିଦିନ । ତିନିଟାବେଳୁ ସ୍ଥିତ ନଅଟାଯାଏ ଯେଉଁଠି ଯାହା ହାଣ୍ଡି ଫୁଟା ଠାରୁ ଆରମ୍ଭ କରି ଡାଲି ମୁଠିକଯାଏ ସବୁ ଗୁଞ୍ଜାଗୁଞ୍ଜି କରିଥିଲେ, ତାକୁ ସବୁ ଖଣ୍ଡି ଏ ଖଣ୍ଡି ଏ ଦରବା କାନରେ ଗୁଡ଼ାଇ ଏକାଠି ବନ୍ଧାବନ୍ଧି କଲେ । ସେ ମାଲଗୁଡିକ ବୁଢୀଙ୍କ ସ୍ୱୋପାର୍ଜିତ, କାରଣ ପୁଷ୍ଟାସ୍ତ ଗୃକରଙ୍କର ସେଗୁଡିକ ପେଟକଟା ଲୁଣ, ତେଲ, ଗୁଡ଼ଳ, ଡାଲି । ବୁଢ଼ୀ ଗୃକରଟୋକା ଭଗତାକୁ ସେଠୁ ପଠାଇଲା । ଯା ତୋ ବାବୁକୁ କହିବୁ, ପିଉସୀ ଡମର ତାଙ୍କ ଘରକୁ ଯିବେ । ତାକୁ କେମନ୍ତେ ଗୁଣ୍ଡ ଦେଇ ଆସିବ । ମୁଁ ଆଉ ଏଠି ପାଣି ଢାଳୁଛି, ଏ ଟୋକୀ ମୋ ମୁଣ୍ଡ ତଳକୁ କଲା । ଶାସନ ଲୋକେ ମାଇପେ ମିଶିପେ କଣ କହିବେ ? ସେଠି ତାର ପିଉସୀବୁଢୀଟି ଥିଲା, ସେ କଣ କାଲୁଣୀ ନା ଅନ୍ଧୁଣୀ ? ବ୍ରାହ୍ମଣ ପୁଅକୁ ପୁଣି ଖଣ୍ଡେଇବ ଟିଅ । ଛି ! ଛି ! ମତେ ମରଣ ନ

କର ବଧାଇ ଏ କଥା ଶୁଣେଇଲା । ଏମିତ କେତେ ଜଣ ମାଉସୀ ଠାକୁରାଣୀ ବରବର ହଉଥାଆନ୍ତି । ଝିଅ ପଣେଇ ତାଙ୍କ ସଙ୍ଗରେ ପଦେ ପଦେ ଶିଶୁପାଳିଆ ପରି ଦୁଆ ପକାଉଥାଏ ।

ଚାକର ଭଗତା ବୁଢ଼ି ଆସି କହିଲା, କାଲି ସକାଳକୁ ବାବୁ କହିଲେ ନାନୀ, କୁଆଡ଼େ ତମେ ଘରକୁ ଯିବ, ଗାଧୋଇଲଣିତ ?

ବାପା ମୁଁ ଏଠି ଗାଧୋଇବ ନାହିଁ । ମୋ ଦେହ ଭଲନାହିଁ । ବାଟରେ ଗାଧୋଇବରେ ବାପ । ମୋତେ ନେଇ କିଏ ଟିକିଏ ଭଲା ମୋ ଘରେ ଛାଡ଼ି ଆସ । ମୁଁ ଏଠୁ ଗଲେ ସବୁ ମଙ୍ଗଳ ।

ନାନୀ, ତମେ ବିରକ୍ତ ହେଉଛ କାହିଁକି କିଏ କିଛି ତମକୁ କହୁଛି ? ମତେ ଫେର୍ ଗୋଟାଏ କହିବ କିଏ ରେ ! ତା ଗାଲ କାମୁଡ଼ି ଦୁହିଁ ଆଣିବ ନାହିଁ, ମୁଁ କାହାର କଅଣ ଖାଏ ନା ଧାରେ ? ମୁଁ ଆଉ ସହି ପାରିବ ନାହିଁ । ଏ ପୁରିରେ ଯାହା ଯାହା ଘଟିଲଣି; ମୋ ପାଦ ଏଠି ପଡ଼ିବ ନାହିଁ । ମୁଁ ସବୁ ଶୁଣି ଶୁଣି କାଲୁଣୀ ପାଲଟି ଗଲିଣି । ଚେ, ଘର ଚୁ କରିବୁ । ତୋତେ କଅଣ କିଏ କରେଇ ଦବ !

ଅଭୟ କହିଲା, ହଉ ତମ ଇଚ୍ଛା । "ମୁଁ ମଟରର ଆଣୁଛି, ଡ୍ରାଇଭରକୁ ଡାକେଇ ଆଣେ ।" ଏହା କହି ଚାଲିଗଲା । ମଣି ଜମାରେ ଦୁଇଶହ ଟଙ୍କାଦେଇ କହିଲା, ମା'କୁ ଶହେ, ଝିଅକୁ ଶହେ ବାଣ୍ଟି ସମାନ ଭାବରେ ବାଟରେ ମଟରରୁ ଉତୁରିଲା ବେଳେ ଦେଇଦେବୁ । ଯୋଉଏ ମଟରରେ ସମସ୍ତେ ବସିଲେ । ଗୋଟାକରେ ମଣି ଓ ସେ ମାଆ ଝିଅ ତିନି ଜଣ । ଆଉ ଗୋଟାକରେ ସୂର୍ଯ୍ୟମଣି ଓ ଅଭୟ ଦୁହେଁ ବସିଲେ । ପିଉସୀ ଝିଅଙ୍କ ପାଇଁ ଦୁଇଖଣ୍ଡ ଦାମୀ ଶାଢୀ, ସେଥିରେ ଖଣ୍ଡେ ଶୁକ୍ଳ, ଖଣ୍ଡେ ରଙ୍ଗ, ମଣି ତାକୁ କାନରେ ବାନ୍ଧିଥାଏ ! ମଣିକି ତାଙ୍କ ପାଖରେ ବସିବାର ଦେଖି ମାଆ, ଝିଅ ଦୁହେଁ ମୁହଁକୁ ବଲ୍କର

ମାରଲା ପର କରୁଥାନ୍ତି । ମଠରେ ଗୃହଲା । ଦୁହେଁ ଏଣେତେଣେ ଅନାଇ କେତେ କଥା ଦେଖାଇ ମଣିକୁ କହିବାକୁ ଲାଗିଲେ । ତା ମୁହଁକୁ ଆଉ ଗୃହିଁଲେ ନାହିଁ । ମଠରରୁ ଉତୁର ଯେତେବେଳେ ମାଆ ଝିଅ ବାହାରନ୍ତି, ସେଇଁ ଜାଗାରେ ମଣି ଦୁଇଜଣଙ୍କୁ ଦୁଇଖଣ୍ଡି ଶାଢ଼ୀ ଓ ଶଏ ଶଏ ଦୁଇଶହ ଟଙ୍କା ବାଣ୍ଟିଦେଲା ।

ସେତେବେଳେ ତାଙ୍କର ମନ ତାଙ୍କୁ ଏପର ମାଡ ଦେଲା ଯେ ତା ଅନୁଭବୀ ବିନା କେହି ଜାଣି ପାରବେ ନାହିଁ । ସେ ଯେ ବାଟରେ ମଠରରେ ମାଆ ଝିଅ କଥାଭାଷା ହେଉଥିଲେ, ଏ ବଉଁଶବୁଡ଼େଇ କଥାରେ ଅଭସ୍ତ ଆମକୁ କରୁ ଦେଲାନାହିଁ ବୋଲି ଦହିଁକି ବାନ୍ଧା କରୁଥିଲେ, ଯେତେବେଳେ ଧନ ପାଇଲେ ସେତେବେଳେ ଏହି କଥା ଗୁଡାକ ତାଙ୍କୁ ଭାର ଲଜ୍ଜା ଦେଲା । ଠଙ୍କାତ ମୁହଁ ବଙ୍କାକରେ । ସେ ଦୁଇଜଣ ମୁହଁକୁ ତଳକୁ କର ଟଙ୍କାକୁ କାନିରେ ବାନ୍ଧ କହିଲେ ଥିଲେ ତ ଏହିପର କେତେ ପାଇ ଥାଆନ୍ତେ, ହାତକୁ ହାତ ସବୁ ବୁଡ଼େଇ ବସିଲେ । ଏହି କଥା କହୁ କହୁ ଘର ପଶିଲେ । ମାଏ ବୁଢ଼ୀ ଯିବାବେଳେ ମଣିକି ଏତିକି କହିଗଲା ମା' ଏ ଭଉଣୀ ତୋର ତୋ ଦେକରେ ବନ୍ଧା । ଏତିକି ଦେଲୁ, କଅଣ, ଏମିତ କେତେ ଦବୁ ତୁ କଣ ପରବୋଲି ଏ ମନରେ ଥାଏ ? ସେତିକିବେଳେ ମଣି କହିଲା, "ମଲା ମୁଁ କଣ ମନାକଲି । ତୁମେ ଆସିଲେ ଗଲେ ତୁମ ପାଉଣା କଣ ତୁମେ ପାଇବ ନାହିଁ ।" ଏ କଥାଶୁଣି ବୁଢ଼ୀ ଆନନ୍ଦରେ ମଣିକୁ କୋଳକୁ ଟାଣିନେଇ କାନ ପାଖରେ କହିଲା ବାହାଘର ଦନେ ଦ'ଦନ ଥାଇ ମଠର ପଠାଇଲେ ମୁଁ ଯିବି । ମଣି ମନଭାବରେ କହିଲା ପିଉସୀମା ମୁଁ ନିଶ୍ଚେ ପଠାଇବ । ବୁଢ଼ୀ ଏହା ଶୁଣି କଲ୍ୟାଣ ଶଗଡ଼େ ପଣେ ଝଣ୍ଡେ ଅକାଡ଼ି ଦେଇ କାନ୍ଦକାନ୍ଦ ହୋଇ ଘରକୁ ଗଲା ।

ଗ୍ରୀଷ୍ମ ପରେ ବର୍ଷା ଆସିଲା ପର, ଶୀତ ପରେ ବସନ୍ତ ଆସିଲା ପର ଚତୁର୍ମାସ୍ୟା ପରେ ଶରତ ଆସିଲା ପର ମା ଝିଅଙ୍କର ପ୍ରଭାବ କୁଆଡେ ଉଭେଇଗଲା । ସେ ଯେଉଁ କଟୁ ବଚନ ଆଜ ସେ ଗୃହରେ ପଢ଼ଣତ । ଗଲାବେଳେ ବୃର୍ଥା ମଣିକୁ ଦ'ପଦ ସରଳ କଥା କହିଦେଇ ଯାଇଛନ୍ତି । ମଣିର ମନେ ମନେ ତା ରହିଲା । ମଣି କହିଲା ବାବୁ ଧନ ଏପର ମନକୁ ବଦଲାଇ ପାରେ, ମୁଁ ଆଜ ଦେଖିଲି ଯେ ମତେ ଘୃଣା ଚକ୍ଷୁରେ ଦେଖୁଥିଲେ, ସେ ପୁଣି ମୋତେ ହାତକୁ ଧରି ମାଆ ବୋଲି କହି ଆଖିରୁ ଲୁହ ଗଡ଼େଇ ପକାଇଲେ । ମୁଁ ତାକୁ ଲୁଚାଇ ଦେଇଛୁ କାଲେ ତୁମେ ଜାଣିବ । ବୃଥୀ ତାକୁ ପାଇଲାକ୍ଷଣି କାନରେ ଗୁଡେଇ କାଖ ଭିତରେ ପୁରେଇ ଦେଲେ । ମୋର ଗୃହଚଳନ ମୋତେ କୁହାଗଲା । ମୋ ଗେଣ୍ଡା ନାକ, ଝିମା ଆଖି ଆଜ ସବୁ ସୁନ୍ଦର ହୋଇ ଯାଇଛି ।

ଘେଁର ଆସି ସୂର୍ଯ୍ୟମଣି ପଚାରିଲା, "ମଣି, ତତେ ବୃଥୀ ଯେତେବେଳେ ମଠର ଆରପାଖକୁ ଟାଣି ନେଇ ତୋ କାନ ପାଖରେ କଅଣ କହୁଥିଲା କି ?"

ମଣି କହିଲା ସୂର୍ଯ୍ୟମଣିବାବୁ ସେଠା ଶେଷ ରାଏ । ମୋ ବାହାଦନ ମଠର ପଠାଇଲେ ସେ ମାଆ ଝିଅ ପୁଣି ଆସିବେ । ଏହି କଥା ମତେ ତୁନି ତୁନି କରି କହିଗଲେ ।

× × × ×

ଧନ୍ୟ ଅର୍ଥ ! ତୁ କି ମୋହିନୀ ଶକ୍ତିରେ ନିର୍ମିତ ହୋଇନାହୁଁ । ତୁ ଯାହା ପାଖରେ ଥାଉ, ତାର ଚ୍ଛେଠା ଗୋଡଠା ଦଢ଼, ତା ଗ୍ରହଣ ଖଣ୍ଡିଆ ମୁହଁଟା ପୂର୍ଣ୍ଣଚନ୍ଦ୍ରରୁ ଅଧିକ ସୁନ୍ଦର । ତାର ବେକ୍ମା ହାତଖଣ୍ଡି ମଲ୍ଲଜଙ୍ଘା ବାହୁରୁ ଅଧିକ । ଆଜ ଯେଉଁ ନାଟକାଭିନୟ ଏଠାରେ ଦେଖାଇଲୁ

ଦୁଣିମା ଗୋବର [illegible]

ଆଜି ମାର୍ଗଶୀର ମାସ ଦଶମୀ, [illegible] ଦିନ । ସୂର୍ଯ୍ୟମଣି ଅଭୟପୁର ଓ ମଣିର ଅନୁମତି ନେଇ ତାଙ୍କ [illegible] ଆତ୍ମୀୟଙ୍କର ପରିଚିତ ବନ୍ଧୁମାନଙ୍କ ନିକଟକୁ ପତ୍ର ଲେଖି [illegible] ଲୋକମାନେ ଅସବର୍ଣ୍ଣ ବିବାହର ସପକ୍ଷରେ । [illegible] ଘୋଷକ [illegible] ସମାଜ ସମର କ୍ଷେତ୍ରରେ ଅଭୟ [illegible] ଆତ୍ମୀୟ [illegible] ଅସ୍ତ୍ରମାନ ନେଇ ଅଗ୍ନିଭକ୍ତ ଲଢ଼ିବାକୁ [illegible] ବନ୍ଧୁମାନେ ଏଦିନ ମିଶ୍ରଙ୍କ ବାସଭବନ [illegible] ଗ୍ରାମରେ ନିମନ୍ତ୍ରିତ ଭାବରେ ଉପନୀତ । ବିବାହ ସୂଚକ ଯନ୍ତ୍ରଧ୍ୱନିରେ ମେଦିନୀ ଦୁଲୁ ଦୁଲୁ କମ୍ପୁଛି । ନାଗରିକ ନାରୀ ପୁରୁଷଙ୍କ ଆନନ୍ଦ ଗାଉରେ ଯାଉ ନାହିଁ । ହୁଳହୁଳି ଓ ଶଙ୍ଖଧ୍ୱନି ଆକାଶ ଫଟାଉଛି । ଏପରି ଆନନ୍ଦରେ କେତେ ଯୁବକ ଏ ସ୍ୱଜାତିକଣ୍ଟକ ମୂର୍ଖ ବ୍ରାହ୍ମଣ ଘଲ ଘଲ ମେଳ ବାନ୍ଧି ମଣି ଓ ଅଭୟପୁର ବିବାହ କଥାରେ କେବଳ ନିନ୍ଦା କରିବାରେ ବ୍ୟସ୍ତ । ସୂର୍ଯ୍ୟମଣିର ସ୍ତ୍ରୀ ମଧ୍ୟ ଏ ମିଳନରେ ଅଧିକ ସାହାଯ୍ୟ କରୁଛି । ମହାସମାରୋହରେ ବିବାହ ଶେଷ କରି ବନ୍ଧୁମାନେ ନିଜ ଗ୍ରାମକୁ ଫେରିଗଲେ ।

ଆଜି ଗୋଟିଏ କଥା ଲେଖକ ମନରେ ଜାଗି ଉଠିଲା । ଆଜି ଯଦି ସ୍ୱର୍ଗ ମଣିର ସ୍ନେହପାଳୀ ଦୁଇଟି ଜୀବିତ ଅବସ୍ଥାରେ ଥାଆନ୍ତେ, ଯଦି ମଣିର ଆଶ୍ରୟଦାତା ଅଭୟର ପିତା ଜଗଦାନନ୍ଦ ମିଶ୍ରେ ଏତେବେଳେ । ସ୍ଥଳରେ ବିଦ୍ୟମାନ ଥାଆନ୍ତେ, ଆହା ! ଏମଣି କାଞ୍ଚନ ସଂଯୋଗ ଦେଖି ତାଙ୍କ ପ୍ରାଣରେ ଯେ କେତେ ଆନନ୍ଦ ଜାଗିଉଠୁଥାନ୍ତା, ତାହା କହିବାର କଥା ନୁହେ । ମିଶ୍ରେ, ତୁମେ ପରଲୋକରେ ଥାଇ ଦେଖ ତୁମର ବହୁଶ୍ରମପାଳିତା କନକ ଲତାଟି ଆଜ ଭ୍ରମରି ଶୋଭିତ ନବ

ପଲ୍ଲବିତ ତରୁଣ ତମାଲ ତରୁ ଅଁଗରେ କପର ଜଡ଼ିଯାଇଛି । ବୃନ୍ଦା, ସ୍ନେହଠାରେ ତୁମେ ତୁମର ଦୁଃଖିନୀ ଗୋବର ଗୋଟେଇକୁ ଆଜି ସ୍ନେହଦୃଷ୍ଟିରେ ଅନାଇ ଦେଖ, ସେ ଆଜି କୁଠୀରି ବସିନୀ ନୁହେ, ସେ ବିଭଲ ପ୍ରସାଦ ଶିଖରସଞ୍ଚାରିଣୀ ଲକ୍ଷ ଲକ୍ଷ ଟଙ୍କାର ଅଧିଶ୍ୱରୀ । ଆଜି ସେ ଶତ ଶତ ବୁଭୁକ୍ଷିତ ପ୍ରାଣୀଙ୍କର ଅନ୍ନଦାତ୍ରୀ ମାତା । ମିଶ୍ରେ, ତୁମର କଥା, ତୁମର ଉପଦେଶ, ତୁମର ପତ୍ରର ରତ୍ନଟି ଆଜି ବ୍ୟର୍ଥ ହୋଇ ନାହିଁ । ତୁମେ ପରଲୋକରେ ଥାଇ ପୁତ୍ରବଧୂଙ୍କୁ ଆଶୀର୍ବାଦ କର । ଏ ମିଳନ ଦେଖି ସୁଖୀ ହୁଅ ।

ପୂର୍ବେ ଲେଖିଅଛି ଅର୍ଥର ମାହାତ୍ମ୍ୟ ଅଲୌକିକ । ଏ ବିବାହରେ ପୁରୋହିତ ବ୍ରହ୍ମା ଆତ୍ମସମର୍ପଣ କରିବାରେ ବ୍ରାହ୍ମଣମାନେ ଏକା ବେଳକେ ରାଜି ନଥିଲେ । ସେମାନେ ତ ଅର୍ଥଲିପ୍ସୁ, ଦେଖିଲେ ମୋହରୁ ପୁଳା ପୁଳା ଧନ, ଲୁଗାପଟା ମିଳିବାର ଆଶା ସେଥିରୁ କାହିଁ କାହାକୁ ପଚାରେ । କେତେ ତର୍କ କେତେ ଜାତିଭେଦ କେଉଁଠି ଉଭେଇ ଗଲା । ସନାତନ ମିଶ୍ରେ କହିଲେ, "ଆମେ ସନାତନ ଧର୍ମମତାବଲମ୍ବୀ; ଏତେ ନୀଚକୁ ଆମର ଦୃଷ୍ଟି ଯିବ ନାହିଁ । ବୈଦିକ ପନ୍ଥା ହିଁ ଠିକ୍ ପନ୍ଥା" ଏହିପରି ଅନେକ ରଥୀ ତା ପଛକୁ ବାହାରେ ବେଦମନ୍ତ୍ରାଦି ପାଠକରି କାର୍ଯ୍ୟ ସମାପ୍ତ ପରେ ଅଣ୍ଟାଫଟା ଧନ ପାଇଲେ ଭଲ ଭଲ ମିଷ୍ଟାନ୍ନ ଦେଖି ସବୁରି ପାଟିରୁ ଲାଳ ଝରିଲା । ସେଥିରଣୀକୁ ସମ୍ଭାଳୁଛି କିଏ ? ଆଗ ପଛ ନ ଭାବି ସମସ୍ତେ ପୁଳାଏ ପୁଳାଏ ଟିକି ପେଟରେ ହାତ ବୁଲାଇ ଚଲ୍ । ପାଠ ପଢୁଆ ବ୍ରାହ୍ମଣ ଭଦ୍ର ଲୋକ ମାନଙ୍କ ଖାଇବା ଦେଖି ବଜିବାଜିବ ଶାସନ ବ୍ରାହ୍ମଣ ବ ଭୋ ଭୋଜନଠାଏ ମାରି ସଫା । କେବଳ ବୁଢ଼ା ଗୋଟା କେତେ ଅମଙ୍ଗ ଥିଲେ । ଅଜୟ ଯାଇ ନିଜେ ଡାକିବାରୁ ସେ ବ ଖାଇ ପିଇ ପାର ...ଏ କହିଲା ଲଟେ, କିଏ କହିଲା ଶଏଆଠ ଗାୟତ୍ରୀ ଜପରେ ଶୁଦ୍ଧ

ଭୋଜନ ଦୋଷ ଦୂରୀକୃତ ହୁଏ । କିଏ କହିଲା ଘୃତ ପକ୍ୱାନ୍ନରେ ଦୋଷ ନାହିଁ—ଭୋଜନ ଘୃତପକ୍ୱସ୍ୟ ନ ଦୋଷୋ ମନୁରବ୍ରବୀତ୍ । ଲୋକେ ସ୍ୱାର୍ଥସିଦ୍ଧିଠାରେ ଜାତି ଧର୍ମ ମାନନ୍ତି ନାହିଁ । କଥାଟା ବି ଦିନକୁଦିନ ପୁରୁଣା ହେବାକୁ ଲାଗିଲା ।ଆଉ ଗୋଟିଏ କଥା, ବଡ଼ ଲୋକଙ୍କୁ ଉତ୍ତର ନାହିଁ ସ୍ୱର୍ଗକୁ ନିଶୁଣି ନାହିଁ । ଏ କି କଥାଟାଏ । ମହାବଳ ଗୋବଧ କଲେ ତାର ପ୍ରାୟଶ୍ଚିତ ନାହିଁ । ଏ ସବୁ ଗୁଡ଼ାକୁ ମିଳାଇଦେଲେ ଦୋଷ କାହିଁ ? ସେଠା ଲୋକ ଯହୁଁ ମଣିଠାରୁ ସମୟରେ ଅଭାବ ବେଳେ ଧନ ପାଇଲେ, ତାଙ୍କ ପିଲାଏ ପଢିବା ଲାଗି ମଣି ଫ୍ରିସ୍କୁଲ ଦୁଇଟି ବସାଇ ଦେଇ, ତା ଖରଚ ତା ବାପା ଦେଇଥିବା ନିଜ ଟଙ୍କାରୁ ଯୋଗାଇଲା, ଯୁା ଦେଖି କାହା ମୁଖରୁ କଥା ପଦେ ଆସିଲା ନାହିଁ । ମଣି ଯେଉଁମାନଙ୍କ ତୁଣ୍ଡରେ ଆପଣାକୁ କ୍ଷତ୍ରିୟା ବୋଲି ଶୁଣୁଥିଲା, ତାଙ୍କର ତୁଣ୍ଡରେ ସେ ଆଜି ବ୍ରାହ୍ମଣୀ ବୋଲି ଶୁଣିଲା । ତାର କାରଣ—

ଅଶ୍ୱତ୍ଥସ୍ତୁ ମହତ୍ ବୃକ୍ଷୋ କାକବିଷ୍ଠା ସମୁଦ୍ଭବଃ
ଗୁଣେନ ପୂଜ୍ୟତେ ଲୋକେ କୁଳେନ କିଂ ପ୍ରୟୋଜନ ।
ଏହି ଶ୍ଳୋକଟି ମଣି ପ୍ରତି ଏକ୍ଷଣି ପୂର୍ଣ୍ଣ ପ୍ରଯୋଜ୍ୟ ।

ସୂର୍ଯ୍ୟମଣି ସସ୍ତ୍ରୀକ ଏଠାରେ ଅଛି । ତା ଘରୁ ମାସକ ପରେ ଖବର ଆସିଲା ସେ ଯିବାପାଇଁ । ସୂର୍ଯ୍ୟମଣିର ବାପା ତାର କଥାର ସପକ୍ଷରେ ଯାଆନ୍ତି । ଲୋକେ ତାଙ୍କ ପୁଅଙ୍କ ଚଳାଚଳ ଦୋଷ ଧରିଲେ ସେ କହନ୍ତି, ଆରେ ଆମେ ସବୁ କୂଅବେଙ୍ଗ, ସମୁଦ୍ରର ପାଣି କେତେ କିଏ କହିବ ! ସେମାନେ ଯାହା କରିବେ, ଯାହା କହିବେ; ତା ଠିକ୍ । ସେ ସବୁ ଗାଡ଼ ଗାଡ଼ ବହି ପଢିଲେ; ଜାଗାକୁ ଜାଗା ଗଲେ; ନାନାଦି ଶାସ୍ତ୍ର ଆଲୋଚନା କଲେ । ଆଗ ପଛ ତ ହସ୍ତୀ ସମୁଦ୍ରରୁ ପାଣି ଆଣି ମେଘ ବରଷିବା ଧାରଣା ନାହିଁ ଏବେ

ପ୍ରମାଣ ସବୁ ଅଛି, ଆଗରେ ଦେଖେଇ ଦେଉଛନ୍ତି । ଏହାପରେ ସେ କହନ୍ତି । ସେ ଯୋଗେ କେତେ ମୂର୍ଖ ମରହଟ୍ଟୀ ତାଙ୍କୁ ନିନ୍ଦା କରନ୍ତି ସେ ସେକଥାକୁ ଟିକିଏ କାନ ଦିଅନ୍ତି ନାହିଁ । ସେ ଜାଣନ୍ତି ପାଠପଢ଼ା ଲୋକେ ଯାହା କରିବେ ସେ ଭଲ । ତାଙ୍କର ଆଖି ଅଛି । ସୂର୍ଯ୍ୟମଣି ବାପାଙ୍କ ପଦ ପାଇ ଗ୍ରାମକୁ ବାହାରିବାରୁ ମଣି ଓ ଅଭୟ ତାଙ୍କୁ ଯାଇ ବାଟବଳାଇ ଦେଲେ । ସୂର୍ଯ୍ୟମଣିର ସ୍ତ୍ରୀ ମଧ୍ୟ ସୂର୍ଯ୍ୟମଣି ପରି ବିଦୁଷୀ । ସେ ସ୍ୱାମୀଙ୍କ କଥାରେ ଅମତ ନୁହେ । ଗଲାବେଳେ ମଣି ତାର ହାତଧରି କହିଲା, "ସଇ ଭୁଲିବ ନାହିଁଟି ? ମନଟି ଯେ ତୁମେ ନେଇ ଯାଉଛ ଖାଲି ଦେହଟା ସିନା ମୁଁ ରଖିଲି ।" ସୁରର ସ୍ତ୍ରୀ ତ ବଡ଼ ଚତୁରୀ, ସେ ତତକ୍ଷଣାତ୍ କହିଲା, "ସଇ, ମୁଁ ପଛ ତମ ମନଟି ନେଇ ମୋ ମନଟି ଦେଲି । ମୋ ମନ ତମ ପାଖରେ ରହିଲା ଯେ ।"

ଏଥର ମଣି ପଛାସ୍ତ । ମଣି କହିଲା, "ସଇ, କିପରି ଆମେ ଏକଅନ୍ୟ ରହନ୍ତେ କି କିଛି ଦେଖା ହୁଅନ୍ତା ।"

ସୁରର ସ୍ତ୍ରୀ କହିଲା, "ତା କିଛି ବଡ଼ କଥା ତୁମକୁ ନୁହେଁ ।"

କ୍ଷଣେ ସୁମନରେ ରସାଣ କନକ ଜଡ଼ାଇ ହେଲା ପରି ଉଭୟ ମନ ଉଭୟଙ୍କ ଠାରେ ଜଡ଼ି ଯାଇଛି । ବିଦାୟ ମିଳନରେ ମଣିର କେବଳ ଧୈର୍ଯ୍ୟରକ୍ଷି ନହେବା ସ୍ଥଳେ ସୂର୍ଯ୍ୟମଣିର ସ୍ତ୍ରୀ ତ ଅନେକ ଦିନୁ ଗୃହିଣୀ ହେଲାଣି, ସେ ସ୍ଥଳେ ସେ ତାର ପ୍ରବୋଧିନୀ ଅଖ୍ୟାଟି ଗ୍ରହଣ କରି ଉଭୟ ଉଭୟେ ଦିଗକୁ ଚାଲିଗଲେ । ଅଭୟ ସୂର୍ଯ୍ୟ-ମଣି ଉଭୟ ମଧ୍ୟ 'ଗୁଡ଼ବାଇ ଫ୍ରେଣ୍ଡ ଲେଟ୍ ମି ଗୋ' କହି ନିଜ ନିଜ ସ୍ତ୍ରୀର ସହଯାତ୍ରୀ ହେଲେ । ଏଣୁ ମଣି ଯାଇ ଘରେ ପହଞ୍ଚି ଦୁଇଦିନ ପରେ ଗୋଟିଏ 'ଦୁଃଖର ପରିଣାମ ସୁଖ' ବୋଲି

ପତ୍ରଟିଏ ଲେଖି ସୂର୍ଯ୍ୟମଣିର ସ୍ତ୍ରୀ ନିକଟକୁ ଡାକଯୋଗେ ପଠାଇ ଦେଲା—

"ନିଦାଘର ଅନ୍ତେ ଆସଇ ଯେଉଁ ଘୋର ବରଷା
ଶୀତଳ ସଲିଳ ଲଭିଣ ତାପ ଶମଇ ରସା ।
ତେସନ ଦୁଃଖର ଗତେ ଗୋ ସୁଖ ଆସଇ ସହି
ବିଚ୍ଛେଦ ପରେଟି ମିଳନ ତେତେବେ ଶାନ୍ତି ଦିଅଇ ।
ଯେତେବେଳେ ବାଟେ ବାଟେଇ ଦେଇ ହେଲ ଅନ୍ତର
ଯାଅ ବୋଲି ବୋଲିବାକୁ ଗୋ ନ ସ୍ଫୁରିଲା ଉତ୍ତର ।
କେତେ କାଳର ଯେ ଯାତନା ତାର ଆସୁଛି ଦିନ
ତୁଟି, କୋଟି, ସୁଖ ଦେବ ଗୋ ଦିନେ ହେଲେ ମିଳନ ।
ବଜ୍ରପତନକୁ ଡରି କି ଧସ ଭୂଧର ତେଜେ
ତପନର ତେଜେ କି ସ୍ଥାଣୁ ତହୁଁ ଟଳେ ନମନ୍ତେ ?
ବିଚ୍ଛେଦ ଭୟରେ ମୋ ପ୍ରତି ସ୍ନେହ ନଯିବ ଭୁଲି
ଯେ ଯାର ସେ ତାର ଜଗତେ ପୁଣି ଆସିବ ବୁଲି ।"

ଏପରି ଗୀତଟି ଲେଖି ଅଭୟକୁ ତାହା ପଢ଼ାଇ ପଠାଇ ଦେଲା । ଏହିପରି କେତେ ସେ ପତ୍ର ଆଦାନ ପ୍ରଦାନ ହାସ୍ୟ କୌତୁକ ଦିନକୁ ଦିନ ତାଙ୍କ ମଧ୍ୟରେ ଘନୀଭୂତ ହେବାକୁ ଲାଗିଲା ।

ପାଠକ ଓ ପାଠିକାଗଣ ଦେଖ ଆଜି ଜଗତର ମଣି, ଅଭୟ ସୂର୍ଯ୍ୟମଣି ଏମାନେ ଜଣେ ଜଣେ ଆଦର୍ଶ ପୁରୁଷ ଓ ଆଦର୍ଶ ନାରୀ । ସେ ସମାଜର ଏହି କୁସଂସ୍କାର, କୁନୀତି, ଭେଦଭାବ ଉଠାଇବାକୁ ଯାଇ କେତେ କେତେ ଯେ ନିନ୍ଦା ଓ ଧିକ୍କାର ଲୋକଙ୍କ ମୁଖରେ ଶୁଣିଛନ୍ତି, ତାର ସଂଖ୍ୟା ନାହିଁ । ତଥାପି ଯେ କର୍ମବୀର ସେମାନଙ୍କ ନିକଟରେ ଏମାନେ ପ୍ରଶଂସାର ପାତ୍ର ପାତ୍ରୀ । ସ୍ଥାନେ ସ୍ଥାନେ ଏହି ନବଦମ୍ପତିଙ୍କ କାହାଣୀ ଲୋକେ ଶୁଣିବାକୁ

Sang'ha
URKELA-
Ph.
or before
Date of Retu

ଦୁଖିଣୀ ଗୋବର ଗୋଟେଇ

ଲାଗିଲେ । ତାଙ୍କର ବିମୋହନ ବିମୋହିନୀ ଛବି ଆଜି ସମ୍ପ୍ରଦାୟରେ ଅନେକ କିଣି ନେଇ ନିଜ ନିଜ ବୈ ମାନଙ୍କରେ ଟଙ୍ଗାଇ ରଖିଲେ । ଏ ଦୁହିଁଙ୍କର ପ୍ରଶଂସା ପତ୍ରରେ ସାମ୍ବାଦିକମାନେ ଲେଖିବାକୁ ଛାଡ଼ିଲେ ନାହିଁ । ସେହିମାନଙ୍କୁ ଆଦର୍ଶ କରି ଆଜି ଅନେକ ଅନେକ ଶିକ୍ଷିତ ଯୁ- ଯୁବତୀ ଅସବର୍ଣ୍ଣ ବିବାହର ଶକ୍ତି ବଢ଼ାଉଛନ୍ତି । ପୁଣି ବୈଦିକ ସନା- ତନ ଧର୍ମର ଉଜ୍ଜ୍ୱଳବତୀ ଜାଳି ସମସ୍ତ ଭାରତକୁ ଉଦ୍ଭାସିତ କଲେଣି ।

ଆଜି ଯେ, ଏ ବହି ଖଣ୍ଡ ଲେଖି ପୁରାତନ ସମାଜ ନେତାଙ୍କର କୁସଂସ୍କାର ଦୂର କରିବାକୁ ଯାଉଛି । ଆଶାକରେ ଆପଣ ଶିକ୍ଷିତ ଯୁବକ ଯୁବତୀ ଏହା ସାଦରେ ଗ୍ରହଣ କରି ସମାଜରୁ ପୁରାତନ ଜଘନ୍ୟ ବିଧି ଦୂର କରିବେ ।

ଦିନେ ଗୋଟାଏ ଉପବନରେ ତଡ଼ାଗ ପାବଚ୍ଛରେ ମଣି ଏକାକିନୀ ବସି ତାହାର ବିଷୟ ନେଇ ଗୋଟିଏ କବିତା ରଚନା କରୁଥାଏ । ଅଭୟ ପଛରୁ ଧୀରେ ଧୀରେ ତାର ଅଜ୍ଞାତରେ ଯାଇ ସେହି କାଗଜ ଖଣ୍ଡିକ କରଗତ କରି ପାଠ କଲେ । ତାହା ଏହି—

ଏହି ଉପବନେ ଏ କାସାର କୂଳେ
କେତେ କେତେ ଭାବ ବସି ।
ପ୍ରକୃତିର ଶୋଭା ସାଗରରେ ଏ ମୋ
ମାନସ ଯାଉଛି ଭାସି ।
ଏହିଠାରେ ଦିନେ ସୁନ୍ଦରଜନୀରେ
ଚନ୍ଦ୍ର ସୁହିଁ ଭାବୁଥାଏ,
କେଉଁଦିନ ଶଶୀ ସମାନ ଜଡ଼ିବ
ଶଶାଙ୍କ ମୋ ସ୍ୱାମୀ ଦେହେଁ ।

୧ ମୀ ୧

ଦୁଃଖିନୀ ଗୋଃବର ଗୋଟେଙ୍କ

ଧନ୍ୟଟି‹
ଦେଲ' ଛିଲି ଚିତ୍ତେ କେବେ ଏକାନ୍ତରେ
ମୋହର ପରାଣ ବନ୍ଧୁ
ବିକଶିତ ମୋ ଯୌବନ ଫୁଲ
ପାନ କରିବେ ସେ ମଧୁ ।
କୋମଳ ମାଳତୀ ଲତାକୁ ଦେଖିଲି
ଜଡ଼ିଛି ପାଦପ ଦେହେ,
ମୁଁ ମନେ ପାଥିଲି ମୁଁ କେବେ ଜଡ଼ିବି
ପତି ଅଙ୍ଗେ ଅତି ସ୍ନେହେ ।

ଅଭୟ ପଚିସାରି କହିଲା, ପ୍ରିୟେ! ତୁମର କବିତାର ଛଟା ପରି ଆଉ କେଉଁ କବିର କବିତା ତ ମୋତେ ଭଲ ଲାଗୁ ନାହିଁ ?
ମଣି କହିଲା "ତା ନୁହେଁ, କବି ମୋ ଠାରୁ ଭଲ ଭଲ କବିତା ଲେଖନ୍ତି, କିନ୍ତୁ ମୋ ଗୀତ ତମକୁ ଭଲ ଲାଗେ, କାରଣ ମୋତେ ତମେ ଭଲ ପାଅ ବୋଲି ।"

ଅଭୟ କହିଲା, "ଏ କବିତା ଶେଷରେ ଯେ ଲେଖିଲ, ମୋ ଅଙ୍ଗରେ ତୁମେ ଜଡ଼ିବ ବୋଲି, ସେଇଟା କାହିଁକି ଆଉ ବାକି ରହିବ ? ତାହା ଏହିଠାରେ ପୂରଣ ହେଉ ।"

ଏହା କହିଲା ମାତ୍ରେ ମଣିକି କୋଳକୁ ଟାଣି ଆଣିଲା । ସେହିକ୍ଷଣି ମଣି ଅଭୟ ଗଳାକୁ ତାର ମୃଣାଳଦଣ୍ଡଜିଣା ବାହୁଦ୍ୱୟରେ ଯାକି ଧରି ମିଳନର ଶେଷ ସୀମାରେ ଦୁହେଁ ଉପଗତ ହେଲେ ।

— ସମାପ୍ତ —